# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୬/୨୦୨୬ (୧୬ ପୃଷ୍ଠା) Bhubaneswar, Tuesday, January 6/2026 Page 16 ₹ 7.00

୫୨ଶ ଭାଗ ୪୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 44 ମୂଲ୍ୟ ₹୭/-


# ସ୍କୁଲରେ ପୋଡ଼ିହୋଇ ୪ ଛାତ୍ର ଗୁରୁତର

**ବିଷମକଟକ,୫।୧(ପ୍ରସନ୍ନ କୁମାର ପଣ୍ଡା)**

ବିଦ୍ୟାଳୟ ପରିସରରେ ପାଠପଢ଼ା ଚାଲିଥିଲାବେଳେ ଅଗ୍ନିକାଣ୍ଡ ଘଟି ୪ ଛାତ୍ର ଗୁରୁତର ହୋଇଛନ୍ତି। ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ପାଇକଡାକୁଲୁଗୁଡାସ୍ଥିତ ପ୍ରାଇମେରି ବିଦ୍ୟାଳୟରେ ସୋମବାର ଅପରାହ୍ନ ପ୍ରାୟ ୩ଟାରେ ଏଭଳି ଅଭାବନୀୟ ଘଟଣା ଘଟିଛି। ବିଦ୍ୟାଳୟରେ ଥିନର ବୋତଲ ଥିବା ସମୟରେ ପିଲାମାନେ ତାକୁ ତଳେ ଢାଳି ଦିଆସିଲି ମାରି ନିଆଁ ଲଗାଇ ଖେଳୁଥିଲେ। ଏହି ସମୟରେ ହଠାତ୍ ନିଆଁ ବ୍ୟାପିଯିବାରୁ ପିଲାମାନଙ୍କ ଶରୀରରେ ଅଗ୍ନି ସଂଯୋଗ ହୋଇଯାଇଥିଲା। ଖବରପାଇ ଶିକ୍ଷକ ଓ ସ୍ଥାନୀୟ ☞ପୃଷ୍ଠା-୪




## ବାଂଲାଦେଶରେ ଆଇପିଏଲ୍ ପ୍ରସାରଣ ଉପରେ କଟକଣା

**ଢାକା,୫।୧(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନିର୍ଦ୍ଦେଶକ୍ରମେ ବାଂଲାଦେଶୀ ପେସର ମୁସ୍ତାଫିଜୁର ରହମାନଙ୍କୁ ଆଇପିଏଲର ପରବର୍ତ୍ତୀ ସିଜନରୁ ବିଦା କରାଯିବା ଘଟଣା ଯୋଗୁ ଦୁଇ ପଡ଼ୋଶୀ ଦେଶର ପାରସ୍ପରିକ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଛି। ଆସନ୍ତା ମାସରେ ହେବାକୁଥିବା ଟି୨୦ ବିଶ୍ୱକପ୍‌ରେ ବାଂଲାଦେଶ ତା'ର ମ୍ୟାଚ୍ ଭାରତ ପରିବର୍ତ୍ତେ ଶ୍ରୀଲଙ୍କାରେ ଖେଳିବାକୁ ଆଇସିସି ନିକଟରେ ଅନୁରୋଧ କରିବା ପରେ ବର୍ତ୍ତମାନ ଦେଶରେ ଆଇପିଏଲ୍‌ର ପ୍ରସାରଣ ଉପରେ କଟକଣା ଜାରି କରାଯାଇଛି। ତେବେ ଆଇପିଏଲ ଆସନ୍ତା ମାର୍ଚ୍ଚ ୨୬ ତାରିଖରୁ ଆରମ୍ଭ ହେବ। ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାରଙ୍କ ସୂଚନା ଓ ପ୍ରସାରଣ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଶିକ୍ଷିତ ଦେଶବିରୋଧୀ**





| ମୋଟ ପ୍ରାପ୍ୟ ପ୍ରିମିଅମ | ଲେଟ୍ ଫୀ ରିହାତି % | ସର୍ବାଧିକ ରିହାତି ଅନୁମତ** |
|---|---|---|
| ₹ 1,00,000 ପର୍ଯ୍ୟନ୍ତ | 30% | ₹ 3,000 |
| ₹ 1,00,001 ରୁ ₹ 3,00,000 ପର୍ଯ୍ୟନ୍ତ | 30% | ₹ 4,000 |
| ₹ 3,00,001 ଓ ଅଧିକ | 30% | ₹ 5,000 |

**ସର୍ତ୍ତ ଓ ନିୟମାବଳୀ ଲାଗୁ ହେବ

ପଲିସୀ ରୁ/କୁ ପ୍ଲାନ୍ କଣ୍ଡିଶନ୍‌ସ ଅନୁସାରେ ପ୍ରଥମ ଦିଆଯାଇନଥିବା ପ୍ରିମିଅମ ଦିନାଙ୍କଠାରୁ 5 ବର୍ଷ ମଧ୍ୟରେ ପୁନଃଆରମ୍ଭ କରାଯାଇ ପାରେ। ସମ୍ପର୍କରେ ରୁହନ୍ତୁ। ଏଲଆଇସି ରେ ନିଜ ମୋବାଇଲ ନମ୍ବର, ଇମେଲ୍, ଏନ୍‌ଇଏଫ୍‌ଟି ଓ ପ୍ୟାନ୍ ଅପଡେଟ୍ କରନ୍ତୁ।

ବିଶଦ ବିବରଣୀ ପାଇଁ, ଆପଣଙ୍କ ଏଜେଣ୍ଟ/ପାଖ ଏଲଆଇସି ଶାଖାକୁ ସମ୍ପର୍କ କରନ୍ତୁ/ଦେଖନ୍ତୁ: www.licindia.in ବା ନିଜ ସହର ନାମ ଏସ୍‌ଏମ୍‌ଏସ୍ କରନ୍ତୁ 56767474 କୁ

LIC ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ LIFE INSURANCE CORPORATION OF INDIA

ପ୍ରତି କ୍ଷଣ ଆପଣଙ୍କ ସାଥିରେ

ଆମର ହ୍ୱାଟ୍‌ସଆପ୍ ନ.: 8976862090 'Hi' କୁହନ୍ତୁ | ଡାଉନ୍‌ଲୋଡ୍ କରନ୍ତୁ ଏଲଆଇସି ମୋବାଇଲ ଆପ LIC digital | ଦେଖନ୍ତୁ: licindia.in | କଲ୍ ସେଣ୍ଟର ସର୍ଭିସ : (022) 6827 6827

ଆମକୁ ଦେଖନ୍ତୁ ଏଠାରେ: LIC India Forever | IRDAI Regn No.: 512

LIC/ P1/2025-26/30/Ori

ନକଲି ଫୋନ କଲ୍ ଠାରୁ ଅବାସ୍ତବ/ପ୍ରତାରଣାପୂର୍ଣ୍ଣ ଅଫର୍ ପ୍ରତି ସାବଧାନ। ଆଇଆରଡିଏଆଇ କିମ୍ବା ଏହାର ଅଧିକାରୀଗଣ ବୀମା ପଲିସୀ ବିକ୍ରି କରିବା, ବୋନସ ଘୋଷଣା କରିବା କିମ୍ବା ପ୍ରିମିଅମ ବିନିଯୋଗ କରିବା, ରାଶି ଫେରସ୍ତ କରିବା ପରି ବୀମା ବ୍ୟବସାୟର କୌଣସି କାର୍ଯ୍ୟକଳାପରେ ଭାଗ ନିଅନ୍ତି ନାହିଁ। ଏଭଳି ଫୋନ କଲ୍ ପାଇବା ପଲିସିଧାରକ ବା ପ୍ରସ୍ପେକ୍ଟମାନେ ଏକ ପୁଲିସ ଅଭିଯୋଗ କରିବାକୁ ଅନୁରୋଧ। ଆପଦ ତଥ୍ୟାବଳୀ, ସର୍ତ୍ତ ଓ ନିୟମାବଳୀ ସମ୍ପର୍କରେ ଅଧିକ ବିବରଣୀ ପାଇଁ ବିକ୍ରୟ ସମ୍ପନ୍ନ କରିବା ଆଗରୁ ବିକ୍ରୟ ପୁସ୍ତିକା ମନଦେଇ ପଢ଼ିବାକୁ ଅନୁରୋଧ।



DSPL-456

ଓଡ଼ିଶା ସରକାର | ପାଣି ପଞ୍ଚାୟତ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# ରାଜ୍ୟବ୍ୟାପୀ
# ପାଣି ପଞ୍ଚାୟତ ପକ୍ଷ ପାଳନ ସମାରୋହ

## ୦୬ - ୨୦ ଜାନୁଆରୀ ୨୦୨୬



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



**ସଶକ୍ତ ପାଣି ପଞ୍ଚାୟତ**
- ସଂଶୋଧିତ ଅଧିନିୟମ ୨୦୨୩ କାର୍ଯ୍ୟକାରୀ।
- **ମହିଳାମାନଙ୍କୁ ପାଣି ପଞ୍ଚାୟତରେ ସମ୍ପୃକ୍ତି ଓ ସମାନତାର ଅଧିକାର।**
- ବୃହତ୍ ଉଠା ଜଳସେଚନ ପ୍ରକଳ୍ପରେ ପାଣି ପଞ୍ଚାୟତ ଗଠନ।
- **୪୦,୩୮୦ଟି** ପାଣି ପଞ୍ଚାୟତ କ୍ରିୟାଶୀଳ।

**ଦକ୍ଷତା ବୃଦ୍ଧି**
- ପାଣି ପଞ୍ଚାୟତମାନଙ୍କ ଦକ୍ଷତା ବିକାଶ ତଥା ସମ୍ପୃକ୍ତ ଅଧିକାରୀଙ୍କ ନେତୃତ୍ୱ ଜାଗରଣ ନିମନ୍ତେ **ସ୍ୱତନ୍ତ୍ର ପ୍ରଶିକ୍ଷଣ ପାଇଁ XIM ବିଶ୍ୱବିଦ୍ୟାଳୟ ସହ** ଅନୁବନ୍ଧିତ।
- WALMI ଦ୍ୱାରା ପାଣି ପଞ୍ଚାୟତ ସଦସ୍ୟମାନଙ୍କୁ ତାଲିମ୍।
- ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ଅଧୀନ **୪୩୪ ମହିଳା ଚାଷୀଙ୍କୁ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ (CIWA)** ଦ୍ୱାରା ତାଲିମ୍ ପ୍ରଦାନ।

**ନିରନ୍ତର ଜଳସେଚନ ଓ ଜଳବାୟୁ ସହନଶୀଳ କୃଷି**
- ୨୦୨୮-୨୯ ପର୍ଯ୍ୟନ୍ତ **୮୦ ହଜାର ହେକ୍ଟର** ସେଚାଞ୍ଚଳରେ **୨,୪୦୦ କି.ମି.** କଂକ୍ରିଟ କରନାଳୀ ଏବଂ **୬୦ ହଜାର ହେକ୍ଟର** ସେଚାଞ୍ଚଳରେ ପୁରାତନ, ଜରାଜୀର୍ଣ୍ଣ କରନାଳୀକୁ କଂକ୍ରିଟରେ ପୁନଃନିର୍ମାଣ ପାଇଁ **୧,୩୩୮ କୋଟି** ଟଙ୍କାର ପ୍ରାବଧାନ।
- ପ୍ରଶାସନିକ ସ୍ୱଚ୍ଛତା ଏବଂ ଦକ୍ଷତା ବୃଦ୍ଧି କରିବା ପାଇଁ **e-CAD** ଆପ୍ଲିକେସନ ଭଳି **IT** ପଦକ୍ଷେପ, ପ୍ରକଳ୍ପଗୁଡିକର ତଦାରଖ, ଦେୟ ଏବଂ **ରେକର୍ଡ ସଂରକ୍ଷଣକୁ** ସୁଗମ କରିବ।
- କେନ୍ଦ୍ର ପ୍ରାୟୋଜିତ **ସମୃଦ୍ଧି ଯୋଜନା** ମାଧ୍ୟମରେ ସେଚାଞ୍ଚଳ ଉନ୍ନୟନର ଆଧୁନିକୀକରଣ **(MCAD)** କାର୍ଯ୍ୟକ୍ରମର ପାଇଲଟ୍ ପ୍ରକଳ୍ପ ନିଆଯାଇଅଛି।
- **୨୫୬ଟି** ପାଣି ପଞ୍ଚାୟତରେ **କୃଷି ଯନ୍ତ୍ରପାତି ସେବା କେନ୍ଦ୍ର** ପ୍ରତିଷ୍ଠା କରାଯାଇ ଚାଷୀ ଭାଇ ଓ ଭଉଣୀମାନଙ୍କୁ **ସୁଲଭ ମୂଲ୍ୟରେ କୃଷି ଯନ୍ତ୍ରପାତି ଭଡା ସୂତ୍ରରେ** ପ୍ରଦାନ କରାଯାଉଅଛି।
- **୨,୧୪୩ଟି** ସୌରଶକ୍ତି ଚାଳିତ ଗଭୀର ନଳକୂପ ମାଧ୍ୟମରେ ପ୍ରାୟତଃ **୬,୫୦୦ ହେକ୍ଟର** ଚାଷଜମିକୁ ଅତିରିକ୍ତ ଜଳସେଚନର ସୁବିଧା କରାଯାଇ ସେଠାରେ ରବି ଏବଂ ଗ୍ରୀଷ୍ମ ଋତୁରେ ପନିପରିବା ଆଦି ଚାଷ କରାଯାଇ ଚାଷୀମାନଙ୍କ ଆୟ ବୃଦ୍ଧି କରିବାରେ ସହାୟକ ହୋଇପାରିଛି।
- **୮୪୨ଟି** ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ କ୍ଷୁଦ୍ର ଡାଲି କଳ, କ୍ଷୁଦ୍ର ତୈଳ ଉତ୍ପାଦନ କଳ ଏବଂ କ୍ଷୁଦ୍ର ମାଣ୍ଡିଆ ପ୍ରକ୍ରିୟାକରଣ ଯନ୍ତ୍ର ପାଇଁ ସହାୟତା।

**ପାଣି ପଞ୍ଚାୟତ - ଚାଷୀ ଓ ଚାଷର ହିତେ ସଦା ଜାଗ୍ରତ**

OIPR-32001/13/0024/2526

dowr.odisha.gov.in | x.com/OdishaWater | facebook.com/odishawater | instagram.com/odisha_water

**ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାର**

# ମୋହନ @ ୫୫



ଓଡ଼ିଶାର ୧୫ତମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ୫୫ ବର୍ଷରେ ପଦାର୍ପଣ କରିବେ। ୧୯୭୨ ଜାନୁଆରୀ ୬ ତାରିଖରେ କେନ୍ଦୁଝର ଜିଲା ସଦର ବ୍ଲକ ଅଧୀନ ରାଇକଳା ଗ୍ରାମର ଏକ ସାଧାରଣ ସାନ୍ତାଳ ଆଦିବାସୀ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ଅତି ସାଧାରଣ ପୃଷ୍ଠଭୂମିରୁ ଆସି ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦବୀରେ ପହଞ୍ଚିବା ପଛରେ ରହିଛି ତାଙ୍କର ଦୃଢ଼ ଇଚ୍ଛାଶକ୍ତି ଓ ସଂଘର୍ଷର କାହାଣୀ। ଜଣେ ନିରାଡ଼ମ୍ବର ମଣିଷ ଭାବେ ସେ ଆଜି ମଧ୍ୟ ନିଜର ସାଧାରଣ ଜୀବନଶୈଳୀ ପାଇଁ ସମସ୍ତଙ୍କର ପ୍ରିୟ ହୋଇରହିଛନ୍ତି। ତାଙ୍କ ନେତୃତ୍ୱରେ 'ବିକଶିତ ଓଡ଼ିଶା' ଗଠନର ସ୍ୱପ୍ନ ସାକାର ହେବ ବୋଲି ଓଡ଼ିଶାବାସୀ ଆଶାବାଦୀ।
ମୋହନ ସପ୍ତମ ଶ୍ରେଣୀରେ ପଢ଼ିବା ସମୟରେ ମା'ଙ୍କ ଦେହାନ୍ତ ପରେ ସାବତ ମା' ନାଥମଣି ମାଝୀ ତାଙ୍କୁ ପୁଅ ଭଳି ଯତ୍ନ କରି ବଡ଼ କରିଥିଲେ। ପରେ ସେ ୧୯୮୭ରେ ଝୁମ୍ପୁରା ହାଇସ୍କୁଲରୁ ମାଟ୍ରିକ୍ ପାସ୍ କରିବା ପରେ ୧୯୯୦ରେ ଆନନ୍ଦପୁର କଲେଜରୁ ଯୁକ୍ତ୨ ପାସ୍ କରିଥିଲେ। ଚମ୍ପୁଆ ଚନ୍ଦ୍ରଶେଖର କଲେଜରୁ ୧୯୯୩ରେ ସ୍ନାତକ (ଗ୍ରାଜୁଏଶନ) ଏବଂ ପରେ ସ୍ନାତକୋତ୍ତର (ଏମ୍ଏ) ପାସ୍ କରିଥିଲେ। ଢେଙ୍କାନାଳ ଆଇନ ମହାବିଦ୍ୟାଳୟରୁ ଏଲଏଲ୍‌ବି ପାସ୍ କରି ପ୍ରଥମେ ଝୁମ୍ପୁରାସ୍ଥିତ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷକତା (ଗୁରୁଜୀ) ଆରମ୍ଭ କରିଥିଲେ। ଶିକ୍ଷକତା ସମୟରୁ ହିଁ ତାଙ୍କ ମଧ୍ୟରେ ସମାଜସେବା ଓ ଶୃଙ୍ଖଳିତ ଜୀବନଯାପନର ମୂଳଦୁଆ ପଡ଼ିଥିଲା।



## ସରପଞ୍ଚରୁ ମୁଖ୍ୟମନ୍ତ୍ରୀ

ମୋହନଙ୍କର ରାଜନୈତିକ ଜୀବନ ତୃଣମୂଳ ସ୍ତରରୁ ଆରମ୍ଭ ହୋଇଥିଲା। ସେ ପ୍ରଥମେ ନିଜ ଗ୍ରାମପଞ୍ଚାୟତର ସରପଞ୍ଚ ଭାବେ ୧୯୯୭ରେ ନିର୍ବାଚିତ ହୋଇଥିଲେ। ୨୦୦୦ ମସିହା ଯାଏ ସେ ଏହି ପଦବୀରେ ଜନସେବା କରିଥିଲେ। ଏହାପରେ ସେ କେନ୍ଦୁଝର ସଦର ବିଧାନସଭା ଆସନରୁ ଭାଜପା ଟିକେଟରେ ୨୦୦୦, ୨୦୦୪, ୨୦୧୯ ଏବଂ ୨୦୨୪ରେ ବିଜୟୀ ହୋଇଛନ୍ତି। ୨୦୧୯ରୁ ୨୦୨୪ ମଧ୍ୟରେ ସେ ଭାଜପାର ମୁଖ୍ୟ ସଚେତକ ଭାବେ ବିଧାନସଭାରେ ଲୋକଙ୍କ ସମସ୍ୟାକୁ ଦୃଢ଼ ଭାବେ ଉପସ୍ଥାପନ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ।

## ଗୁରୁତ୍ୱପୂର୍ଣ୍ଣ ପଦବୀ

- ୨୦୦୫-୨୦୦୯ ପର୍ଯ୍ୟନ୍ତ ସେ ସରକାରୀ ଉପ-ମୁଖ୍ୟ ସଚେତକ ଥିଲେ।
- ୨୦୧୯-୨୦୨୪ରେ ସେ ଭାଜପା ବିଧାୟକ ଦଳର ମୁଖ୍ୟ ସଚେତକ ଭାବେ କାର୍ଯ୍ୟ କରି ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିଥିଲେ।
- ସେ ସାର୍ବଜନିକ ହିସାବ କମିଟି (ପିଏସି) ର ଅଧ୍ୟକ୍ଷ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି।



## ଲୋକଙ୍କ ନେତା

ମୋହନ ଚରଣ ମାଝୀ ଜଣେ 'ଲୋକଙ୍କ ନେତା' ଭାବେ ପରିଚିତ। ସେ ଜଣେ ଆଦିବାସୀ ଚେହେରା ହୋଇଥିଲେ ମଧ୍ୟ ସବୁବର୍ଗର ଲୋକଙ୍କ ସହ ତାଙ୍କର ସୁସମ୍ପର୍କ ରହିଛି। ତାଙ୍କ ଶାସନରେ 'ଓଡ଼ିଆ ଅସ୍ମିତା'କୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଦୁର୍ନୀତି ବିରୋଧରେ ଶୂନ ସହନଶୀଳତା ଏବଂ ସାଧାରଣ ଲୋକଙ୍କ ଅଭିଯୋଗକୁ ସିଧାସଳଖ ଶୁଣିବା ତାଙ୍କ କାର୍ଯ୍ୟଶୈଳୀର ପ୍ରମୁଖ ଦିଗ।



ଜନ୍ମ ମାଟିରେ ପରିବାର ସଦସ୍ୟଙ୍କ ସହ



ଶ୍ରୀଜୀଉଙ୍କ ଦର୍ଶନ ଅବସରରେ।

## ବ୍ୟକ୍ତିଗତ ଜୀବନ, ରୁଚି

ମୋହନଙ୍କ ପିତାଙ୍କ ନାମ ସ୍ୱର୍ଗତ ଗୁଣରାମ ମାଝୀ ଏବଂ ମାତାଙ୍କ ନାମ ସ୍ୱର୍ଗତ ବାଲେ ମାଝୀ। ତାଙ୍କ ପିତା ସରକାରୀ ସ୍କୁଲରେ ଚାକିରି କରୁଥିଲେ। ମୋହନଙ୍କ ସହଧର୍ମିଣୀ ହେଲେ ଡ. ପ୍ରିୟଙ୍କା ମାର୍ଣ୍ଡି। ତାଙ୍କର ଦୁଇଟି ପୁଅ ଅଛନ୍ତି। ମୁଖ୍ୟମନ୍ତ୍ରୀ ହେବା ପରେ ମଧ୍ୟ ସେ ନିଜ ପରିବାରକୁ ଲାଇମଲାଇଟ୍‌ଠାରୁ ଦୂରେଇ ରଖିବାକୁ ପସନ୍ଦ କରନ୍ତି ଏବଂ ଏକ ସାଧାରଣ ପରିବାର ଭଳି ରହନ୍ତି। ମୋହନଙ୍କର ଫୁଟବଲ ପ୍ରତି ଅହେତୁକ ଦୁର୍ବଳତା ରହିଛି। ଯୁବାବସ୍ଥାରେ ସେ ଜଣେ ଭଲ ଫୁଟବଲ ଖେଳାଳି ଥିଲେ। ଆଜି ମଧ୍ୟ ସେ ତାଙ୍କ ଗ୍ରାମ ରାଇକଳାରେ ହେଉଥିବା ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ସହ ଜଡ଼ିତ ରହିଥାନ୍ତି। ସେ ଶୃଙ୍ଖଳିତ ଜୀବନ ଏବଂ ସମୟାନୁବର୍ତ୍ତିତା ପାଇଁ ଜଣାଶୁଣା। ଆର୍‌ଏସ୍‌ଏସ୍ କାର୍ଯ୍ୟକର୍ତ୍ତା ଏବଂ ସରସ୍ୱତୀ ଶିଶୁ ମନ୍ଦିରର ଗୁରୁଜୀ ଭାବେ କାର୍ଯ୍ୟ କରିଥିବାରୁ ତାଙ୍କ ଜୀବନରେ ଆଧ୍ୟାତ୍ମିକତା ଏବଂ ସେବା ମନୋଭାବର ପ୍ରଭାବ ସ୍ପଷ୍ଟ ଭାବେ ଦେଖିବାକୁ ମିଳେ। ଜଣେ ଆଇନଜୀବୀ ଭାବେ ତାଙ୍କର ଜ୍ଞାନ ତାଙ୍କୁ ବିଧାନସଭାରେ ବିଭିନ୍ନ ବିଲ୍ ଏବଂ ଜନସାଧାରଣଙ୍କ ସାମ୍ବିଧାନିକ ଅଧିକାର ଉପରେ ଆଲୋଚନା କରିବା ସମୟରେ ବେଶ୍ ସହାୟକ ହୋଇଥାଏ।

## ଐତିହାସିକ ନିଷ୍ପତ୍ତି, ଜନକଲ୍ୟାଣକାରୀ ଯୋଜନା

*ମୋହନଙ୍କ ମୁଖ୍ୟମନ୍ତ୍ରିତ୍ୱର ପ୍ରଥମ କିଛି ମାସ ମଧ୍ୟରେ ସେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି, ଯାହା ଓଡ଼ିଶାର ସାମାଜିକ ଓ ଆର୍ଥିକ ଛବିରେ ଯଥେଷ୍ଟ ଉନ୍ନତି ଆଣିଥିବା କୁହାଯାଉଛି।*

**ସୁଭଦ୍ରା ଯୋଜନା:** ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏହା ଏକ ବିପ୍ଳବ। ଏହି ଯୋଜନା ମାଧ୍ୟମରେ ରାଜ୍ୟର ପ୍ରାୟ ୧ କୋଟି ମହିଳାଙ୍କୁ ୫ ବର୍ଷ ମଧ୍ୟରେ ୫୦,୦୦୦ ଟଙ୍କା ଲେଖାଏ କିସ୍ତିରେ (ବର୍ଷକୁ ୨ଥର) ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏହା ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାଧୀନ କରିବା ସହ ସେମାନଙ୍କ ପରିବାରର ଉନ୍ନତିରେ ସହାୟକ ହେଉଛି।

**ସମୃଦ୍ଧ କୃଷକ ଯୋଜନା:** ଚାଷୀଙ୍କ ମୁହଁରେ ହସ ଫୁଟାଇବା ପାଇଁ ସେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ କୁଇଣ୍ଟାଲ ପିଛା ୩,୧୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହାସହ 'ସିଏମ୍-କିଷାନ' ଯୋଜନା ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

**ଶ୍ରୀମନ୍ଦିରର ଚାରିଦ୍ୱାର ଓ ରତ୍ନଭଣ୍ଡାର:** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଥିବା ଅଗାଧ ଭକ୍ତି ଯୋଗୁ ସେ ଦାୟିତ୍ୱ ନେବାର ତୁରନ୍ତ ପରେ ପୁରୀ ଶ୍ରୀମନ୍ଦିରର ଚାରିଦ୍ୱାର ସର୍ବସାଧାରଣଙ୍କ ପାଇଁ ଖୋଲିବା ସହ ଦୀର୍ଘ ୪ ଦଶନ୍ଧି ଧରି ବନ୍ଦ ଥିବା ରତ୍ନଭଣ୍ଡାରକୁ ଖୋଲିବା ପାଇଁ ସାହସିକ ନିଷ୍ପତ୍ତି ନେଇଛନ୍ତି।

**ଓଡ଼ିଆ ଅସ୍ମିତା:** ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସେ 'ଓଡ଼ିଆ ଅସ୍ମିତା ଭବନ' ଓ ସ୍ୱତନ୍ତ୍ର କର୍ପସ ଫଣ୍ଡ୍ ଗଠନ କରିଛନ୍ତି।

**ଲୋକଙ୍କ ସ୍ୱରକୁ ପ୍ରାଧାନ୍ୟ:** ମୋହନଙ୍କ ଶାସନରେ ଲୋକଙ୍କ ସ୍ୱରକୁ ପ୍ରାଧାନ୍ୟ ଦିଆଯାଉଛି। ଦୀର୍ଘ ୧୬ ବର୍ଷ ଧରି ବନ୍ଦ ଥିବା ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ସେ ପୁନଃ କାର୍ଯ୍ୟକ୍ଷମ କରିଛନ୍ତି, ଯେଉଁଠାରେ ସେ ନିଜେ ଲୋକଙ୍କ ସମସ୍ୟା ଶୁଣୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ୧୫ ପାଳିରେ ଅଭିଯୋଗ ସମାଧାନର ହାର ୯୫% ରହିଛି।



ସିଙ୍ଗାପୁରରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରାଯାଉଛି।



ସ୍ପେନ୍ ଆମ୍ବାସାଡର ଜୁଆନ ଆଣ୍ଟୋନିଓ ମାର୍ଚ୍ଚ ପୁଜୋଲଙ୍କ ସହ।



ବରଗଡ଼ ଧନୁଯାତ୍ରା କଂସ ଦରବାରରେ ମୁଖ୍ୟମନ୍ତ୍ରୀ।




ସୁଭଦ୍ରା ଯୋଜନାର ଜଣେ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ ଅବସରରେ




# ଭାରତକୁ ପୁଣି ଟ୍ରମ୍ପ୍ ଟାରିଫ୍ ଭୟ

**ଭାରତ ରୁଷିଆଠାରୁ ତୈଳ କ୍ରୟ ବନ୍ଦ ନ କଲେ ଆହୁରି ଉଚ୍ଚ ଟାରିଫ୍‌ର ସମ୍ମୁଖୀନ ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି । ଏୟାରଫୋର୍ସ ୱାନ୍‌ରେ ଖବରଦାତାମାନଙ୍କୁ ଟ୍ରମ୍ପ୍ କହିଛନ୍ତି, 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ଭଲ ବ୍ୟକ୍ତି। କିନ୍ତୁ ମୁଁ ଖୁସି ନୁହେଁ ବୋଲି ସେ ଜାଣନ୍ତି ଏବଂ ମୋତେ ଖୁସି କରିବା ଜରୁରୀ । ମୋତେ ଖୁସି କରିବା ପାଇଁ ମୋଦି ରୁଷିଆଠାରୁ ତୈଳ କିଣିବା କମାଇଛନ୍ତି। ତେବେ ତାହା ଯଥେଷ୍ଟ ନୁହେଁ ବୋଲି ଟ୍ରମ୍ପ୍ କହିଛନ୍ତି । ୨୦୨୫ ଅଗଷ୍ଟରୁ ଭାରତର ପଣ୍ୟ ସାମଗ୍ରୀ ଉପରେ ଆମେରିକା ୫୦% ଟାରିଫ୍ ଲଗାଇଛି। ସେଥିରୁ ୨୫% ଦଣ୍ଡ ସ୍ୱରୂପ ଲଗାଯାଇଛି କେବଳ ରୁଷିଆଠାରୁ ତୈଳ କିଣିବାକୁ ନେଇ । ଫଳସ୍ୱରୂପ ଆମେରିକାକୁ ଭାରତର ରପ୍ତାନି ବହୁଳ ଭାବେ ହ୍ରାସ ପାଇଛି। ଟ୍ରମ୍ପ୍‌ଙ୍କ ସଦ୍ୟ ଚେତାବନୀ ପରେ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ଜୋର୍‌ଦାର ସମାଲୋଚନା କରିଛି । ଏହା ବୈଦେଶିକ ନୀତିର ବଡ଼ ବିଫଳତା। ଟ୍ରମ୍ପ୍‌ଙ୍କୁ ଖୁସି କରିବା ପାଇଁ ଭାରତ ରୁଷିଆଠାରୁ ତୈଳ କିଣା କମାଇଥିବା କଥାରୁ ସ୍ପଷ୍ଟ ହେଉଛି, ଦେଶର ବୈଦେଶିକ ନୀତି ଆମେରିକା ଦ୍ୱାରା ପରିଚାଳିତ । ପ୍ରଧାନମନ୍ତ୍ରୀ ଏହା ଉପରେ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ବିରୋଧୀ ଦଳ ଦାବି କରିଛି ।**


ଡୋନାଲ୍ଡ ଟ୍ରମ୍ପ୍

ୱାଶିଂଟନ/ନୂଆଦିଲ୍ଲୀ,୫।୧(ରଏଟର୍ସ/ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତ ଅଗଷ୍ଟରେ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୨୫% ଆମଦାନୀ ଶୁଳ୍କ ସହ ରୁଷୀୟ ତୈଳ କ୍ରୟ ବାବଦକୁ ଅତିରିକ୍ତ ୨୫% ଦଣ୍ଡାତ୍ମକ ଟିକସ ଲଗାଇଥିଲେ। ଏହାର ପ୍ରଭାବରେ ଭାରତରୁ ଆମେରିକାକୁ ଟେକ୍ସଟାଇଲ୍ସ, ମୁକ୍ତା, ଜୁଏଲାରି, ଔଷଧ, ଚିଙ୍ଗୁଡ଼ି, ଦୁଗ୍ଧ ଉତ୍ପାଦ ଓ ଚମଡ଼ା ଆଦି ସାମଗ୍ରୀ ରପ୍ତାନି ବହୁଳ ଭାବେ ପ୍ରଭାବିତ ହୋଇଥିଲା। ଭାରତର ଅର୍ଥନୀତି ଉପରେ ଏହା ନକାରାତ୍ମକ ପ୍ରଭାବ ପକାଇଥିଲା। ଇତିମଧ୍ୟରେ ଭାରତ ଓ ଆମେରିକା ମଧ୍ୟରେ ଏକାଧିକ ଥର ଦ୍ୱିପାକ୍ଷିକ ବାଣିଜ୍ୟିକ ଆଲୋଚନା ହେଲାଣି। କିନ୍ତୁ ଏଥିରୁ କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ଏଭଳି ସ୍ଥିତିରେ ରୁଷିଆର ଅଶୋଧିତ ତୈଳକୁ ୟୁକ୍ରେନ୍ ବିରୋଧୀ ଯୁଦ୍ଧ ପାଇଁ ଇନ୍ଧନ ବିବେଚନା କରୁଥିବା ଟ୍ରମ୍ପ୍ ପୁଣି ଥରେ ଭାରତକୁ ଚେତାଇ ଦେଇଛନ୍ତି। ଟ୍ରମ୍ପ୍ କହିଛନ୍ତି, ଭାରତ ରୁଷିଆଠାରୁ ତୈଳ କିଣୁଥିବାରୁ ସେ ଖୁସି ନୁହନ୍ତି। ଏକଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାଣିଛନ୍ତି। ଖୁବ୍‌ଶୀଘ୍ର ଆମେରିକା ଭାରତ ଉପରେ ଟାରିଫ୍ ବଢ଼ାଇପାରେ ବୋଲି ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି। ରବିବାର ଫ୍ଲୋରିଡାରୁ ଏୟାରଫୋର୍ସ ୱାନ୍‌ରେ ୱାଶିଂଟନ୍ ଡିସି ଯାଉଥିବାବେଳେ ସେ ଖବରଦାତାମାନଙ୍କୁ ଏହା କହିଛନ୍ତି। ଆମେରିକା ବଜାରରେ ଭାରତୀୟ ରପ୍ତାନି ଅତ୍ୟଧିକ ଟାରିଫ୍‌ର ସମ୍ମୁଖୀନ ହୋଇଥିବାବେଳେ ପୁନର୍ବାର ଏହା ବଢ଼ିବାକୁ ଯାଉଛି। ବର୍ତ୍ତମାନ ଭାରତରୁ ଆମେରିକା ଯାଉଥିବା ସାମଗ୍ରୀ ଉପରେ ୨୫ ପ୍ରତିଶତ ଜବାବୀ ଶୁଳ୍କ ହୋଇଥିବାବେଳେ ବାକି ୨୫ ପ୍ରତିଶତ ଭାରତ ରୁଷିଆଠାରୁ ଅଶୋଧିତ ତୈଳ କିଣୁଥିବାରୁ ଲଗାଯାଇଛି।

ଟ୍ରମ୍ପ୍ ଆହୁରି କହିଛନ୍ତି, ଭାରତ ମୂଳତଃ ତାଙ୍କୁ ଖୁସି କରିବାକୁ ଚାହିଁଥିଲା। ମୋଦି ଜଣେ ଭଲ ମଣିଷ। ସେ ଜାଣନ୍ତି ମୁଁ ସୁଖୀ ନୁହେଁ। ମୋତେ ଖୁସି କରାଇବା ଗୁରୁତ୍ୱପୂର୍ଣ୍ଣ ବୋଲି ଟ୍ରମ୍ପ୍ କହିଛନ୍ତି। ସେମାନେ ବାଣିଜ୍ୟ କରୁଛନ୍ତି ଏବଂ ଆମେ ଖୁବ୍‌ଶୀଘ୍ର ସେମାନଙ୍କ ଉପରେ ଟାରିଫ୍ ବଢ଼ାଇପାରିବୁ, ଯାହା ସେମାନଙ୍କ ପାଇଁ ବହୁତ ଖରାପ ହେବ ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି। ନୂଆଦିଲ୍ଲୀ ଏବେ ରୁଷିଆଠାରୁ ଯଥେଷ୍ଟ କମ୍ ତେଲ କିଣୁଛି। ଏହାର ମୁଖ୍ୟ କାରଣ ଆମେରିକା ଲଗାଇଥିବା ଟାରିଫ୍ ବୋଲି ଆମେରିକା ସିନେଟର ଲିଣ୍ଡସେ ଗ୍ରାହାମ କହିବା ପରେ ଟ୍ରମ୍ପ୍ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ରୁଷିଆରୁ ତୈଳ କିଣୁଥିବା ଦେଶଗୁଡ଼ିକରୁ ଆମଦାନୀ ସାମଗ୍ରୀ ଉପରେ ୫୦୦% ଶୁଳ୍କ ଲଗାଇବାକୁ ଗ୍ରାହାମ ତାଙ୍କ ଟାରିଫ୍ ବିଲ୍‌ରେ ଚାହିଁଛନ୍ତି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିବାକୁ ହେଲେ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ଗ୍ରାହକମାନଙ୍କ ଉପରେ ଚାପ ପକାଇବାକୁ ହେବ ବୋଲି ଗ୍ରାହାମ କହିଛନ୍ତି। ଏହି କଟକଣା ରୁଷିଆକୁ ଯଥେଷ୍ଟ କ୍ଷତିଗ୍ରସ୍ତ କରିବ ବୋଲି ଟ୍ରମ୍ପ୍ କହିବା ପରେ ଭାରତର ନାଁ ନେଇଥିଲେ।

ଗତବର୍ଷ ଏପ୍ରିଲରୁ ନଭେମ୍ବର ମଧ୍ୟରେ ରୁଷିଆ ଭାରତର ସର୍ବବୃହତ୍ ତୈଳ ଯୋଗାଣକାରୀ ଥିବାବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୮ ମାସରେ ଆମେରିକାରୁ ଭାରତର ତୈଳ ଆମଦାନୀ ୯୨ ପ୍ରତିଶତ ବଢ଼ିଛି। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ଗତ ଏପ୍ରିଲରୁ ନଭେମ୍ବର ମଧ୍ୟରେ ଭାରତ ମୋଟ ୧୭୮.୧ ନିୟୁତ ଟନ୍ ଅଶୋଧିତ ତୈଳ ଆମଦାନୀ କରିଥିଲା। ସେଥିରୁ ୬୦ ନିୟୁତ ଟନ୍ ରୁଷିଆରୁ ଥିବାବେଳେ ଆମେରିକାରୁ ୧୩ ନିୟୁତ ଟନ୍ ଥିଲା। ଏହାର ବର୍ଷେ ପୂର୍ବରୁ ଭାରତ ମୋଟ ୧୬୫ ନିୟୁତ ଟନ୍ ତୈଳ ଆମଦାନୀ କରିଥିବାବେଳେ ସେଥିରୁ ରୁଷିଆରୁ ଆମଦାନୀ ପରିମାଣ ୬୨.୪ ନିୟୁତ ଟନ୍ ଏବଂ ଆମେରିକାରୁ ମାତ୍ର ୭.୧ ନିୟୁତ ଟନ୍ ଥିଲା।

# ଆଗକୁ ଆସିପାରନ୍ତି ନୂଆ ଆଇଏଏସ୍ ଅଫିସର

ଭୁବନେଶ୍ୱର,୫।୧(ସୁନିତ୍ ମିଶ୍ର)

୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ଅନୁ ଗର୍ଗ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଦାୟିତ୍ୱ ଗ୍ରହଣ କରିବା ପରେ କେତେଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଫଳରେ ଜଣେ ଲେଖାଏ ଅଫିସରଙ୍କ ହାତରେ ବର୍ତ୍ତମାନ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିବାର ଦାୟିତ୍ୱ ପଡ଼ିଛି। ଏପରି ହେଲେ କାର୍ଯ୍ୟ ପରିଚାଳନାରେ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ଦେଖାଦେଇପାରେ ବୋଲି ସରକାରୀ ଦଳରେ ଆଲୋଚନା ହେଉଛି। ନିକଟ ଭବିଷ୍ୟତରେ ଅନେକ ଆଇଏଏସ୍ ଅଫିସର କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିବା ଲକ୍ଷ୍ୟ କରାଯାଇଛି, ହେଲେ କେନ୍ଦ୍ରରୁ କେହି ଫେରିବା ଦୃଷ୍ଟିକୁ ଆସୁନି। ଏଭଳି ସ୍ଥିତିରେ ନୂଆ ଆଇଏଏସ୍ ଅଫିସରଙ୍କୁ ସରକାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇ ଆଗକୁ ଆଣିପାରନ୍ତି, ଯାହା ନିକଟରେ ଘଟିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଯେପରି ୨୦୦୫ ବ୍ୟାଚ୍ ଆଇଏଏସ୍ ଅଫିସର ରାଜେଶ ପ୍ରଭାକର ପାଟିଲଙ୍କୁ ଅତିରିକ୍ତ ଭାବେ ଉନ୍ନୟନ କମିଶନରଙ୍କ ପାଖରେ ଥିବା ସ୍ୱତନ୍ତ୍ର ରିଲିଫ କମିଶନର,ଓସ୍‌ଡମା ଏମ୍‌ଡି ଦାୟିତ୍ୱ ଦିଆଯାଇଛି। ସେହିକ୍ରମରେ ଦେଖିଲେ ରାଜ୍ୟର ଦୁଇ ବରିଷ୍ଠ ଆଇଏଏସ୍ ଅଫିସର ୧୯୯୩ ବ୍ୟାଚ୍‌ର ସୁରେନ୍ଦ୍ର କୁମାର ଏବଂ ୧୯୯୪ ବ୍ୟାଚ୍‌ର ଜି. ମାଥିଭାଥନନ୍ ନିକଟରେ ଅବସର ନେବାକୁ ଯାଉଛନ୍ତି। ମାଥିଭାଥନନ୍‌ଙ୍କ କାର୍ଯ୍ୟକାଳ ଜାନୁଆରୀ ୩୧ରେ ସରିଯିବ। ସେହିପରି ଆସନ୍ତା ଜୁନ୍ ୩୦ରେ ସୁରେନ୍ଦ୍ରଙ୍କ କାର୍ଯ୍ୟକାଳ ଶେଷ ହେବ। ମାଥିଭାଥନନ୍ ବର୍ତ୍ତମାନ ଗୋପବନ୍ଧୁ ଏକାଡେମିର ନିର୍ଦ୍ଦେଶକ ଅଛନ୍ତି। ତେଣୁ ତାଙ୍କ ସ୍ଥାନରେ ଆଉ ଜଣଙ୍କୁ ରାଜ୍ୟ ସରକାର ଦାୟିତ୍ୱ ଦେବେ। ସେହିପରି ସୁରେନ୍ଦ୍ର କୁମାର ବର୍ତ୍ତମାନ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ମୂଳ ଦାୟିତ୍ୱରେ ରହିଛନ୍ତି। ଅତିରିକ୍ତ ଭାବେ ସେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସଂସଦୀୟ ବ୍ୟାପାର ବିଭାଗ, ଓଏମ୍‌ସି ଅଧ୍ୟକ୍ଷ, ଓଏମ୍‌ଇଏଲ୍ ଏବଂ ଇଡ୍‌କୋର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ଅବଶ୍ୟ ସୁରେନ୍ଦ୍ରଙ୍କ ଅବସର ଲାଗି ଆହୁରି ୬ ମାସ ସମୟ ବାକି ଅଛି ହେଲେ ଏହା ପୂର୍ବରୁ ସରକାର କିଛି ନିଷ୍ପତ୍ତି ନେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

ଅନ୍ୟପଟେ ପୂର୍ବ ସରକାର ସମୟରୁ ରାଜ୍ୟର କୃଷି ଉତ୍ପାଦନ ଆୟୁକ୍ତ(ଏପିସି) ପଦବୀ ଖାଲି ପଡ଼ିଲାଣି। ଏହା ଏକ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ। ଏହି ପଦବୀ ପାହ୍ୟା ଅନୁଯାୟୀ ମୁଖ୍ୟ ଶାସନ ସଚିବଙ୍କ ସହିତ ସମାନ। ହେଲେ ସରକାର ବଦଳିବା ଏବଂ ଶାସନକୁ ଆସିବାର ୧୮ ମାସ ପରେ ମଧ୍ୟ ଏପିସି ପଦ ପୂରଣ କରାଯାଇପାରି ନାହିଁ। ଏହି ପଦରେ ଯାହାକୁ ଦାୟିତ୍ୱ ମିଳିବ ସେ ରାଜ୍ୟ ଶାସନର ଜଣେ ବରିଷ୍ଠ ଅଧିକାରୀ ହୋଇଥିବା ଦରକାର। ସେହି ଦୃଷ୍ଟିରୁ ଦେଖିଲେ ସରକାର ଏହି ପଦରେ କାହାକୁ ବସାଉଛନ୍ତି ନା ବର୍ତ୍ତମାନ ଭଳି ଖାଲି ରଖିବେ ସେନେଇ ପ୍ରଶାସନିକ ସ୍ତରରେ ଚର୍ଚ୍ଚା ହେଉଛି। ସୂଚନା ମୁତାବକ ପ୍ରାୟ ୩ ବର୍ଷରୁ ଅଧିକ ଦିନ ହେଲାଣି ଏହି ପଦବୀ ଖାଲି ପଡ଼ିଛି। ସେହିପରି କେବିକେ ଆଡମିନିଷ୍ଟ୍ରେଟର ପଦ ମଧ୍ୟ ଦୀର୍ଘଦିନ ହେଲା ଖାଲି ରହିଛି। ଏହି ପଦରେ ସରକାର କାହାକୁ ବସାଇ ନାହାନ୍ତି। ପଦବୀ ଦୃଷ୍ଟିରୁ ଦେଖିଲେ ଏହା ଦକ୍ଷିଣ ଓଡ଼ିଶା ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ।

ଅନ୍ୟପଟେ ସରକାର ୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ସତ୍ୟବ୍ରତ ସାହୁଙ୍କୁ ଗୃହ ବିଭାଗ ଦାୟିତ୍ୱରୁ ହଟାଇ ତାଙ୍କୁ କେବଳ ରାଜସ୍ୱ ପର୍ଷଦ ସଦସ୍ୟ ☞ପୃଷ୍ଠା–୧୨



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ନିଖିଳ ଓଡ଼ିଶା ଠିକାଦାର ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ କେଶରୀ, ସମୟ: ପୂର୍ବାହ୍ନ ୧୦ଟା।
- ଷଷ୍ଠ ଜାତୀୟ ଚିଲିକା ପକ୍ଷୀ ମହୋତ୍ସବ-୨୦୨୬ ଶୁଭ ଉଦ୍‌ଘାଟନ, ସ୍ଥାନ: କନଭେନଶନ ସେଣ୍ଟର, ଲୋକସେବା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିଶିର ସରସ-୨୦୨୬ ସମ୍ବନ୍ଧିତ ଖବରଦାତା ସମ୍ମିଳନୀ, ସ୍ଥାନ: ବଳରାମ କନ୍‌ଫେରେନ୍ସ ହଲ, ଏସ୍‌ଆଇଆର୍‌ଡି କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନୃତ୍ୟ ବିଳାସ ପକ୍ଷରୁ ୫ମ ନୃତ୍ୟ ଉତ୍ସବ, ପଦ୍ମଶ୍ରୀ ଡ.ମିନତୀ ମିଶ୍ର ସମ୍ମାନ ଏବଂ ଗୁରୁଶ୍ରୀ ଗାନ୍ଧୀ ମଲ୍ଲିକ ସ୍ମୃତି ସମ୍ମାନ-୨୦୨୬, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୪ଟା।
- ଗୀତା ଜ୍ଞାନ ଯଜ୍ଞ, ସ୍ଥାନ: ଉତ୍କଳ ମଣ୍ଡପ, ରିଜର୍ଭ ବ୍ୟାଙ୍କ ସମ୍ମୁଖ, ସମୟ: ଅପରାହ୍ନ ୫ଟା ୩୦।
- କଳିଙ୍ଗ ନାଟ୍ୟ ସଂଘ ପକ୍ଷରୁ ଚତୁର୍ଥ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ବାଲିଅନ୍ତା ବ୍ଲକ ବେଣ୍ଟପୁରସ୍ଥିତ ପିଏମ୍‌ଶ୍ରୀ ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

**କଟକ**
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ପାଣି ପଞ୍ଚାୟତ ରଥର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ଉତ୍ସବ ୨୦୨୫-୨୬, ସ୍ଥାନ: ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ନୂଆପାଟଣା, ତିଗିରିଆ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ କଟକ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ଅପରାହ୍ନ ୩ଟା।
- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା ୩୦।

**ଖୋର୍ଦ୍ଧା**
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୦ତମ ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ରୋଡ୍, ଜଟଣୀ, ସମୟ: ଅପରାହ୍ନ ୩ଟା।

**ପୁରୀ**
- ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଏକଦିବସୀୟ ରାଜ୍ୟସ୍ତରୀୟ ପାଠଚକ୍ର, ସ୍ଥାନ: ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟ,ଓଡ଼ିଆ ବିଭାଗ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୭୭ ତମ ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀକ୍ଷେତ୍ର ପୁସ୍ତକ ମେଳା, ସ୍ଥାନ: ଭୋଲାନାଥ ବିଦ୍ୟାପୀଠ, ସମୟ: ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**
- ଷ୍ଟେଶନ ଆଥ୍‌ଲେଟିକ ଆସୋସିଏନ ପକ୍ଷରୁ ରୟାଲ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଷ୍ଟେଶନବଜାର ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା,ସ୍ଥାନ: ଷ୍ଟାଡିୟମ ବାରିପଦା, ସମୟ: ଅପରାହ୍ନ ୩ଟା।

**ବ୍ରହ୍ମପୁର**
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ଦିବ୍ୟଜୀବନ ସଂଘ, ଆଙ୍କୋଲି ଶାଖା,ସମୟ: ସନ୍ଧ୍ୟା ୬ଟା।

**ଗଞ୍ଜାମ**
- ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ବୁଗୁଡା ବ୍ଲକ୍ ଅନ୍ତରପଡ଼ା ମା' ସାଙ୍କୁଲାଇ ପୀଠ, ସମୟ: ପୂର୍ବାହ୍ନ ୧୦ ଟା।

**କନ୍ଧମାଳ**
- ଶୀତ ମହୋତ୍ସବ ପାଇଁ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଦାରିଙ୍ଗବାଡ଼ି ମହୋତ୍ସବ ପଡ଼ିଆ, ସମୟ: ସକାଳ ୬ଟା ୩୦।
- ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ବାଲିଗୁଡ଼ା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୩ଟା।

**ଗଜପତି**
- ଆଞ୍ଚଳିକସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟନୀ, ସ୍ଥାନ: ଗଜପତି ଷ୍ଟାଡିୟମ, ସମୟ: ସକାଳ ୮ ଟା ୩୦।
- ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଉଠା ଜଳସେଚନ କାର୍ଯ୍ୟାଳୟ ପାରଳାଖେମୁଣ୍ଡି, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- ପାରାଦୀପ ବନ୍ଦରର ଆଗାମୀ ୧୦ ବର୍ଷ ନୂତନ ପ୍ରକଳ୍ପ ପାଇଁ ପରିବେଶୀୟ ଜନଶୁଣାଣି, ସ୍ଥାନ: ପୌର କଲ୍ୟାଣ ମଣ୍ଡପ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

**କେନ୍ଦ୍ରାପଡ଼ା**
- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗୁଲାଇ କ୍ରିକେଟ କପ୍, ସ୍ଥାନ: ଅଙ୍ଗୁଲାଇ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ପାଣି ପଞ୍ଚାୟତ ପକ୍ଷ ପାଳନର ସଚେତନତା ରଥ ଆରମ୍ଭ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୦ଟା।
- ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ମଙ୍ଗଳା ମଣ୍ଡପ, ବେଲତଳ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୧ଟା।
- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ପୁସ୍ତକମେଳା ପରିସର, ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୨ଟା।
- ରାଜ୍ୟସ୍ତରୀୟ କେନ୍ଦ୍ରାପଡା ପୁସ୍ତକ ମେଳା, ସ୍ଥାନ: ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡା ସହର, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ଯାଜପୁର ଟାଉନ୍ ପ୍ରଶାସନିକ ଭବନ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜାରକା ଜଳସେଚନ ଡିଭିଜନ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ :ଜାରକା ଜଳସେଚନ ଡିଭିଜନ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଯାଜପୁର ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଯାଜପୁର ଜଳସେଚନ ବିଭାଜନ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା୩୦।
- ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭ ଉଦ୍‌ଘାଟନ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ଅପରାହ୍ନ ୩ଟା।
- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ଧର୍ମଶାଳା ମହୋତ୍ସବ ୧୩ ତମ ସନ୍ଧ୍ୟା, ସ୍ଥାନ: ଜାରକା ସ୍ଥିତ ଧର୍ମଶାଳା ମହୋତ୍ସବ ପଡିଆ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଅମିତ ମିଶ୍ର ବଲିଉଡ ନାଇଟ୍, ସମୟ: ରାତି ୮ଟା।

**ନୟାଗଡ଼**
- ନୟାଗଡ଼ ଜିଲାସ୍ତରୀୟ ୭ମ ସ୍କାଉଟ୍ ଗାଇଡ୍ କ୍ୟାମ୍ପୋରି, ସ୍ଥାନ: ନୂଆଗାଁ ବ୍ଲକ ଡିମିରିପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଦଶପଲ୍ଲା ଏନ୍‌ଏସି କାର୍ଯ୍ୟାଳୟ, ସମୟ:ଅପରାହ୍ନ ୩ଟା ୩୦।
- ରଣପୁର ମହୋତ୍ସବର ୨ୟ ସନ୍ଧ୍ୟା, ସ୍ଥାନ: ରଣପୁର ବାଘ ସାମନ୍ତ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ରାୟଗଡ଼ା**
- ଜିଲାସ୍ତରୀୟ କୃଷି ମହୋତ୍ସବ, କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଜିସିଡି ଖେଳ ପଡିଆ, ରାୟଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପାଣି ପଞ୍ଚାୟତ ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ-ନୋଡାଲ ହାଏର ସେକେଣ୍ଡାରୀ ସ୍କୁଲ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ରାୟଗଡା କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ପ୍ରାଙ୍ଗଣ, ଗୁଣପୁରର ଚିନ୍ତାଲୁଗୁଡା, ସମୟ: ପୂର୍ବାହ୍ନ ୧୧ ଟା ୩୦।

**ନବରଙ୍ଗପୁର**
- ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ନବରଙ୍ଗପୁର ଉଠା ଜଳସେଚନ ବିଭାଜନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**କୋରାପୁଟ**
- ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପୁଷ୍ପପୁନି ଭେଟଘାଟ ଉଦ୍‌ଘାଟନ, ସ୍ଥାନ: ଲକ୍ଷ୍ମଣ ନାୟକ ପଡ଼ିଆ ସାଗରଗୁଡ଼ା, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲାର ପର୍ଯ୍ୟଟନର ବିକାଶ ସମ୍ପର୍କିତ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ଟା।
- ଘଟ ଯାତ୍ରା ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: କୋଟପାଡ଼ ଶୀତଳା ଠାକୁରାଣୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ ଟା।

**ମାଲକାନଗିରି**
- ସିଦ୍ଧେଶ୍ୱର ମନ୍ଦିରର ବାର୍ଷିକ ଉତ୍ସବ ଆରମ୍ଭ, ସ୍ଥାନ: କୋରୁକୋଣ୍ଡା ବ୍ଲକ୍ ଡ଼ାଇକ-୨ ଗ୍ରାମ, ସମୟ: ସକାଳ ୬ ଟା।
- ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାଲିମେଳା, ସମୟ: ପୂର୍ବାହ୍ନ ୧୦ଟା।
- ପାଣି ପଞ୍ଚାୟତ କାର୍ଯ୍ୟକ୍ରମ, ସ୍ଥାନ: ବାଲିମେଳା, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀ, ସ୍ଥାନ : ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡିଆ, ସମୟ : ପୂର୍ବାହ୍ନ ୧୦ଟା।
- ପଶ୍ଚିମ ଓଡ଼ିଶାର ଲୋକ କ୍ରୀଡା, ଲୋକ ଚିକିତ୍ସା, ଲୋକ ଚିତ୍ର ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- କଳାକାର ସଂଘର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତି ଆଧାରିତ କବିତା ପାଠୋତ୍ସବ, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୨ଟା।
- ଲୋକ ମହୋତ୍ସବ ସମ୍ବଲପୁର-୨୦୨୬ର ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୫ଟା ୩୦।

**ବଲାଙ୍ଗୀର**
- ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ବଲାଙ୍ଗୀର ଜିଲା ଜଳସେଚନ ବିଭାଜନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶୀତ ଋତୁ ଉପରେ ଆଲୋଚନାଚକ୍ର, କବିତା ପାଠୋତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିର, କଦମପଡ଼ା, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା।
- ଫ୍ରେଣ୍ଡସ୍ କ୍ଲବ୍‌ର ତୃତୀୟ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା ୩୦।

**ରାଉରକେଲା**
- ବିମାନବନ୍ଦର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆର୍‌ଏମ୍‌ସି ଘେରାଉ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀରାମ କଥା, ସ୍ଥାନ: ପାନପୋଷ ବସ୍ତି ରାମମନ୍ଦିର, ସମୟ: ଅପରାହ୍ନ ୩ଟା।
- ଲୋକନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ସପ୍ତମ କୋଏଲ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍, ସ୍ଥାନ: ଦୁର୍ଗାପୂଜା ଖେଳ ପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।

**ସୁନ୍ଦରଗଡ଼**
- ଜଳ ସମ୍ପଦ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ବଡ଼ଗାଁ ହାଇସ୍କୁଲ ଖେଳ ପଡିଆ, ବଡଗାଁ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟନ ସମାରୋହ,ସ୍ଥାନ: ମାଦ୍ରିକାଲୋ ଭବନ ପଡିଆ,ସମୟ: ପୂର୍ବାହ୍ନ ୧୦ଟା।

**ବରଗଡ଼**
- ସ୍ୱର୍ଣ୍ଣମଣ୍ଡିତ ଧନୁକୁ ସ୍ୱାଗତ, ସ୍ଥାନ: ଅମ୍ବାପାଲି ଛକ, ବରଗଡ଼, ସମୟ: ସକାଳ ୮ଟା ୩୦।
- କୃଷକ ମାରଣ ନୀତି ପ୍ରତିବାଦରେ ବିଜେଡ଼ିର ପ୍ରତିବାଦ ସମାବେଶ, ସ୍ଥାନ: ମାରୱାଡ଼ି ଧର୍ମଶାଳା, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଚତୁର୍ଥ ଦିବସ, ସ୍ଥାନ: ଭବାନୀପାଟଣାସ୍ଥିତ କୃଷି ମହାବିଦ୍ୟାଳୟ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଡିଭିଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: କେଶିଙ୍ଗା ବ୍ଲକ କନ୍ଟେଶିର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଧନୁଯାତ୍ରା ମହୋତ୍ସବ, ସ୍ଥାନ: ଭବାନୀପାଟଣା ବ୍ଲକ ମେଦିନୀପୁର, ସମୟ: ଅପରାହ୍ନ ୫ଟା।

**ବୌଦ୍ଧ**
- ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: କଚେରି ଖେଳ ପଡିଆ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ପାଣି ପଞ୍ଚାୟତ ସଚେତନତା ରଥର ଶୁଭାରମ୍ଭ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୯ଟା।
- ଉଠା ଜଳସେଚନ ବିଭାଗ ପକ୍ଷରୁ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉତ୍ସବ, ସ୍ଥାନ: ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ୧୮ତମ ମା' ମାହେଶ୍ୱରୀ କ୍ରିକେଟ କପର ଦ୍ୱିତୀୟ ଦିବସ, ସ୍କାନ ସ୍ପୋର୍ଟିଂ ଭୁବନେଶର ବନାମ ଜେସିସି ସମ୍ବଲପୁର, ସ୍ଥାନ: ବିକଳପୁର, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜୀବନ ଓ ମଙ୍ଗଲୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ, ସ୍ଥାନ: ସୁବଳୟା, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ବରଘାଟ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ଲୋକ ମହୋତ୍ସବ ମାଲେଶ୍ରୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମୈତ୍ରୀ ସଦନ, ବୀରମହାରାଜପୁର, ସମୟ: ଅପରାହ୍ନ ୨ଟା୩୦।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ୮ତମ ଜୟ ମା' ସୁନାଦେଈ କପ କ୍ରିକେଟ ଟୁର୍ନାମେଣ୍ଟ ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ ସୁନାବେଡା କଣା ଭଏଁରା ଖେଳ ପଡିଆ, ସମୟ: ସକାଳ ୯ଟା।
- ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ସିନାପାଲି ବ୍ଲକ ଗଣ୍ଡାବାହାଲି ଗାଁ, ସମୟ: ସକାଳ ୯ଟା।
- ପ୍ରଭାଗ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଜଳସେଚନ କାର୍ଯ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

**ଝାରସୁଗୁଡ଼ା**
- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପାଠ, ସ୍ଥାନ: ସାହାପଡା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଚତୁର୍ଥକେନ୍ଦ୍ରରେ ଚନ୍ଦ୍ର ପାରିବାରିକ ଶାନ୍ତି ଏବଂ ସମସ୍ୟାମୁକ୍ତ କର୍ମକ୍ଷେତ୍ର ଯୋଗୁ ଖୁସିରହିବେ। ବ୍ୟବସାୟ,ପରିବହନ,ପ୍ରଶାସନ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଶୁଭଫଳ ପାଇବେ। ଯାନ୍ତ୍ରିକ ମରାମତି ଓ ନିର୍ମାଣ କାର୍ଯ୍ୟରେ ପ୍ରତିବନ୍ଧକ ରହିପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଦୁଶ୍ଚିନ୍ତାର କାରଣ ହେବ। ବନ୍ଧୁଙ୍କ ପ୍ରତିଶ୍ରୁତିରୁ ମନ ହାଲୁକା ରହିବ।

**ବୃଷ** ବୃହସ୍ପତିଙ୍କ ଯୋଗୁ ଧନହାନି,ପ୍ରାପ୍ତିରେ ପ୍ରତିବନ୍ଧକ କିମ୍ବା ଅର୍ଥନୈତିକ ଅପରାଧରେ ଜଡ଼ିତ କରାଇପାରନ୍ତି। ବ୍ୟୟାଧିପ ମଙ୍ଗଳଙ୍କ ପ୍ରଭାବରେ ଜମିଜମା,ଯାନ୍ତ୍ରିକ ଜିନିଷ, ମରାମତି କିମ୍ବା ବିକ୍ରି ପାଇଁ ମନସ୍ଥ କରିପାରନ୍ତି। ସଭାସମିତିରେ ଯୋଗଦେଇ ପ୍ରଶଂସିତ ହୋଇପାରନ୍ତି। ସନ୍ତାନଙ୍କ ବୈବାହିକ ସମ୍ବନ୍ଧ ପାଇଁ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ।

**ମିଥୁନ** ଆଜିର ସପ୍ତମକେନ୍ଦ୍ରସ୍ଥ ଗ୍ରହଯୋଗ ଏକାଧିକ କାମରେ ପ୍ରବେଶ କରାଇପାରେ। ବିବାଦୀୟ ଘଟଣାରେ କିମ୍ବା ପ୍ରତିଦ୍ୱନ୍ଦ୍ୱିତା ଏବଂ ପ୍ରତିଯୋଗିତାରେ ସଫଳତା ପାଇବା କଷ୍ଟପ୍ରଦ ହେବ। ଅର୍ଥ କାରବାରରେ ଜଟିଳତାକୁ ଦୂରେଇବାରେ ସମର୍ଥ ହୋଇପାରନ୍ତି। ଘରମାଲିକଙ୍କ ସହ ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କର୍କଟ** ସ୍ୱଗୃହୀ ଚନ୍ଦ୍ରଙ୍କ ପ୍ରଭାବରେ ସ୍ୱାସ୍ଥ୍ୟ ନିୟନ୍ତ୍ରିତ ରହିବ ଏବଂ ଯାତ୍ରା, ବାଣିଜ୍ୟରେ ଅନୁକୂଳ ପରିବେଶ ସୃଷ୍ଟିହେବ। ସମ୍ପର୍କ ଯୋଡ଼ିବା ଚେଷ୍ଟା ନିରର୍ଥକ ହେବନାହିଁ। କର୍ମକ୍ଷେତ୍ର, ପରିବାର ଓ ଅଭିଳାଷିତ ଦ୍ରବ୍ୟ ପ୍ରାପ୍ତିରେ ସମସ୍ୟାର ସମ୍ମୁଖୀନ ହେବେ। ରାହୁଙ୍କ ପ୍ରଭାବରେ ବନ୍ଧୁଙ୍କ ସହ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ।

**ସିଂହ** ଲାଭଭାବକୁ ଏକାଧିକ ଗ୍ରହ ଦେଖୁଥିବାରୁ ସ୍ଥଗିତ କାମ, ପାଉ ନ ଥିବା ଅର୍ଥ, ବନ୍ଧୁଙ୍କ ସାକ୍ଷାତ ଆଜି ପାଇପାରିବେ। ମନ ବୁଝିଲା ଭଳି କଥା କହି ସମ୍ପର୍କ ଯୋଡ଼ିବାରେ ସମର୍ଥ ହେବେ। ସାହିତ୍ୟ, ସାମ୍ବାଦିକତା ଆଦିରେ ପ୍ରଶଂସା ପାଇବେ। ପାରିବାରିକ ସମସ୍ୟା ସୁଧାରିବାରେ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହୋଇପାରିବ।

**କନ୍ୟା** କର୍ମକ୍ଷେତ୍ରକୁ ଏକାଧିକ ଗ୍ରହ ଦେଖୁଥିବାରୁ କର୍ମଜଞ୍ଜାଳ ବୃଦ୍ଧିପାଇବ। ଅଷ୍ଟମାଧିପତିଙ୍କ ପ୍ରଭାବରେ ପ୍ରତିବନ୍ଧକ ପଛରୁ ଗୋଡ଼ଟାଣିପାରେ। ପ୍ରବଳ ଧୈର୍ଯ୍ୟ ସାଙ୍ଗକୁ ଅବିଚଳିତ ମନୋଭାବରୁ ସମସ୍ୟା ସମାଧାନରେ ସଫଳ ହେବେ। ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ଦୃଷ୍ଟିରୁ କଠୋର କଥା କହି ବନ୍ଧୁମାନଙ୍କ ରୋଷର ଶିକାର ହୋଇପାରନ୍ତି।

**ତୁଳା** ଭାଗ୍ୟସ୍ଥାନ ପ୍ରତି ଗ୍ରହସମ୍ପର୍କଜନିତ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲରେ ଅତିବାହିତ ହେବ। ଭାଇ, ବନ୍ଧୁ, ପଡ଼ୋଶୀଙ୍କ ସହ ସମ୍ପର୍କ ଗଡ଼ବଡ଼ ହୋଇପାରେ। ଟଙ୍କା ଫେରସ୍ତର ପ୍ରତିଶ୍ରୁତି ଦେଇଥିବା ଲୋକଟି ବିଭିନ୍ନ ଆଳରେ ନାସ୍ତିବାଣୀ ଶୁଣାଇପାରେ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥହେବା ଆଶା ରହିଛି।

**ବିଛା** ଗୁରୁଙ୍କ ଶୁଭଦୃଷ୍ଟିରୁ ଆର୍ଥିକ ଉନ୍ନତି ସାଙ୍ଗକୁ ନୂତନ ବନ୍ଧୁସମ୍ପର୍କ ଏବଂ ସନ୍ତାନହେତୁକ ଗୌରବାନ୍ୱିତ ହୋଇପାରନ୍ତି। ରାହୁଙ୍କ ସ୍ଥିତି ପ୍ରଭାବରେ ପାରିବାରିକ ଜୀବନରେ ସମସ୍ୟା ଆଶଙ୍କା ରହିଛି। ଆଜିର ଯାତ୍ରା, ବାଣିଜ୍ୟ, ଆନୁଷ୍ଠାନିକ କର୍ମାରମ୍ଭ ସନ୍ତୋଷଜନକ ରହିବ। ରାଶ୍ୟାଧିପ ମଙ୍ଗଳଙ୍କ ପ୍ରତି ଶନିଙ୍କ ଦୃଷ୍ଟି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିକରିବ।

**ଧନୁ** ଗ୍ରହଙ୍କ ଅନୁକୂଳ ପ୍ରଭାବରୁ କର୍ମକ୍ଷେତ୍ର ଏବଂ ସାମାଜିକ ସ୍ତରରେ ସମ୍ମାନଜନକ ସ୍ଥିତିରେ ରହିବେ। ପାପଗ୍ରହ ପ୍ରଭାବ ମୁକ୍ତ ଚନ୍ଦ୍ର ଶାରୀରିକ ଓ ମାନସିକ ସ୍ଥିତିକୁ ସୁସ୍ଥ ରଖିବ। ଅଟକିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ। ଆର୍ଥିକ, ବ୍ୟବସାୟିକ ସ୍ଥିତି ଏବଂ ପାରିବାରିକ ସମ୍ପର୍କ କେତେକାଂଶରେ ପ୍ରଭାବିତ ହେବା ଆଶଙ୍କା ରହିଛି।

**ମକର** ସପ୍ତମାଧିପତି ଚନ୍ଦ୍ରଙ୍କ ସ୍ଥିତି ପାରିବାରିକ ଜୀବନକୁ ଶୃଙ୍ଖଳିତ ରଖିବ। ବନ୍ଧୁଙ୍କ ପରାମର୍ଶରେ ଦୀର୍ଘଦିନରୁ ଅଟକିଥିବା କାମଟିକୁ ଆରମ୍ଭକରିବାକୁ ମନ ବଳାଇବେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଦୂରଯାତ୍ରା, ବ୍ୟବସାୟ, ପରିବହନ, ବନ୍ଧୁଙ୍କ ସହ ଆଲୋଚନା ଓ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କୁମ୍ଭ** ବୃହସ୍ପତିଙ୍କ ପ୍ରଭାବ ଉନ୍ନତ ଚିନ୍ତା ଓ ଗଠନମୂଳକ ଚିନ୍ତାଧାରାଯୁକ୍ତ କଲେ ମଧ୍ୟ ରାହୁ ବ୍ୟତିକ୍ରମ ସୃଷ୍ଟି କରିପାରନ୍ତି। ବାଧ୍ୟବାଧକତାରେ ନୂତନ କାର୍ଯ୍ୟରେ ହାତ ଦେବେ। ଋଣ ପରିଶୋଧ କରିବାରେ ବିଫଳ ହୋଇପାରନ୍ତି। ପରୋକ୍ଷ ଶତ୍ରୁତା, କାର୍ଯ୍ୟହାନି, ବନ୍ଧୁରେ କଳହ ମାନସିକ ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମୀନ** କର୍ମସ୍ଥାନରେ ଚତୁର୍ଗ୍ରହ ପରିବାର ସ୍ଥାନକୁ ଦେଖୁଥିବାରୁ ପରିବାର, ବନ୍ଧୁସମ୍ପର୍କ, ସଭାସମିତିରେ ସଫଳତା ପାଇବେ। ସାଧାରଣ କଥାକୁ କେନ୍ଦ୍ରକରି ମାନସିକ ଅସ୍ଥିରତା ସୃଷ୍ଟିହୋଇପାରେ। କୌଣସି କାମ ସୁବିଧାରେ ହେବା କଷ୍ଟକର ହୋଇପାରେ। ବ୍ୟବସାୟିକ ଦିଗଟି ସନ୍ତୋଷଜନକ ରହିବ ଏବଂ ବିବାଦର ସମାଧାନ ହେବା ଆଶା ରହିଛି।

ଆଜି ଜାନୁଆରୀ ୬ ତାରିଖ, ମାଘ କୃଷ୍ଣ ତୃତୀୟାଯୁକ୍ତ ଚତୁର୍ଥୀ ମଙ୍ଗଳବାର। ରାଶିନକ୍ଷତ୍ର-ଦିବା ଘ. ୧୨।୧୯ ମି. ପର୍ଯ୍ୟନ୍ତ ଅଶ୍ଳେଷା/କର୍କଟ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୬।୨୬ ଗତେ, ଘ.୦୭।୧୦ ମଧ୍ୟେ, ଘ.୦୯।୦୯ ଗତେ, ଘ.୧୧।୩୦ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୨।୩୫ ମି. ଗତେ, ଘ.୦୩।୫୬ ମି. ମଧ୍ୟେ ରାହୁକାଳ ।

## ୧୬୦ ଗ୍ରାମ ବ୍ରାଉନସୁଗାର ଜବତ

ଭୋଗରାଇ,୫।୧ (ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କାଉବଣୀଠାରେ ଜଳେଶ୍ୱର ରେଞ୍ଜର ଇନ୍ସପେକ୍ଟର ଓ ଭୋଗରାଇ ଅବକାରୀ ଥାନା ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ୧୬୦ ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ କାଉବଣୀ ଗ୍ରାମର ଭୁଦେବ ଦଳାଇ(୨୮)। ଏନେଇ ଭୋଗରାଇ ଅବକାରୀ ଥାନାରେ ୧୮୭/୨୫-୨୬ ରେ ମାମଲା ରୁଜୁ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଷ୍ଟ ଅଳଙ୍କାର ଜୁଡ଼ାରେ ଜବା,**
**ମା'ମଲା ଝିଅର କେଉଁଠି ଶୋଭା ?**

ସନ୍ତାନ ପାଇଁ ମା'ର ମୂଲ୍ୟ ଅମୂଲ। ମା' ନ ଥିବା ଝିଅ ଯେତେ ଅଳଙ୍କାରରେ ଆବୃତ୍ତ ହେଲେ ମଧ୍ୟ ତା'ର ଶୋଭା ବର୍ଦ୍ଧିତ ହୋଇପାରେ ନାହିଁ। ମା' ହିଁ କନ୍ୟାର ସର୍ବଶ୍ରେଷ୍ଠ ଅଳଙ୍କାର ବୋଲି ଏଠାରେ ଦର୍ଶାଯାଇଛି।

**ଅଦିନେ ଜହ୍ନି ରାଇତା**
**ଚନ୍ଦ୍ରମା ମୁହଁଟି ଶୁଖିଯାଇଛି ଲୋ**
**ଆଜିକ ଫେରିଯାଇଥା ।**

ଇଚ୍ଛା ଫଳବତୀ ନ ହେଲେ ମନର ସରାଗ ମରିଯାଇଥାଏ। ଅଭିମାନରେ ଝାଉଁଳି ପଡିଥିବା ଜଣେ ରୂପବତୀ କନ୍ୟାର ମୁଖମଣ୍ଡଳକୁ ଚାହିଁ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପଞ୍ଚଭୂତରେ ଲୀନ ହେଲା ରାଜାଙ୍କ ପାର୍ଥିବ ଶରୀର

ଖଡ଼ିଆଳ,୫।୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ରାଜା ସ୍ୱର୍ଗତ ଡ. ଜିତାମିତ୍ର ପ୍ରସାଦ ସିଂଦେଓଙ୍କ ପାର୍ଥିବ ଶରୀର ସୋମବାର ନେହେନା ସୁନ୍ଦର ନଦୀ ରାଣୀଘାଟରେ ପଞ୍ଚଭୂତରେ ଲୀନ ହୋଇଛି। ଏହାପରେ ଖଡିଆଳର ୧୯ତମ ରାଜାଭାବେ ଯୁବରାଜ ଦେବଦେବ ସିଂଦେଓଙ୍କ ନାମ ଘୋଷଣା କରାଯାଇ ରାଜ ପରିବାରର ରୀତିନୀତି ଅନୁଯାୟୀ ରାଜାଭିଷେକ କରାଯାଇଥିଲା। ଏହି ସମାରୋହରେ ରାଜ ପୁରୋହିତ ପ୍ରଫୁଲ୍ଲ ରଥ, ପୂଜକ ସୁଦର୍ଶନ ଠାକୁର, ପାଟଯୋଷୀ, ସେବାୟତ, ବୁଦ୍ଧିଜୀବୀ, ସଚେତନ ନାଗରିକ, ରାଜପରିବାର ସଦସ୍ୟ ଯୋଗ ଦେଇଥିଲେ। ପରେ ରାଜା ଦେବଦେବ ସିଂଦେଓ ସ୍ୱର୍ଗତ ରାଜା ଡ. ଜିତାମିତ୍ର ସିଂଦେଓଙ୍କ ଶେଷକୃତ୍ୟ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ତାଙ୍କ ସାନ ପୁଅ ଅମ୍ବରିଶ ସିଂଦେଓ ମୁଖାଗ୍ନି ଦେଇଥିଲେ।

ଏହା ପୂର୍ବରୁ ତାଙ୍କ ପାର୍ଥିବ ଶରୀରକୁ ବିଶାଳ ଶୋଭାଯାତ୍ରାରେ ଖଡିଆଳ ସହର ପରିକ୍ରମା କରାଯାଇଥିଲା। ଏହି ସମୟରେ ସହରର ହଜାର ସଂଖ୍ୟାରେ ଲୋକ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ।

### ଯୁବରାଜ ଦେବଦେବ ସିଂଦେଓଙ୍କ ରାଜାଭିଷେକ



ଖଡିଆଳର ୧୯ତମ ରାଜା ଭାବରେ ଯୁବରାଜ ଦେବଦେବ ସିଂଦେଓଙ୍କ ରାଜାଭିଷେକ କରାଯାଉଛି।

ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ। ତାଙ୍କୁ ସମ୍ମାନ ଜଣାଇ ସହରର ଅନେକ ଶିକ୍ଷା ଅନୁଷ୍ଠାନ ବନ୍ଦ ରହିଥିଲା। ଖଡ଼ିଆଳର ବ୍ୟବସାୟୀମାନେ ଦୋକାନ ବଜାର ବନ୍ଦ କରି ସ୍ୱର୍ଗତ ରାଜା ଜିତାମିତ୍ରଙ୍କୁ ସମ୍ମାନ ଜଣାଇଥିଲେ। ଶୋଭାଯାତ୍ରାରେ ନେହେନା ଗ୍ରାମରେ ପାର୍ଥିବ ଶରୀର ପହଞ୍ଚିବା ପରେ ଗ୍ରାମବାସୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ସମୟରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ସୂଚନାଯୋଗ୍ୟ ରବିବାର ମଧ୍ୟାହ୍ନଭୋଜନ ପରେ ରାଜା ଡ. ଜିତାମିତ୍ର ପ୍ରସାଦ ସିଂଦେଓ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହାର କିଛି ସମୟ ଭିତରେ ଖଡ଼ିଆଳସ୍ଥିତ ରାଜଭବନରେ ତାଙ୍କର ପରଲୋକ ହୋଇଯାଇଥିଲା।

## ସ୍କୁଲରେ ପୋଡ଼ିହୋଇ...

ପ୍ରଥମ ପୃଷ୍ଠାରୁ...

ଲୋକେ ସତର୍କତାର ସହ ତୁରନ୍ତ ୪ ଛାତ୍ରଙ୍କୁ ଉଦ୍ଧାରକରି ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଖ୍ରୀଷ୍ଟିଆନ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଆହତ ଛାତ୍ର ହେଲେ ସପ୍ତମ ଶ୍ରେଣୀର ବିରାଜ ଟାକ୍ରି (୧୨), ନବୀନ ହୁଇକା (୧୨), ରୋହିତ ଖୋରା (୧୨) ଏବଂ ପଞ୍ଚମ ଶ୍ରେଣୀର ସୁଦାମ ବାଗ (୧୦) ବୋଲି ସିଆର୍‌ସିସି ଅନନ୍ତ ଓଡାକା ସୂଚନା ଦେଇଛନ୍ତି। ତେବେ ଛାତ୍ର ବିରାଜ ଟାକ୍ରି ଗୁରୁତର ଥିବାରୁ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବିଷମକଟକ ତହସିଲଦାର କେ. ଭେଙ୍କଟଶ୍ୱର ରେଡି ସୂଚନା ଦେଇଛନ୍ତି। ଏହି ଘଟଣା ପରେ ବିଦ୍ୟାଳୟ ପରିସରରେ ଭୟ ଓ ଆତଙ୍କ ପରିବେଶ ସୃଷ୍ଟି ହୋଇଛି। ବିଦ୍ୟାଳୟ କାର୍ଯ୍ୟ ସମୟ ଭିତରେ ଛାତ୍ରମାନେ ପୋଡ଼ିହେବା ଏକ ନିନ୍ଦନୀୟ ଘଟଣା ହୋଇଥିବା ବେଳେ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ବିଦ୍ୟାଳୟର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ସୁରକ୍ଷା ଅବହେଳାକୁ ନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦନ ପୁଲାକାଙ୍କୁ ଯୋଗାଯୋଗ କରିବାରୁ ସେ ବ୍ୟସ୍ତରେ ଅଛନ୍ତି, ଏବେ କିଛି ସୂଚନା ଦେଇପାରିବେ ନାହିଁ ବୋଲି କହିଛନ୍ତି।




ଆହତ ଛାତ୍ରଙ୍କୁ ମେଡିକାଲ ନିଆଯାଉଛି।

## ବାଂଲାଦେଶରେ ଆଇପିଏଲ୍...

ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ବିସିସିଆଇ ଦ୍ୱାରା ରହମାନଙ୍କୁ ରିଲିଜ୍ କରିବା ପଛରେ କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ। ଏଭଳି ନିଷ୍ପତ୍ତି ବାଂଲାଦେଶବାସୀଙ୍କୁ ଦୁଃଖ, ଆଘାତ ଦେବା ସହ ଅସନ୍ତୁଷ୍ଟ କରିଛି। ଏଭଳି ପରିସ୍ଥିତିରେ ପରବର୍ତ୍ତୀ ନୋଟିସ ପର୍ଯ୍ୟନ୍ତ ଆଇପିଏଲ୍‌ର ସମସ୍ତ ମ୍ୟାଚ୍ ଓ ପ୍ରୋଗ୍ରାମର ପ୍ରସାରଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜନ ହିତରେ ଏହି ନିର୍ଦ୍ଦେଶ ଜାରି କରାଯାଇଥିବା ଉକ୍ତ ବିବୃତିରେ କୁହାଯାଇଛି। ଏଥିରେ ଆସିଷ୍ଟାଣ୍ଟ ସେକ୍ରେଟାରି ଫିରୋଜ ଖାନଙ୍କ ହସ୍ତାକ୍ଷର ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ଅଗଷ୍ଟରେ ବାଂଲାଦେଶରେ ସରକାର ବିରୋଧୀ ଆନ୍ଦୋଳନ ହିଂସା ରୂପ ନେବା ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନା ଭାରତରେ ଶରଣ ନେଇଥିଲେ। ଆନ୍ଦୋଳନ ବେଳେ ଛାତ୍ରଙ୍କୁ ଦମନ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯିବା ପରେ ତାଙ୍କୁ ମୃତ୍ୟୁଦଣ୍ଡ ଆଦେଶ ଦିଆଯାଇଛି। ହାସିନାଙ୍କ ବିଦାୟ ପରଠାରୁ ବାଂଲାଦେଶରେ ଅଳ୍ପ ସଂଖ୍ୟକ ହିନ୍ଦୁଙ୍କୁ ଟାର୍ଗେଟ କରାଯାଉଛି।




# ସଚିବମାନଙ୍କୁ ସିଏସ୍ ମାଗିଲେ ୫ ପ୍ରସ୍ତାବ

ଭୁବନେଶ୍ୱର,୫।୧
(ରବିନାରାୟଣ ଜେନା)


ଅନୁ ଗର୍ଗ

ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଇଂଲିଶ ନୂଆବର୍ଷ ୨୦୨୬ ପୂର୍ବରୁ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀସ୍ତରରେ ବଡ଼ ଧରଣର ଅଦଳବଦଳ ହୋଇଛି। ମୁଖ୍ୟଶାସନ ସଚିବ ପଦରେ ରାଜ୍ୟର ପ୍ରଥମ ମହିଳା ଭାବେ ଅନୁ ଗର୍ଗ ଦାୟିତ୍ୱ ଗ୍ରହଣ କରିବା ପରେ ସେ ସମସ୍ତ ସଚିବଙ୍କ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଫେବୃଆରୀ ତୃତୀୟ ସପ୍ତାହରେ ବିଧାନସଭାର ୨୦୨୬-୨୭ବର୍ଷର ବଜେଟ ଅଧିବେଶନ ହେବାକୁ ଥିବାରୁ ଜାନୁଆରୀ ମାସ ପାଇଁ ସବୁଠାରୁ ମୁଖ୍ୟ ଟାସ୍କ ଭାବେ ସବୁ ସଚିବମାନଙ୍କଠାରୁ ୫ଟି ଲେଖାଏ ପ୍ରସ୍ତାବ ଲୋଡ଼ାଯାଇଛି। ଏସଂକ୍ରାନ୍ତରେ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ଡି. କେ. ଜେନା ଚଳିତମାସ ୩ରେ ସମସ୍ତ ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ମୁଖ୍ୟଶାସନ ସଚିବଙ୍କ ନିର୍ଦ୍ଦେଶକୁ ନେଇ ସ୍ୱତନ୍ତ୍ର ସଚିବ ପତ୍ରରେ ଦର୍ଶାଇଛନ୍ତି ଯେ, ଜାନୁଆରୀ ମାସରେ ମୁଖ୍ୟ ସଚିବ ୧୨ଟି ଦିଗ ଉପରେ କାର୍ଯ୍ୟ କରିବାକୁ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେଥିମଧ୍ୟରେ ନୂତନ ବଜେଟ ଅଧିବେଶନ ଲାଗି ସଚିବମାନେ ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ୫ଟି ପ୍ରସ୍ତାବ ଦେବେ। ଏହାସହିତ ପ୍ରତ୍ୟେକ ବିଭାଗ ସଚିବ ବିଭାଗର ୫ଟି ପ୍ରକଳ୍ପ କିମ୍ବା ସମସ୍ୟା ଉପରେ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ତାହା ଯେକୌଣସି ନୀତିଗତ ନିଷ୍ପତ୍ତି ହେଉ କିମ୍ବା ଭିତ୍ତିଭୂମି ସମ୍ପର୍କିତ ଅଥବା ଯୋଜନା ତଥା ପ୍ରକଳ୍ପ ସମ୍ବନ୍ଧୀୟ ହୋଇଥିବା ଆବଶ୍ୟକ। ତେବେ ଏହି ପଦକ୍ଷେପ ନେବା ସମୟରେ ସଚିବମାନେ ବିଭାଗୀୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରିପାରିବେ।

ମୁଖ୍ୟସଚିବ ବିଭାଗସ୍ତରରେ କ୍ଷେତ୍ରପରିଦର୍ଶନକୁ ପ୍ରାଥମିକତା ଦେଇଛନ୍ତି। ବିଭାଗର ସଚିବ, ନିର୍ଦ୍ଦେଶକ କିମ୍ବା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ତୃଣମୂଳସ୍ତରକୁ ଯାଇ ବାସ୍ତବକ୍ଷେତ୍ରରେ ସରକାରୀ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି ତାହା ପରଖିବା ସହିତ ସରକାରଙ୍କୁ ଅବଗତ କରାଇବାକୁ ପଡ଼ିବ। ତେବେ କ୍ଷେତ୍ର ପରିଦର୍ଶନ ବେଳେ କିଭଳି ଯୋଜନାର କାର୍ଯ୍ୟକାରିତା ପରଖିବେ ସେନେଇ ଏକ ଉଦାହରଣ ଦେଇ କୁହାଯାଇଛି। ଗୋଟିଏ ବିଦ୍ୟାଳୟରେ କେତେ ଛାତ୍ରୀଛାତ୍ର ଅଛନ୍ତି, ନିୟମିତ କେତେ ଉପସ୍ଥିତ ରହୁଛନ୍ତି, ଶିକ୍ଷକ ନିୟମିତ ଭାବେ ବିଦ୍ୟାଳୟରେ କ୍ଲାସ୍ ନେଉଛନ୍ତି କି ନାହିଁ? ମଧ୍ୟାହ୍ନଭୋଜନ ଠିକ୍ ସମୟରେ ଏବଂ ବ୍ୟବସ୍ଥିତ ଭାବେ ଛାତ୍ରୀଛାତ୍ରଙ୍କୁ ମିଳୁଛି କି ନାହିଁ। ଏହି ସମୟରେ ସରକାରଙ୍କ ମାର୍ଗଦର୍ଶିକାର ପାଳନ ହେଉଛି କି ନାହିଁ ? ସେସବୁ ଭଲ ଭାବେ ଅବଗତ ହେବା ସହିତ ସରକାରଙ୍କୁ ଅବଗତ କରାଇବାକୁ ହେବ। ସେହିପରି ନୂତନ ପ୍ରକଳ୍ପ କାର୍ଯ୍ୟକାରୀ ବେଳେ ତାହା କେଉଁ ପର୍ଯ୍ୟାୟରେ ରହିଛି ଏବଂ ତାହା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ ହେବ କି ନାହିଁ ତା’ର ଯାଞ୍ଚ କରି ବିବରଣୀ ଦେବେ।

ସେହିପରି ରାଜ୍ୟ ଉନ୍ନୟନ ଆୟୁକ୍ତ ଏବଂ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ପ୍ରତ୍ୟେକ ବିଭାଗର ପ୍ରସ୍ତାବକୁ ଯାଞ୍ଚ କରିବା ସହିତ ଚଳିତ ଆର୍ଥିକବର୍ଷର ଖର୍ଚ୍ଚ କିଭଳି ତ୍ୱରାନ୍ୱିତ ହେବ ସେଥିପ୍ରତି ଦୃଷ୍ଟିଦେବେ। ଯଦି କୌଣସି ବିଭାଗର ଖର୍ଚ୍ଚ ତ୍ୱରାନ୍ୱିତ ହେବାରେ ସମସ୍ୟା ଉପୁଜୁଛି ତେବେ ସେକ୍ଷେତ୍ରରେ ରାଜ୍ୟ ଉନ୍ନୟନ ଆୟୁକ୍ତ ଏବଂ ଅର୍ଥବିଭାଗ ପ୍ରମୁଖ ସଚିବଙ୍କ ସହିତ ପରାମର୍ଶ କରି ବିଭାଗ ପଦକ୍ଷେପ ନେଇପାରିବେ।

ଏହି ଅବସରରେ ମୁଖ୍ୟସଚିବ ସରକାରୀ ପାଣ୍ଠିକୁ ବିଭିନ୍ନ ବ୍ୟାଙ୍କରେ ପାର୍କିଂ(ଠୁଳ) କରିବା ଉପରେ ଶକ୍ତ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟସଚିବ କହିଛନ୍ତି, ଯଦି କୌଣସି ଯୋଜନାରେ ବ୍ୟାଙ୍କରେ ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ି ରହିଛି ତେବେ ତୁରନ୍ତ ତାକୁ ମାପିଂ ଅପ୍ ଏକ୍ସରସାଇଜ୍ କରି ରାଜକୋଷକୁ ଉକ୍ତ ଟଙ୍କା ଫେରାଇବେ।

# ୯୫% ଅଭିଯୋଗର ସମାଧାନ

## ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି

ଭୁବନେଶ୍ୱର,୫।୧(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ୧୬ତମ ପାଳି ସୋମବାର ଭୁବନେଶ୍ୱର ୟୁନିଟ-୨ସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠଠାରେ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ୭ ବରିଷ୍ଠ ମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ୩୦ ଜଣ ଦିବ୍ୟାଙ୍ଗ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକଙ୍କ ସମସ୍ୟା ଶୁଣିଛନ୍ତି। ପୀଡ଼ିତଙ୍କ ଅଭିଯୋଗପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକୋଷ୍ଠ ମାଧ୍ୟମରେ ଗତ ୧୫ଟି ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୩,୩୪୮ଟି ଅଭିଯୋଗ ମଧ୍ୟରୁ ୧୨,୭୪୮ଟି ସମାଧାନ କରାଯାଇଛି, ଯାହା ଶତକଡ଼ା ୯୫%। ଜଟିଳ ରୋଗରେ ପୀଡ଼ିତ କେନ୍ଦୁଝର ଜିଲାର ପପୁନ ମହାରଣା, ଖୋର୍ଦ୍ଧା ଜିଲାର ପ୍ରିୟବ୍ରତ ପ୍ରଧାନ ଏବଂ କଟକ ଜିଲାର ଦୀପ୍ତିମୟୀ ଦାଶଙ୍କ ପାଇଁ ସିଙ୍ଗିଲ ୱିଣ୍ଡୋ ସିଷ୍ଟମ ଜରିଆରେ ମୁଖ୍ୟମନ୍ତ୍ରୀ ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି।


ଅଭିଯୋଗ ପ୍ରକୋଷ୍ଠରେ ଜଣେ ବରିଷ୍ଠ ନାଗରିକଙ୍କ ଗୁହାରି ଶୁଣୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ସୂଚନାଯୋଗ୍ୟ, ଅଭିଯୋଗଗୁଡ଼ିକ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବେ ଆସୁଛି। ଗୋଟିଏ ଅଭିଯୋଗ ସହିତ ଅତି କମ୍‌ରେ ୩ ଜଣରୁ ଆରମ୍ଭ କରି ୧୦ ଜଣ ପର୍ଯ୍ୟନ୍ତ ରହୁଛନ୍ତି। ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୫୬ ହଜାରରୁ ଊର୍ଦ୍ଧ୍ୱ ଲୋକ ଜନଶୁଣାଣି ପ୍ରକୋଷ୍ଠକୁ ଆସି ସେମାନଙ୍କ ଅଭିଯୋଗ ଶୁଣାଇଛନ୍ତି। ଏଥିସହିତ ଜନଶୁଣାଣି ପୋର୍ଟାଲ ଏବଂ ଡାକ ଇତ୍ୟାଦି ଯୋଗେ ଆସିଥିବା ୧,୪୯,୪୧୮ ଅଭିଯୋଗ ମଧ୍ୟରୁ ୧,୩୦,୮୪୫ ଅର୍ଥାତ ୮୮% ଅଭିଯୋଗର ସମାଧାନ କରାଯାଇଛି। ଗଣମାଧ୍ୟମକୁ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ଅଭିଯୋଗ ଓ ସମସ୍ୟାର ସମାଧାନପ୍ରତିଗୁରୁତ୍ୱ ଦେଇ ପଦକ୍ଷେପ ନେଉଛନ୍ତି। ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ମାଧ୍ୟମରେ ଲୋକଙ୍କ ଦୀର୍ଘ ସମସ୍ୟାର ସମାଧାନ ହୋଇପାରୁଛି ଏବଂ ଲୋକେ ନ୍ୟାୟ ପାଇପାରୁଛନ୍ତି। ଏଥିଯୋଗୁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଉପରେ ଜନସାଧାରଣଙ୍କ ଆସ୍ଥା ଓ ଆଗ୍ରହ ବଢ଼ିଛି।




# ନରେନ୍ଦ୍ରପୁରରେ ଅଗ୍ନିକାଣ୍ଡ: ୨୬ ବଖରା ଜଳିଗଲା


ଅଗ୍ନିକାଣ୍ଡସ୍ଥଳରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଆଲୋଚନା କରୁଛନ୍ତି।

ତିହିଡ଼ି,୫।୧(ସଞ୍ଜିତ ବଳ)

## ୮ ଗୋରୁ, ୫ ଛେଳି ଜୀବନ୍ତ ଦଗ୍ଧ

ଭଦ୍ରକ ଜିଲା ତିହିଡ଼ି ତହସିଲ ପୀରହାଟ ଥାନା ଅଧୀନ ନରେନ୍ଦ୍ରପୁର ପଞ୍ଚାୟତ ଛତ୍ରପଦା ଗ୍ରାମର ପଣ୍ଡିତସାହିରେ ରବିବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨୬ ବଖରା ଘର ଜଳିଯାଇଥିବା ବେଳେ ୮ ଗୋରୁ ଓ ୫ ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି।

ଗ୍ରାମର ଦାଶରଥି ନାୟକ, ଚକ୍ରଧର ନାୟକ, ଗୁଣନିଧି ନାୟକ, ସନାତନ ନାୟକ, ସୁଧାକର ନାୟକ ଓ ରାଧେଶ୍ୟାମ ନାୟକଙ୍କ ଘର ମୋଟ ୬ ପରିବାରର ୧୬ ବଖରା ଘର ସହ ୧୦ ବଖରା ଗୁହାଳ ଜଳିଯାଇଛି। ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ଲୋକେ ପାଖକୁ ଯାଇ ଲିଭାଇବା ସମ୍ଭବ ହୋଇ ନ ଥିଲା। ସମସ୍ତଙ୍କ ଘରେ ଥିବା ଧାନ ଚାଉଳ ସହ ସବୁ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଗଦି ବଜାରରୁ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ। ଖବର ପାଇ ଏମ୍‌ପି ଅଭିମନ୍ୟୁ ସେଠୀ ଓ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଅଗ୍ନିବିପନ୍ନ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଅଗ୍ନିବିପନ୍ନ ପରିବାରଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ରାଜସ୍ୱ ନିରୀକ୍ଷକ ନୀହାର ରଞ୍ଜନ ଦାସ ଓ ସୁପରଭାଇଜର ଚନ୍ଦନ କୁମାର ମହାନ୍ତି ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି।



# ଶିକ୍ଷିତ ଦେଶବିରୋଧୀ

ଶିକ୍ଷିତ ଲୋକେ ବହୁସଂଖ୍ୟାରେ ସମାଜବିରୋଧୀ କାର୍ଯ୍ୟରେ ସାମିଲ ହେବା ଏକ ବିପଜ୍ଜନକ ଧାରା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନିକଟରେ ବିବୃତି ଦେବା ଅନେକଙ୍କୁ ବ୍ୟଥିତ କରିବା କଥା। ରାଜସ୍ଥାନର ଉଦୟପୁରସ୍ଥିତ ଭୁପାଲ ନୋବେଲ ୟୁନିଭର୍ସିଟିର ୧୦୪ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ସେ ଶିକ୍ଷିତଙ୍କ ପାଇଁ ଦେଶରେ ହ୍ୱାଇଟ କଲାର ଆତଙ୍କବାଦ ମୁଣ୍ଡ ଟେକିଛି ବୋଲି କହିବା ବେଳେ ୨୦୨୫ ନଭେମ୍ବର ୧୦ରେ ଦିଲ୍ଲୀର ଲାଲକିଲ୍ଲାରେ କାର୍ ବୋମା ବିସ୍ଫୋରଣରେ ଡାକ୍ତରଙ୍କ ସମ୍ପୃକ୍ତି ଥିବା ବିଷୟକୁ ସମ୍ଭବତଃ ଇଙ୍ଗିତ କରିଛନ୍ତି। ଆତଙ୍କବାଦ ସହିତ ଡାକ୍ତର ଜଡ଼ିତ ହେବା ନିଶ୍ଚିତ ନିନ୍ଦନୀୟ। କିନ୍ତୁ ତାହାକୁ ନେଇ ସମଗ୍ର ଶିକ୍ଷିତ ସମାଜକୁ ଗୋଟିଏ ଚଷମାରେ ଦେଖାଯିବା ଉଚିତ ନୁହେଁ। ପୂର୍ବରୁ ଆଜିକାର ଶାସକ ଦଳ ଶିକ୍ଷିତ ସହରବାସିନ୍ଦାଙ୍କୁ 'ଅର୍ବାନ ନକ୍ସଲ' ଆଖ୍ୟା ଦେଇ ସମାଲୋଚନା କରିଆସୁଥିଲେ। ସମ୍ଭବତଃ ବିଭିନ୍ନ କ୍ଷେତ୍ରରେ ଆଜିର ସରକାରଙ୍କ ନୀତି ବିଫଳ ହେବା ଯୋଗୁ ସେହି ଦୁଇ ଶବ୍ଦକୁ ଏବେ ବ୍ୟବହାର କରିବା ପରିବର୍ତ୍ତେ ସମଗ୍ର ଶିକ୍ଷିତ ସମାଜ ଉପରେ ଆକ୍ରମଣ ଆରମ୍ଭ କରାଯାଉଛି। ସମସ୍ତଙ୍କ ମନେଅଛି ଯେ, ପୂର୍ବରୁ ଯେତେବେଳେ କୌଣସି ଆକ୍ରମଣ ହେଉଥିଲା ସେତେବେଳେ ମୁସଲମାନ ସମ୍ପ୍ରଦାୟକୁ ଦୋଷ ଦେବା ସହିତ ପାକିସ୍ତାନର ମସୁଧାରେ ହୋଇଛି ବୋଲି କୁହାଯାଉଥିଲା। 'ଅପରେଶନ ସିନ୍ଦୂର' ଏବେ ବି ଚାଲୁରହିଛି ବୋଲି ରାଜନାଥ ସିଂ ଏବଂ ଅନ୍ୟ ବରିଷ୍ଠ ନେତାମାନେ ବାରମ୍ବାର ଦାବି କରିଆସୁଥିବା ବେଳେ ଗତବର୍ଷ ନଭେମ୍ବର ୧୦ରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ବିସ୍ଫୋରଣ ଘଟିଗଲା। ସେହି ବିସ୍ଫୋରଣ ଯେଉଁ ବିଫଳତା ଦର୍ଶାଇଲା ତାହା ଆଭ୍ୟନ୍ତରୀଣ ସୁରକ୍ଷା ଦାୟିତ୍ୱରେ ଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଦୁହିଁଙ୍କୁ ଇଙ୍ଗିତ କରୁଛି। ଏହି ବିସ୍ଫୋରଣ ପରେ ପାକିସ୍ତାନର ନାଁ ନେବାକୁ ଦିଲ୍ଲୀ ପୋଲିସ କିମ୍ବା ଭାରତୀୟ ଗୋଇନ୍ଦା ସଂସ୍ଥାର ସାହସ ପାଇଲା ନାହିଁ। ଏଭଳି ପ୍ରଚ୍ଛଦପଟରେ ଦେଖିବାକୁ ଗଲେ ପ୍ରତିରକ୍ଷା ମନ୍ତ୍ରୀଙ୍କ କହିବା ଅନୁଯାୟୀ ଶିକ୍ଷିତଙ୍କ ଅର୍ଥ ସ୍କୁଲ କିମ୍ବା କଲେଜରେ ପାଠ ପଢ଼ିଥିବା ଭାରତୀୟଙ୍କ ପରିବର୍ତ୍ତେ 'ଶିକ୍ଷିତ ସମାଜ'ର ଅର୍ଥ ହେଉଛି ଯେଉଁମାନେ ସରକାରଙ୍କ ବିଫଳତା ବୁଝି ବ୍ୟବସ୍ଥାକୁ ପ୍ରଶ୍ନ କରୁଛନ୍ତି। ଗଣତନ୍ତ୍ରରେ ଶିକ୍ଷିତ ସମାଜ ପ୍ରଶ୍ନ କରିବା ସ୍ୱାଭାବିକ। ଅନ୍ୟପଟେ ସମ୍ପୂର୍ଣ୍ଣ ଅଶିକ୍ଷିତ ତାଙ୍କର ମନର ଚାହିଦା ଅନୁଯାୟୀ ଭୋଟ ଦେଇଥାନ୍ତି। ତେବେ ମଧ୍ୟ-ଶିକ୍ଷିତ ହେଉଛନ୍ତି ସମାଜ ପାଇଁ ସବୁଠାରୁ ଅଧିକ କ୍ଷତିକାରକ। ସେହିମାନେ ପ୍ରଶ୍ନ କରିବାକୁ ଇଚ୍ଛାକରନ୍ତି ନାହିଁ କିମ୍ବା ଭୁଲ୍ ଦେଖିବାରେ ସମୟ ଦେବାକୁ ପ୍ରସ୍ତୁତ ହୁଅନ୍ତି ନାହିଁ। ସେହି ଗୋଷ୍ଠୀ ସମ୍ପୂର୍ଣ୍ଣ ଭାବେ ସ୍ୱାର୍ଥପର ହୋଇ ଦେଶର ମଙ୍ଗଳ ପରିବର୍ତ୍ତେ ନିଜର ସୁବିଧାକୁ ଦେଖିଥାନ୍ତି ଏବଂ ସ୍ରୋତ ସହିତ ବହିଯିବାକୁ ଆଗଭର ହୁଅନ୍ତି। ତେଣୁ ସେଭଳି ଶିକ୍ଷିତଙ୍କୁ ନେଇ ଭିଡ଼ କରିବା ସହଜ ହୋଇଥାଏ। ଯେଉଁମାନେ ବ୍ୟବସ୍ଥାକୁ ପ୍ରଶ୍ନ କରନ୍ତି, ସେମାନେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କରନ୍ତି।

**ଓଡ଼ିଆରେ ଢଗ ଅଛି-'ଚାଲି ନ ଜାଣି ବାଟର ଦୋଷ'। ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଓ ଗୋଇନ୍ଦା ବିଫଳତାକୁ ଦୋଷ ନ ଦେଇ ରାଜନାଥ ଶିକ୍ଷିତମାନେ ଦେଶ ବିରୋଧରେ କାର୍ଯ୍ୟ କରୁଛନ୍ତି ବୋଲି ସାର୍ବଜନୀନ ମନ୍ତବ୍ୟ ଦେବା ତାଙ୍କ ଦୁର୍ବଳତାକୁ ଦର୍ଶାଉଛି। ଜଣେ ବରିଷ୍ଠ ମନ୍ତ୍ରୀ, ଯିଏକି ଦେଶର ପ୍ରତିରକ୍ଷା ଦାୟିତ୍ୱରେ ଅଛନ୍ତି, ତାଙ୍କ ତୁଣ୍ଡରୁ ଯେତେବେଳେ ଶିକ୍ଷିତଙ୍କ ବିରୋଧରେ ବିବୃତି ବାହାରୁଛି; ସେତେବେଳେ ମନେହେଉଛି ଏବେ ଦେଶକୁ ଅଶିକ୍ଷିତ କରି ରଖିବାର ଉଦ୍ୟମ ଆରମ୍ଭ ହେଲା।**

ଆଶ୍ଚର୍ଯ୍ୟ ଲାଗେ, ଗତ ୧୧ ବର୍ଷର ଇତିହାସ ମଧ୍ୟରେ ଭାରତ ଭିତରେ କେତେ ପ୍ରକାରର ବିଭାଜନ ସୃଷ୍ଟି କରାଯିବାର ଚେଷ୍ଟା କରାଗଲାଣି। ନିର୍ବାଚନବେଳେ ହିନ୍ଦୁ-ମୁସଲମାନ ବିଭାଜନ, ବିମୁଦ୍ରୀକରଣ ବେଳେ ଧନୀ-ଗରିବ ବିଭାଜନ, ଚାଷୀ ଆନ୍ଦୋଳନ ବେଳେ ଭାରତ-ଖଲିସ୍ତାନ ବିଭାଜନ, ହିନ୍ଦୀ-ଅଣହିନ୍ଦୀ ଭାଷୀଙ୍କ ମଧ୍ୟରେ ବିଭାଜନ, ନିର୍ବାଚନ ଦୂରରେ ଥିବାବେଳେ ଉଚ୍ଚ ଜାତି ଓ ନୀଚ ଜାତି ମଧ୍ୟରେ ବିଭାଜନ, ରାଜନୈତିକ ଦୃଷ୍ଟିକୋଣରୁ ସୁହାଉଥିବା ଗୋଷ୍ଠୀ ଦେଶପ୍ରେମୀ ଆଖ୍ୟା ପାଇଲାବେଳକୁ ବିରୋଧୀଙ୍କୁ ଦେଶଦ୍ରୋହୀ କହି ବିଭାଜନ, ଐତିହାସିକ ଦୃଷ୍ଟିକୋଣରୁ କୁହାଯାଉଛି ଭାରତରେ ପୂର୍ବରୁ ଯାହା କରାଯାଉଥିଲା ତାହା ଥିଲା ତ୍ରୁଟିପୂର୍ଣ୍ଣ ଏବଂ ୨୦୧୪ ପରେ କେବଳ ଦେଶ ହିତକାରୀ ହେଉଛି ବୋଲି କୁହାଯାଇ ସେଥିରେ ମଧ୍ୟ ବିଭାଜନ; ଏହିଭଳି ଆହୁରି ଅନେକ ବିଷୟକୁ ନେଇ ବିଭାଜନ ସୃଷ୍ଟି କରାଯାଉଥିବାବେଳେ ଏବେ ପ୍ରଶ୍ନ କରୁଥିବା ଶିକ୍ଷିତ ନାଗରିକଙ୍କୁ ହ୍ୱାଇଟ୍ କଲାର ଅତଙ୍କବାଦର ଆଖ୍ୟା ଦିଆଯିବାର ଅର୍ଥ ହେଉଛି ସେମାନଙ୍କ ବ୍ୟତୀତ ଅନ୍ୟମାନେ ସମସ୍ତେ ଦେଶପ୍ରେମୀ। ଏହା ଏକ ନୂଆ ବିଭାଜନ।

ଓଡ଼ିଆରେ ଢଗ ଅଛି-'ଚାଲି ନ ଜାଣି ବାଟର ଦୋଷ'। ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଓ ଗୋଇନ୍ଦା ବିଫଳତାକୁ ଦୋଷ ନ ଦେଇ ରାଜନାଥ ଶିକ୍ଷିତମାନେ ଦେଶ ବିରୋଧରେ କାର୍ଯ୍ୟ କରୁଛନ୍ତି ବୋଲି ସାର୍ବଜନୀନ ମନ୍ତବ୍ୟ ଦେବା ତାଙ୍କ ଦୁର୍ବଳତାକୁ ଦର୍ଶାଉଛି। ଜଣେ ବରିଷ୍ଠ ମନ୍ତ୍ରୀ, ଯିଏକି ଦେଶର ପ୍ରତିରକ୍ଷା ଦାୟିତ୍ୱରେ ଅଛନ୍ତି, ତାଙ୍କ ତୁଣ୍ଡରୁ ଯେତେବେଳେ ଶିକ୍ଷିତଙ୍କ ବିରୋଧରେ ବିବୃତି ବାହାରୁଛି; ସେତେବେଳେ ମନେହେଉଛି ଏବେ ଦେଶକୁ ଅଶିକ୍ଷିତ କରି ରଖିବାର ଉଦ୍ୟମ ଆରମ୍ଭ ହେଲା।

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | 7 | 8 | 2 | | | |
| | | | 3 | | | | | |
| | | | | 6 | | 2 | 1 | |
| | 8 | | 2 | 3 | 7 | 9 | | |
| 4 | | | 9 | | | | 7 | |
| | 9 | | 1 | | | 8 | 3 | |
| | | | | | 3 | 7 | | |
| | 7 | | | | | | | |
| | 4 | 9 | | | | 1 | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 8 | 1 | 9 | 7 | 3 | 5 | 6 |
| 6 | 7 | 5 | 8 | 3 | 2 | 1 | 4 | 9 |
| 3 | 1 | 9 | 6 | 5 | 4 | 2 | 7 | 8 |
| 1 | 5 | 6 | 9 | 4 | 8 | 7 | 2 | 3 |
| 7 | 8 | 4 | 2 | 1 | 3 | 6 | 9 | 5 |
| 2 | 9 | 3 | 7 | 6 | 5 | 8 | 1 | 4 |
| 5 | 3 | 7 | 4 | 2 | 6 | 9 | 8 | 1 |
| 9 | 4 | 2 | 3 | 8 | 1 | 5 | 6 | 7 |
| 8 | 6 | 1 | 5 | 7 | 9 | 4 | 3 | 2 |

ଗତକାଲିର ଉତ୍ତର

# ଗଣତନ୍ତ୍ରରେ ରାଜୁଡ଼ା ଗନ୍ଧ



ସହଦେବ ସାହୁ

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଖାଇଦେଲେଣି ଯେ ନିର୍ବାଚନରେ ଜିତିବା ରାଜ୍ୟ ଜୟ ସହ ସମାନ। ଆଗକାଳରେ ରାଜାମାନେ କୌଣସି ଅଞ୍ଚଳ ଅଧିକାର କଲେ ସେଠାକାର ଭାଷା ସଂସ୍କୃତି ଓ ନାମ ଧାମ ବଦଳାଇ ଦିଅନ୍ତି, ରାଜାଙ୍କ ମର୍ଜି ବାଟରେ ଆଇନ ଯାଏ, ସିଭିଲ ସର୍ଭିସ୍ ପଲିଟିକାଲ୍ ସର୍ଭିସ୍ ହୋଇଯାଏ, ଅନୁଗତମାନଙ୍କ ପୋଷାକର ରୂପ ଓ ରାଜ୍ୟର ସମ୍ପତ୍ତିର ରଙ୍ଗ ବଦଳେ। କିନ୍ତୁ ଗଣତନ୍ତ୍ରରେ ଯେଉଁ ରାଜନୈତିକ ଦଳ ସରକାର ଗଢ଼େ, ତାହାର ମୁଖ୍ୟ ଆଗକାଳର ରାଜାଙ୍କ ଭଳି ବ୍ୟବହାର କଲେଣି, ଆଇନ କେଉଁ ବାଟରେ ଯିବ ତାହା ସେ ନିର୍ଦ୍ଦେଶ ଦେଲେଣି, ବିଧାନସଭାରେ ତାଙ୍କର ସଂଖ୍ୟାଗରିଷ୍ଠ ଦଳ ସେହିପରି ଆଇନ ତିଆରି କରୁଛି, ତାଙ୍କ ଇସାରାରେ କେତେ ଦିନ ଅଧିବେଶନ ହେବ ତାହା ବାଚସ୍ପତି ମାନିନେଉଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକାରେ ୨୦୨୪ର ରାଷ୍ଟ୍ରପତି ନିର୍ବାଚନରେ ଜିତିଥିବା ରିପବ୍ଲିକାନ୍ ଦଳର ଡୋନାଲ୍ଡ ଟ୍ରମ୍ପ ସେଇୟା କରୁଛନ୍ତି। ଅଖାଡୁଆ ରାଜନୀତି ଚଳାଇଛନ୍ତି ଏବଂ ତାଙ୍କ ପରେ କ'ଣ ହେବ ତାହା ଭାବୁନାହାନ୍ତି । ସମ୍ବିଧାନ ଆର୍ଟିକଲ୍ ୨ କହୁଛି: The executive-Power shall be vested in a President of the United States of America.। ଜୁଡିସିଆରିର ରାୟକୁ ଓ ଲେଜିସ୍‌ଲେଚର ଆଇନକୁ ଏକ୍‌ଜିକ୍ୟୁଟିଭ୍ ହିଁ କାର୍ଯ୍ୟକାରୀ କରେ! ତେଣୁ ଟ୍ରମ୍ପଙ୍କ ଆଖିରେ ଗଣତନ୍ତ୍ରର ଅନ୍ୟ ଦୁଇଟି ଅଙ୍ଗ ଅଥର୍ବ ଏବଂ ସେ ସମ୍ରାଟ । ସେ ଇଂଲିଶ ଭାଷାକୁ ସରକାରୀ ଭାଷା କରିସାରିଲେଣି, ଇମିଗ୍ରାଣ୍ଟ(ଆପ୍ରବାସୀ)ଙ୍କୁ ତଡିବାରେ ଲାଗିଛନ୍ତି । ସିଭିଲ ସର୍ଭିସ୍‌କୁ ପଲିଟିକାଲ୍ ସର୍ଭିସ୍ (ଆଗର ସ୍ପଏଲ୍‌ସ ସିଷ୍ଟମ ଭଳି) କରିଲେଣି, ଅପସନ୍ଦ ଅଧିକାରୀମାନଙ୍କୁ ଛଟେଇ କରୁଛନ୍ତି, ନିଜ ଲୋକଙ୍କୁ ସେମାନଙ୍କ ସ୍ଥାନରେ ରଖୁଛନ୍ତି । ସବୁ ଯୋଜନାର ନାମରେ ନିଜ ନାଁ ଯୋଡୁଛନ୍ତି, ଏପରି କି ଯୁକ୍ତରାଷ୍ଟ୍ର ସମ୍ବିଧାନର ୨୫୦ ବାର୍ଷିକୀ ପାଳନର ସ୍ମାରକୀ ମୁଦ୍ରାରେ ଟ୍ରମ୍ପଙ୍କ ଛବି ରହିବ ଆଦେଶ ଦେଲେଣି ।

ଆମ ଦେଶରେ ବି ନିର୍ବାଚନ ପରେ ସରକାର ବଦଳିଲେ ପ୍ରଧାନମନ୍ତ୍ରୀ (ରାଜ୍ୟଗୁଡ଼ିକରେ ମୁଖ୍ୟମନ୍ତ୍ରୀ) ସିଭିଲ ସର୍ଭିସ୍ ଅଧିକାରୀମାନଙ୍କୁ ନିଜର ଇଚ୍ଛାନୁଯାୟୀ ବଦଳି କରୁଛନ୍ତି, ଛଟେଇ କରିବା କ୍ଷମତା ନ ଥିବାରୁ ଅପସନ୍ଦ ଅଧିକାରୀମାନଙ୍କୁ ନିମ୍ନତର କାମ ଦେଉଛନ୍ତି ବା ବିନା କାମରେ ବସେଇ ଦେଉଛନ୍ତି । କାରଣ ଆମ ସମ୍ବିଧାନକୁ ରାଜନୈତିକ ଦଳଗୁଡ଼ିକ ୧୯୭୬, ୧୯୮୫ ଓ ୨୦୦୩ରେ ଏପରି ସଂଶୋଧନ କରିଦେଇଛନ୍ତି: ବ୍ୟକ୍ତିବାଦ (ଡିକ୍ଟେଟରଶିପ୍) ବା ପରିବାରବାଦ (ରାଜୁଡ଼ା) ଉଧେଇଛି। ଆମ ସମ୍ବିଧାନରେ ଅଛି



ରାଷ୍ଟ୍ରପତିଙ୍କଠାରେ ଏକ୍‌ଜିକ୍ୟୁଟିଭ୍ ପାୱାର ଠୁଳ, (ଧାରା ୫୩) ୫୩ (୧) The executive power of the Union shall be vested in the President...କିନ୍ତୁ ସେ ଏକ ରବର ଷ୍ଟାମ୍ପ, ୧୯୭୬ର ୪୨ତମ ସମ୍ବିଧାନ ସଂଶୋଧନ ଆଇନ ଅନୁଯାୟୀ ପ୍ରେସିଡେଣ୍ଟ ପ୍ରଧାନମନ୍ତ୍ରୀ (ମନ୍ତ୍ରିମଣ୍ଡଳର ମୁଖ୍ୟ)ଙ୍କ ପରାମର୍ଶରେ କାମ କରିବାକୁ ବାଧ୍ୟ- ୭୪। There shall be a Council of Ministers with the Prime Minister at the head to aid and advise the President who shall, in the exercise of his functions, act in accordance with such advice ଆମେରିକାରେ ରାଷ୍ଟ୍ରପତି ଯାହା କରୁଛନ୍ତି ଆମ ଦେଶରେ ପ୍ରଧାନମନ୍ତ୍ରୀ ତାହା କରିପାରିବେ ।

ପ୍ରାଦେଶିକ ସ୍ଥଳରେ ମୁଖ୍ୟମନ୍ତ୍ରୀ ତାହା କରିପାରିବେ। ମନ୍ତ୍ରିମଣ୍ଡଳ ଗଠନ ହେଲା କ୍ଷଣି ପ୍ରଥମ କାମ ହେଉଛି ସିଭିଲ ସର୍ଭିସକୁ ପଲିଟିକାଲ ସର୍ଭିସ ଭଳି ଦେଖିବା - ଆଗ ସରକାରର ଲୋକ ହୋଇଥିବେ ବୋଲି ଯାହାକୁ ମନେକରିବେ ତାକୁ ଅବହେଳିତ ପଦବୀକୁ ପଠାଇବା ଓ ନିଜ ଦଳର ସମର୍ଥନରେ କାମ କରିବେ ବୋଲି ଭାବୁଥିବା କର୍ମଚାରୀମାନଙ୍କୁ ଭଲ ଭଲ ପଦପଦବୀରେ (ଅର୍ଥକରୀ ପଦବୀ କହିଲେ ଭଲ ହେବ) ଅବସ୍ଥାପିତ କରିବେ, ପୂର୍ବ ସରକାରର ଚିହ୍ନବର୍ଣ୍ଣ ଲିଭାଇବେ ଓ ରଙ୍ଗଢ଼ଙ୍ଗ ତଥା ନାମକରଣ ବଦଳାଇବେ, ସେପରି ଖର୍ଚ୍ଚକୁ ଅପବ୍ୟୟ ଭାବିବେ ନାହିଁ। ତାଙ୍କ କାମରେ ବାଡ଼ବତା ନାହିଁ। କିଛି ଅଖାଡୁଆ କରୁଛନ୍ତି ବୋଲି ଭାବୁନାହାନ୍ତି।

ଆମ ଦେଶରେ ସେବା ଯୋଗାଇବାକୁ କର୍ମଚାରୀ ନିଯୁକ୍ତ କରିବାର ପ୍ରାବଧାନ ((SERVICES UNDER THE UNION AND THE STATES)) ସମ୍ବିଧାନର ପାର୍ଟ ୧୪ରେ ଥିଲେ ବି ଠିକାରେ ନିଯୁକ୍ତି ଦେବା ପାରମ୍ପରିକ (ସନାତନୀ?) ହୋଇଗଲାଣି - କାରଣ ଠିକାଦାରିରେ ଉପୁରି ଅଛି । ଲୋକଦେଖାଣିଆ ବଡ଼ ବଡ଼ କମ୍ପାନୀକୁ ଠିକା ଦେଲେ ବି କମ୍ପାନୀଗୁଡ଼ିକ ଯେପରି କୁଜିନେତାମାନଙ୍କୁ ଉପ ଠିକା ଦିଅନ୍ତି ତାହା ଦେଖିବାକୁ ମିଳୁଛି। କମ୍ପାନୀଗୁଡ଼ିକ ବି ଖୁସ୍, କୁଜିନେତାମାନେ ସେମାନଙ୍କ ପ୍ରଭାବ ପକାଇ ସହଜରେ ସରକାରୀ ସ୍ତରରେ ବିଲ୍ ପାସ୍ କରାଇନେବେ। କାମ ଅଧାପନ୍ତରିଆ ହୋଇଥିଲେ ବି। ଡାକ୍ତରଖାନାରେ ଡାକ୍ତର ଅଭାବ, ବିଦ୍ୟାଳୟରେ ଶିକ୍ଷକ ଅଭାବ, ଏହାର ସମାଧାନ ନ କରି ବଡ଼ ବଡ଼ ଚିକିତ୍ସାଳୟ ଓ ଶିକ୍ଷାୟତନ କରି ଲୋକଙ୍କୁ ଆଗ ନିର୍ବାଚନ ଯାଏ ଭୁଆଁ ବୁଲେଇ ହେଉଛି। ସ୍ଥାନୀୟ ଅଧିକାରୀ ପ୍ରତି ଲୋକର ଆପତ୍ତି ୩ ଦିନ ଭିତରେ ଓ (ମନ୍ତ୍ରୀ ସମେତ) ରାଜ୍ୟସ୍ତରୀୟ ଅଧିକାରୀ ସର୍ବସାଧାରଣ ସମସ୍ୟା ବର୍ଷ ଭିତରେ ସମାଧାନ କରି ନ ପାରିଲେ ସେମାନଙ୍କୁ କାହିଁକି ଦଣ୍ଡମୁକ୍ତ ରଖାଯାଉଛି ତାହାର କାରଣ ଖୋଜିଲେ ଆମକୁ ପଲିଟିକ୍ସ ଜଳ ଜଳ ଦିଶିବ । ଗ୍ରିଭାନ୍ସ ସେଲ୍‌ରେ ଆଦେଶ ଦେଇଥିବା ଶାସନ-ମୁଖ୍ୟ ଯେତେବେଳେ କହିବେ ମୋ ଚିଟ୍ ଉପରେ ଅଫିସରମାନେ କାମ କରୁନାହାନ୍ତି ସେ ପରିସ୍ଥିତିକୁ ଆମେ କ'ଣ କହିବା ନାଚି ନ ଜାଣି ଅଗଣାର ଦୋଷ? ଗାଁ ଗଣ୍ଡାରେ ଏହାକୁ କହନ୍ତି ପଲିଟିକ୍ସ। ଖାଦ୍ୟ ପାନୀୟ ପରୀକ୍ଷା ନିରୀକ୍ଷା କରୁଥିବା ଫୁଡ୍ ଇନ୍ସପେକ୍ଟର, ଔଷଧ ଯାଞ୍ଚ କରୁଥିବା ଡ୍ରଗ୍ ଇନ୍ସପେକ୍ଟର, ଜଙ୍ଗଲ ଜଗୁଥିବା ଫରେଷ୍ଟର, ଜମି ଜଗୁଥିବା ରାଜସ୍ୱ କର୍ମଚାରୀ, ଖଣି ତନଖି କରୁଥିବା ମାଇନିଂ ଅଧିକାରୀ, ରାସ୍ତାଘାଟ ଓ ପୋଲ ଆଦି ତନଖି କରୁଥିବା ଛୋଟ ବଡ ଇଞ୍ଜିନିଅର, ଶିକ୍ଷାନୁଷ୍ଠାନରେ ଭଲ ନ ପଢ଼ାଇ ଘରୋଇ ଟିଉସନକୁ ଉତ୍ସାହିତ କରୁଥିବା ଶିକ୍ଷକ, ଏତଲା ଗ୍ରହଣ କରୁ ନ ଥିବା ଥାନାର ବାବୁମାନେ, ଏତଲା ରଖି ତନଖିରେ ହେଳା କରୁଥିବା ଥାନାର ବାବୁମାନେ, ଲୋକମାନଙ୍କ ଆପତ୍ତିକୁ ତିନି ଦିନ ଭିତରେ ସମାଧାନ କରୁ ନ ଥିବା କିରାଣି ଏବଂ କିରାଣିର ନୋଟ୍‌କୁ ଅନୁଶୀଳନ ନ କରି ସବୁବେଳେ ହଁ (ଆଜ୍ ପ୍ରପୋଜଡ୍) କରୁଥିବା ଅଫିସରମାନଙ୍କୁ ସାବାଡ଼୍ ନ କରିବା ତ ପଲିଟିକ୍ସ। ଲୋକ-ପ୍ରତିନିଧିତ୍ୱକୁ ଚାକିରି ମନେ କରୁଥିବା ଏବଂ ଉପୁରି ଆଶା କରୁଥିବା (ଅଫିସ ଅଫ୍ ପ୍ରଫିଟ୍‌କୁ ଅଫିସ ଅଫ୍ ପ୍ରଫିଟ୍ ନୁହେଁ ବୋଲି ସଂସଦରେ ଆଇନ ପାସ୍ କରାଇନେବା) ତ ପଲିଟିକ୍ସ। ନିର୍ବାଚନ ପୂର୍ବରୁ ନିଃସର୍ତ୍ତ ନଗଦ ପ୍ରଦାନ (unconditional cash transfers) ତ ଭୋଟ ଖରିଦ! ୨୬ ସେପ୍ଟେମ୍ବର ୨୦୨୫ରେ ପ୍ରଧାନମନ୍ତ୍ରୀ ୭୬ଲକ୍ଷ ବିହାରୀ ମହିଳାଙ୍କ ବ୍ୟାଙ୍କ ଖାତାକୁ ୧୦ ହଜାର ଟଙ୍କା ଲେଖାଏ ସିଧାସଳଖ ପୁଞ୍ଜି ପଠାଇଦେଲେ । ଭୁଲ୍‌ରେ କେତେଜଣ ପୁରୁଷଙ୍କୁ ଏପରି ରାଶି ଚାଲିଯାଇଛି ଜାଣି ବିଭାଗୀୟ ଅଧିକାରୀ ସେମାନଙ୍କୁ ଟଙ୍କା ଫେରାଇ ଦିଅ କହିଲାରୁ ସେମାନେ କହୁଛନ୍ତି ଆମ ଭୋଟ ଫେରାଇ ଦିଅ ଆମେ ଟଙ୍କା ଫେରାଇବୁ। ସିଧାସଳଖ ସେମାନେ କହୁଛନ୍ତି ଆମ ଭୋଟ କିଣିଛ । ଆମ ରାଜନୈତିକ ଦଳଗୁଡ଼ିକ ଗଣତନ୍ତ୍ରକୁ କେତେ ଫିକା କରିଦେଲେଣି ଆଉ ଆମେ ବୃହତ୍ ଗଣତନ୍ତ୍ର ବୋଲି ବାଉଳି ହେଉଛୁ!

-sahadevas@yahoo.com

# କିଏ ଓଡ଼ିଆ



ଡ.ସତ୍ୟ ନାରାୟଣ ମିଶ୍ର

ଓଡ଼ିଶାର ଭାଷା, ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ଇତିହାସ ସ୍ୱତନ୍ତ୍ର। ପ୍ରତ୍ୟେକ ରାଜ୍ୟର ଭାଷାକୁ ନେଇ ସେହି ରାଜ୍ୟର ଜାତୀୟତା ବା ରାଜ୍ୟର ପ୍ରାମାଣିକ ପରିଚୟ ହୋଇଥାଏ। ସେ ଦୃଷ୍ଟିରୁ ବିଚାର କଲେ ଅନେକ ପ୍ରଶ୍ନ ଆସେ ଓଡ଼ିଆ କିଏ ବା କିଏ ଓଡ଼ିଆ। ତେବେ ଏଥିରେ ଅନେକ ଯୁକ୍ତି ଉପସ୍ଥାପନ କରାଯାଇ ପାରେ ଯଥା: ୧- ବ୍ୟକ୍ତିର ଜନ୍ମ ଓଡ଼ିଶାରେ ହୋଇଥାଏ ଓ ଭାଷା ଅନ୍ୟ ଭାଷାରେ କରିଥାଏ, ୨- ଜନ୍ମ ଓଡ଼ିଶାରେ ଭାଷା ଓଡ଼ିଆରେ, ୩- ଜନ୍ମ ଓଡ଼ିଶାରେ, ଭାଷା ଓଡ଼ିଆରେ ଜାଣି ମଧ୍ୟ ଅନ୍ୟ ଭାଷାରେ ବାର୍ତ୍ତାଳାପ କରିଥାନ୍ତି, ୪- ଜନ୍ମ ଓଡ଼ିଶା ବାହାରେ, ଭାଷା ଅନ୍ୟ ଭାଷାରେ ମାତ୍ର କାର୍ଯ୍ୟ ଓଡ଼ିଶାରେ, ୫- ଜନ୍ମ ଓଡ଼ିଶାରେ, ଭାଷା ଓଡ଼ିଆ ସହିତ ଅନ୍ୟ ଭାଷାରେ ମାତ୍ର ଓଡ଼ିଆ ପାଇଁ କାମ ବିଦେଶରେ। ଓଡ଼ିଆ ସମାଜ ବା ଜାତିର ମୁକ୍ତି ସଂଗ୍ରାମ ଆନ୍ଦୋଳନ ସାଧୀନତା ପୂର୍ବରୁ ଓ ପରେ। ଓଡ଼ିଆ ଧର୍ମ, ସଂସ୍କୃତି, ପରମ୍ପରା, ଖାଦ୍ୟ, ପୋଷାକ ଆଦି ଆଦରକୁ ନେଇ ଓଡ଼ିଶା ବାହାରେ ପରିଚୟ, ୬- ଅନ୍ୟ ରାଜ୍ୟର ବ୍ୟକ୍ତି ଓଡ଼ିଆ ଝିଅ ବା ପୁଅ ବିବାହ ଦ୍ୱାରା, ୭- ଅଧ୍ୟୟନ ପାଇଁ ଅନ୍ୟ ରାଜ୍ୟରୁ ଓଡ଼ିଶାରେ ଦୀର୍ଘଦିନ ଧରି ବସତି ସ୍ଥାପନ ଓ ଓଡ଼ିଶାର ରୀତି ନୀତି ସହିତ ସମ୍ପୃକ୍ତି , ୮- କର୍ମ ସଂସ୍ଥାନ ପାଇଁ ଅନ୍ୟ ରାଜ୍ୟରୁ ଓଡ଼ିଶାରେ ବସତି ବା ଓଡ଼ିଶାରେ କର୍ମସଂସ୍ଥାନ ପାଇଁ ଓଡ଼ିଆ ଶିକ୍ଷାର ବାଧ୍ୟତା। ଏସବୁ ଦୃଷ୍ଟିକୋଣକୁ ବିଚାର କଲେ ଅନେକ ଦ୍ୱନ୍ଦ୍ୱ ଓ ନିର୍ଣ୍ଣୟରେ ଉପନୀତ ହେବାକୁ ପଡ଼ିଥାଏ ଯେ ସିଏ ହେଉଛି ଓଡ଼ିଆ, ଯିଏ ଓଡ଼ିଆକୁ ଭଲ ପାଏ ଓ ଓଡ଼ିଶାର ହିତ ତଥା ସଂସ୍କୃତି ପରମ୍ପରା ଆଦିକୁ ସମ୍ମାନ ଦିଏ।

ଓଡ଼ିଶା ମଧ୍ୟରେ ଅନେକ ବ୍ୟକ୍ତି ଜନ୍ମ ହୋଇ ଓଡ଼ିଆ କହନ୍ତି ନାହିଁ, କେବଳ ଓଡ଼ିଶାର ପରିଚୟ ନେଇ ବା କେତେବେଳେ ଓଡ଼ିଶାର ପରିଚୟ ନ ନେଇ ଜୀବନ ଅତିବାହିତ କରିଥାନ୍ତି। ଅନ୍ୟପକ୍ଷରେ ଅନେକେ ଓଡ଼ିଶା ବାହାରର ବ୍ୟକ୍ତି ଓଡ଼ିଶାରେ ଜନ୍ମ ନ ହୋଇ ବା ଭାରତ ବାହାରେ ଜନ୍ମ ହୋଇ ଓଡ଼ିଶା ପ୍ରତି ବା ଓଡ଼ିଆ ଜାତି ପ୍ରତି ସେମାନଙ୍କ ଅବଦାନ ରହିଛି। ଅନସୂୟା ପ୍ରସାଦ ପାଠକ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ପାଇଁ ଓଡ଼ିଶାରେ ଅନେକ କାର୍ଯ୍ୟ କରିଛନ୍ତି ତଥା ଭାଷାର ଉନ୍ନତି ପାଇଁ ତାଙ୍କର ଯଥେଷ୍ଟ ଯୋଗଦାନ ରହିଛି, ଯାହା ସୃଷ୍ଟି କରିଥିଲା ଐକ୍ୟତା। ପ୍ରେମଚାନ୍ଦ ହିନ୍ଦୀ ଭାଷାର ବ୍ୟକ୍ତି ହୋଇ ମଧ୍ୟ ଓଡ଼ିଆର ଅନେକ ପୁସ୍ତକ ସୃଷ୍ଟି କରିଛନ୍ତି। ବାବୁଲାଲ ଯୋଶୀ ଯିଏ କଳା ବିକାଶ କେନ୍ଦ୍ର ପ୍ରତିଷ୍ଠା, ଓଡ଼ିଆ ଚଳଚ୍ଚିତ୍ର, ଚିକିତ୍ସାଳୟ, ଶିକ୍ଷାନୁଷ୍ଠାନ ଆଦି କରି ଓଡ଼ିଆ ଜୀବନର ଧାରାକୁ ଆଦରି ନେଇଥିଲେ। ଜେବିଏସ ହାଲଡେନ ଭୁବନେଶ୍ୱରରେ ଜେନେଟିକ୍ସ ଓ ବାୟୋମେଟ୍ରି ଲାବରେଟୋରୀ ପ୍ରତିଷ୍ଠା କରିବା ତଥା ସ୍ଥାନୀୟ ଛାତ୍ରୀଛାତ୍ରଙ୍କୁ ନେଇ ପଶୁ ଓ ମାନବ ଜେନେଟିକ୍ସରେ ଗବେଷଣା କରିବା ହେଉଛି ତାଙ୍କର ବିଶେଷ କୃତି। ସେ ବୈଜ୍ଞାନିକ ଚିନ୍ତାଧାରାକୁ ମଧ୍ୟ ପ୍ରୋତ୍ସାହିତ କରିଥିଲେ, ସରଳ ଯୋଗାଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ ତଥା ସୀମିତ ସମ୍ବଳ ସତ୍ତ୍ୱେ ମୂଳ ପ୍ରକଳ୍ପଗୁଡ଼ିକୁ ଉତ୍ସାହିତ କରିଥିଲେ। ସମୟକ୍ରମେ ବିଜୁ ପଟ୍ଟନାୟକଙ୍କ ନିମନ୍ତ୍ରଣ କ୍ରମେ



ଓଡ଼ିଶାରେ ବିଜ୍ଞାନ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ଏକ ଦୃଷ୍ଟାନ୍ତ ଭାବେ ପ୍ରତିପାଦନ କରାଯାଏ। ଓଡ଼ିଶାର କଳା ପାଇଁ ଚାର୍ଲ୍ସ ଲୁଇସ ଫାବ୍ରିଙ୍କର ମୁଖ୍ୟ ଅବଦାନ ଥିଲା। ତାଙ୍କର ପୁସ୍ତକ 'ଆର୍ଟ ଅଫ୍ ଓଡ଼ିଶା', ଯାହା ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ ଅଞ୍ଚଳର କଳାତ୍ମକ ବିବର୍ତ୍ତନର ଏକ ବିସ୍ତୃତ, ବଂଶାନୁକ୍ରମିକ ବିବରଣୀ ପ୍ରଦାନ କରିଥାଏ ତଥା କଳା ଭଣ୍ଡାରକୁ ଉନ୍ମୋଚନ କରିଥିଲା ଓ ଏହାର ମନ୍ଦିର ସ୍ଥାପତ୍ୟକୁ ଉନ୍ମୋଚିତ କରିଥିଲା। ଓଡ଼ିଶାର ଶାସ୍ତ୍ରୀୟ ନୃତ୍ୟ ରୂପକୁ ପ୍ରୋତ୍ସାହିତ କରିବାରେ, ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ପାରମ୍ପରିକ କଳା ରୂପ ଭାବରେ ସ୍ୱୀକୃତି ଦେବା ଓ ଏହାର ବିକାଶକୁ ଉତ୍ସାହିତ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଦେଓକରନ ଝୁନ୍‌ଝୁନ୍‌ୱାଲା ଓଡ଼ିଶାର ବାରଙ୍ଗରେ ପ୍ରଥମ କାଚ କାରଖାନା ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ଯାହାକୁ ସେ ଦୁର୍ଗା କାଚ କାରଖାନା ନାମ ରଖିଥିଲେ। ଏହି କାରଖାନା ନିର୍ମାଣରେ ତାଙ୍କ ପରିବାରର ଉଦ୍ୟୋଗୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ଯାହା ଶେଷରେ ଓଡ଼ିଶା ଇଣ୍ଡଷ୍ଟ୍ରିଜରେ ପରିଣତ ହୋଇଥିଲା। ଉକ୍ତ ଅଞ୍ଚଳରେ ବିଭିନ୍ନ ଉତ୍ପାଦନ ୟୁନିଟକୁ ଅନ୍ତର୍ଭୁକ୍ତ କରୁଥିବା ବିବିଧ ଶିଳ୍ପ ସମ୍ମିଳନୀ ଆଦି ସୃଷ୍ଟି କରିବା ତାଙ୍କର ଉଦ୍ଦେଶ୍ୟ ଥିଲା, ଯାହା ଥିଲା ଓଡ଼ିଶାର ଉନ୍ନତି।

ଭାଷା ଏକ ସମାଜ ବା ଜାତିକୁ ବାନ୍ଧି ତାହାର ପରିଚୟ ସୃଷ୍ଟି କରେ। ସେ ଦୃଷ୍ଟିରୁ ବିଚାର କଲେ କେବଳ ଓଡ଼ିଶାର ଜନ୍ମିତ ବ୍ୟକ୍ତିଙ୍କୁ ଓଡ଼ିଆ କୁହାଯାଇପାରେ, ମାତ୍ର ଓଡ଼ିଶାରେ ଜନ୍ମିତ ବ୍ୟକ୍ତି ଓଡ଼ିଆ କହୁ ନ ଥିବା ବା ଓଡ଼ିଶା ପ୍ରତି କୌଣସି ଅବଦାନ ନ ଥିବା ବ୍ୟକ୍ତିଙ୍କୁ ଓଡ଼ିଆ କୁହାଯାଇପାରେ ନାହିଁ। ଜାତି ପ୍ରତି ଏକ ଭାବପ୍ରବଣତା ତଥା ଭାବାନୁବେଗର କ୍ରିୟା ଓ ପ୍ରତିକ୍ରିୟା। ଓଡ଼ିଶାରେ ଜନ୍ମ ହୋଇ ଓଡ଼ିଆ ଭାଷା ଓ ଓଡ଼ିଶା ପ୍ରତି ବୈମାତୃକ ଭାବ ବ୍ୟକ୍ତିଙ୍କୁ ଏ ସମାଜ ଓଡ଼ିଆ କହିପାରିବ ତ ? ମାତ୍ର ଓଡ଼ିଶାରେ ଜନ୍ମ ନ ହୋଇ ଓଡ଼ିଶା ପ୍ରତି ତ୍ୟାଗ ଓ ଅବଦାନ ଥିବା ବ୍ୟକ୍ତିଙ୍କୁ ସମାଜ ଓଡ଼ିଆ କହିବା ଆଦୌ ଅଯୌକ୍ତିକ ନୁହେଁ। ଜାତିପ୍ରୀତି ଦେଶପ୍ରୀତି ବ୍ୟକ୍ତି ପାଇଁ ସ୍ୱାର୍ଥ ରହିତ ହୋଇଥାଏ। ମାତ୍ର ଓଡ଼ିଆର ସଂଜ୍ଞାକୁ ବିସ୍ତାରିତ ଭାବେ ଚିତ୍ରଣ କଲେ ଜଣାଯାଏ ଯେ ଓଡ଼ିଆ ହେଉଛି ଓଡ଼ିଶାର ଅଧିବାସୀ ତଥା ଓଡ଼ିଶା ପ୍ରତି ସେମାନଙ୍କ ପରୋକ୍ଷ ଓ ପ୍ରତ୍ୟକ୍ଷ ଅବଦାନ ଓ ଯୋଗଦାନ। ଯଦି ମଣିଷର ଜାତିପ୍ରୀତି ଦେଶପ୍ରୀତି ନ ରହେ ତେବେ ସେ ସମାଜର ଅଲୋଡ଼ା ହୋଇଥାଏ। ଅତଏବ ମଣିଷ ଜୀବଦ୍ଦଶା ମଧ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ନେଇ ଜୀବନ ନିର୍ବାହ କରିବା ଉଚିତ, ଯେଉଁ ପରିଚୟରେ ମଣିଷ ବର୍ତ୍ତମାନରୁ ଇତିହାସ ହୋଇଥାଏ ଓ ଇତିହାସ ଚିରଦିନ ବ୍ୟକ୍ତିର କର୍ମ ଓ ଆଦର୍ଶକୁ ମନେ ରଖି ସେଥିପାଇଁ କୃତଜ୍ଞ ହୋଇଥାଏ। ତେଣୁ ଓଡ଼ିଆ ସିଏ ଯିଏ ଓଡ଼ିଶାରେ ଜନ୍ମ ହୋଇଥାଏ ବା ନ ହୋଇଥାଏ, ମାତ୍ର ଓଡ଼ିଶାକୁ ଭଲପାଏ ଓ ଓଡ଼ିଶାର ଧର୍ମ ସଂସ୍କୃତି, ଭାଷା, ପରମ୍ପରା ତଥା ବ୍ୟବହାରିକ ଦୃଷ୍ଟିକୋଣକୁ ସାଦରେ ଗ୍ରହଣ କରି ଓଡ଼ିଶାର ନୈତିକ ମୂଲ୍ୟବୋଧକୁ ସମ୍ମାନ ଦେଇଥାଏ। ଯିଏ ଓଡ଼ିଶାର ଉନ୍ନତି ପାଇଁ ନିଜର ସାମର୍ଥ୍ୟକୁ ଅଙ୍ଗୀକାରବଦ୍ଧ କରିଥାଏ, ସେ ହେଉଛି ଓଡ଼ିଆ।

**ସହାୟକ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର, ଭୁବନେଶ୍ୱର**
**ମୋ :୯୯୩୭୩୪୫୯୦୦**

## ପାଠକ ଶ୍ରେଷ୍ଠ ବିଚାରକ

### ବନ୍ୟଜନ୍ତୁଙ୍କ ଅଧିକାର ଓ ଆମ ଦାୟିତ୍ୱ

ମହାଶୟ,

'ବନ୍ୟଜନ୍ତୁଙ୍କ ଅଧିକାର' ଏବେ ଏକ ଚର୍ଚ୍ଚାର ବିଷୟ ହୋଇଛି। ବନ୍ୟଜନ୍ତୁମାନେ କେବଳ ପ୍ରକୃତିର ଶୋଭା ନୁହନ୍ତି, ସେମାନେ ପରିସ୍ଥିତିକ ସମତୁଳନର ଅବିଭାଜ୍ୟ ଅଂଶ। ବନ୍ୟଜନ୍ତୁଙ୍କର ପ୍ରଥମ ଓ ମୂଳ ଅଧିକାର ହେଉଛି ନିଜ ବାସସ୍ଥାନରେ ସୁରକ୍ଷିତ ଭାବେ ବଞ୍ଚିବା। କିନ୍ତୁ ଅନିୟନ୍ତ୍ରିତ ଜଙ୍ଗଲ କ୍ଷୟ, ଖଣିଜ ଖନନ, ସହରୀକରଣ ଓ ଶିଳ୍ପ ଦ୍ୱାରା ଆଜି ସେହି ବାସସ୍ଥାନ ଧ୍ୱଂସ ହେଉଛି। ଫଳସ୍ୱରୂପ ବନ୍ୟଜନ୍ତୁ ଏବଂ ମଣିଷ ମଧ୍ୟରେ ସଂଘର୍ଷ ବଢ଼ୁଛି। ହାତୀଦାନ୍ତ, ବାଘଛାଲ, ଦୁର୍ଲଭ ପଶୁପକ୍ଷୀଙ୍କ ଅଙ୍ଗପ୍ରତ୍ୟଙ୍ଗ ପାଇଁ ଚାଲୁଥିବା ଅବୈଧ ବଜାର କେବଳ ଆଇନ ଭଙ୍ଗ ନୁହେଁ, ଏହା ମାନବୀୟ ନୀତିବୋଧର ମଧ୍ୟ ପତନ। ଭାରତରେ ବନ୍ୟଜନ୍ତୁ ସୁରକ୍ଷା ଆଇନ, ୧୯୭୨ ଭଳି କଠୋର ଆଇନ ଥିବା ସତ୍ତ୍ୱେ ମଧ୍ୟ, ଏହାର ଠିକ୍ କାର୍ଯ୍ୟାନ୍ୱୟନ ଏକ ବଡ଼ ଆହ୍ୱାନ। କେବଳ ଆଇନ ନୁହେଁ, ସାମାଜିକ ସଚେତନତା ଓ ସମ୍ବେଦନଶୀଳତା ହିଁ ବନ୍ୟଜନ୍ତୁ ଅଧିକାରକୁ ବାସ୍ତବ ରୂପ ଦେଇପାରିବ। ବନ୍ୟଜନ୍ତୁଙ୍କ ଅଧିକାର ସୁରକ୍ଷିତ ହେଲେ ହିଁ ପରିବେଶ ସୁରକ୍ଷିତ ରହିବ ଏବଂ ପରିବେଶ ସୁରକ୍ଷିତ ହେଲେ ମନୁଷ୍ୟର ଭବିଷ୍ୟତ ମଧ୍ୟ ସୁରକ୍ଷିତ ରହିବ।

**-ସିତାଂଶୁ ଶେଖର ମିଶ୍ର, ଶାନ୍ତି ନଗର, ସୋନପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ବେଆଇନ ଶିକାର ଯୋଗୁ ବହୁ ପ୍ରାଣୀଙ୍କ ଜୀବନ ଯାଉଛି। ଶିକାରୀଙ୍କୁ ରୋକିବା ପାଇଁ ବନବିଭାଗ ଅନେକ ପଦକ୍ଷେପ ନେଉଛନ୍ତି। ହେଲେ ବେସରକାରୀ ସ୍ତରରେ ପ୍ରାଣୀଙ୍କ ଜୀବନ ବଞ୍ଚାଉଛନ୍ତି ମହାରାଷ୍ଟ୍ର ୱାର୍ଦ୍ଧାର ଏକ ଟିମ୍। ଏହି ଟିମ୍ ଆହତ ବାଘ, ବିଲୁପ୍ତି ପଥରେ ଥିବା ବିଭିନ୍ନ ପକ୍ଷୀ, ବଜ୍ରକାପ୍ତା, ସ୍ଲଥ ବିୟର, ହରିଣ, କୁକୁରା, ମାଙ୍କଡ଼ ଇତ୍ୟାଦି ବନ୍ୟଜୀବଙ୍କୁ ଉଦ୍ଧାର କରି ୱାର୍ଦ୍ଧା ସ୍ଥିତ ପିଏଫ୍‌ଏ ୱାଇଲ୍ଡ ଲାଇଫ ରେସ୍କ୍ୟୁ ଆଣ୍ଡ ରିହାବିଲିଟେଶନ ସେଣ୍ଟରରେ ସେମାନଙ୍କ ଚିକିତ୍ସା କରୁଛନ୍ତି। ୨୫ ଏକର ଜମି ପରିମିତ ଏହି ସେଣ୍ଟର ଆଶିଷ ଗୋସ୍ୱାମୀଙ୍କ ତତ୍ତ୍ୱାବଧାନରେ ଚାଲୁଛି। ଏଯାବତ୍ ଏହି ଟିମ୍ ୪୦,୦୦୦ ବନ୍ୟପ୍ରାଣୀଙ୍କୁ ଉଦ୍ଧାର କରି ଚିକିତ୍ସା ଯୋଗାଇ ଦେଇସାରିଲେଣି। ଫଳରେ ଅନେକ ଆହତ ପ୍ରାଣୀଙ୍କ ଜୀବନ ବଞ୍ଚିଯାଉଛି। ମୋଟରେ ୯ଟି ଟିମ୍ ଏହି କାର୍ଯ୍ୟରେ ଲାଗିଛନ୍ତି। ପ୍ରତ୍ୟେକରେ ୫ ଜଣ ଜଙ୍ଗଲ ଅଧିକାରୀ ମଧ୍ୟ ରହିଛନ୍ତି। ଏହି କାର୍ଯ୍ୟରେ ମହାରାଷ୍ଟ୍ର ଜଙ୍ଗଲ ବିଭାଗ ସହଯୋଗ କରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୬ ଜାନୁଆରୀ ୧୯୭୭

- ଦୁଇଟି ଓଡ଼ିଆ କଥାଚିତ୍ର ବିଦେଶରେ ପ୍ରଦର୍ଶନ ବା ରପ୍ତାନି କରାଯିବା ଉଦ୍ଦେଶ୍ୟରେ ପ୍ରଥମ କରି ଚଳଚ୍ଚିତ୍ର ବଜାରରେ ପ୍ରବେଶ କରିବାକୁ ସମର୍ଥ ହୋଇଛି।
- ନୈନିତାଲ ଓ ବରେଲି ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ହୀରବଲ୍ଲଭ ଦୁଇଜଣ ସ୍ୱାଧୀନ ପ୍ରାର୍ଥୀଙ୍କୁ ପରାଜିତ କରି ନିର୍ବାଚିତ।
- ଭୂମଧ୍ୟ ସାଗରର ଗଭୀର ଜଳ ମଧ୍ୟରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଏକ ବୁଡ଼ାଜାହାଜ ଉଦ୍ଧାର କରାଯାଇଛି।

## ଚିରନ୍ତନୀ

ଦେଖତ୍ୟାଅ ରୂପ କବି,
ଦୂର ପାଟେ ବୁଡ଼େ ରବି-
ଶରତର ଆଜି ସୁନା ଆକାଶ
ଅନ୍ତରେ ଲଭୁ ତୋର ବିକାଶ ।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଅଳିଆ ଦେବେ, ଟଙ୍କା ଗଣିବେ ରାଜଧାନୀବାସୀ

**ଭୁବନେଶ୍ୱର, ୫।୧ (ବନ୍ଦନା ସେଠୀ)**

ନୂଆବର୍ଷରେ ସହରବାସୀଙ୍କ ଉପରେ ୟୁଜର୍ ଫି ବୋଝ ଲଦିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ଏଣିକି ଅଳିଆ ଦେବେ, ଟଙ୍କା ଗଣିବେ ରାଜଧାନୀବାସୀ। ଆବାସିକ ଘର, ଦୋକାନ, ହୋଟେଲ, ଗେଷ୍ଟହାଉସ୍, ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ଶପିଂ ମଲ୍, ହାଟ, ହେଲ୍‌ଥ କେୟାର ୟୁନିଟ୍, ବିୟୁଟି ପାର୍ଲର, ସ୍ପା, ବିବାହ ମଣ୍ଡପ, କଲ୍ୟାଣ ମଣ୍ଡପ, ଭେଣ୍ଡିଂଜୋନ୍ ବ୍ୟବସାୟୀ, ଢାବା, ମଦ ଦୋକାନ, ମିଠା ଦୋକାନ, କଫି ଶପ୍, ପ୍ରିଣ୍ଟିଂ ପ୍ରେସ୍, ଇଣ୍ଡଷ୍ଟ୍ରିଜ୍, ପେଟ୍ରୋଲ ପମ୍ପ ଆଦିରୁ ଅଳିଆ ଉଠାଇବାକୁ ମାସିକ ୟୁଜର୍ସ ଫି ଆଦାୟ କରିବ ବିଏମ୍‌ସି। ସବୁ ବର୍ଗ ପାଇଁ ଅଲଗା ଫି ଦର ଧାର୍ଯ୍ୟ ହୋଇଛି। ଫି ତାଲିକା ପ୍ରକାଶ କରାଯିବା ସହ ୨୦୧୮ ବାଇ ଲ' ଅନୁଯାୟୀ ଫି ଆଦାୟ ଆରମ୍ଭ ହୋଇଛି। ଏନେଇ 'ସଫା' ଆପ୍ ଏବଂ ହ୍ୱାଟ୍‌ସଆପ୍ ନଂ. ୭୬୫୩୦୧୧୮୩୨ ମାଧ୍ୟମରେ ଲୋକମାନେ ଅଧିକ ସୂଚନା ପାଇପାରିବେ ବୋଲି ସୋମବାର ବିଏମ୍‌ସି ମୁଖ୍ୟାଳୟରେ ଆୟୋଜିତ



ଖବରଦାତା ସମ୍ମିଳନୀରେ ମେୟର ସୁଲୋଚନା ଦାସଙ୍କ ସହ ବିଏମ୍‌ସି ଅଧିକାରୀମାନେ ୟୁଜର୍ସ ଫି' ନେଇ ସୂଚନା ଦେଉଛନ୍ତି।

**ୟୁଜର୍ ଫି' ବୋଝ ଲଦିଲା ବିଏମ୍‌ସି**
- ସ୍କୁଲରେ ୧୦୧ ଛାତ୍ରୀଛାତ୍ର ପଢୁଥିଲେ ମାସିକ ୩୦୦୦ ଟଙ୍କା
- ୫୦୦ ବର୍ଗଫୁଟର ଦୋକାନ ଘର ପାଇଁ ୫୦୦ ଟଙ୍କା

ଖବରଦାତା ସମ୍ମିଳନୀରେ ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି। ଏଥିସହ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୫-୨୬ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଉପଭୋକ୍ତା ଦେୟ (ୟୁଜର ଫି) ଦେବାକୁ ସେ ଅନୁରୋଧ କରିଛନ୍ତି। ଅଳିଆ ସଂଗ୍ରହ ପାଇଁ ବିଏମ୍‌ସିର କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ତେଣୁ ଏଥିରେ ସହରବାସୀଙ୍କ ସହଯୋଗ ଲୋଡ଼ିଛନ୍ତି ମେୟର।

ବିଏମ୍‌ସି ପକ୍ଷରୁ ଧାର୍ଯ୍ୟ ହୋଇଥିବା ଫି ଅନୁଯାୟୀ, ଇଡବ୍ଲୁଏସ୍/ଏଲ୍‌ଆଇଜି ବର୍ଗ (୮୦ବର୍ଗ ମି. କ୍ଷେତ୍ର) ପାଇଁ ମାସକୁ ୫୦ ଟଙ୍କା ଧାର୍ଯ୍ୟ ହୋଇଛି। ସେହିଭଳି ଏମ୍‌ଆଇଜି ବର୍ଗ (୮୦ ବର୍ଗ ମି.ରୁ ୧୨୦ବର୍ଗ ମି.) ପାଇଁ ୭୫ ଟଙ୍କା ଏବଂ ଏଚ୍‌ଆଇଜି ବର୍ଗ ପାଇଁ ୧୨୫ଟଙ୍କା ୟୁଜର ଫି ରଖାଯାଇଛି। ଆର୍‌ଏୱାଇ ଓ ପିଏମ୍‌ଏୱାଇ ଯୋଜନାରେ ମିଳିଥିବା ଘର ପାଇଁ ୨୦ଟଙ୍କା ଏବଂ ଅନ୍ୟାନ୍ୟ ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କଠାରୁ ବର୍ଗଫୁଟକୁ ୫୦ ପଇସା ପର୍ଯ୍ୟନ୍ତ ଦେବାକୁ ପଡିବ। ସେହିପରି ଘରୋଇ ଶିକ୍ଷାନୁଷ୍ଠାନ ୧୦୦ ଛାତ୍ରୀଛାତ୍ର ପର୍ଯ୍ୟନ୍ତ ୧୦୦୦ଟଙ୍କା, ୧୦୧ରୁ ୫୦୦ ଛାତ୍ରୀଛାତ୍ର ଥିଲେ ୩୦୦୦ଟଙ୍କା ଏବଂ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଥିଲେ ପ୍ରାୟ ୪୦୦୦ ଟଙ୍କା ଫି ଧାର୍ଯ୍ୟ କରାଯାଇଛି। ମହାନଗର ନିଗମ ଅଧୀନରେ ଥିବା ବିଭିନ୍ନ ହାଟରୁ ମଧ୍ୟ ୟୁଜର ଫି ଆଦାୟ ହେବ। ରାସ୍ତାକଡ଼ ଦୋକାନୀ ତଥା ଭେଣ୍ଡିଂ ଜୋନ୍ ବ୍ୟବସାୟୀଙ୍କ ପାଇଁ ୫୦ଟଙ୍କା ଅଥବା ଦୈନିକ ୨ଟଙ୍କା, ହାଟରେ ଥିବା ଦୋକାନ (୨ଶହ ବର୍ଗଫୁଟ ପର୍ଯ୍ୟନ୍ତ) ପାଇଁ ୧୦୦ ଟଙ୍କା, ୨୦୧ରୁ ୫୦୦ ବର୍ଗଫୁଟ ବିଶିଷ୍ଟ ଦୋକାନ ପାଇଁ ୨୫୦ଟଙ୍କା ଏବଂ ୫୦୦ ବର୍ଗଫୁଟରୁ ଅଧିକ ଦୋକାନ ଘର ପାଇଁ ୫୦୦ଟଙ୍କା ୟୁଜର୍ସ ଫି ଧାର୍ଯ୍ୟ କରାଯାଇଛି। ସେହିଭଳି ଏଥର ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱରକୁ ଦେଶର ଶ୍ରେଷ୍ଠ ସହର ଭାବେ ଗଢ଼ିତୋଳିବା ପାଇଁ ମେୟର ବିଏମ୍‌ସି ପକ୍ଷରୁ ଲୋକଙ୍କ ସହଯୋଗ କାମନା କରିଛନ୍ତି। ସ୍ୱଚ୍ଛ ପରିବେଶ ସହ ସ୍ୱଚ୍ଛ ବାୟୁ ଆମ ପାଇଁ ଅତ୍ୟନ୍ତ ଜରୁରୀ ହୋଇପଡିଛି। ସେଥିପାଇଁ ବିଏମ୍‌ସି ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନ୍‌ସିଏପି)ର ନିୟମ ଅନୁଯାୟୀ ବିଭିନ୍ନ ପଦକ୍ଷେପ ନେଉଛି। ଏହିକ୍ରମରେ ସ୍ୱଚ୍ଛସାଥୀମାନେ ନିଜ ୱାର୍ଡରୁ ୨୦୧୮ ମସିହାରେ ବିଏମ୍‌ସି ଦ୍ୱାରା ଧାର୍ଯ୍ୟ ୟୁଜର ଫି ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜାନୁଆରୀ ୧ରୁ ସହରବାସୀଙ୍କଠାରୁ ୟୁଜର ଫି ଆଦାୟ ଆରମ୍ଭ ହୋଇଥିବାବେଳେ ଏବେଠାରୁ ଫୁଲ୍ ଫେଜ୍‌ରେ ଆଦାୟ କରାଯିବ ବୋଲି ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି। ସମ୍ମିଳନୀରେ ଅତିରିକ୍ତ କମିଶନର ରତ୍ନାକର ସାହୁ, ରାଜସ୍ୱ ଡେପୁଟି କମିଶନର ଅଜୟ ମହାନ୍ତି ଏବଂ ପରିମଳ ଡେପୁଟି କମିଶନର ଏନ. ଗଣେଶ ବାବୁ ଉପସ୍ଥିତ ଥିଲେ।

# ବିକାଶର ବିକଳ ଚିତ୍ର ଉପସ୍ଥାପନ କରୁଛି ଅନୁଗୋଳ, ତାଳଚେର: ଉମାବଲ୍ଲଭ

**ଭୁବନେଶ୍ୱର, ୫।୧ (ସୁନିତ୍ ମିଶ୍ର)**

ଓଡ଼ିଶାର ଶିଳ୍ପ ସମୃଦ୍ଧ ଜିଲା ଅନୁଗୋଳ ଓ ତାଳଚେର ବର୍ତ୍ତମାନ ବିକାଶର ଏକ ବିକଳ ଚିତ୍ର ଉପସ୍ଥାପନ କରୁଛି। ରାଜ୍ୟ ରାଜସ୍ୱର ସିଂହଭାଗ ଯୋଗଦାନ ଦେଉଥିବା ଏହି ଅଞ୍ଚଳ ଏବେ ପ୍ରଦୂଷଣର ଏକ 'ଗ୍ୟାସ୍ ଚାମ୍ବର'ରେ ପରିଣତ ହୋଇଯାଇଛି। ତାଳଚେର ଦେଶର ସବୁଠାରୁ ପ୍ରଦୂଷିତ ସହର ଭାବେ ରେକର୍ଡ କରିଛି, ଯେଉଁଠାରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ସ୍ତର ୩୮୦ ଅତିକ୍ରମ କରିସାରିଲାଣି। କିନ୍ତୁ ଦୁର୍ଭାଗ୍ୟଜନକ ବିଷୟ ଏଠାରେ ନିୟମ କେବଳ ଲୋକଙ୍କ ଲାଗି ଉଦ୍ଦିଷ୍ଟ, ଯାହା ଶିଳ୍ପପତିମାନଙ୍କ ପାଇଁ ନୁହେଁ ବୋଲି ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଉମାବଲ୍ଲଭ ରଥ କହିଛନ୍ତି।

ଉମାବଲ୍ଲଭ କହିଛନ୍ତି, ପ୍ରଦୂଷଣର ମୁଖ୍ୟ କାରଣ କମ୍ପାନୀଗୁଡ଼ିକର ଦାୟିତ୍ୱହୀନତା। ତାଳଚେର ଅଞ୍ଚଳରେ ମୁଖ୍ୟତଃ ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଓ ଏନ୍‌ଟିପିସି ଭଳି ସରକାରୀ ସଂସ୍ଥା ଏବଂ ନାଲ୍‌କୋ, ଜିନ୍ଦଲ, ଭୂଷଣ(ଟାଟା ଷ୍ଟିଲ୍) ଭଳି ବୃହତ ଶିଳ୍ପ ଅଞ୍ଚଳର ବାୟୁ ଏବଂ ଜଳକୁ ବିଷାକ୍ତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ବିଡ଼ମ୍ବନାର ବିଷୟ ହେଉଛି, ଏହି ପବ୍ଲିକ୍ ସେକ୍ଟର କମ୍ପାନୀଗୁଡ଼ିକ ନିଜ ଦାୟିତ୍ୱରୁ ଖସିଯାଉଛନ୍ତି। ରାସ୍ତାରେ ନିୟମିତ ପାଣି ସିଞ୍ଚନ(ୱାଟର୍ ସ୍ପ୍ରିଙ୍କଲିଂ) କରିବା ସେମାନଙ୍କ ପ୍ରାଥମିକ କର୍ତ୍ତବ୍ୟ ହୋଇଥିଲେ ମଧ୍ୟ ଏହା କେବଳ କାଗଜପତ୍ରରେ ସୀମିତ ରହୁଛି। ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ୍)ର ମୁଖ୍ୟ ଲକ୍ଷ୍ୟ ହେଉଛି ଖଣି ପ୍ରଭାବିତ ଅଞ୍ଚଳର ପରିବେଶ ଓ ଲୋକଙ୍କ ବିକାଶ। କିନ୍ତୁ ତାଳଚେର-ଅନୁଗୋଳରେ ଡିଏମ୍‌ଏଫ ପାଣ୍ଠିକୁ ବାୟୁ ଗୁଣବତ୍ତାର



ଉମାବଲ୍ଲଭ ରଥ

ସୁଧାର ପାଇଁ ବିନିଯୋଗ ନ କରି ଅନ୍ୟାନ୍ୟ ଅନାବଶ୍ୟକ କାର୍ଯ୍ୟରେ ଖର୍ଚ୍ଚ କରାଯାଉଛି। ଏହି ପାଣ୍ଠିର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ। ଜଣେ ବାଇକ୍ ଆରୋହୀ ହେଲମେଟ୍ ପିନ୍ଧି ନ ଥିଲେ କିମ୍ବା ପିୟୁସିସି ନ ଥିଲେ ତାଙ୍କ ଉପରେ ହଜାର ହଜାର ଟଙ୍କାର ଚାଲାଣ କଟାଯାଉଛି। କିନ୍ତୁ ଖୋଲାଖୋଲି ଭାବେ ପରିବେଶକୁ ଧ୍ୱଂସ କରୁଥିବା ଶହ ଶହ କୋଇଲା ଟ୍ରକ୍ ଏବଂ ଖଣି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ। ଯେପର୍ଯ୍ୟନ୍ତ ବାୟୁ ଗୁଣବତ୍ତା ସ୍ୱାସ୍ଥ୍ୟପ୍ରଦ ନ ହୋଇଛି ସେ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ଓ କଲେଜ ବନ୍ଦ ରଖିବା ପାଇଁ ସରକାର କାହିଁକି ନିଷ୍ପତ୍ତି ନେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ପିଲାଙ୍କ ଭବିଷ୍ୟତ କ'ଣ ଏହି କଳାଧୂଆଁ ଭିତରେ ଶେଷ ହୋଇଯିବ ବୋଲି ପଚାରିଛନ୍ତି। ସରକାର ଭାରିଯାନ ଚଳାଚଳ ପାଇଁ ତୁରନ୍ତ ସ୍ୱତନ୍ତ୍ର କୋଇଲା କରିଡର (ସ୍ପେଶାଲ କୋଲ୍ କରିଡର) ନିର୍ମାଣ କରାଯାଉ। ରାସ୍ତା ଓ ଜନବହୁଳ ଅଞ୍ଚଳରେ ପବ୍ଲିକ୍ ସେକ୍ଟର କମ୍ପାନୀଗୁଡ଼ିକ ଉଚ୍ଚ କ୍ଷମତାସମ୍ପନ୍ନ କୁହୁଡ଼ି ସୃଷ୍ଟିକାରୀ ଯନ୍ତ୍ର (ହାଇ ରେଞ୍ଜ ଫଗିଙ୍ଗ/ମିଷ୍ଟ ସିଷ୍ଟମ୍‌ସ) ବ୍ୟବହାର କରନ୍ତୁ। ବାୟୁର ମାନ ସୁଧାରିବା ପାଇଁ ଡିଏମ୍‌ଏଫ୍ ପାଣ୍ଠିର ଶତପ୍ରତିଶତ ଠିକ୍ ବିନିଯୋଗ ହେଉ। କୋଇଲା ପରିବହନ ପାଇଁ ରାସ୍ତା ବଦଳରେ ସ୍ୱୟଂଚାଳିତ ପରିବାହକ ପଟା (କନ୍‌ଭେୟର ବେଲ୍ଟସ) ବ୍ୟବହାର ବାଧ୍ୟତାମୂଳକ ହେଉ। ଅଞ୍ଚଳବାସୀଙ୍କ ଜୀବନ ସହ ଖେଳି ଶିଳ୍ପାୟନର କୌଣସି ମୂଲ୍ୟ ନାହିଁ। ଏମ୍‌ସିଏଲ୍ ଓ ଏନ୍‌ଟିପିସି ଭଳି ସଂସ୍ଥାଗୁଡ଼ିକ ସାମାଜିକ ଦାୟିତ୍ୱ(ସିଏସ୍‌ଆର୍) ତୁଲାଇବାରେ ବିଫଳ ହେଲେ ଲୋକେ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟହେବେ ବୋଲି ଉମାବଲ୍ଲଭ କହିଛନ୍ତି।

# ସ୍ୱାଭାବିକ ଜୀବନ ମୂଳଲକ୍ଷ୍ୟ



## ଆଜି ବିଶ୍ୱ ଯୁଦ୍ଧ ଅନାଥ ଦିବସ

ପ୍ରତିବର୍ଷ ଜାନୁଆରୀ ୬ରେ ପାଳନ ହୋଇଆସୁଛି ବିଶ୍ୱ ଯୁଦ୍ଧ ଅନାଥ ଦିବସ। ଯୁଦ୍ଧ ଏବଂ ସଂଘର୍ଷ ଯୋଗୁ ଅନାଥ ହୋଇଥିବା ପିଲାମାନେ କିପରି ସଂଘର୍ଷ କରୁଛନ୍ତି ଏ ବିଷୟରେ ସଚେତନତା ସୃଷ୍ଟି ଲାଗି ଏହି ଦିବସ ପାଳନ କରାଯାଉଛି। ଏହି ଦିବସରେ ମାତାପିତାଙ୍କ ସମର୍ଥନ ବିନା ବଢୁଥିବା ସମୟରେ ପିଲାମାନେ ସମ୍ମୁଖୀନ ହେଉଥିବା ଶାରୀରିକ, ସାମାଜିକ ଏବଂ ମାନସିକ ଆହ୍ୱାନଗୁଡ଼ିକୁ ସାମ୍ନାକୁ ଅଣାଯାଇଥାଏ। ଅନେକ ଅନ୍ତର୍ଜାତୀୟ ସଂଗଠନ, ସ୍ଥାନୀୟ ସରକାର ଏବଂ ସାମାଜିକ ଅନୁଷ୍ଠାନ ଏଭଳି ପିଲାମାନଙ୍କ ଉପରେ ଯୁଦ୍ଧର ଦୀର୍ଘକାଳୀନ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରନ୍ତି। ୧୯୯୪ରେ ବିଶ୍ୱ ଯୁଦ୍ଧ ଅନାଥ ଦିବସ ପାଳନ ଲାଗି ଫରାସୀ ସଂଗଠନ SOS Enfants en Dtresses ଦ୍ୱାରା ଏକ ପ୍ରସ୍ତାବ ଦିଆଯାଇଥିଲା। ୧୯୯୫ରେ ପ୍ରଥମ ଥର ପାଇଁ ବିଶ୍ୱ ଯୁଦ୍ଧ ଅନାଥ ଦିବସ ପାଳିତ ହୋଇଥିଲା। ତେବେ ୨୦୦୬ରେ ଜାନୁଆରୀ ୬କୁ ଉକ୍ତ ଦିବସ ପାଳନ ଲାଗି ଜାତିସଂଘ ଆନୁଷ୍ଠାନିକ ଭାବରେ ସ୍ୱୀକୃତି ଦେଇଥିଲା।

ଯୁଦ୍ଧ ଅନାଥ ପିଲାଙ୍କ ଜୀବନକୁ ସ୍ୱାଭାବିକ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଏଭଳି ଅନାଥ ପିଲାଙ୍କ ମଧ୍ୟରୁ ୯୫ ପ୍ରତିଶତଙ୍କ ବୟସ ୫ବର୍ଷରୁ ଅଧିକ। ତେବେ ବିକଶିତ ଦେଶରେ ଏହି ଅନାଥଙ୍କ ସଂଖ୍ୟା ଅପେକ୍ଷାକୃତ କମ୍ ରହିଛି। ଜାତିସଂଘ ରିପୋର୍ଟ ଅନୁସାରେ ୨୦୧୫ରେ ଯୁଦ୍ଧ ଅନାଥଙ୍କ ସଂଖ୍ୟା ପ୍ରାୟ ୧୪୦ ନିୟୁତ ଥିଲା। ସେଥିମଧ୍ୟରେ ଏସିଆରେ ୬୧ ନିୟୁତ, ଆଫ୍ରିକାରେ ୫୨ ନିୟୁତ, ଲାଟିନ୍ ଆମେରିକା ଏବଂ କାରିବିଆନ ଦେଶରେ ୧୦ ନିୟୁତ, ପୂର୍ବ ୟୁରୋପ ଏବଂ ମଧ୍ୟ ଏସିଆରେ ୭.୩ ନିୟୁତ ଯୁଦ୍ଧ ଅନାଥ ଥିଲେ। ୟୁନିସେଫ୍ ସୂଚନା ଅନୁଯାୟୀ, ୧୯୯୦ ଠାରୁ ଯୁଦ୍ଧ ଅନାଥ ପିଲାଙ୍କ ସଂଖ୍ୟା ବଢ଼ିଥିବାବେଳେ ୨୦୦୧ ଠାରୁ ଏହା ୦.୭ % ହାରରେ କମିବାରେ ଲାଗିଛି। ତେବେ ଏହି ଦିବସ ଅବସରରେ ପୃଥିବୀରେ ଯୁଦ୍ଧ ବିରୋଧରେ ସଚେତନତା ସୃଷ୍ଟି କରାଯାଇଥାଏ।

# ୧୮ ଘଣ୍ଟା ପରେ ମିଳିଲା ମୃତଦେହ

**ପିକ୍‌ନିକ୍ କରିବାକୁ ଆସି ଜଳପ୍ରପାତରେ ଭାସିଗଲେ**

**ପାରଳାଖେମୁଣ୍ଡି/ଆର.ଉଦୟଗିରି, ୫।୧ (ଗିରିଧାରୀ ପରିଚ୍ଛା/ ମନୋଜ ପାଢ଼ୀ)**

ମାଙ୍କଡ଼ଡିଆଁ ଜଳପ୍ରପାତକୁ ପିକ୍‌ନିକ୍ କରିବାକୁ ଆସି ଜଳପ୍ରପାତରେ ଭାସିଯାଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଉଛନ୍ତି ପାରଳାଖେମୁଣ୍ଡି ସହରସ୍ଥିତ ସେରିସାହିର କଲ୍ୟାଣୀ ସତୀଶ (୨୫)। ଜଳପ୍ରପାତରେ ଗାଧୋଉଥିବାବେଳେ ସେ ଭାସିଯାଇ ପାଣିରେ ବୁଡ଼ି ଯାଇଥିଲେ। ତେବେ ଦୀର୍ଘ ୧୮ ଘଣ୍ଟା ପରେ ଅଗ୍ନିଶମ କର୍ମଚାରୀମାନେ ଜଳପ୍ରପାତରୁ ତାଙ୍କ ମୃତଦେହ ଉଦ୍ଧାର କରିଛନ୍ତି।

ଖବରରୁ ଜଣାପଡିଛି, ପାରଳାଖେମୁଣ୍ଡିର କେତେଜଣ ଯୁବକ ଆର୍. ଉଦୟଗିରି ବ୍ଲକର ମାଙ୍କଡ଼ଡିଆଁ ଜଳପ୍ରପାତକୁ ରବିବାର ପିକ୍‌ନିକ୍ କରିବାକୁ ଯାଇଥିଲେ। ସେମାନଙ୍କ ସହ ସତୀଶ ଥିଲେ। ଅପରାହ୍ନରେ ଜଳପ୍ରପାତରେ ସତୀଶ ଗାଧୋଉଥିବାବେଳେ ତାଙ୍କ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ିଯାଇଥିଲେ। ତାଙ୍କ ସହ ଯାଇଥିବା ଯୁବକମାନେ ବହୁ ଖୋଜାଖୋଜି କରି ନ ପାଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ରବିବାର ବିଳମ୍ବିତ ରାତିଯାଏ ଜଳପ୍ରପାତରେ ସତୀଶଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ସୋମବାର ସକାଳୁ ପୁଣି କର୍ମଚାରୀମାନେ ଖୋଜାଖୋଜି କରିବାବେଳେ ଏକ ପଥର କୋରଡ଼ରୁ ସତୀଶଙ୍କ ମୃତଦେହ ଉଦ୍ଧାର କରିଥିଲେ। ଆର୍. ଉଦୟଗିରି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ୧୦ ବର୍ଷ ତଳେ ସତୀଶଙ୍କ ବାପାଙ୍କ ପରଲୋକ ହୋଇଥିଲା। ଡେଲିଭରି ବୟ ରୂପେ କାର୍ଯ୍ୟକରି ସତୀଶ ପରିବାର ଚଳାଉଥିଲେ। ତାଙ୍କ ମୃତ୍ୟୁରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ସତୀଶଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।


**OFFICE OF THE SUPERINTENDING ENGINEER**
**P.W.D. (B&R) AMBIKAPUR CIRCLE**
**AMBIKAPUR**

Invitation Date : 02.01.2026

**E-PROCUREMENT TENDER NOTICE**

01. For tender detail please visit http://eproc.cgstate.gov.in
02. Concern Division - Jashpur Division
03. S.No. 1 'D' Class and Above Contractor
04. Bid Submission Due Date - 23.01.2026

| S. No. | N.I.T. No. | Name of work | P.A.C, in lacs |
|---|---|---|---|
| 1 | 2 | 3 | 4 |
| 1 | 229 | Construction of Boundary Wall at Government College, Duldula at Distt. Jashpur and Construction of Boundary Wall at Governmnet College, Tapkara at Distt. Jashpur. (C.G.) (First Call) | 61.68 |

Sd./- Superintending Engineer
P.W.D. Ambikapur Circle
Ambikapur

G-252605824/2



**वरीय पुलिस अधीक्षक का कार्यालय, राँची**

**सर्वसाधारण के लिए सूचना।**



**नाम–अंशिका कुमारी, उम्र–04 वर्ष, उँचाई–2 फीट, 5 ईंच, रंग–गोरा, पहनावा–नीला रंग का टी शर्ट एवं नीला रंग का जींस पैंट पहनी हुई है।**

उपरोक्त लापता लडकी अंशिका कुमारी, उम्र–04 वर्ष, पिता–सुनील कुमार, ग्राम–हल्दी छपरा, बादल टोला, थाना–मनेर, जिला–पटना (बिहार), वर्तमान पता–मौसीबाड़ी खटाल, जगरनाथपुर, थाना–धुर्वा, जिला–राँची जो दिनांक–02.01.2026 को अपने घर से किराना दूकान के लिए निकले जो आजतक अपने घर वापस नहीं आए है। जिसके संबंध में धुर्वा थाना काण्ड संख्या–01/2026, दिनांक–03.01.2026, धारा–137(2) भा0न्या0सं0 दर्ज कर इनकी खाजबीन की जा रही है। उपरोक्त सूचना को सार्वजनिक किया जाना आव यक है।

अतः सभी जनसाधारण से अनुरोध है कि यदि उपरोक्त लापता लड़की कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें। **Email ID(rnc-dcb@jhpolice.gov.in)**

पुलिस उपाधीक्षक, हटिया, राँची। – 9431706143
थाना प्रभारी, धुर्वा, राँची। – 9431706166

वरीय पुलिस अधीक्षक, राँची।

PR.NO.370061 Police(25-26):D



**EX-SERVICEMEN HIRING**

NCC ଓଡ଼ିଶା ନିର୍ଦ୍ଦେଶାଳୟ ଭୁବନେଶ୍ୱର ଓଡ଼ିଶା ରାଜ୍ୟର ବ୍ରହ୍ମପୁର (JCO & NCO), ନବରଙ୍ଗପୁର (JCO & NCO), ରାୟଗଡା (JCO & NCO), ଜୟପୁର (JCO & NCO), ବଲାଙ୍ଗିର (JCO & NCO), ବୁର୍ଲା (JCO & NCO), ଭଦ୍ରକ (JCO & NCO), ଖୋର୍ଦ୍ଧା (JCO & NCO), ସମ୍ବଲପୁର (JCO & NCO) ଏବଂ NCC ଓଡ଼ିଶା ନିର୍ଦ୍ଦେଶାଳୟ ଭୁବନେଶ୍ୱର ପାଇଁ (CDVO)। ସମୁଦାୟ (CDVO-01, JCO-12 ଏବଂ NCO-37)। ଚୁକ୍ତି ଭିତ୍ତିକ ପ୍ରଶିକ୍ଷଣ କର୍ମଚାରୀ ନିଯୁକ୍ତି ନିମନ୍ତେ ଅବସର ପ୍ରାପ୍ତ ସେନାର ଅନୁଶାସନ ଏବଂ ସତର୍କତା ସେବାନିବୃତ ଅଧିକାରୀ CDVO, JCO ଏବଂ NCOଙ୍କ ଠାରୁ NCC ଓଡ଼ିଶା ନିର୍ଦ୍ଦେଶାଳୟ ଭୁବନେଶ୍ୱର ଆବେଦନ ପତ୍ର ଆମନ୍ତ୍ରଣ କରୁଛନ୍ତି।

ବିବରଣୀ ପାଇଁ ତଳେ ପରିଦର୍ଶନ କରନ୍ତୁ
https://nis.bisag-n-gov.in/nis/downloads
ସାର୍ବଜନୀକ ଆବେଦନଗୁଡିକ ତଳେ ଦିଆଯାଇଥିବା e-mail ID ରେ ଅପଲୋଡ୍ କରିବାକୁ ହେବ : adpcodisha-dte@nccindia.nic.in

**Address**
NCC Directorate Odisha
NCC Nagar, Plot No. G-41D,
Chandrasekharpur, Bhubaneswar-751016
Contact detail: 0674-3542899

**ଆବେଦନ ପତ୍ର ପଠାଇବାର ଶେଷ ତାରିଖ 15 Jan 2026**



ଭା.କ.ନି. CCI
**ଭାରତୀୟ କପା ନିଗମ ଲିମିଟେଡ୍** ମୋବାଇଲ ଆପ
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ- ୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ ରୋଡ୍, ରାୟଗଡା - ୭୬୫୦୦୧ (ଓଡିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୦୫.୦୧.୨୦୨୬

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଡିସେମ୍ବର ୨୦୨୫ ଠାରୁ ୧୬ ଜାନୁଆରୀ ୨୦୨୬କୁ ବୃଦ୍ଧି କରାଯାଇଛି।**

ଚାଷୀମାନଙ୍କର ସ୍ୱୟଂ ପଞ୍ଜିକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜିକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା./-ଶାଖା ପ୍ରମୁଖ



**कार्यपालक अभियंता का कार्यालय**
**लघु सिंचाई रूपांकण प्रमण्डल, दुमका शिविर-देवघर**

**ई–निविदा आमंत्रण सूचना**

e-Tender Reference No. : W.R.D./M.I.D.D.D.C.DEOGHAR/$F_2$-07/2025-26 (3rd Call) Dated :- 05/01/2026

| क्रम सं० | योजना का नाम | प्रखण्ड | प्राक्कलित राशि (रुपये में) | अग्रधन की राशि (रुपये में) | परिमाण विपत्र का मूल्य (रुपये में) | वेबसाईट में ई–निविदा प्रकाशन की तिथि एवं समय | वेबसाईट में ई–निविदा प्राप्ति की अंतिम तिथि एवं समय | ई–निविदा खोलने की तिथि एवं समय | ई–निविदा आमंत्रित करने वाले पदाधिकारी के कार्यालय का नाम एवं पता | ई–निविदा आमंत्रित करने वाले पदाधिकारी का मोबाईल नम्बर | कार्य समाप्ति की अवधि |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1. | कोयरी जमुआ जोरिया पर श्रृंखलाबद्ध चेकडैम निर्माण। | पालोजोरी | 1,44,48,672.54 | 2,90,000.00 | 10,000.00 | 07/01/2026 (पूर्वाह्न 10.30 बजे से) | 14/01/2026 (अपराह्न 05.00 बजे तक) | 15/01/2026 (अपराह्न 05.00 बजे) | कार्यपालक अभियंता लघु सिंचाई रूपांकण प्रमण्डल दुमका शिविर देवघर | 7257990512 10 A.M से 5 P.M | 11 माह |
| 2. | बलियापुर जोरिया पर श्रृंखलाबद्ध चेकडैम निर्माण। | पालोजोरी | 1,70,46,886.60 | 3,41,000.00 | 10,000.00 | | | | | | 11 माह |
| 3. | सितलकुन्डी बिराजपुर जोरिया पर श्रृंखलाबद्ध चेकडैम निर्माण। | पालोजोरी | 1,35,65,153.41 | 2,72,000.00 | 10,000.00 | | | | | | 11 माह |
| 4. | पहरुडीह जोरिया पर श्रृंखलाबद्ध चेकडैम निर्माण। | पालोजोरी | 1,46,07,898.14 | 2,93,000.00 | 10,000.00 | | | | | | 11 माह |
| 5. | परसबनी जोरिया पर चेकडैम निर्माण। | पालोजोरी | 43,69,009.30 | 88,000.00 | 5,000.00 | | | | | | 10 माह |

(1) केवल ई–निविदा ही स्वीकार किया जायेगा।
(2) निविदा शुल्क एवं अग्रधन की राशि केवल Online Mode द्वारा ही स्वीकार्य होगी।
(3) निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा उसी खाते में अग्रधन की राशि वापस होगी। अगर खाता को बन्द कर दिया जाता है तो सारी जवाबदेही सम्बन्धित निविदादाता की होगी।
(4) प्राक्कलित राशि घट बढ़ सकती है। अग्रधन की राशि परिमाण विपत्र की राशि के अनुसार होगी।
(5) राज्य सरकार के द्वारा निर्गत सभी अद्यतन आदेश/परिपत्र लागु होंगे।
(6) विस्तृत जानकारी के लिए वेबसाईट http://jharkhandtenders.gov.in में लॉग ऑन करें।

कार्यपालक अभियन्ता
लघु सिंचाई रूपांकण प्रमण्डल,दुमका शिविर–देवघर

PR 370055 Water Resource(25-26).D



बैंक ऑफ़ बड़ौदा Bank of Baroda

**କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ**
ପ୍ଲଟ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ଥାନା ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡ଼ିଶା, ଭାରତ,
ଫୋନ୍: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩
ଇ-ମେଲ୍: sarcut@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଆପେଣ୍ଡିକ୍ସ- IV - A (ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡିକୁ **ଭୌତିକ ଦଖଲରେ** ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ଋଣଗ୍ରହୀତା / ବନ୍ଧକଦାତା / ଗ୍ୟାରେଣ୍ଟିଦାତା / ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ:

| କ୍ର. ନଂ. | ଋଣଗ୍ରହୀତା/ପରିଚାଳନା ନିର୍ଦ୍ଦେଶକ/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନକମ୍ବ୍ରାନ୍‌ସେସ୍, ଯଦି ଥାଏ | ବକେୟା ଦେୟ | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଅଧିକୃତ ସମ୍ପତ୍ତିର ସ୍ଥିତି (ସାଙ୍କେତିକ / ଭୌତିକ) | ସମ୍ପତ୍ତି ଯାଞ୍ଚ ତାରିଖ ଏବଂ ସମୟ |
|---|---|---|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ବାଲଗୋପାଳ ମିନେରାଲ୍ସ, ନିର୍ଦ୍ଦେଶକ: ଶ୍ରୀ ଦିନେଶ ଅଗ୍ରୱାଲ,** ମ୍ୟୁନିସିପାଲ ଅଫିସ୍ ନିକଟ, ସା/ପୋ.: ଯୋଡା, କେନ୍ଦୁଝର-୭୫୮୦୩୪, **ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିନେଶ ଅଗ୍ରୱାଲ,** ପିତା: ହରିରାମ ଅଗ୍ରୱାଲ, କ୍ରୀଷ୍ଣା କୁଞ୍ଜ, ଓଲ୍ଡ ମ୍ୟୁନିସିପାଲ ଅଫିସ୍ ନିକଟ, ଭିଉପଏଣ୍ଟ ହୋଟେଲ ନିକଟ, ବାଂଶପାଣି ରୋଡ, ଯୋଡା, କେନ୍ଦୁଝର-୭୫୮୦୩୪ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଶୁଭେନ୍ଦୁ ପଟ୍ଟନାଏକ,** ପିତା: ଶ୍ରୀ ସନ୍ତୋଷ ପଟ୍ଟନାଏକ, ଯୋଡା ବସ୍ତି, ଯୋଡା, କେନ୍ଦୁଝର - ୭୫୮୦୩୪, **୨) ଶ୍ରୀ କମଲ କୁମାର ପାତ୍ର,** ସହିଦନଗର, ଯୋଡା, କେନ୍ଦୁଝର - ୭୫୮୦୩୪, **୩) ଶ୍ରୀ ମୁନ୍ନା ବେହେରା,** ପିତା: ଶ୍ରୀ କିର୍ତ୍ତନ ବେହେରା, ସାଗର ଟ୍ରାନ୍ସପୋର୍ଟ କମ୍ପ୍ଲେକ୍ସ, ଟେରେସା ସ୍କୁଲ ନିକଟ, ଯୋଡା, କେନ୍ଦୁଝର - ୭୫୮୦୩୪ | ଆଇନଗତ ବନ୍ଧକପ୍ରାପ୍ତ କାରଖାନା ଜମି ଯାହାର ପ୍ଲଟ୍ ନଂ.: ୪୫, ଖାତା ନଂ.: ୨୯/୧୪, କ୍ଷେତ୍ର: ଏକର ୧.୩୭ ଡିସିମିଲି, ମୌଜା: ଜଳହରି, ତହସିଲ: ବଡବିଲ, ଥାନା: ଯୋଡା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା | ଟ.୨,୭୭,୨୩,୧୭୫/- + (ଡିମାଣ୍ଡ ନୋଟିସ୍ ୨୭.୦୪.୨୦୧୨ରିଖ ଅନୁଯାୟୀ ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ **ତା.୦୯.୦୮.୨୦୨୫** ସୁଦ୍ଧା ବକେୟା **ଟ.୧୨,୬୫,୦୭,୬୫୨.୪୨** + ଆଇନଗତ ଖର୍ଚ୍ଚ ଏବଂ ଦେୟ | **୨୭.୦୧.୨୦୨୬** ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୨୭,୪୦,୦୦୦/- / ଟ.୨,୭୪,୦୦୦/- / ଟ.୧୫,୦୦୦/- | ଭୌତିକ | **୨୨.୦୧.୨୦୨୬** (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |
| ୨. | **ଋଣଗ୍ରହୀତା: ମେସର୍ସ ଅଭିଷେକ ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କଲ୍ୟାଣବ୍ରତ ମହାନ୍ତି,** ସା/ପୋ.: ଧନେଶ୍ୱର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଦେବବ୍ରତ ମହାନ୍ତି,** ପିତା: ରାଇଚରଣ ମହାନ୍ତି, **୨) ଶ୍ରୀମତୀ ମିହିର କୁମାରୀ ମହାନ୍ତି, ୩) ଶ୍ରୀ ସୁବ୍ରତ କୁମାର ମହାନ୍ତି,** ପିତା: ରାଇଚରଣ ମହାନ୍ତି, ସମସ୍ତଙ୍କ ଠିକଣା ସା/ପୋ.: ଧନେଶ୍ୱର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯ | **ଶ୍ରୀ କଲ୍ୟାଣବ୍ରତ ମହାନ୍ତି, ଶ୍ରୀମତୀ ମିହିର କୁମାରୀ ମହାନ୍ତି, ଶ୍ରୀ ଦେବବ୍ରତ ମହାନ୍ତି ଏବଂ ଶ୍ରୀ ସୁବ୍ରତ କୁମାର ମହାନ୍ତିଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ଖାତା ନଂ.: ୪୨୨, ହାଲ ଖାତା ନଂ.: ୫୪୦/୬୪, ପ୍ଲଟ୍ ନଂ.: ୧୦୧୦, କ୍ଷେତ୍ର: ଏକର୦.୦୮ ଡିସିମିଲି, ମୌଜା: ଧନେଶ୍ୱର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର | ଟ.୧୩,୩୨,୬୬୩/- + (ଡିମାଣ୍ଡ ନୋଟିସ୍ ୦୧.୦୧.୨୦୧୬ରିଖ ଅନୁଯାୟୀ ୦୧.୧୧.୨୦୧୫ରିଖ ଠାରୁ ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ଚୁକ୍ତିଭିତ୍ତିକ ବକେୟା **ତା.୧୨.୦୭.୨୦୨୫ ସୁଦ୍ଧା ଟ.୫୯,୦୧,୯୮୧.୮୭**+ ଆଇନଗତ ଖର୍ଚ୍ଚ ଏବଂ ଦେୟ | **୨୭.୦୧.୨୦୨୬** ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୨୩,୩୨,୦୦୦/- / ଟ.୨,୩୩,୨୦୦/- / ଟ.୧୫,୦୦୦/- | ଭୌତିକ | **୨୨.୦୧.୨୦୨୬** (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ପ୍ରଦତ୍ତ ଲିଙ୍କ୍ : https://www.bankofbaroda.bank.in/e-auction.htm ଏବଂ https://baanknet.com ଦେଖନ୍ତୁ। ସମସ୍ତ ସମ୍ଭାବ୍ୟ ବିଡରମାନେ ମଧ୍ୟ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩ ରେ ଯୋଗାଯୋଗ କରିପାରିବେ ଏବଂ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବେ।

ଅଧିକ ବିବରଣୀ ନିମନ୍ତେ ଏହି କୋଡ୍ କୁ ସ୍କାନ୍ କରନ୍ତୁ।

ଅନ୍‌ଲାଇନ ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ: ୨୭.୦୧.୨୦୨୬ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନର ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ପରବର୍ତ୍ତୀ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ

ସ୍ଥାନ: କଟକ, ତାରିଖ: ୦୫.୦୧.୨୦୨୬ | କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

# ଗୁଆହାଟୀରେ ୩ଦିନ ଧରି ଚାଲିବ 'ଦ୍ୱିତୀୟ ଓଡ଼ିଶା ପରବ'

■ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ୨୦ ଷ୍ଟଲ୍, ୧୦ ଫୁଡ୍ ଷ୍ଟଲ୍ ଖୋଲିବ

■ ଉତ୍ତରପୂର୍ବ ରାଜ୍ୟରେ ପ୍ରଚାର ହେବ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ

ଭୁବନେଶ୍ୱର,୫ା୧(ସୌମ୍ୟରଞ୍ଜନ ରାଉତ)



ବୈଠକରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ରଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ।

ଆସାମ ରାଜଧାନୀ ଗୁଆହାଟୀଠାରେ ଆୟୋଜନ ହେବ 'ଦ୍ୱିତୀୟ ଓଡ଼ିଶା ପରବ'। ଆସନ୍ତା ୩୦ ତାରିଖରୁ ଫେବୃଆରୀ ୧ ପର୍ଯ୍ୟନ୍ତ ୩ଦିନ ଧରି ସ୍ଥାନୀୟ ରାଡିଶନ ବ୍ଲୁ ହୋଟେଲରେ ହେବାକୁ ଥିବା ଏହି ଉତ୍ସବ ପାଇଁ ଏକ ସମନ୍ୱୟ ବୈଠକ ସୋମବାର ରାଜ୍ୟ ପର୍ଯ୍ୟଟନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରି ଓଡ଼ିଶାର ଐତିହ୍ୟ, ସଂସ୍କୃତି, ପରମ୍ପରା, ଓଡ଼ିଆ ଖାଦ୍ୟ, ହସ୍ତଶିଳ୍ପ, ହସ୍ତକଳା ଓ ପର୍ଯ୍ୟଟନର ପ୍ରଚାରପ୍ରସାର ଓ ସଫଳ ଆୟୋଜନ ଉପରେ ଗୁରୁତ୍ୱ ଦେଇଥିଲେ। ଓଡ଼ିଶା ପରବରେ ରାଜ୍ୟ ସରକାରଙ୍କ ୬ଟି ବିଭାଗ ପକ୍ଷରୁ ୨୦ଟି ଷ୍ଟଲ୍ ଏବଂ ୧୦ଟି ଫୁଡ୍ ଷ୍ଟଲ ପ୍ରଦର୍ଶିତ ହେବ ବୋଲି ଚୂଡ଼ାନ୍ତ ନିଷ୍ପତ୍ତି ହୋଇଛି। ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ପକ୍ଷରୁ ୬ଟି ଷ୍ଟଲ, ହସ୍ତକଳା ବିଭାଗର ୬ଟି ଷ୍ଟଲ, ଓର୍ମାସ୍ ପକ୍ଷରୁ ୩, ମିଶନ ଶକ୍ତି ବିଭାଗ ପକ୍ଷରୁ ୩, ଆଦିଶା ପକ୍ଷରୁ କୋରାପୁଟ କଫି ଷ୍ଟଲ୍ ଆଦି ଖୋଲିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଉତ୍ତର-ପୂର୍ବ ରାଜ୍ୟରେ କିଭଳି ଓଡ଼ିଶାର ଐତିହ୍ୟ, ପରମ୍ପରା ଅଧିକରୁ ଅଧିକ ପ୍ରଚାର ହେବ ଏବଂ ବାହାର ରାଜ୍ୟରୁ ଶିଳ୍ପପତିମାନେ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆଗ୍ରହୀ ହେବେ, ସେନେଇ ଆଲୋଚନା କରାଯାଇଥିଲା। ଆସାମରେ ବସବାସ କରୁଥିବା ଓଡ଼ିଆ ସମାଜର ଅଧିବାସୀଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ କରି ପରବକୁ ସଭିଙ୍କ ପାଇଁ ସ୍ମରଣୀୟ କରିବା ଉପରେ ନିର୍ଦ୍ଦେଶକ ମହାପାତ୍ର ଗୁରୁତ୍ୱ ଦେଇଥିଲେ। ବୈଠକରେ ସଂସ୍କୃତି ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସୂଚନା ଓ ଲୋକସମ୍ପର୍କ ବିଭାଗ, ମିଶନ ଶକ୍ତି ବିଭାଗ, ହସ୍ତତନ୍ତ ଏବଂ ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓର୍ମାସ୍, ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ, ଫିକି ଏବଂ ଓଡ଼ିଶା ପର୍ଯ୍ୟଟନ ବିଭାଗର ଅଧିକାରୀମାନେ ଯୋଗଦେଇ ଆଲୋଚନା କରିଥିଲେ।

# ମଞ୍ଚସ୍ଥ ହେଲା 'ରକ୍ତର ରଙ୍ଗ'

ଭୁବନେଶ୍ୱର,୫ା୧(ସୌମ୍ୟରଞ୍ଜନ ରାଉତ)

**କଳିଙ୍ଗ ନାଟ୍ୟ ସଂଘର ୪ର୍ଥ ନାଟ୍ୟ ମହୋତ୍ସବ**

ଅନ୍ତର୍ଜୀବନକୁ ନେଇ ବଞ୍ଚୁଥିବା ମଣିଷର ଅନ୍ତର୍ଦାହକୁ ଅନେକ ଦେଖିପାରନ୍ତି ନାହିଁ। କାରଣ ତା'ର ବାହାରଟା ଭୀଷଣ ଥଣ୍ଡା, ସତେ ଅବା ବହୁଦିନର ଜମାଟବନ୍ଧା ଅଭିମାନଭରା ବରଫର ଏକ କଠିନ ଆସ୍ତରଣଟିଏ ପାଲଟି ଯାଇଛି। ସେହି ମଣିଷଟିର ଜୀବନ କେତେବେଳେ କେଉଁଠି କେମିତି କାହାକୁ ଆଶ୍ରୟ କରି କେବଳ ଗତିଶୀଳ ହୁଏ, ତାହା ସେ ଜାଣି ନ ଥାଏ ତା'ର ଅନ୍ତସ୍ଥଳକୁ। ଦିନେ ଅନ୍ତର୍ଦାହର ଉଷ୍ମତା ତରଳାଇ ଦିଏ ତା'ର ସେହି ମିଛ ଅଭିମାନର ବରଫକୁ, ଆଉ ସେ ଭେଟେ ବାହାରେ ଅପେକ୍ଷା କରିଥିବା ତା'ର ଅସଲ ଜୀବନକୁ। ଏପରି ଏକ କାହାଣୀକୁ ନେଇ ଭାବଗ୍ରାହୀ ଦାସଙ୍କ ରଚିତ ଓ ଅକ୍ଷୟ ରଣାଙ୍କ ନିର୍ଦ୍ଦେଶିତ ନାଟକ 'ରକ୍ତର ରଙ୍ଗ' ମଞ୍ଚସ୍ଥ ହୋଇଥିଲା। ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ସୋମବାର କଳିଙ୍ଗ ନାଟ୍ୟ ସଂଘର ୪ର୍ଥ ନାଟ୍ୟ ମହୋତ୍ସବରେ ଏହି ନାଟକ ପରିବେଷିତ ହୋଇଥିଲା। ଅଭିଯାନ ଥିଏଟର କଟକର କଳାକାର ପ୍ରେମାନନ୍ଦ, ସତ୍ୟଜିତ୍, ମୃତ୍ୟୁଞ୍ଜୟ, ସ୍ୱପ୍ନାରାଣୀ, ପ୍ରିୟଙ୍କା, ଶୁଭସ୍ମିତାଙ୍କ ସମେତ ଶିଶୁ କଳାକାର ଆରାଧ୍ୟ ପ୍ରିୟଦର୍ଶିନୀ ପ୍ରମୁଖଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଦିଲୀପ କୁମାର ଜେନା ମଞ୍ଚ ପରିଚାଳନା କରିଥିଲେ।



କଳିଙ୍ଗ ନାଟ୍ୟ ସଂଘର ୪ର୍ଥ ନାଟ୍ୟ ମହୋତ୍ସବରେ ପରିବେଷିତ ନାଟକ 'ରକ୍ତର ରଙ୍ଗ'ର ଏକ ଦୃଶ୍ୟ।

# ପୁଣି ଆନ୍ଦୋଳନକୁ ଓହ୍ଲାଇଲେ ଏଲ୍‌ଟିଆର୍ ସଂସ୍କୃତ ଶିକ୍ଷକ ଆଶାୟୀ

ଭୁବନେଶ୍ୱର, ୫ା୧(ସୁଚିସ୍ମିତା ସାହୁ)

ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଏଲ୍‌ଟିଆର୍ ସଂସ୍କୃତ ଶିକ୍ଷକ ଆଶାୟୀ। ପରୀକ୍ଷା ସରିବାର ୭ ମାସ ବିତି ଯାଇଥିଲେ ସୁଦ୍ଧା ଏଯାବତ୍ ମେଧା ତାଲିକା ପ୍ରକାଶ ପାଇନାହିଁ। ଏହାକୁ ନେଇ ଆଶାୟୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ନଭେମ୍ବର ପ୍ରଥମ ସପ୍ତାହରେ ଦୁଇଦିନ ଧରି ଅହୋରାତ୍ର ଆନ୍ଦୋଳନ ପରେ ଅବିଳମ୍ବେ ମେଧା ତାଲିକା ପ୍ରକାଶ କରିବାକୁ ସେମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ପ୍ରାୟ ୨ ସପ୍ତାହ ପରେ ମଧ୍ୟ ମେଧା ତାଲିକା ପ୍ରକାଶ କରାଯାଇ ନ ଥିବାରୁ ପୁଣିଥରେ ଆଶାୟୀମାନେ ସୋମବାର ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି।

ଏଲ୍‌ଟିଆର୍ ସଂସ୍କୃତ ଶିକ୍ଷକ ନିଯୁକ୍ତି ପାଇଁ ଗତ ମେ ୧୭ରେ ପରୀକ୍ଷା ସରିଛି। ପରୀକ୍ଷାକୁ ୭ ମାସ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ମେଧା ତାଲିକା ପ୍ରକାଶ ପାଇପାରୁନାହିଁ। ଓଏସ୍‌ଏସ୍‌ସିର ଏକାଧିକ ତ୍ରୁଟି ପାଇଁ ବହୁ ଆଶାୟୀ କୋର୍ଟଙ୍କ ଦ୍ୱାରସ୍ଥ ହେଉଛନ୍ତି। ପରୀକ୍ଷାର୍ଥୀମାନେ ମାନସିକ ଯନ୍ତ୍ରଣା ପାଉଛନ୍ତି। ଓଏସ୍‌ଏସ୍‌ସିର ସମସ୍ତ ନିୟମ ଅନୁଯାୟୀ ପରୀକ୍ଷା ଦେଇଥିଲେ ମଧ୍ୟ ସେମାନଙ୍କୁ କାହିଁକି ନିଯୁକ୍ତି ଦିଆଯାଉ ନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଆଶାୟୀଙ୍କ କହିବା ଅନୁସାରେ, ଅନ୍ୟ ଏଲ୍‌ଟିଆର୍ ପଦ ପାଇଁ କୋର୍ଟରେ ମାମଲା ହୋଇଥିଲେ ମଧ୍ୟ କେସ୍ ନମ୍ବର ପକାଇ ରେଜଲ୍ଟ ପ୍ରକାଶ କରାଯାଇଛି ଓ ନିଯୁକ୍ତି ଦିଆଯାଇଛି। ହେଲେ ସଂସ୍କୃତ ଶିକ୍ଷକଙ୍କ ସହ ବୈମାତୃକ ମନୋଭାବ କାହିଁକି ? ମାମଲା ବିଚାରାଧୀନ ଥିଲେ ମଧ୍ୟ ଅନ୍ୟ ବିଷୟରେ ନିଯୁକ୍ତି ପରି କେସ୍ ନମ୍ବର ପକାଇ ସେମାନଙ୍କୁ ମଧ୍ୟ ନିଯୁକ୍ତି ଦେବାକୁ ଆନ୍ଦୋଳନରତ ଆଶାୟୀମାନେ ଦାବି କରିଛନ୍ତି।

# ଡା. ସୁଶାନ୍ତ ନାୟକ କ୍ୟାପିଟାଲ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ

ଭୁବନେଶ୍ୱର, ୫ା୧ (ବନ୍ଦନା ସେଠୀ)

ଡା. ସୁଶାନ୍ତ କୁମାର ନାୟକ ହେଲେ କ୍ୟାପିଟାଲ ହସ୍ପିଟାଲର ନୂଆ ସୁପରିଣ୍ଟେଣ୍ଡେଣ୍ଟ। ଡା. ନାୟକ ଗଞ୍ଜାମ ଜିଲା ସିଡିଏମ୍ ଆଣ୍ଡ ପିଏଚ୍‌ଓ ଭାବେ ଦାୟିତ୍ୱ ତୁଲାଉଥିବାବେଳେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ବଦଳି କରାଯାଇଛି। ଗତ ପ୍ରାୟ ୧ବର୍ଷ ହେବ ହସ୍ପିଟାଲରେ ସୁପରିଣ୍ଟେଣ୍ଡେଣ୍ଟ ପଦବୀ ଖାଲି ପଡ଼ିଥିଲା। ଏନେଇ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଏଥିସହ ଖୁବ୍‌ଶୀଘ୍ର କାର୍ଯ୍ୟରେ ଯୋଗଦେବା ପାଇଁ ଚିଠିରେ ଉଲ୍ଲେଖ ରହିଛି।

# କିଶୋରୀଙ୍କୁ ଦିଆଯିବ ଦକ୍ଷତା, ଆତ୍ମରକ୍ଷା ପ୍ରଶିକ୍ଷଣ

ଭୁବନେଶ୍ୱର,୫ା୧(ସୁଚିସ୍ମିତା ସାହୁ)

କିଶୋରୀମାନଙ୍କୁ ଦିଆଯିବ ଦକ୍ଷତା ଓ ଆତ୍ମରକ୍ଷା ପ୍ରଶିକ୍ଷଣ। କିଶୋରୀଙ୍କ ଜୀବନ ଓ ବ୍ୟକ୍ତିଗତ ସୁରକ୍ଷା ବୃଦ୍ଧି ଉଦ୍ଦେଶ୍ୟରେ ରାଜ୍ୟ ସରକାର 'ଆଦ୍ୱିକା' କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ ଜିଲାରେ ଦିନିକିଆ ଦକ୍ଷତା ଓ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବାକୁ ଯୋଜନା କରିଛନ୍ତି। ଏନେଇ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ ସମସ୍ତ ଜିଲା ସାମାଜିକ କଲ୍ୟାଣ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାସ୍ତରରେ ୧୫ରୁ ୧୯ ବର୍ଷ ବୟସର ୭୦ଜଣ କିଶୋରୀଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ ହେବ। ସେମାନଙ୍କୁ ଡିଜିଟାଲ ସାକ୍ଷରତା, କମ୍ପ୍ୟୁଟର ଜ୍ଞାନ, ଇଣ୍ଟରନେଟ ବ୍ୟବହାର, ଇମେଲ, ଡିଜିଟାଲ ପେମେଣ୍ଟ, ଅନ୍‌ଲାଇନ ଚାକିରି ପୋର୍ଟାଲ ଓ ସୋସିଆଲ ମିଡିଆ ସମ୍ବନ୍ଧୀୟ ତାଲିମ ଦିଆଯିବ।

ସେହିପରି ପ୍ରକଳ୍ପ ଅନୁସାରେ ପ୍ରତି ଶନିବାର ତିନିମାସ ଧରି କିଶୋରୀଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିବ। ଏହାଦ୍ୱାରା କିଶୋରୀମାନେ ବିପଦଜନକ ପରିସ୍ଥିତିରେ ନିଜକୁ ସୁରକ୍ଷିତ ରଖିବାର କୌଶଳ ଶିଖିପାରିବେ। ଏନେଇ ଜିଲା ପ୍ରଶାସନକୁ ପ୍ରଶିକ୍ଷଣ ସ୍ଥାନ ଓ ପ୍ରଶିକ୍ଷଣ ନିମନ୍ତେ ଆବଶ୍ୟକ ସାମଗ୍ରୀର ବ୍ୟବସ୍ଥା କରିବାକୁ କୁହାଯାଇଛି। ପ୍ରଶିକ୍ଷଣ ଶେଷ ହେବା ପରେ ଫଟୋ ସହ ଏକ ସଂକ୍ଷିପ୍ତ ରିପୋର୍ଟ ଓ ବ୍ୟୟ ବିବରଣୀ ବିଭାଗକୁ ପଠାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

# ପ୍ରବଳ ଶୀତରୁ ସାମାନ୍ୟ ତ୍ରାହି

ଭୁବନେଶ୍ୱର, ୫ା୧ (ବନ୍ଦନା ସେଠୀ)

ଶୀତ ସାଙ୍ଗକୁ ଘନ କୁହୁଡ଼ି ଏବେ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ଏବେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରାରେ ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇଥିବାରୁ ଶୀତରୁ ସାମାନ୍ୟ ତ୍ରାହି ମିଳିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ଦାରିଙ୍ଗିବାଡିରେ ୮.୫ ଡିଗ୍ରୀ ରହିଥିବାବେଳେ ଝାରସୁଗୁଡା ୮.୮, ରାଉରକେଲା ୯, ସେମିଳିଗୁଡା ୯.୨, ଜି.ଉଦୟଗିରି ୯.୮, କିରେଇ ୯.୮, ଚିପିଲିମା ୧୦.୨, ବୌଦ୍ଧ ୧୦.୫ ଓ ସୁନ୍ଦରଗଡ଼ରେ ୧୦.୬ ଡିଗ୍ରୀ ରେକର୍ଡ ହୋଇଛି। ହେଲେ ଜାନୁଆରୀ ୭ ଯାଏ ରାଜ୍ୟରେ ଘନ କୁହୁଡ଼ି ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କତା ଜାରି କରାଯାଇଛି। ମଙ୍ଗଳବାର କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ବଲାଙ୍ଗୀର, କୋରାପୁଟ, କନ୍ଧମାଳ, ବୌଦ୍ଧ ଆଦି ଜିଲାରେ ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ସେହିପରି ବୁଧବାର କଟକ, ଢେଙ୍କାନାଳ, ନୟାଗଡ଼, କନ୍ଧମାଳ, ଗଞ୍ଜାମ, ଗଜପତି ଜିଲା ପାଇଁ ୟେଲୋ ୱାର୍ନିଂ ଦିଆଯାଇଛି। ଏହିସବୁ ଜିଲାଗୁଡ଼ିକରେ ଦୃଶ୍ୟମାନ କ୍ଷମତା ୨୦୦ ମିଟରରୁ କମ୍ ରହିବ ବୋଲି ସୂଚନା ଦିଆଯାଇଛି।

# ୧୦ରୁ ଖୋଲିବ ଲୋକ ଭବନ ଉଦ୍ୟାନ

ଭୁବନେଶ୍ୱର,୫ା୧ (ସୌମ୍ୟରଞ୍ଜନ ରାଉତ)

ଆସନ୍ତା ୧୦ରୁ ୨୦ ତାରିଖ ପର୍ଯ୍ୟନ୍ତ ସାଧାରଣ ଜନତାଙ୍କ ଲାଗି ଲୋକ ଭବନ ଉଦ୍ୟାନ ଖୋଲିବ। ସ୍କୁଲ୍ ଛାତ୍ରୀଛାତ୍ରଙ୍କ ପାଇଁ ସକାଳ ୮ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ ଓ ଜନସାଧାରଣ ଅପରାହ୍ନ ୨ଟା ୩୦ରୁ ସନ୍ଧ୍ୟା ୬ଟା ୧୫ ପର୍ଯ୍ୟନ୍ତ ଲୋକଭବନର ସୁନ୍ଦର ପରିବେଶ ସହ ମନୋରମ ଶୋଭାରାଜିକୁ ଉପଭୋଗ କରିବେ। ଉଦ୍ୟାନକୁ ପ୍ରବେଶ ପାଇଁ କେବଳ ମୋବାଇଲ ଆପ୍ ମାଧ୍ୟମରେ ପଞ୍ଜୀକରଣ କରିବାକୁ ପରାମର୍ଶ ଦିଆଯାଇଛି। ଏଥିପାଇଁ କୌଣସି ପ୍ରବେଶ ଶୁଳ୍କ ଦେବାକୁ ହେବ ନାହିଁ। ସେହିପରି ଉଦ୍ୟାନ ପରିଦର୍ଶନ ପାଇଁ ପ୍ଲେ ଷ୍ଟୋର କିମ୍ବା ଆପ୍ ଷ୍ଟୋରରୁ ଲୋକ ଭବନ ଓଡ଼ିଶାର ମୋବାଇଲ୍ ଆପ୍ ଡାଉନ୍‌ଲୋଡ୍ କରିପାରିବେ କିମ୍ବା www.lokbhavan.odisha.gov.inରେ ଯାଇ କ୍ୟୁ ଆର୍ କୋଡ୍ ମାଧ୍ୟମରେ ମୋବାଇଲ ଆପ୍ ଲୋଡ୍ କରିପରିବେ ବୋଲି ସୂଚନା ଦିଆଯାଇଛି।

# ଯୁବପିଢ଼ି ସଚେତନ ହେଲେ ଆମ ସଂସ୍କୃତି ଅଧିକ ଋଦ୍ଧିମନ୍ତ ହେବ




ଅତିଥିମାନେ ପୁସ୍ତିକା ଓ କ୍ୟାଲେଣ୍ଡର ଉନ୍ମୋଚନ କରୁଛନ୍ତି।

**ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସ**

ଭୁବନେଶ୍ୱର, ୫ା୧(ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସ ଉତ୍ସବ ରବିବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଓଡ଼ଶାର ମହାଧିବକ୍ତା ପୀତାମ୍ବର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଓଡ଼ିଆ ସଂସ୍କୃତି, ସାହିତ୍ୟ ଓ ଭାଷା ହେଉଛି ଆମର ଗର୍ବ ଓ ପରିଚୟ। ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ପାଇଁ ଯୁବପିଢ଼ି ସଚେତନ ହେଲେ ସଂସ୍କୃତି ଅଧିକ ଋଦ୍ଧିମନ୍ତ ହୋଇପାରିବ। ସଂସ୍କୃତି ଏକ ପ୍ରବହମାନ ଧାରା ସଦୃଶ। ତେଣୁ ଏହି ଧାରାରେ ଯୁବପିଢ଼ିଙ୍କୁ ସଂଶ୍ଳିଷ୍ଟ କରିବାର ଦାୟିତ୍ୱ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ନିର୍ବାହ କରିବା ଉଚିତ ବୋଲି ସେ କହିଥିଲେ।

ସମ୍ମାନିତ ଅତିଥି ଭାବରେ ଭାଷାତତ୍ତ୍ୱବିତ୍ ପଦ୍ମଶ୍ରୀ ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ମାନ୍ୟତା ନିମନ୍ତେ ବିଶ୍ୱବିଦ୍ୟାଳୟ ଆଗାମୀ ଦିନରେ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି ଆଶାବ୍ୟକ୍ତ କରିଥିଲେ। ଲୋକସେବକ ମଣ୍ଡଳର ସମ୍ପାଦକ ରାଜେନ୍ଦ୍ର କୁମାର ଜେନା ଯୋଗଦେଇ ସଂସ୍କୃତିକୁ ଗୋଟିଏ ଜାତିର ଆତ୍ମା ଓ ପରିଚୟ ଭାବେ ଅଭିହିତ କରିଥିଲେ। ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଆମ ଅସ୍ମିତାର ପ୍ରଚାରକ ବୋଲି ସେ କହିଥିଲେ। ଏହି ଅବସରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଅଧ୍ୟାପକ ଗୁରୁ ବିଜୟ କୁମାର ବାରିକ, ଗୁରୁ କରୁଣାକର ନାୟକ, ଗୁରୁ ଡ. ଜବାହର ମିଶ୍ର, ଗୁରୁ ବିଘ୍ନରାଜ ଧଡ଼, ଗୁରୁ ବିରଞ୍ଚି ମହାନ୍ତି ଓ ନାଟ୍ୟକାର ଦେବବ୍ରତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିଶ୍ୱବିଦ୍ୟାଳୟର ପୁସ୍ତିକା 'ସଂସ୍କୃତି' ଓ 'ଷ୍ଟୁଡେଣ୍ଟସ୍ କ୍ୟାଲେଣ୍ଡର'କୁ ଅତିଥିମାନେ ଲୋକାର୍ପଣ କରିବା ସହ ଦୃଶ୍ୟକଳା ବିଭାଗର ଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ପ୍ରଫେସର ବନ୍ଦିତା ଦାଶ ଯୋଗଦେଇଥିବାବେଳେ କୁଳସଚିବ ଅନାମିକା ଅଧିକାରୀ ବାର୍ଷିକ ବିବରଣୀ ପାଠ, ଡ. ଜ୍ଞାନ ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା ଓ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଦିତ୍ୟ



@ ବାବୁ



@ ଆଝାର



@ ରଶ୍ମିତା



@ ଶିତୁନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସତ୍ୟଭାମାପୁର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ବାଲିଅନ୍ତା,୫ା୧( ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ ଅଧୀନ ସତ୍ୟଭାମାପୁର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ତଥା ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଇନ୍ଦ୍ରପାଳସ୍ଥିତ ବାତ୍ୟା ଆଶ୍ରୟସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୬୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଶିବିରରେ ବିଡିଓ ରଶ୍ମିତା ନାଥ, ଏମ୍‌ପିଙ୍କ ପ୍ରତିନିଧିଭାବେ ବିଜୟ କୁମାର ମହାରଣା, ସରପଞ୍ଚ ରଶ୍ମିତା ଭୋଇ, ସମିତି ସଭ୍ୟା ରଶ୍ମିତା ସ୍ୱାଇଁ, ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ଅଭିଯୋଗ ଶୁଣିଥିଲେ। ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯାଇ ଲୋକମାନଙ୍କୁ ସଚେତନ କରାଯାଇଥିଲା।

# 'ପଲ୍ଲୀରେ ପ୍ରଶାସନ'ରେ ୫୮ ଅଭିଯୋଗ

ବାଲିପାଟଣା,୫ା୧ (ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅଧୀନ ଗାରେଡ଼ିପାଞ୍ଚଣ ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ' ତଥା ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ, ତହସିଲଦାର କଳ୍ପନା ଦାସଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ୍ ୫୮ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ପାନୀୟଜଳ, ରାସ୍ତା, ନିର୍ମାଣ କାର୍ଯ୍ୟର ଗୁଣବତ୍ତା, ଆବାସ ଯୋଜନା, ସଫେଇ ବ୍ୟବସ୍ଥା ନେଇ ଅଧିକାଂଶ ଅଭିଯୋଗ ହୋଇଥିଲା। ବୁଲା ଗୋରୁ, ଷଣ୍ଢଙ୍କ ଉପଦ୍ରବରେ ଧାନ, ବିରି, ମୁଗ ଫସଲ ନଷ୍ଟ ହେଉଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଗୋଶାଳା ନିର୍ମାଣପାଇଁଚାଷୀମାନେ ଦାବି କରିଥିଲେ। ତେବେ ଅଭିଯୋଗଗୁଡ଼ିକର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ।



ଅଭିଯୋଗ ଶୁଣାଣିରେ ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ ଏବଂ ତହସିଲଦାର କଳ୍ପନା ଦାସ।

**ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ**

ତିଗିରିଆ,(ଜାଫର ଖାଁ): ତିଗିରିଆ ବ୍ଲକ ଜେମାଦେଈପୁର, ନୂଆପାଟଣାସ୍ଥିତ ରାମେଶ୍ୱରଙ୍କ ପୀଠରେ ଆର୍ଯ୍ୟସମାଜ ତରଫରୁ ଚାଲିଥିବା ୩ ଦିନିଆ ଋକ୍‌ବେଦ ପାରାୟଣ ବିଶ୍ୱଶାନ୍ତି ମହାଯଜ୍ଞର ସୋମବାର ପୂର୍ଣ୍ଣାହୁତି ହେବା ସହ ଉଦ୍‌ଯାପିତ ହୋଇଯାଇଛି। ଶନିବାର ପୂର୍ବାହ୍ନରେ କଟକ ଜିଲା କାନପୁରସ୍ଥିତ ଆର୍ଯ୍ୟସମାଜର ମାତୃଗଣ ଓ ବାବାଜୀଙ୍କ ଉପସ୍ଥିତରେ ଧ୍ୱଜା ଉତ୍ତୋଳନ ପରେ ବାଲ୍ୟଲୀଳା କାର୍ଯ୍ୟ ହୋଇଥିଲା। ପତିତପାବନ ମଠର ବାବା ଧାନଚାନ୍ଦ ମହାରାଜ ଯୋଗଦେଇ ଯଜ୍ଞ ଶୁଭାରମ୍ଭ କରିବା ସହ ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ। ଆର୍ଯ୍ୟସମାଜର ସଭାପତି ରାଜକିଶୋର ବାରିକ, ସମ୍ପାଦକ ପ୍ରଦୀପ କୁମାର ସାହୁଆ, ସହସମ୍ପାଦକ ଦିଲୀପ କୁଣ୍ଡୁ, କୋଷାଧ୍ୟକ୍ଷ ମୁକୁନ୍ଦ ପାତ୍ର ଓ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଓପିଡି ବନ୍ଦ: ଡାକ୍ତରଙ୍କୁ ଘେରିଲେ ରୋଗୀଙ୍କ ସମ୍ପର୍କୀୟ



କଟକ ସିଟି ହସ୍ପିଟାଲ ଡାକ୍ତରମାନେ ୨ ଘଣ୍ଟା କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି।

**କଟକ,୫।୧(ଶିଳ୍ପା ପ୍ରିୟଦର୍ଶିନୀ):** ଓଡ଼ିଶା ମେଡିକାଲ ସେବା ସଂଘ (ଓମ୍‌ସା)ର ଆନ୍ଦୋଳନ ସ୍ୱାସ୍ଥ୍ୟସେବା ଉପରେ ପ୍ରଭାବ ପକାଇଛି। ସଂଘର ଆହ୍ୱାନକ୍ରମେ ସୋମବାରଠାରୁ ଆଉଟ୍‌ଡୋର (ଓପିଡି)ରେ ଡାକ୍ତରମାନେ ଦୁଇ ଘଣ୍ଟା କାର୍ଯ୍ୟ ବନ୍ଦ ଆନ୍ଦୋଳନ ଯୋଗୁ ସିଟି ହସ୍ପିଟାଲରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ସୋମବାର ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଡାକ୍ତରମାନେ ଓପିଡି ଛାଡ଼ି ଚାଲିଯିବାରୁ ସେଠାରେ ଅପେକ୍ଷାରତ ରୋଗୀ ଓ ସମ୍ପର୍କୀୟ ହୋହଲ୍ଲା କରି ଡାକ୍ତରଙ୍କୁ ଘେରିଥିଲେ ଏବଂ ଓପିଡିରେ ଚାପା ଉତ୍ତେଜନା ଦେଖାଦେଇଥିଲା। ସୂଚନା ଅନୁଯାୟୀ, ଓମ୍‌ସା ପକ୍ଷରୁ ୨ ଘଣ୍ଟାର କାର୍ଯ୍ୟବନ୍ଦ ଡାକରା ପାଇଁ ବିଭିନ୍ନ ସରକାରୀ ହସ୍ପିଟାଲରେ ସଂଘ ସହ ଜଡିତ ଡାକ୍ତରମାନେ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଆଉଟ୍‌ଡୋରରେ ଡ୍ୟୁଟି କରି ନ ଥିଲେ। ଏପରିକି ଏସ୍‌ସିବି ମେଡିକାଲରେ ମଧ୍ୟ ଏହାର ପ୍ରଭାବ ପରିଲକ୍ଷିତ ହୋଇଥିଲା। ସକାଳ ୯ଟାରେ ଓପିଡି ଖୋଲିଥିଲା, କିନ୍ତୁ ୧୦ଟା ବାଜିବା କ୍ଷଣି ବିଭିନ୍ନ ବିଭାଗର ଓପିଡିରୁ ଡାକ୍ତରମାନେ ରୋଗୀଦେଖା ବନ୍ଦ କରି ଚାଲି ଯାଇଥିଲେ। କେବଳ ହାତଗଣତି ଡାକ୍ତରଙ୍କୁ ନେଇ ସେଠାରେ ରୋଗୀଦେଖା ଚାଲିଥିଲା। ନିଜ ଅସୁସ୍ଥ ଝିଅକୁ ନେଇ ସୋନପୁରରୁ ଆସିଥିବା ରତିକାନ୍ତ ମେହେର ଅଭିଯୋଗ କରି କହିଛନ୍ତି, ଭୋର ସମୟରୁ ଧାଡ଼ିରେ ଛିଡ଼ା ହେବା ପରେ ଡାକ୍ତର ରୋଗୀ ଦେଖିବାକୁ ମନା କରିଦେବା କଷ୍ଟ ଦେଉଛି। ଚାମ୍ବରରେ ୩ଜଣ ଡାକ୍ତର ଥିଲେ। ହେଲେ ୨ଜଣ ଉଠି ଚାଲିଯାଇଥିଲେ। ଜଣେ ଡାକ୍ତର ରୋଗୀ ଦେଖୁଥିବାରୁ ରୋଗୀ ଦେଖିବାରେ ବହୁତ ବିଳମ୍ବ ହେଉଛି। ସରକାରଙ୍କ ପାଖରେ ଡାକ୍ତରମାନେ ଯେଉଁ ଦାବି ରଖିଛନ୍ତି, ତାହା ସାଧାରଣ ଜନତା ଜାଣନ୍ତି ନାହିଁ। ଏଣୁ ପରିସ୍ଥିତି ଅଣାୟତ୍ତ ହେବା ପୂର୍ବରୁ ସରକାର ଏ ଦିଗରେ ଦୃଷ୍ଟି ଦିଅନ୍ତୁ ବୋଲି ରତିକାନ୍ତ କହିଥିଲେ। ସେହିପରି ସିଟି ହସ୍ପିଟାଲରେ ୩୫ରୁ ଅଧିକ ଡାକ୍ତର ଓମ୍‌ସା ସହ ଜଡିତ ରହିଛନ୍ତି। ଗୋଟିଏପଟେ ଡାକ୍ତର ସଙ୍କଟ ଯୋଗୁ ସିଟି ହସ୍ପିଟାଲରେ ଦୀର୍ଘଦିନ ଧରି ସ୍ୱାସ୍ଥ୍ୟସେବା ବ୍ୟାଘାତ ଘଟୁଥିବା ବେଳେ ସୋମବାର ୨ଘଣ୍ଟା ଓପିଡିରେ ଡ୍ୟୁଟି ନ କରିବା ଦ୍ୱାରା ଚିକିତ୍ସା ବ୍ୟବସ୍ଥା ଏକପ୍ରକାର ଠପ୍ ହୋଇଯାଇଥିଲା। ଓମ୍‌ସା ସହ ଜଡିତ ଡାକ୍ତର ଡ୍ୟୁଟି ନ କରିବା ଫଳରେ କନିଷ୍ଠ ଏବଂ ଠିକାଭିତ୍ତିରେ ନିୟୋଜିତ ଡାକ୍ତର ରୋଗୀ ଦେଖିଥିଲେ।

## ଆଠଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ରୋଗୀ ସେବା ବିପର୍ଯ୍ୟସ୍ତ

**ଆଠଗଡ଼,୫।୧(ସତ୍ୟ ପ୍ରସାଦ ରଥ):** ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତରମାନେ ଗତ ୧୫ ଦିନ ହେବ କଳା ବ୍ୟାଜ ପିନ୍ଧି ପ୍ରତିବାଦ କରିଆସୁଛନ୍ତି। ୧୦ ଦଫା ଦାବି ନେଇ ଡାକ୍ତରମାନଙ୍କ ଦାବି ପୂରଣ ନ ହେବାରୁ ସୋମବାର ସକାଳ ୯ ଟାରୁ ୧୧ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏଥି ପାଇଁ ଆଠଗଡ଼ ଡାକ୍ତରଖାନାରେ ରୋଗୀ ସେବା ବାଧାପ୍ରାପ୍ତ ହୋଇଛି। ଦୂର ଦୂରାନ୍ତରୁ ଚିକିତ୍ସା ପାଇଁ ଆସିଥିବା ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନେ ଦୀର୍ଘ ସମୟ ଧରି ଲମ୍ବା ଧାଡ଼ିରେ ଅପେକ୍ଷା କରି ଶେଷରେ ନିରାଶ ହୋଇ ଫେରିଯାଉଛନ୍ତି। ଜାନୁଆରୀ ୧୫ ପର୍ଯ୍ୟନ୍ତ ଏହି ଦୁଇ ଘଣ୍ଟିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିବାକୁ ଥିବାବେଳେ ଦାବି ପୂରଣ ନ ହେଲେ ଆଗକୁ ୪ ଘଣ୍ଟିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ହେବ ବୋଲି ଓମସା ଆଠଗଡ଼ ଓ ବାଙ୍କୀ ଶାଖାର ସମ୍ପାଦକ ଡା ଦିଲୀପ ରଞ୍ଜନ ପାତ୍ର ସୂଚନା ଦେଇଛନ୍ତି।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଦିତ୍ୟ



@ ବାବୁ



@ ଆଝାର



@ ରଶ୍ମିତା



@ ଶିତୁନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଧବଳେଶ୍ୱର କ୍ରିକେଟ: କୁମାରବସ୍ତ ଖୋର୍ଦ୍ଧା ବିଜୟୀ

**ଆଠଗଡ,୫।୧(ସତ୍ୟ ପ୍ରସାଦ ରଥ):** ଆଠଗଡ଼ ଷ୍ଟାଡିୟମରେ ଭେଟେରାନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଧବଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଭେଟେରାନ କ୍ରିକେଟ୍ କ୍ଲବକୁ ୧୦ ଉଇକେଟରେ ପରାସ୍ତ କରି ରାଇଜିଂଷ୍ଟାର କ୍ରିକେଟ କ୍ଲବ କୁମାରବସ୍ତ ଖୋର୍ଦ୍ଧା ବିଜୟୀ ହୋଇଛି। ଟସ୍ ଜିତି ଭେଟେରାନ କ୍ରିକେଟ କ୍ଲବ ଆଠଗଡ଼ ନିର୍ଦ୍ଧାରିତ ୧୭ ଓଭରରେ ୮ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରିଥିଲା। କୁମାରବସ୍ତ ପକ୍ଷରୁ ସୁଜିତ ପରିଡା ୩ ଓଭରରେ ୨୪ରନ ଦେଇ ୪ ଉଇକେଟ ଅକ୍ତିଆର କରିଥିଲେ। ୧୩୩ ରନର ବିଜୟ ଲକ୍ଷ ନେଇ କୁମାରବସ୍ତ ଦଳ କୌଣସି ଉଇକେଟ ନ ହରାଇ ୫.୫ଓଭରେ ଆବଶ୍ୟକ ରନ ହାସଲ କରି ବିଜୟୀ ହୋଇଛି। ଉନ୍ନତ ବୋଲିଂ କରିଥିବା କୁମାରବସ୍ତ ଦଳର ସୁଜିତ ପରିଡା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆଜିର ମ୍ୟାଚରେ ମୁଖ୍ୟ ଅତିଥିଭାବେ ଭାଜପା ଜିଲା ଗ୍ରାମୀଣ ସଭାପତି ରାମନାରାୟଣ ମହାନ୍ତି ଓ ସମ୍ମାନିତ ଅତିଥିଭାବେ କୌଶଲ୍ୟା ଖଟୁଆ ଯୋଗଦେଇଥିଲେ। ଆମ୍ପୟାର ଭାବେ ସମୀର ପ୍ରଧାନ ଓ ଦୀପ୍ତି ରଞ୍ଜନ ରାଉତ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ ଶେଷରେ ବରିଷ୍ଠ ଫୁଟ୍‌ବଲ ଖେଳାଳି ତଥା ଅବକାରୀ ନିରୀକ୍ଷକ ଦେବାନନ୍ଦ ଭୁୟାଁ ମ୍ୟାଚର ଶ୍ରେଷ୍ଠ ଖେଳାଳିଙ୍କୁ ଟ୍ରଫି, ପୁଷ୍ପଗଚ୍ଛ ସହ ନଗଦ ଟଙ୍କା ଦେଇ ପୁରସ୍କୃତ କରିଥିଲେ।

## ରାଜ୍ୟସ୍ତରୀୟ କର୍କବଲ କ୍ରିକେଟ୍: ବିଏନ୍‌ସିସି ରତାପାଟ ବିଜୟୀ



ଅତିଥି ଖେଳାଳିମାନଙ୍କୁ ଉତ୍ସାହିତ କରୁଛନ୍ତି।

**ବଡ଼ମ୍ବା, ୫।୧(ମାୟାଧର ମଲ୍ଲିକ)** ବଡ଼ମ୍ବା ବ୍ଲକ ଅନ୍ତର୍ଗତ କନ୍ତପଡ଼ାସ୍ଥିତ ସହୀଦ ପଡ଼ିଆରେ ଚାଲିଥିବା କନ୍ତପଡା ରାଜ୍ୟସ୍ତରୀୟ କର୍କବଲ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ଟିସିସି, କଟକ ଓ ବିଏନସିସି, ରତାପାଟ ଦଳ ମଧ୍ୟରେ ଖେଳାଯାଇଥିଲା। ରତାପାଟ ଦଳ ଟସ୍ ଜିତି ବୋଲିଂ ନିଷ୍ପତି ନେଇଥିଲା। କଟକ ଦଳ ପ୍ରଥମେ ବ୍ୟାଟିଂ କରି ୧୭.୪ ଓଭରରେ ୧୦ ଉଇକେଟ ହରାଇ ମୋଟ ୧୭୪ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ରତାପାଟ ଦଳ ୧୧.୧ ଓଭରରେ ମାତ୍ର ୨ ଉଇକେଟ ହରାଇ ୧୭୫ ରନ ସଂଗ୍ରହ କରି ମ୍ୟାଚ ବିଜୟୀ ହୋଇଛି। ଦଳର ଖେଳାଳି କାଳନ୍ଦୀ ଜେନା ୪୨ ବଲରେ ସର୍ବାଧିକ ୧୨୭ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଦିଲୀପ କୁମାର ପଙ୍ଗାରୀ, ସମ୍ମାନିତ ଅତିଥି ଭାବେ ଶଙ୍ଖାମେରୀ ଗ୍ରାମ ପଞ୍ଚାୟତ ନାଏବ ସରପଞ୍ଚ ରବୀନ୍ଦ୍ର କୁମାର ସ୍ୱାଇଁ, ସାମାଜିକ କର୍ମୀ ପ୍ରାଣବନ୍ଧୁ ନାୟକ ଓ ଶ୍ରୀନିବାସ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରାକ୍ତନ ସରପଞ୍ଚଙ୍କ ବିୟୋଗରେ ଶୋକ

**ବାଙ୍କୀ, ୫।୧( ଶୁଭେନ୍ଦୁ ମହାପାତ୍ର ):** ବାଙ୍କୀ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ବିପିନ ବିହାରୀ ନନ୍ଦ (୬୯)ଙ୍କ ପରଲୋକରେ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ଲୋକ ପ୍ରତିନିଧି ଭାବେ ସେ ପଞ୍ଚାୟତରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ନନ୍ଦ ଜଣେ ମିଷ୍ଟଭାସୀ ଓ ଲୋକପ୍ରିୟ ବ୍ୟକ୍ତି ଭାବେ ପରିଚିତ। ବାଙ୍କୀ ବ୍ଲକ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କାହ୍ନୁ ଚରଣ ସିଂ, ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି, ପ୍ରାକ୍ତନ ସରପଞ୍ଚ ବିଜନ କୁମାର ସାହୁ, କୈଳାସ ଚନ୍ଦ୍ର ସାହୁ, ପ୍ରାକ୍ତନ ସମିତି ସଭ୍ୟ ରମେଶ ଚନ୍ଦ୍ର ପରିଡା ଓ ଖବରଦାତା ପୂର୍ଣଚନ୍ଦ୍ର ସାହୁ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଶୋକବ୍ୟକ୍ତ କରିଛନ୍ତି। ଗ୍ରାମ ଶ୍ମଶାନରେ ବିପିନଙ୍କ ଶେଷକୃତ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ସମୀର କୁମାର ନନ୍ଦ ମୁଖାଗ୍ନି ଦେଇଥିଲେ।

## ଧାନମଣ୍ଡି ଖୋଲିବା ନେଇ ଅନିଶ୍ଚିତତା, ଆଶଙ୍କାରେ ଚାଷୀ

**ଆଠଗଡ଼,୫।୧(ସତ୍ୟ ପ୍ରସାଦ ରଥ)** ରାଜ୍ୟରେ ମିଲରମାନଙ୍କ ଆନ୍ଦୋଳନ ଚାଲିଥିବା ବେଳେ ସରକାର ଓ ମିଲରମାନଙ୍କ ମଧ୍ୟରେ ଆଲୋଚନା ବିଫଳ ହୋଇଛି। ଫଳରେ ଆଠଗଡ ଉପଖଣ୍ଡରେ ଧାନ ମଣ୍ଡି ଖୋଲିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଏନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି।

ନରସିଂହପୁର ନିୟନ୍ତ୍ରିତ ବଜାର ପକ୍ଷରୁ ଡିସେମ୍ବର ୨୬ରେ ଧାନମଣ୍ଡି ଖୋଲିବା ପାଇଁ ସୂଚନା ଦିଆଯାଇଥିଲା। ଏହି ଦିନ ବଡ଼ମ୍ବା ବ୍ଲକ ଗୋପପୁର ସେବା ସମବାୟ ସମିତିରେ ଜିଲା ପ୍ରଶାସନ ପକ୍ଷରୁ ଔପଚାରିକ ଭାବେ ମଣ୍ଡି ଖୋଲାଯାଇଥିଲା। ମାତ୍ର ଟୋକନ ଆସି ନ ଥିଲା। ଏଥିସହ ମିଲରମାନଙ୍କ ଅସହଯୋଗ ଯୋଗୁ ଧାନ କିଣା ହୋଇ ପାରି ନ ଥିଲା। ଫଳରେ ଧାନର ଅଭାବୀ ବିକ୍ରି ଦେଖାଦେଇଛି। ଧାନ ମଣ୍ଡି ଖୋଲିବା ବିଳମ୍ବ ହେଉଥିବାରୁ ଦଲାଲମାନେ ସକ୍ରିୟ ହୋଇ ଧାନ କୁଇଣ୍ଟାଲ ପିଛା ୧୬ଶହରୁ ୧୮ଶହ ଟଙ୍କା ଦେଇ ଚାଷୀମାନଙ୍କଠାରୁ କିଣି ନେଉଛନ୍ତି। ଏଥିପାଇଁ ଆଠଗଡ଼ କୃଷକ ବିଜେଡି ସଭାପତି ସୁବାସ ପାଳ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରସନ୍ନ ସ୍ୱାଇଁ, କୁଲାଇଲୋ ସେବା ସମବାୟ ସମିତି ସଭାପତି ସୁବାସ କୁମାର ଭୋଇ ପ୍ରମୁଖ ସରକାରଙ୍କୁ ଦାୟୀ କରିବା ସହ ଚାଷୀ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି।

## ବାଇକ୍ ଦୁର୍ଘଟଣାରେ ମା’, ବାପା ମୃତ

**ତିଗିରିଆ,୫।୧(ଜାଫର ଖାଁ):** ତିଗିରିଆ ଥାନା ପାଞ୍ଚଗାଁ ପେଟ୍ରୋଲ ପମ୍ପ ସମ୍ମୁଖରେ ସୋମବାର ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ୨ ବାଇକ ମୁହାଁମୁହିଁ ଧକ୍କାରେ ମା’ବାପାଙ୍କ ମୃତ୍ୟୁ ଘଟିଥିବା ବେଳେ ସୌଭାଗ୍ୟବଶତଃ ଦେଢ଼ ବର୍ଷର ଶିଶୁପୁତ୍ର ବର୍ତ୍ତି ଯାଇଛନ୍ତି। ଅପରପକ୍ଷେ ଦୁର୍ଘଟଣା ଘଟାଇଥିବା ଯୁବକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

ରବିବାର ରାତି ପ୍ରାୟ ୯ଟାରେ ତିଗିରିଆ ଥାନା ଅନ୍ତର୍ଗତ ଗଦାଧରପୁର ପଞ୍ଚାୟତ କୋଇଲିକନ୍ୟା ଗ୍ରାମର ପ୍ରତାପ ଚନ୍ଦ୍ର ମନ୍ତ୍ରୀ, ସ୍ତ୍ରୀ ମିନା ମନ୍ତ୍ରୀ ଓ ଦେଢ଼ ବର୍ଷର ଶିଶୁପୁତ୍ରକୁ ନେଇ ଅଂଶୁପାରୁ ଭୋଜି ସାରି ଫେରୁଥିଲେ। ପାଞ୍ଚଗାଁ ପେଟ୍ରୋଲ ପମ୍ପରେ ପେଟ୍ରୋଲ ପକାଇ ସେମାନେ ମୁଖ୍ୟ ରାସ୍ତାକୁ ବାହାରୁଥିବା ସମୟରେ ବିପରୀତ ଦିଗରୁ ପାଞ୍ଚଗାଁ ପଞ୍ଚାୟତ ଅନ୍ତର୍ଗତ ସୁଦର୍ଶନପୁର ଗ୍ରାମର ଚନ୍ଦନ ପ୍ରଧାନ ବାଇକରେ ଆସି ସେମାନଙ୍କୁ ଧକ୍କା ଦେଇଥିଲେ। ଫଳରେ ପ୍ରତାପ ଓ ତାଙ୍କ ସ୍ତ୍ରୀ ମିନା ଓ ଚନ୍ଦନ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଚନ୍ଦନଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିବାବେଳେ ପ୍ରତାପ ଓ ତାଙ୍କ ସ୍ତ୍ରୀଙ୍କୁ ନେବାପାଇଁ ଦୀର୍ଘ ସମୟ ପରେ ଆମ୍ବୁଲାନ୍ସ ପହଞ୍ଚି ଥିଲା। ଏନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। କଟକ ବଡ ଡାକ୍ତରଖାନାରେ ପ୍ରତାପ ଓ ମିନାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ଯୋଗୁ ଉଭୟଙ୍କ ମୃତ୍ୟୁ ଘଟିଥିବା ଚର୍ଚ୍ଚା ହେଉଛି। ବାପା ପ୍ରାଣବନ୍ଧୁ ମନ୍ତ୍ରୀ ଓ ମା’ ଚଞ୍ଚଳା ମନ୍ତ୍ରୀଙ୍କ ପ୍ରତାପ ଏକମାତ୍ର ପୁତ୍ର ହୋଇଥିବା ବେଳେ କିଛିବର୍ଷ ତଳେ ବିବାହ କରିଥିଲେ। ସେ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ବାପା ପୂର୍ଣ୍ଣଚନ୍ଦ୍ର ମେରୁଦଣ୍ଡ ଜନିତ ରୋଗରେ ପୀଡ଼ିତ ଥିବାରୁ ଠିକ୍‌ରେ ଚଲାବୁଲା କରିପାରୁନାହାନ୍ତି। ଏବେ ପ୍ରତାପ ଓ ସ୍ତ୍ରୀ ମିନାଙ୍କ ମୃତ୍ୟୁ ଯୋଗୁ ପରିବାର ସମେତ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ବର୍ତ୍ତିଲା ଦେଢ଼ ବର୍ଷର ଶିଶୁପୁତ୍ରର ଜୀବନ

ଏଭଳିସ୍ଥିତିରେ ଦେଢ଼ ବର୍ଷର ଶିଶୁପୁତ୍ରର ଲାଳନପାଳନ କିଭଳି ହେବ ତାହା ଏବେ ଚିନ୍ତାର ବିଷୟ ପାଲଟିଛି। ଏନେଇ ସରକାରୀ ସହାୟତା ଯୋଗାଇ ଦେବା ସହ ଉକ୍ତ ଶିଶୁର ସମସ୍ତ ଦାୟିତ୍ୱ ବହନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ୧୫୯ ଅଭିଯୋଗ ଶୁଣିଲେ ଜିଲାପାଳ

**ବାରଙ୍ଗ, ୫।୧(ଲିଙ୍ଗରାଜ ରାଉତ):** ବାରଙ୍ଗ ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ମୋଟ୍ ୧୫୯ଟି ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ୧୫୮ଟି ବ୍ୟକ୍ତିଗତ ଏବଂ ଗୋଟିଏ ସାମୂହିକ ଅଭିଯୋଗ ରହିଥିଲା। ୨୦ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି। ପାନୀୟଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶୁଣାଣି ସମୟରେ ଉପାୟୁକ୍ତ ପୋଲିସ କମିଶନରେଟ ଭୁବନେଶ୍ୱର-କଟକ ଖିଲାରୀ ଋଷିକେଶ ଦ୍ୟାନଦେଓ, ଅତିରିକ୍ତ ଜିଲାପାଳ ଶିବ ଟପୋ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ ଉପଜିଲାପାଳ



ବୈଠକରେ ଉପଜିଲାପାଳ ପ୍ରଣବ କୁମାର ବେହେରା ଓ ଅନ୍ୟ ପ୍ରଶାସନିକ ଅଧିକାରୀ।

### ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ବାଙ୍କୀ, ୫।୧ (ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)** ବାଙ୍କୀ ଉପଖଣ୍ଡସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଉପଜିଲାପାଳ ପ୍ରଣବ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ବିଗତ ବର୍ଷ ପରି ଚଳିତବର୍ଷ ମଧ୍ୟ ଜାକଜମକରେ ସାଧାରଣତନ୍ତ୍ର ଦିବସ ପାଳନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସାଧାରଣତନ୍ତ୍ର ଦିବସ ଭୋର୍ ୪ଟା ୩୦ରୁ ୫.୩୦ ମିନିଟ୍ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦାରା ଡାକବାଜି ଯନ୍ତ୍ର ସାହାଯ୍ୟରେ ସହର ମଧ୍ୟରେ ‘ରାମଧୁନ୍’ ପ୍ରଚାର କରାଯିବ। ପ୍ରତ୍ୟୁଷରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରି ଓ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ସକାଳ ୭ଟା ୩୦ ମିନିଟ ସୁଦ୍ଧା ଜାତୀୟ ପତାକା ଉତ୍ତୋଳନ ପାଇଁ ନିଷ୍ପତ୍ତି ହୋଇଥିଲା। ସେହିପରି ସକାଳ ୮ଟା ୪୫ରେ ସ୍ଥାନୀୟ କଚେରି ପଡ଼ିଆରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ଉତ୍ସବରେ ଉପଜିଲାପାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିବେ। ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ଏଥିସହ ଉପକାରାଗାରର କଏଦୀ ଓ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ମିଷ୍ଟାନ୍ନ ଓ ଫଳ ବଣ୍ଟନ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ବୈଠକରେ ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଆଲୋକ କୁମାର ପଟ୍ଟନାୟକ, ବାଙ୍କୀ ଥାନା ଅଧିକାରୀ ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ, ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଉପକାରାଗାର ଅଧୀକ୍ଷକ ସନାତନ ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ଶିକ୍ଷାନୁଷ୍ଠାନର ମୁଖ୍ୟ, ଶିକ୍ଷୟିତ୍ରୀ, ଶିକ୍ଷକ, ଗଣମାଧ୍ୟମ ପ୍ରତିନିଧି ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାଳିଚରଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ସକାଳ ୯.୧୫ରେ ଜାତୀୟ ପତାକା ଉତ୍ତୋଳନ

## ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ, ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା,୫।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ସୋମବାର ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ ଏବଂ ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧାରଣତନ୍ତ୍ର ଦିବସରେ ପ୍ରାତଃ ସମୟରେ ଡାକବାଜି ଯନ୍ତ୍ରରେ ପୌର ପରିଷଦ ଅଞ୍ଚଳରେ ରାମଧୁନ୍ ପ୍ରଚାର କରାଯିବ। ସକାଳ ୭ଟାରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ୭ଟା ୩୦ରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଜିଲାସ୍ତରୀୟ ଉତ୍ସବ ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବ। ଉତ୍ସବର ମୁଖ୍ୟ ଅତିଥି ସକାଳ ୯ଟା ୧୫ରେ ଜାତୀୟ ପତାକା ଉତ୍ତୋଳନ କରି ଜାତି ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିବେ। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସଡ଼କ ସୁରକ୍ଷାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶ୍ରେଷ୍ଠ ଜୀବନ ରକ୍ଷାକାରୀଙ୍କୁ ଏବଂ କ୍ରୀଡ଼ା କ୍ଷେତ୍ରରେ ଅନ୍ତର୍ଜାତୀୟ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରତିପାଦନ ନିମନ୍ତେ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯିବ। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଅଭ୍ୟାସ ପ୍ୟାରେଡ ଆସନ୍ତା ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ବିଜେବି ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେବ। ଉକ୍ତ ଦିବସରେ ବିଭିନ୍ନ ବିଭାଗର ରାଜ୍ୟ ସରକାରଙ୍କ ଅଗ୍ରଣୀ ଯୋଜନାର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯିବ। ସେହିପରି ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳନ ଉପଲକ୍ଷେ ଉଚ୍ଚ ବିଦ୍ୟାଳୟରୀୟ ବକ୍ସିଙ୍କ ଜୀବନୀ ଉପରେ ବକ୍ତୃତା ପ୍ରତିଯୋଗିତା ବିଜେବି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଆସନ୍ତା ୨୪ ତାରିଖ ସକାଳ ୧୧ଟାରେ ବିଜେବି ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସାଧାରଣ ସଭା ଅନୁଷ୍ଠିତ ହେବ। ବିଦ୍ୟାଳୟ ପରିସରରେ ଥିବା ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ ଅତିଥିମାନଙ୍କ ଦ୍ୱାରା କରାଯିବ। ବୈଠକରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ମନୋଜ କୁମାର ସେନାପତି, ରଞ୍ଜନ କୁମାର ମହାନ୍ତି, ସାମାଜିକ କର୍ମୀ ନିକୁଞ୍ଜ ପଟ୍ଟନାୟକ, ପୂର୍ବତନ ଆରକ୍ଷୀ ଅଧୀକ୍ଷକ ଦେବ ପ୍ରସାଦ ମଜୁମଦାର, ଶିକ୍ଷାବିତ୍ ଭୀମ ସେନ ପ୍ରଧାନ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ରାମଶଙ୍କର, ସତ୍ୟବାଦୀ ବଳିୟାରସିଂହ, ଜିଲାସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ମୋହନ ଦାଶ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା, ପ୍ରାଣନାଥ ମହାବିଦ୍ୟାଳୟ ଅଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ମିଶ୍ର, ଅଗ୍ନିଶମ ସେବା ଅଧିକାରୀ ଗୌତମ ସାମନ୍ତରା, ଆଦର୍ଶ ଥାନା ଅତିରିକ୍ତ ଥାନା ଅଧିକାରୀ ଭାଗ୍ୟଶ୍ରୀ ବେହେରା, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକ, ବିଜୟ କୁମାର ସାହୁ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ମୁଖ୍ୟ ଜିଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ଜିଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ଓ୍ୱାର୍କୋ ସହକାରୀ ପରିଚାଳକ ସୌମ୍ୟ ରଞ୍ଜନ ବାରିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ବୁଦ୍ଧିଜୀବୀ।

## ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

ଟାଙ୍ଗୀ,୫।୧(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଟାଙ୍ଗୀ ଥାନା ପକ୍ଷରୁ ଚଣ୍ଡେଶ୍ୱର ବେଣୀପଥର ରାସ୍ତାର ଏକ କୁଡ଼ିଆ ଘରେ ଚଢ଼ାଉ କରାଯାଇ ୧୧ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ନଜିତ ଖାଁ ଏବଂ ଅନିଲ ଜେନା। ଏମାନଙ୍କଠାରୁ ବ୍ରାଉନ୍‌ସୁଗାର ସହ ଦୁଇଟି ମୋବାଇଲ, ଗୋଟିଏ ବାଇକ୍ ଏବଂ ୪୦ ହଜାର ୨୭୦ ଟଙ୍କା ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୧୨/୨୬) ରୁଜୁ ପରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳ ସୂଚନା ଦେଇଛନ୍ତି।

## ଗାଡ଼ଭାଲୁ ମୃତଦେହ ଜବତ

ବେଗୁନିଆ,୫।୧
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ବନଖଣ୍ଡ ଅଧୀନ ବେଗୁନିଆ ବନାଞ୍ଚଳରୁ ସୋମବାର ଏକ ଗାଡ଼ଭାଲୁର ମୃତଦେହ ଜବତ କରାଯାଇଛି। ଗେଡିଆପଲ୍ଲି ପଞ୍ଚାୟତର ସାଲତରା ଗ୍ରାମ ନିକଟ ଜମିରେ ଏକ ଭାଲୁ ମରି ପଡିଥିବା ଖବର ପ୍ରଚାରିତ ହୋଇଥିଲା। ଖବରପାଇ ବେଗୁନିଆ ବନପାଳ ପ୍ରିୟଦର୍ଶିନୀ ସେଠୀ ଏବଂ ସହକର୍ମୀ ଦଳ ସେଠାରେ ପହଞ୍ଚିଥିଲେ। ମୃତ ଗାଡ଼ଭାଲୁକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟକୁ ନେଇଥିଲେ। ତେବେ ଗାଡ଼ଭାଲୁ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବନପାଳ ସେଠୀ କହିଛନ୍ତି।

## ମରଣାନ୍ତକ ଆକ୍ରମଣ ଘଟଣାରେ ଜଣେ ଗିରଫ

ଜଟଣୀ,୫।୧(ରବୀନ୍ଦ୍ରନାଥ ମହାକୁଡ଼)

ମରଣାନ୍ତକ ଆକ୍ରମଣ ଘଟଣାରେ ଜଟଣୀ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ବଡ଼ତୋଟା ଗ୍ରାମର ବିଭୁ ପ୍ରସାଦ ମହାରଣା ଓରଫ ଗୁଡୁ(୨୯)। ଏନେଇ ଥାନାରେ ଏକ ମାମଲା (ନଂ.୫/୨୬)ମାମଲା ରୁଜୁ ପରେ ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ ସୂଚନା ଦେଇଛନ୍ତି।

## ଦେଶୀମଦ ଜବତ, ୨ ଗିରଫ

ବାଲୁଗାଁ,୫।୧(ସଂଗ୍ରାମ ପାଇକରାୟ)

ବାଲୁଗାଁ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ସୋମବାର ପୃଥକ୍‌ଭାବେ ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇ ମୋଟ ୪୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ନେଇ ୨ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବାଣପୁର ଥାନା ଚାଷଙ୍ଗରା ଗ୍ରାମର ପ୍ରଦ୍ୟୁମ୍ନ ବେହେରା ଏବଂ ଓସ୍ତାପଲ୍ଲୀ ଗ୍ରାମର ଦୀପକ ମୁଦୁଲି। ବାଣପୁର ନିକଟ ବାଲେଡିହ ଛକରୁ ପ୍ରଦ୍ୟୁମ୍ନଙ୍କ ନିକଟରୁ ୧୫ ଲିଟର ଏବଂ ବାଲୁଗାଁ–ବାଣପୁର ରୋଡ୍‌ର ଭେସେରୀ ଛକରୁ ଦୀପକଙ୍କଠାରୁ ୨୫ ଲିଟର ଦେଶୀ ମଦ ଜବତ କରାଯାଇଛି। ବିଭାଗ ପକ୍ଷରୁ ଦୁଇଟି ମାମଲା (ନଂ.୨୫୦,୨୫୧/୨୫–୨୬) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସ୍‌ଆଇ ମୀନକେତନ ମହାଲିକ, କନ୍‌ଷ୍ଟେବଲ ଅଶେଷ କୁମାର ପ୍ରଧାନ, ରଞ୍ଜିତ ପଟେଲ, ମନୋଜ କୁମାର ଜୟସିଂହ, ସୁନିତା ମହାରଣା ପ୍ରମୁଖ ସାମିଲ ହୋଇଥିଲେ।

## ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବେଗୁନିଆ,୫।୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ମଣ୍ଡଳ ଅନ୍ତର୍ଗତ ପିଏମଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସାମନ୍ତରାୟ ଏବଂ ମୋହିନୀକାନ୍ତି ଦାସଙ୍କ ତତ୍ତ୍ୱାବଧାନରେ ପିଏମଶ୍ରୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଡ.ଶରତ କୁମାର ବିଶ୍ୱାଳ ମୁଖ୍ୟ ଅତିଥି, ଶିକ୍ଷାବିତ୍ ଶଶାଙ୍କ ଶେଖର ସାହୁ ମୁଖ୍ୟ ବକ୍ତା, ଓଷ୍ଟାର ଉପଦେଷ୍ଟା ପଦ୍ମନାଭ ବିଶ୍ୱାଳ ସ୍ୱତନ୍ତ୍ର ଅତିଥି, ରାଜ୍ୟ ବିଦ୍ୟା ଶିକ୍ଷା ଟ୍ରଷ୍ଟ ଅଧ୍ୟକ୍ଷ ରମାକାନ୍ତ ମହାପାତ୍ର, ପଞ୍ଚଶିକ୍ଷା ସେତୁ ଅଧ୍ୟକ୍ଷ ମାୟାଧର ମାର୍ଥା, ପରିଚାଳନା ପରିଷଦର ଅଧ୍ୟକ୍ଷ ପୁଷ୍ପଲତା ଜୟସିଂହ, ଉପାଧ୍ୟକ୍ଷ ସର୍ବେଶ୍ୱର ସାହୁ, ଇଂ. ରାମମାନସ ପଣ୍ଡା, ସିଆରସିସି ସୂର୍ଯ୍ୟ ନାରାୟଣ ପଣ୍ଡା, ମାନସ ରଞ୍ଜନ କର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସୂର୍ଯ୍ୟକାନ୍ତ ମହାପାତ୍ର ସଂଯୋଜନା କରିଥିଲେ। ଶିକ୍ଷକ ସୌମ୍ୟରଞ୍ଜନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ଆଶା ମୁର୍ମୁ, ଶୁଭଲକ୍ଷ୍ମୀ ସାହୁ ଏବଂ ପ୍ରଭାତ କୁମାର ନିଶଙ୍କଙ୍କ ତତ୍ତ୍ୱାବଧାନରେ ହୋଇଥିବା କ୍ରୀଡ଼ା ପ୍ରତିଯୋଗୀତାରେ ବିଚାରକଭାବେ ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟର ପୂର୍ବତନ କ୍ରୀଡା ଶିକ୍ଷକ ଭଞ୍ଜ କିଶୋର ଯତି, ହିମାଂଶୁ ଭୂଷଣ ସ୍ୱାଇଁ ଓ ଶ୍ରୀକାନ୍ତ ପଣ୍ଡା ଯୋଗଦେଇଥିଲେ । ଆଶୁତୋଷ ସେନାପତି ପ୍ରଥମ, ରାକେଶ କୁମାର ପ୍ରଧାନ ଦ୍ୱିତୀୟ ଏବଂ ରୋହନ ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ପଞ୍ଚ ଶଖା ଶିକ୍ଷା ସେତୁ ଉପାଧ୍ୟକ୍ଷ ଭବାନୀ ଶଙ୍କର ଜୟସିଂହ, ଶିକ୍ଷୟିତ୍ରୀ ସୁନିତା ପୃଷ୍ଟି, ଲକ୍ଷ୍ମୀପ୍ରିୟା ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ପ୍ରସ୍ତୁତି

ବାଣପୁର,୫।୧(ଦିଲୀପ କୁମାର ସ୍ୱାଇଁ)

ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ କରିବା ପାଇଁ ଆସନ୍ତା ୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଣପୁର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ ଐତିହାସିକ ପଲଟଣ ପଡ଼ିଆରେ ଏକ ସଭା ହେବ। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ସୋମବାର ସୁନାଖଳା ପୂର୍ତ୍ତ ବିଭାଗର ଡାକବଙ୍ଗଳାଠାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଏସ୍‌ପି ଅନାଦି ସେଠୀ, ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତା, ବିଡିଓ ବିକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଭୀମପୁର ରାସ୍ତାରେ ନିର୍ମିତ ହେଲିପ୍ୟାଡ଼ରେ ଅବତରଣ ପରେ ପଲଟଣ ପଡ଼ିଆରେ ହେବାକ ଥିବା କାର୍ଯ୍ୟକ୍ରମ ପରେ ବାଣପୁରର ଆରାଧ୍ୟ ମା’ଭଗବତୀଙ୍କ ଦର୍ଶନ କରିବା ସହ ଅଞ୍ଚଳରେ ଜାରି ରହିଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବେ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

## ‘ପଲ୍ଲୀରେ ପ୍ରଶାସନ’ରେ କେକ୍ କାଟି ଜନ୍ମଦିନ ପାଳିଲେ

### ୨ଘଣ୍ଟା ବିଳମ୍ବରେ ଆରମ୍ଭ ହେଲା ପଲ୍ଲୀରେ ପ୍ରଶାସନ

ଖୋର୍ଦ୍ଧା,୫।୧(ପ୍ରଭାତ ପାଣିଗ୍ରାହୀ)

ଲୋକମାନଙ୍କ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ଜିଲାପାଳ ‘ପଲ୍ଲୀରେ ପ୍ରଶାସନ’ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପ୍ରଶାସନିକ ଅଧିକାରୀ ମାସର ପ୍ରତି ସୋମବାର ଭିନ୍ନ ଭିନ୍ନ ପଞ୍ଚାୟତରେ ପହଞ୍ଚି ଜନସାଧାରଣଙ୍କ ସମସ୍ୟା ବୁଝିବା ସହ ସମାଧାନ କରିବା ପାଇଁ ପ୍ରୟାସ କରିବେ। ତେବେ ବୋଲଗଡ଼ ବ୍ଲକରେ ପଲ୍ଲୀରେ ପ୍ରଶାସନ ପ୍ରହସନ ପାଲଟିଛି। ସୋମବାର ବଡ଼କୁମାରୀ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣିବା ପରିବର୍ତ୍ତେ କାର୍ଯ୍ୟାଳୟ ଭିତରେ କେକ୍ କାଟି ବିଡିଓଙ୍କ ଡ୍ରାଇଭରଙ୍କ ଜନ୍ମଦିନ ପାଳନ କରିଥିଲେ। ଏପଟେ ଲମ୍ବାଧାଡ଼ିରେ ଲୋକେ ଅପେକ୍ଷା କରିଥିବା ବେଳେ ପ୍ରଶାସନ ଅଧିକାରୀ ମାନବିକତା ଭୁଲି ଜନ୍ମଦିନ ପାଳନରେ ବ୍ୟସ୍ତ ଥିଲେ। ଦୁଇ ଘଣ୍ଟା ବିଳମ୍ବରେ ଅର୍ଥାତ ମଧ୍ୟାହ୍ନ ୧୨ଟାରେ ଅଭିଯୋଗ ଶୁଣାଣି ଆରମ୍ଭ ହୋଇଥିବା କେତେଜଣ ଅଭିଯୋଗକାରୀ ଏବଂ ଜନପ୍ରତିନିଧି ଗଣମାଧ୍ୟମରେ କହିଛନ୍ତି। ଅନ୍ୟପଟେ କାର୍ଯ୍ୟାଳୟ ଭିତରେ କେକ କାଟିବା ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଜନଶୁଣାଣି ପରିବର୍ତ୍ତେ ମିଶନ ଶକ୍ତି ମା, ନୋଡାଲ ଅଫିସରଭାବେ ଜିଲା ଗ୍ରାମପଞ୍ଚାୟତ ଅଧିକାରୀ ସହ ବୋଲଗଡ ବିଡିଓ ଓ ବ୍ଲକ କର୍ମଚାରୀମାନେ ମିଳିତ ହୋଇ ବିଡିଓଙ୍କ ଡ୍ରାଇଭରଙ୍କ ଜନ୍ମଦିନ ଉପଲକ୍ଷେ କେକ୍ କାଟିଥିଲେ। ସରକାରୀ କାର୍ଯ୍ୟକ୍ରମରେ ଜନ୍ମଦିନ ପାଳନ କେତେଦୂର ଠିକ୍ ବୋଲି ସାଧାରଣରେ ଅଭିଯୋଗ ହୋଇଛି। ବ୍ଲକ ଚେୟାରମ୍ୟାନ ଉଲ୍ଲାସ ପ୍ରଧାନ, ଜିଲା ପରିଷଦ ସୁବାସ ଚନ୍ଦ୍ର ରାୟଗୁରୁ, ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ ଏହି ଘଟଣା ଉପରେ ଆପତ୍ତି ଉଠାଇଛନ୍ତି। ଏନେଇ ବିଡିଓଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ।

## ‘ଗବେଷଣା ପ୍ରସଙ୍ଗ ଓ ପ୍ରକରଣ’ ଶୀର୍ଷକ ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ନିରାକାରପୁର,୫।୧
(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତ ଅନ୍ତର୍ଗତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ସୋମବାର ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ‘ଗବେଷଣା ପ୍ରସଙ୍ଗ ଓ ପ୍ରକରଣ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ.ଶିଶିର ବେହେରା, ଅଧ୍ୟାପକ ଡ. ମୀନକେତନ ପଟ୍ଟଯୋଶୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଗବେଷଣାର ବିଭିନ୍ନ ଦିଗ ଉପରେ ଆଲୋଚନା ପୂର୍ବକ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ପ୍ରାରମ୍ଭରୁ ବିଭାଗୀୟ ମୁଖ୍ୟ ଡ. ପ୍ରଭାତ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ପୁଣ୍ୟ ଦର୍ଶନ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମାନସ ରଞ୍ଜନ ନାୟକ ଏବଂ ଡ. ମୃତ୍ୟୁଞ୍ଜୟ ରଥଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ଭାସ୍କର ଦାସ, ଡ. ଜୟନ୍ତୀ ବେହେରା, ମାଧବ ମାଝୀ, ପ୍ରଭାକର ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ମା’ଭଗବତୀଙ୍କୁ ଲାଗିହେଲା ନବାନ୍ନ

ବାଣପୁର, ୫।୧(ଦିଲୀପ କୁମାର ସ୍ୱାଇଁ)

ବାଣପୁରର ଆରାଧ୍ୟା ମା’ ଭାଗବତୀଙ୍କୁ ସୋମବାର ନବାନ୍ନ ଲାଗି କରାଯାଇଛି। ପୂର୍ବରୁ ମନ୍ଦିର ପାଞ୍ଜିଗଣକ ଶରତ ଚନ୍ଦ୍ର ପଣ୍ଡିତରାୟ ଲଗ୍ନ ସ୍ଥିର କରି ଶୁଭାଶୁଭ ନିର୍ଣ୍ଣୟ ପୂର୍ବକ ଆଜିର ଦିବସକୁ ନବାନ୍ନ ଭାବେ ପାଳନ କରିବା ପାଇଁ ଟିଟ୍ଟାଉ ଦେଇଥିଲେ। ତଦନୁସାରେ ମା’ଙ୍କ ଜମିରୁ ଚଳିତ ବର୍ଷ ଆଦାୟ ହୋଇ ଖମାରକୁ ଆସିଥିବା ପ୍ରଥମ ଧାନରୁ ଚାଉଳ, ଚୁଡ଼ା, ଖଇଲିଆ ପ୍ରସ୍ତୁତ କରି ସେବାୟତମାନେ ଯୋଗାଇଦେଇଥିଲେ। ପ୍ରତ୍ୟୁଷରୁ ପିତ୍ରାଳୟ ଶ୍ରୀଦକ୍ଷେଶ୍ୱର ମନ୍ଦିର ସହିତ ମା’ଙ୍କ ମନ୍ଦିର ଧୋପଖାଳ କରାଯାଇ ଶୋଧ ହୋଇଥିଲା। ପାଳିଆ ମାଳି ସଞ୍ଜୟ ମହାପାତ୍ର ଓ ଅନ୍ୟାନ୍ୟ ସେବାୟତମାନେ ମା’ଙ୍କ ସିଂହାସନ ପିଣ୍ଡିଠାରୁ ଆରମ୍ଭ କରି ଗର୍ଭଗୃହ, ଭୋଗ ମଣ୍ଡପ, ନାଟମନ୍ଦିରକୁ ଧୋଇ ସଫା କରିଥିଲେ। ପରେ ମା’ଙ୍କୁ ତେଲ ହଳଦୀ ଲଗାଯାଇ ସୁବାଷିତ ଜଳରେ ଅଙ୍ଗରାଗ ମାଜଣା କରାଇ ନୂତନ ପାଟବସ୍ତ୍ର, ଅଳଙ୍କାର, ରଙ୍ଗବେରଙ୍ଗର ଗେଣ୍ଡୁ, ମନ୍ଦାର, ବେଲପତ୍ର ମାଳରେ ବେଶ କରାଇ ମହାପ୍ରସାଦ ଅର୍ପଣ କରାଇଥିଲେ। ପାର୍ଶ୍ୱଦେବଦେବୀଙ୍କୁ ମଧ୍ୟ ସ୍ନାନ କରାଯାଇ ନୂତନ ବସ୍ତ୍ରରେ ବେଶ କରାଯାଇଥିଲା। ସବୁଦିନ ପରି ପ୍ରଭାତରେ ବଲ୍ଲଭ ଆଳତି ହୋଇ ନ ଥିଲା କିମ୍ବା



### ନୂଆ ଧାନ, ବିରିରୁ ପ୍ରସ୍ତୁତ ହେଲା ସମସ୍ତ ନୈବେଦ୍ୟ

ସର୍ବସାଧାରଣଙ୍କ ନୈବେଦ୍ୟ ଲାଗି ହୋଇ ନ ଥିଲା। ବେଢ଼ାଖାଡ଼କା ପାଟ ଅଗଣା ରୋଷଘର ଦ୍ୱାର ଧୋଇ ପରିଷ୍କାର କରିଥିଲେ। ସୁଆର ସେବକ ସୁଧାଂଶୁ ପଣ୍ଡା ରୋଷଘରେ ଗୋବର ଚୁନ୍‌ଲିପି ପୁରୁଣା ଅଥର ବଦଳାଇ ନୂଆ ଅଥର ନୂଆ କନା ନେଇ ଶୋଧ କରିବା ପରେ ମା’ ଅନ୍ନପୂର୍ଣ୍ଣା ଭଗବତୀଙ୍କ ପାଖରେ ସମର୍ପିତ ହୋଇ ଦୀପନେଇ ରୋଷ ଚୁଲି ଲଗାଇ ନୂଆ ହାଣ୍ଡିରେ ନୈବେଦ୍ୟ ପ୍ରସ୍ତୁତ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରସ୍ତୁତ ବଲ୍ଲଭ, ଖେଚେଡ଼ି, ଡାଲି, ମାଛ ମହୁର, ଶାଗମୁଗ, ଆମ୍ବିଳ, ଖିରୀ, ନୂଆ ବିରିଚାଉଳରୁ ପ୍ରସ୍ତୁତ ଏଣ୍ଡୁରୀ, ମାଠପୁଳି, ଘଷା ବିଡ଼ିଆ, ଖଇ ମୁଆଁ, ଫଳ ଆଦି ଠା’ କରି ଘଣ୍ଟକାହାଳି ବାଜି ପୂଜକ ସାଆନ୍ତ ପ୍ରସନ୍ନ ମହାପାତ୍ର ଏକାଥରକେ ବଲ୍ଲବ ଧୂପ ଓ ମଧ୍ୟାହ୍ନ ଧୂପ କରାଇ ଧୂପ ଆଳତି ବଢ଼ାଇଥିଲେ। ଧୂପ ପରେ ପାର୍ଶ୍ୱ ଦେବଦେବୀଙ୍କ ନିକଟରେ ନବାନ୍ନ ଗୁଣ୍ଡା ଭୋଗ କରାଯାଇ ସେବାୟତମାନେ ନବାନ୍ନ ପ୍ରସାଦ ସେବନ କରିଥିଲେ। ମା’ଙ୍କ ଏହି ନବାନ୍ନ ପ୍ରସାଦ ପାଇବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳିଥିଲା। ସେହିପରି ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରରେ ମଧ୍ୟ ଏକ ସମୟରେ ପାଳିଆ ମାଳି ମୁନା ନାୟକ, ସୁକାନ୍ତ ନାୟକ ଏବଂ ସୁଆର ରଞ୍ଜନ ଷଡ଼ଙ୍ଗୀଙ୍କ ଦାରା ପ୍ରସ୍ତୁତ ନୈବେଦ୍ୟ ପୂଜକ ସାଆନ୍ତ ନିରଞ୍ଜନ ମହାପାତ୍ର ସମ୍ମିଳିତ ଭାବେ ଶ୍ରୀଚନ୍ଦ୍ରଶେଖର, ମା’କନକ ଦୁର୍ଗା, ଗୋପୀନାଥ, କଳିଯୁଗେଶ୍ୱର ଏବଂ ମା’ଭଗବତୀଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣି ସମଶ୍ୱେରୀଙ୍କୁ ନୂଆ ଖେଚେଡ଼ି, ଡାଲି , ବେଶର, ମହୁର, ଶାଗମୁଗ, ଆମ୍ବିଳ, ଖିରୀ ,ନୂଆ ବିରିଚାଉଳର ଏଣ୍ଡୁରୀ, ମାଠପୁଳି, ଧୂପ କରାଇ ବେଢ଼ାରେ ଥିବା ବେଢ଼ା ହନୁମାନ, ଅନନ୍ତ ବାସୁଦେବ, ବୁଢ଼ାଲିଙ୍ଗ, ମା’ବୁଢ଼ିଠାକୁରାଣୀ ଓ ପାର୍ଶ୍ୱ ଦେବଦେବୀଙ୍କୁ ମଧ୍ୟ ନବାନ୍ନ ଗୁଣ୍ଡା ଭୋଗ ଲାଗି କରିଥିଲେ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦଦାସ ସୂଚନା ଦେଇଛନ୍ତି। ମନ୍ଦିର କାର୍ଯ୍ୟାଳୟର କର୍ମଚାରୀ ସୁରେନ୍ଦ୍ର କୁମାର ସାହୁ, ଅକ୍ଷୟ କୁମାର ମିଶ୍ର, ଅଶ୍ୱିନୀ ମିଶ୍ର, କମଳ ମିଶ୍ର ପରିଚାଳନାରେ ସହଯୋଗ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଦିତ୍ୟ



@ ବାବୁ



@ ଆଝାର



@ ରଶ୍ମିତା




@ ଶିତୁନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରତି ମାସରେ ହେବ ସମନ୍ୱୟ ବୈଠକ

ପୁରୀ,୫।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ରବିବାର ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା। ସାତପାହାଚ ପୂର୍ବରୁ କୀର୍ତ୍ତନ ଚକଡ଼ାଠାରେ ଶ୍ରୀମନ୍ଦିର କମାଣ୍ଡର ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ପାଟିତୁଣ୍ଡକୁ ନେଇ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ବ୍ୟାରିକେଡ୍‌ରେ ସୁରକ୍ଷାକର୍ମୀଙ୍କ ପ୍ରୋଟୋକଲ୍ ଦର୍ଶନକୁ ଶ୍ରୀମନ୍ଦିର କମାଣ୍ଡର ବିରୋଧ କରିଥିଲେ। ଏହାକୁ ନେଇ କିଛି ସମୟ ଧରି ଯୁକ୍ତିତର୍କ ଓ ଠେଲାପେଲା ସ୍ଥିତି ଉପୁଜିଥିଲା। ଉକ୍ତ ଘଟଣାକୁ ନେଇ ସୋମବାର ଅପରାହ୍ନରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ, ଶ୍ରୀମନ୍ଦିର କମାଣ୍ଡର ସୁଧାଂଶୁ ଶେଖର ପଟ୍ଟନାୟକ, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ସୁରକ୍ଷା ପ୍ରଶାସକ ହେମନ୍ତ ପାଢ଼ୀ, ଶ୍ରୀମନ୍ଦିର ବରିଷ୍ଠ ଅଧିକାରୀ ଏବଂ ଶ୍ରୀମନ୍ଦିର ସ୍ୱତନ୍ତ୍ର ବାହିନୀର ଅଧିକାରୀଙ୍କ ସହ ବିଭିନ୍ନ ଥାନାର ଥାନାଧିକାରୀ ଉପସ୍ଥିତ ଥିଲେ।


ବୈଠକରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ସମେତ ଅନ୍ୟ ଅଧିକାରୀମାନେ ।

ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ମହାପ୍ରଭୁଙ୍କ ନିକଟରେ ସେବା କରିବାର ସୁଯୋଗ ପାଇଥିବା ହେତୁ ସମସ୍ତେ ନିଜକୁ ଭାଗ୍ୟ ମଣୁଛୁ। ଏଥିରେ ବଡ଼ ସାନର ବିଚାର ନାହିଁ। ସମସ୍ତଙ୍କ ମଧ୍ୟରେ କିପରି ଉତ୍ତମ ସମନ୍ୱୟ ରହିପାରିବ ସେ ନେଇ ସୋମବାର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ରବିବାର ଘଟଣାକୁ ନେଇ ଦୁଃଖପ୍ରକାଶ ସହ ଘଟଣାର ଯେଭଳି ପୁନରାବୃତ୍ତି ନ ଘଟେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି ଓ ସେ ନେଇ ଧ୍ୟାନ ଦେବା ପାଇଁ କୁହାଯାଇଛି। ଶ୍ରୀମନ୍ଦିରରେ ଶୃଙ୍ଖଳିତ ନୀତିକାନ୍ତିରେ କମାଣ୍ଡରଙ୍କ ଗୁରୁଦାୟିତ୍ୱ ରହିଛି। କମାଣ୍ଡର ପଦବୀର ଯେପରି ଗରିମା ଅକ୍ଷୁର୍ଣ୍ଣ ରଖାଯାଇପାରିବ ସେ ନେଇ ଗୁରୁତ୍ୱ ଦିଆଯାଇଛି। ପ୍ରତି ମାସରେ ସମନ୍ୱୟ ବୈଠକ ଅନୁଷ୍ଠିତ ହେବ। ବୈଠକରେ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀଙ୍କ ସହ ଶ୍ରୀମନ୍ଦିର ବରିଷ୍ଠ ଅଧିକାରୀମାନେ ଯୋଗଦାନ କରିବେ। ପ୍ରୋଟୋକଲ ନେଇ ଅନେକ ସମୟରେ ସମସ୍ୟା ଦେଖାଯାଉଛି। ତେଣୁ ଯେପରି ଭକ୍ତମାନେ ଶୃଙ୍ଖଳିତ ଦର୍ଶନ କରିବେ ସେ ନେଇ ଡ୍ରାଫ୍ଟ ପ୍ରସ୍ତୁତ କରାଯାଇଛି। ସମସ୍ତଙ୍କ ସହ ଆଲୋଚନା କରାଯିବ। ଶ୍ରୀମନ୍ଦିର ପ୍ରୋଟୋକଲ ଦର୍ଶନ ଶ୍ରୀମନ୍ଦିର ପ୍ରଶାସନ ଦାୟିତ୍ୱରେ ରହିବେ। ଶ୍ରୀମନ୍ଦିରରେ ପ୍ରୋଟୋକଲ୍ ଦର୍ଶନକୁ ନେଇ ନୂଆ ମାର୍ଗଦର୍ଶିକା ଆସିବ। ପ୍ରୋଟୋକଲ୍ ଦର୍ଶନ ନୂଆ ଭାବେ ଲାଗୁ କରାଯିବ। ସେହିପରି ଶ୍ରୀମନ୍ଦିରରେ ମୋବାଇଲ୍ କଟକଣା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଲାଗୁ କରାଯିବ।

## ଶ୍ରୀମନ୍ଦିର କମାଣ୍ଡର-ସୁରକ୍ଷା କର୍ମୀଙ୍କ ବିବାଦ ନେଇ ବୈଠକ

ଶ୍ରୀମନ୍ଦିର ପରିସରରେ କେହି ବି ଫଟୋ ଉତ୍ତୋଳନ କରାଯିବ ନାହିଁ, ଯିଏ ନିୟମ ଉଲ୍ଲଂଘନ କରିବ ତା' ଉପରେ ତଦନ୍ତ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶ୍ରୀମନ୍ଦିରରେ ଜେଟିପି ସହ ସୁରକ୍ଷା ବାହିନୀରେ ଅନେକ ପଦବୀ ଖାଲି ପଡ଼ିଛି, ଯାହାକୁ ଖୁବଶୀଘ୍ର ପୂରଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ପୂର୍ବରୁ ଆଉଟ୍‌ସୋର୍ସିଂ ଜରିଆରେ ୬୦ ପୁରୁଷ ଜେଟିଏସ୍ ଓ ୧୫ ମହିଳା ଜେଟିଏସ୍‌ଙ୍କୁ ନିଯୁକ୍ତି କରାଯାଇଛି। ଆଗାମୀ ଦିନରେ ଆବଶ୍ୟକ ପଡ଼ିଲେ ବୃଦ୍ଧି କରାଯିବ। ମହାପ୍ରଭୁଙ୍କ ଦର୍ଶନ ବେଳେ ଶ୍ରୀମନ୍ଦିରରେ କୌଣସି ପ୍ରକାର ବିବାଦ ଉପୁଜିବାକୁ ଦିଆଯିବ ନାହିଁ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଏଭଳି ବିବାଦ ନ ଉପୁଜିବା ପାଇଁ ପ୍ରତି ମାସରେ ସମନ୍ୱୟ ବୈଠକ କରାଯିବ। ସମସ୍ତ ସେବକଙ୍କ ସହଯୋଗ କାମନା କରୁଛି ବୋଲି ସେ ସୂଚନା ଦେଇଛନ୍ତି।




୫।୧।୨୦୨୬

| | |
|---|---|
| ୫,୮୦,୨୬୭ ଟଙ୍କା | |
| ସୁନା | ୨.୮୫୦ ଗ୍ରାମ୍ |
| ରୁପା | ୯୦ ଗ୍ରାମ୍ |

# ନିମାପଡ଼ାରୁ ଅପହୃତା ନାବାଳିକା ଛାତ୍ରୀ କଲିକତାରୁ ଉଦ୍ଧାର

## ଅପହରଣକାରୀ ଯୁବକଙ୍କୁ ଗିରଫ ଦାବିରେ ଗଣଧାରଣା

ନିମାପଡ଼ା,୫।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଜଣେ ଯୁବକ ବିଭିନ୍ନ ପ୍ରକାର ପ୍ରତିଶ୍ରୁତି ଦେଇ ପ୍ରଲୋଭନ ଦେଖାଇ ଗତ ୨୩ତାରିଖରୁ କେଉଁଆଡ଼େ ଅପହରଣ କରି ନେଇଯାଇଛନ୍ତି। ଏ ସମ୍ପର୍କରେ ଅପହୃତା ନାବାଳିକାଙ୍କ ମା' ଗତ ୩୦ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅପହରଣକାରୀ ଯୁବକଙ୍କ ବିରୋଧରେ ଅପହରଣ ଦଫାରେ କେସ୍ ନମ୍ବର ୩୬୫/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଅପହରଣର ଦୀର୍ଘ ୧୨ଦିନ ପରେ ନିମାପଡ଼ା ଥାନା ଅଞ୍ଚଳରୁ ଅପହୃତା ନାବାଳିକାଙ୍କୁ ନିମାପଡ଼ା ପୋଲିସ ସୁଦୂର କଲିକତା ଅଞ୍ଚଳରୁ ଉଦ୍ଧାର କରିଛି। ଅପହରଣକାରୀ ଯୁବକଙ୍କୁ ଗିରଫ କରାଯିବା ଓ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦାବିରେ ନିମାପଡ଼ା ଥାନା ଅନ୍ତର୍ଗତ ଶେଉଳଖାଲ ଗ୍ରାମର ଟୁଲୁ ବରାଳ, ଜୟନ୍ତ ବାଘ, ନିର୍ଭୟ ବାଘ, ପ୍ରଶାନ୍ତ ବାଘ, କାଳନ୍ଦୀ ସାହୁ, ବିଚିତ୍ରାନନ୍ଦ ବାଘ, ତ୍ରିଲୋଚନ ବାଘଙ୍କ ସମେତ ପ୍ରାୟ ୫୦ଜଣ ସୋମବାର ସନ୍ଧ୍ୟାରେ ଥାନା ସମ୍ମୁଖରେ ଗଣଧାରଣାରେ ବସିଥିଲେ। ପୋଲିସ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ତୁରନ୍ତ ଏ ଦିଗରେ କଡ଼ା ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଆନ୍ଦୋଳନରୁ ନିବୃତ୍ତ ହୋଇଥିଲେ। ଅଭିଯୁକ୍ତ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବିଶ୍ୱହିନ୍ଦୁ ପରିଷଦର ନିମାପଡ଼ା ବ୍ଲକ ସଭାପତି ସିମନ୍ତଶେଖର ରଥ, ପୁରୀ ଜିଲା କାର୍ଯ୍ୟକର୍ତ୍ତା ରଞ୍ଜନ ନାୟକ, ବଜରଙ୍ଗ ଦଳର ସଭାପତି ରଞ୍ଜନ ପ୍ରଧାନ ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ପୋଲିସ ନିକଟରେ ଦାବି କରିଛନ୍ତି। ପୋଲିସ ଏ ଦିଗରେ କାଳକ୍ଷେପଣ ନୀତି ଅବଲମ୍ବନ କଲେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଦୁର୍ବାର ଗଣଆନ୍ଦୋଳନ କରାଯିବ ବୋଲି ନେତୃବୃନ୍ଦମାନେ ଚେତାବନୀ ଦେଇଛନ୍ତି।


ଅପହରଣକାରୀଙ୍କ ଗିରଫ ଦାବିରେ ଗ୍ରାମବାସୀଙ୍କ ଥାନା ସମ୍ମୁଖରେ ଗଣଧାରଣା।

## ସାକ୍ଷୀଗୋପାଳ କଲେଜରେ ଉଦ୍ଭିଦ ବିଜ୍ଞାନ ବିଭାଗର ପାଠଚକ୍ର

ସାକ୍ଷୀଗୋପାଳ,୫।୧(ଭରତ ରାଉତ)

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସଭାଗୃହରେ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ 'ଜଳବାୟୁ ପରିବର୍ତ୍ତନ ସମୟରେ ଜୈବ ବିବିଧତା ଓ ଏହାର ସଂରକ୍ଷଣର ଆବଶ୍ୟକତା' ଶୀର୍ଷକ କର୍ମଶାଳା ଅଧ୍ୟକ୍ଷା ପୁଷ୍ପମିତ୍ରା ପଟ୍ଟନାୟକ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଡ. ରମାକାନ୍ତ ମିଶ୍ର ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସମାଜରେ ଏକ ସୁନାଗରିକ ହୋଇ ଲକ୍ଷ୍ୟପଥରେ ଅଗ୍ରସର ହେବାକୁ ଆହ୍ୱାନ ଦେଇଥିଲେ।

ବିଭାଗୀୟ ମୁଖ୍ୟା ଡ. ରଶ୍ମିତା ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜଳବାୟୁ ପରିବର୍ତ୍ତନ, ପ୍ରଜାତି ବିଲୋପ, ପରିବେଶଗତ ଅବକ୍ଷୟ ଏବଂ ମାନବ ବଞ୍ଚିବା ପାଇଁ ଜରୁରୀ ପରିବେଶଗତ ସେବାରେ ବାଧା ସୃଷ୍ଟି କରୁଛି। ଏହାସହିତ ବର୍ଦ୍ଧିତ ତାପମାତ୍ରା, ବୃଷ୍ଟିପାତ ଢାଞ୍ଚା ପରିବର୍ତ୍ତନ ଏବଂ ଚରମ ପାଣିପାଗ ଘଟଣାଗୁଡ଼ିକର ବାରମ୍ବାର ବାସସ୍ଥାନକୁ ପରିବର୍ତ୍ତନ କରୁଛି। ଏହି ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ପାଇଁ ସଂରକ୍ଷଣ ପ୍ରୟାସଗୁଡ଼ିକୁ ସୁରକ୍ଷିତ କ୍ଷେତ୍ର ସ୍ଥାପନ ଏବଂ ବିସ୍ତାର କରିବା, ଅବନତ ବାସସ୍ଥାନକୁ ପୁନରୁଦ୍ଧାର କରିବା ଉପରେ ଧ୍ୟାନ ଦେବାକୁ ପଡ଼ିବ। ବିଭାଗୀୟ ତୃତୀୟ ବର୍ଷର ଛାତ୍ରୀ ଅଙ୍କିତା ମୁଦୁଲି ଓ ପ୍ରଥମ ବର୍ଷର ଛାତ୍ର ରୁଦ୍ରନାରାୟଣ ପଣ୍ଡା ବିଷୟବସ୍ତୁ ଉପରେ ଭିତ୍ତିପତ୍ର ଉପସ୍ଥାପନ କରିଥିଲେ। ଉଦ୍ଭିଦ ବିଭାଗର ଅଧ୍ୟାପିକା ରତ୍ନପର୍ଣ୍ଣା ଜେନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ବିଭାଗର ଛାତ୍ରୀ ପ୍ରିୟଦର୍ଶନୀ ସ୍ୱାଇଁ କାର୍ଯ୍ୟକ୍ରମର ସଫଳ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ସଂକ୍ଷେପରେ

### ପିଏମ୍‌ଶ୍ରୀ ଗୋପବନ୍ଧୁ ମେମୋରିଆଲ୍ ହାଇସ୍କୁଲର ବାର୍ଷିକୀ ଉତ୍ସବ

ପିପିଲି, ୫।୧(ଦୁର୍ଗାମାଧବ ମିଶ୍ର)

ଦାଣ୍ଡମୁକୁନ୍ଦପୁରସ୍ଥିତ ପିଏମ୍‌ଶ୍ରୀ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲର ବାର୍ଷିକୋତ୍ସବ ସୋମବାର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅତିଥିମାନେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ପିପିଲି ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ସେନାପତି, ପଦ୍ମଜା ମିଶ୍ର, ସୁଦର୍ଶନ ରାଉଳ, ସଂଯୁକ୍ତା ମହାପାତ୍ର (ସିଆର୍‌ସିସି), ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମାକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ଅଶୋକ ସ୍ୱାଇଁ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ସୁବାସ ଜେନା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବରୁ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଏବଂ ସିଲ୍ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କୁନି କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଇତିଶ୍ରୀ ନନ୍ଦ, ଶୁଭଶ୍ରୀ ଶତପଥୀ, ମଧୁସ୍ମିତା ନାୟକ ଏବଂ ରୋଜିନା ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

### ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ କୁସ୍ତି ପ୍ରତିଯୋଗିତା

ପୁରୀ,୫।୧(ଅଜିତ୍ କୁମାର ମହାନ୍ତି)

ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ କୁସ୍ତି ପ୍ରତିଯୋଗିତା ୫ରୁ ୯ ତାରିଖ ପର୍ଯ୍ୟନ୍ତ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ ହେଉଛି। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ଖେଳାଳି ଭୀମସେନ ମହାସୁଆର, ରୋହନ କୁମାର ସାହୁ, ଆଦିଅନ୍ତିମ ବାରିକ୍, ହରିଶଙ୍କର ଜେନା, ଆରିୟାନ ସାହୁ, ଦେବାଶିଷ ପାଣିଗ୍ରାହୀ, ଏସ୍ କେ ସହିଦ୍ ସଲିମ୍ ଓ ଦଳର ପ୍ରବନ୍ଧକ ଭାବେ ରବିନାରାୟଣ ମିଶ୍ର ଏବଂ ପ୍ରଶିକ୍ଷକ ଭାବେ ଶ୍ୟାମସୁନ୍ଦର ମହାପାତ୍ର ଭାଗ ନେଇଛନ୍ତି।

# ଗ୍ରାମାଞ୍ଚଳର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ

କାକଟପୁର/ଅସ୍ତରଙ୍ଗ,୫।୧
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁର ବ୍ଲକ ଅଧୀନ କୁଣ୍ଢେଇ ପଞ୍ଚାୟତ ବାଜପୁର ଗ୍ରାମରେ ବିଧାୟକ ତୁଷାରକାନ୍ତି ବେହେରା ୩ଟି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଗ୍ରାମାଞ୍ଚଳ ବିକାଶକୁ ଯୋଡ଼ିବ ଏହିସବୁ ପ୍ରକଳ୍ପ ବୋଲି ବିଧାୟକ ବେହେରା କହିଥିଲେ। ସୋମବାର ପୂର୍ବାହ୍ନରେ କାକଟପୁର ବ୍ଲକ ଅଧୀନ କୁଣ୍ଢେଇ ପଞ୍ଚାୟତ ବାଜପୁର ଗ୍ରାମର ସିଠସାହି କୋଠଘର ପରେ କୃଷ୍ଣନଗରପାଟଣାରେ ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପରେ ୪ଲକ୍ଷ ୩୦ହଜାର ୩ଶହ ୮୨ଟଙ୍କାରେ ନିର୍ମିତ ବାସୁଦେବ ଭୋଗ ମଣ୍ଡପ, ଶେଷରେ ବାସୁଦେବ ମହିଳା ସମିତି ଗୃହ ଉଦ୍‌ଘାଟନ କରିଥିଲେ। ଏହି ସମୟରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, କାକଟପୁର ବିଡିଓ ନାରାୟଣ ଦୀକ୍ଷିତ, ୭ନଂ ଜୋନ୍ ଜିଲାପରିଷଦ ସଂଯୁକ୍ତା ଦୀକ୍ଷିତ, କୁଣ୍ଢେଇ ସମିତିସଭ୍ୟ ପ୍ରମୋଦ କିଶୋର ଦାସ, ସରପଞ୍ଚ ପ୍ରଭାତୀ ରାଉତ ପ୍ରମୁଖ ଉପସ୍ଥିତ ଥିବାବେଳେ ପରିଚାଳନାରେ ଆଶିଷ କୁମାର ବେହେରା, ମନୋଜ କୁମାର ସେଠୀ, ତାପସ କୁମାର ମଲ୍ଲିକ, ସୁଚିତ୍ରାନନ୍ଦ ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

# ସେମିରେ ପ୍ରଗତି ସ୍ପୋର୍ଟିଂ ବିଜୟୀ

## ରାଜ୍ୟସ୍ତରୀୟ ନିମାପଡ଼ା କପ୍ କ୍ରିକେଟ

ନିମାପଡ଼ା,୫।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ୩୦ତମ ନିମାପଡ଼ା କପ୍ ଓ ଦ୍ୱିତୀୟ ତାପସ ଦାସ ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ସୋମବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟରଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। କଟକ ସୋଲାର କ୍ଲବ୍‌କୁ ୬୭ ରନ୍‌ରେ ହରାଇ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂ ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ ଓଭରରେ ୭ଟି ଉଇକେଟ ହରାଇ ୨୨୫ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରଘୁନାଥ ମଲ୍ଲ ୮ଟି ଛକା, ୭ଟି ଚୌକା ସହାୟତାରେ ସର୍ବାଧିକ ୯୪ ରନ୍ ଓ ଅସୀମ ବାରାତ ୩୯ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ କଟକ ସୋଲାର କ୍ଲବର ବୋଲର କୁନ୍ଦନ କୁମାର ସର୍ବାଧିକ ୪ଟି ଉଇକେଟ ନେଇଥିଲେ।

ଏହାର ଜବାବରେ କଟକର ସୋଲାର କ୍ଲବ ନିର୍ଦ୍ଧାରିତ ୨୫ ଓଭରରେ ୭ଟି ଉଇକେଟ ହରାଇ ୧୫୮ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳପକ୍ଷରୁ ମହସିନ ଶେଖ ସର୍ବାଧିକ ୫୯ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂର ବୋଲର୍ ଅଭିଜିତ୍ ରାଉତ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ଅମ୍ପାୟର ଭାବେ ନିର୍ମଳ ମିଶ୍ର ଓ ଦେବେନ୍ଦ୍ର ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ। ସଂଗ୍ରାମ କେଶରୀ ଭୋଳ ମ୍ୟାଚ୍‌ରେ ଧାରା ବିବରଣୀ ପ୍ରଦାନ କରିଥିଲେ। ଅନିସ ପ୍ରଧାନ ଓ ଆନନ୍ଦ ମଲ୍ଲିକ ସ୍କୋରର ଭାବେ ମ୍ୟାଚ ପରିଚାଳନା କରିଥିଲେ। ସୋମବାର ମ୍ୟାଚ୍‌ରେ ବିଜୟୀ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂର ଖେଳାଳି ରଘୁନାଥ ମଲ୍ଲ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ବିବେଚିତ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ସୋମବାର ମ୍ୟାଚ୍‌ର ଅତିଥି ଭାବେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଶାଖାପରିଚାଳକ ଆଲୋକ କୁମାର ବାରିକ, ବିଶିଷ୍ଟ କ୍ରୀଡ଼ାବିତ ନିର୍ମଳ ମିଶ୍ର, ଦେବେନ୍ଦ୍ର ମିଶ୍ର, ଅଜୟ କୁମାର ମହାନ୍ତି, ଆଥ୍‌ଲେଟିକ ଆସୋସିଏଶନର କ୍ରିକେଟ ସମ୍ପାଦକ କ୍ରୀଡ଼ାବିତ ଅକ୍ଷୟ କୁମାର ବେହେରା ପ୍ରମୁଖ ଯୋଗଦେଇ କୃତୀ ମ୍ୟାନ୍ ଅଫ ଦି ମ୍ୟାଚ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ପୁରୀ ପାୟୋନିୟର ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂକୁ ଭେଟିବ।


ଅତିଥିମାନେ ମ୍ୟାନ୍ ଅଫ ଦ ମ୍ୟାଚ୍ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆଦିତ୍ୟ


@ ବାବୁ


@ ଆଝାର


@ ରଶ୍ମିତା


@ ଶିତୁନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଛେରାପହଁରା ସେବା ପାଇଁ ରାଜା ହେଲେ ପ୍ରମୋଦ

ପିପିଲି,୫।୧(ପ୍ରଭାତ କୁମାର ମହାପାତ୍ର)

ପୁରାତନ ଲୋକାଦୃତ ପିପିଲି ରଥଯାତ୍ରା ଶ୍ରୀଗୁଣ୍ଡିଚା ରଥରେ ଛେରାପହଁରା ସେବା ପାଇଁ ରାଜା ହେଲେ ପ୍ରମୋଦ କୁମାର ନନ୍ଦ। ପୁଷ୍ୟାଭିଷେକ ତିଥି ଅବସରରେ ପିପିଲି ରଥଯାତ୍ରା ପରିଚାଳନା କମିଟି ସର୍ବସମ୍ମତି ନିଷ୍ପତ୍ତିକ୍ରମେ ପିପିଲି ବ୍ଲକ ଅନ୍ତର୍ଗତ ଭାରତୀପୁର ନିବାସୀ ପ୍ରମୋଦ କୁମାର ନନ୍ଦଙ୍କ ପାରମ୍ପରିକ ତଥା ବିଧି ନୀତି ନିୟମ ଅନୁଯାୟୀ ପୂଜାର୍ଚ୍ଚନା ଓ ହୋମଯଜ୍ଞାଦି ଶେଷ ହୋଇଛି। ପୂର୍ବ ନିର୍ଦ୍ଧାରିତ ନିୟମ ଅନୁସାରେ ନନ୍ଦଙ୍କୁ ସେବାୟତ ଓ ବ୍ରାହ୍ମଣଙ୍କ ଦ୍ୱାରା ନିମନ୍ତ୍ରଣ ପତ୍ର ସହିତ ପୁଷ୍ପ, ନଡ଼ିଆ, ଗୁଆ ଓ ସମ୍ମାନ ବସ୍ତ୍ର ପରିଧାନ ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ପୁଷ୍ୟାଭିଷେକ ତିଥିରେ ଅଦ୍ୟ ରଥଯାତ୍ରା ପରିଚାଳନା କମିଟିର ସଭାପତି ରମେଶ ଚନ୍ଦ୍ର ଶତପଥୀ, ଉପସଭାପତି ବାମଦେବ ମିଶ୍ର, ସାଧାରଣ ସମ୍ପାଦକ ପ୍ରଭାତ କୁମାର ମହାପାତ୍ର, ସହ ସମ୍ପାଦକ ରମେଶ ମହାପାତ୍ର, ପତିତପାବନ ମନ୍ଦିର ସଭାପତି ସୁରେନ୍ଦ୍ର ମହାପାତ୍ର ଓ କୋଷାଧ୍ୟକ୍ଷ ପ୍ରଦୀପ ମହାପାତ୍ରଙ୍କ ସମେତ ରଥ ସଦସ୍ୟ ଗୌରାଙ୍ଗ ଷଡ଼ଙ୍ଗୀ ଏବଂ ପୁରୋହିତ ଲକ୍ଷ୍ମୀଧର ମିଶ୍ର, କାହାଳିଆ ଦୈତାରି ମାଝୀ ଓ ପରିଚାଳକ ସେବକ କାଳିଆ ମହାପାତ୍ର ଭାରତୀପୁରସ୍ଥିତ ନନ୍ଦ ନିବାସରୁ ପୂଜାର୍ଚ୍ଚନା ପରେ ପତିତପାବନ ମନ୍ଦିର ଅଭିମୁଖେ ନନ୍ଦଙ୍କୁ ପାଛୋଟି ନେଇଥିଲେ। ମନ୍ଦିର ମୁଖ୍ୟ ପୂଜକ ଲକ୍ଷ୍ମୀଧର ପଣ୍ଡା ପତିତପାବନ ଦେବଙ୍କ ଆଜ୍ଞାମାଳ ଦେଇ ପଗଡ଼ି, ଅଙ୍ଗବସ୍ତ୍ର ସହିତ ପହିଲି ଭୋଗ ଅର୍ପଣ କରିଥିଲେ।


ପିପିଲିରେ ଛେରାପହଁରା ସେବା ପାଇଁ ପ୍ରମୋଦ କୁମାର ନନ୍ଦଙ୍କୁ ରାଜା ଭାବେ ଘୋଷିତ କରାଯାଇଛି।

# ମଦର ବିକଳ୍ପ ସାଜିଛି ଗଞ୍ଜେଇ, ଡ୍ରଗ୍ସ

## 'ଆମ ବସ୍' ଡ୍ରାଇଭରଙ୍କୁ ଘାରିଛି ବ୍ରେଥ୍ ଆନାଲାଇଜର ଭୟ

### କମ୍ ପାରିଶ୍ରମିକ ଯୋଗୁ ମିଳୁ ନାହାନ୍ତି ଅଭିଜ୍ଞ ସମ୍ପନ୍ନ ଡ୍ରାଇଭର

ଭୁବନେଶ୍ୱର,୫।୧(ତ୍ରିନାଥ ମହାନ୍ତି)

ରୂପାଲି ଛକରେ ଶନିବାର ପୂର୍ବାହ୍ନରେ 'ଆମ୍ ବସ୍' ଧକ୍କାରେ ଜଣେ ଅଟୋ ଡ୍ରାଇଭରଙ୍କ ମୃତ୍ୟୁ ଘଟିବା ସହ ୨ଜଣ ଆହତ ହୋଇଥିଲେ। ସେହି ଦିନ ଅପରାହ୍ନରେ ସେହି ରୂପାଲି ଛକରେ ଆଉ ଏକ ଆମ ବସ୍ ଜଣେ ସ୍କୁଟି ଚାଳକଙ୍କୁ ପିଟିଥିଲା। ବାରମ୍ବାର ଆମ ବସ୍ ଏଭଳି ଦୁର୍ଘଟଣା ଘଟାଉଥିବାରୁ ଡ୍ରାଇଭର ନିଶାଦ୍ରବ୍ୟ ଖାଇ ଗାଡ଼ି ଚଳାଉଥିବା ଅଭିଯୋଗ ହେବାପରେ ରବିବାର ପରିବହନ ବିଭାଗ ଏବଂ କମିଶନରେଟ୍ ପୋଲିସ 'ଆମ ବସ୍' ଡ୍ରାଇଭରଙ୍କୁ କଡ଼ାକଡ଼ି ଯାଞ୍ଚ କରିଥିଲେ। ପୋଲିସ ପ୍ରତି ଛକରେ ବସ୍‌କୁ ଅଟକାଇ ଡ୍ରାଇଭରଙ୍କୁ ବ୍ରେଥ୍ ଆନାଲାଇଜର ସାହାଯ୍ୟରେ ଫୁଙ୍କାଇ ମଦ ଯାଞ୍ଚ କରିଥିଲା। ହେଲେ ଯାଞ୍ଚବେଳେ ମଦ୍ୟପ ଡ୍ରାଇଭରଙ୍କ ସଂଖ୍ୟା ବେଶି ନ ଥିବାବେଳେ ଅନ୍ୟ ଏକ ତଥ୍ୟ ପୋଲିସ ଜାଣିବାକୁ ପାଇଛି। ମଦ୍ୟପାନ କଲେ ବ୍ରେଥ୍ ଆନାଲାଇଜରରେ ଧରା ପଡ଼ିବାର ସମ୍ଭାବନା ରହୁଥିବାରୁ ଡ୍ରାଇଭରମାନେ ଗଞ୍ଜେଇ ଏବଂ ଡ୍ରଗ୍ସ ସେବନ କରି ଗାଡ଼ି ଚଳାଉଥିବା ଜଣାପଡ଼ିଛି। ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ




ଟ୍ରାଫିକ୍ ପୋଲିସ କହିଛନ୍ତି, ଗଞ୍ଜେଇ ଏବଂ ଡ୍ରଗ୍ସ ବ୍ରେଥ୍ ଆନାଲାଇଜରରେ ଧରାପଡୁ ନ ଥିବାରୁ ଡ୍ରାଇଭରମାନେ ଏହାକୁ ସେବନ କରି ଗାଡ଼ି ଚଳାଉଛନ୍ତି। ଯେଉଁଥିପାଇଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯାଉଛି। ଗଞ୍ଜେଇ, ଡ୍ରଗ୍ସ ଏବଂ ଭାଙ୍ଗ ନିଶା ମାପିବା ପାଇଁ ପୋଲିସର ନିକଟରେ ସେଭଳି କିଛି ଯନ୍ତ୍ର ନାହିଁ। ତେଣୁ ପୋଲିସ ମଧ୍ୟ ସେମାନଙ୍କୁ ଧରି ପାରୁ ନାହିଁ ବୋଲି କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ମାଷ୍ଟରକ୍ୟାଣ୍ଟିନ୍, ପାତ୍ରପଡ଼ା, ପଟିଆ ଆଦି 'ଆମ ବସ୍'ର ରହଣି ସ୍ଥାନରେ ଅନେକ ଡ୍ରାଇଭର ଗଞ୍ଜେଇ ସେବନ କରି ଗାଡ଼ି ଚଳାଉଛନ୍ତି। ଏଭଳି ନିଶା ଖାଉଥିବା ଡ୍ରାଇଭରମାନଙ୍କୁ କିଭଳି ପୋଲିସ ଧରିବ ସେନେଇ ଚିନ୍ତାରେ ପଡ଼ିଲାଣି। ପୋଲିସ ପକ୍ଷରୁ ଏବେ ଡ୍ରାଇଭରମାନଙ୍କୁ କୌଣସି ନିଶା ସେବନ କରି ଗାଡ଼ି ନ ଚଳାଇବାକୁ ସଚେତନ କରାଯିବ ବୋଲି ଜଣାପଡ଼ିଛି। 'ଆମ ବସ' ଚଳାଇବା ସମୟରେ କିଭଳି ନିୟମ ପାଳନ କରିବେ ସେନେଇ ପୋଲିସ ବୁଝାଇବ। ଏଥିସହ ଆଗକୁ ମଧ୍ୟ ଡ୍ରାଇଭରମାନଙ୍କୁ ଟ୍ରେନିଂ ଦିଆଯିବ ବୋଲି ଜଣାପଡ଼ିଛି। ପୋଲିସ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ, ମୋ ବସ୍ ଡ୍ରାଇଭରମାନଙ୍କୁ ଖୁବ୍ କମ୍ ଟଙ୍କା ଦିଆଯାଉଛି। ଯେଉଁଥିପାଇଁ ଶିକ୍ଷିତ ଡ୍ରାଇଭରମାନେ ଆମ୍ ବସ ଚଳାଇବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ସେମାନେ ଅଧିକ ଟଙ୍କା ପାଇ ଘରୋଇ କମ୍ପାନୀର ବଡ଼ବଡ଼ ଗାଡ଼ି ଚଳାଉଛନ୍ତି। ହେଲେ ଆମ ବସ୍ ଡ୍ରାଇଭରଙ୍କୁ ସ୍ୱଳ୍ପ ଟଙ୍କା ଦିଆଯାଉଥିବାରୁ ଏହାକୁ ଚଳାଇବାକୁ କମ୍ ଅଭିଜ୍ଞତା ଥିବା ଡ୍ରାଇଭର ଆସୁଛନ୍ତି। ସେମାନଙ୍କ ଶିକ୍ଷା କମ୍ ଥିବାରୁ 'ଆମ ବସ' ଭଳି ଗାଡ଼ିକୁ ଚଳାଇବା କଷ୍ଟକର ହେଉଛି। ସେମାନେ ଗୋଟିଏ ବଟମ୍ ଚିପିବା ବଦଳରେ ଅନ୍ୟ ଏକ ବଟମ୍ ଚିପି ଦେଉଥିବା ମଧ୍ୟ ଦେଖିବାକୁ ମିଳୁଛି।

## ୩୦ରୁ ଊର୍ଦ୍ଧ୍ୱ ଦୋକାନ ଘର ଭଙ୍ଗାଗଲା

ବାଲିଅନ୍ତା, ୫।୧(ନୀଳମାଧବ ସାହୁ): ବାଲିଅନ୍ତା ବ୍ଲକ ବଇଥୁଆ ରାମଲୀଳା ପଡ଼ିଆ ନିକଟ ଜଗତି ଛକଠାରେ ସୋମବାର ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ପ୍ରଥମ ଦିନରେ ଜଗତି ଛକ ପୋଖରୀର ଉଭୟ ପାର୍ଶ୍ୱରେ ବେଆଇନ ଭାବେ ଗଢ଼ି ଉଠିଥିବା ୩୦ରୁ ଊର୍ଦ୍ଧ୍ୱ ଦୋକାନ ଗୃହ ଉଚ୍ଛେଦ କରାଯାଇଛି। ରାସ୍ତାକୁ ମାଡ଼ି ଯାଇଥିବା କେତେକ ଦୋକାନ ଗୃହର ସମ୍ମୁଖଭାଗକୁ ମଧ୍ୟ ଭାଙ୍ଗି ଦିଆଯାଇଛି।

## ଦୁଇ ଭୂମିହୀନଙ୍କ ଘର ଉଚ୍ଛେଦ କଲା ପ୍ରଶାସନ

ବାରଙ୍ଗ,୫।୧(ଲିଙ୍ଗରାଜ ରାଉତ): ତ୍ରିଶୂଳିଆ-ବାଙ୍କୀ ମୁଖ୍ୟରାସ୍ତା କଡ଼ରେ ପାଟପୁର ଗ୍ରାମର ଶିବ ସାମଲ ଓ ବିଜୁ ସାମଲ ଭୂମିହୀନ ହୋଇଥିବାରୁ ବେଆଇନ ଭାବେ ଘରକରି ଦୀର୍ଘବର୍ଷ ହେବ ରହିଆସୁଥିଲେ। ସୋମବାର ବାରଙ୍ଗ ତହସିଲ ପକ୍ଷରୁ ଏହି ଦୁଇ ପରିବାରଙ୍କ ଘରକୁ ଉଚ୍ଛେଦ କରାଯାଇଛି। ତହସିଲଦାର ଡ. ତୁଷାର ଜ୍ୟୋତି ରଞ୍ଜନ, ରାମଦାସପୁର ଆର୍‌ଆଇ ସନ୍ତୋଷ ସାହୁ ଉପସ୍ଥିତ ଥିଲେ। ଦୁଇ ପରିବାରକୁ ଭୂମି ଓ ଘର ଯୋଗାଇ ଦେବାକୁ ଦାବି ହେଉଛି।

# ଶ୍ୱଶୁର ଘରେ ଜ୍ୱାଇଁଙ୍କ ସନ୍ଦେହଜନକ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ଯୁବକଙ୍କ ବାପା

ଭୁବନେଶ୍ୱର,୫।୧(ତ୍ରିନାଥ ମହାନ୍ତ)

ଶ୍ୱଶୁର ଘରେ ଜ୍ୱାଇଁଙ୍କ ସନ୍ଦେହଜନକ ଅବସ୍ଥାରେ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଉଛନ୍ତି ରଣପୁର ସୁଭଦ୍ରାପୁର ମନୋରଞ୍ଜନ ପରିଡ଼ା। ଶ୍ୱଶୁର ଘର ଲୋକେ ତାଙ୍କୁ ହତ୍ୟା କରିଥିବା ନେଇ ବାପା ମାଗୁଣି ପରିଡ଼ା ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ମନୋରଞ୍ଜନ ତାଙ୍କ ସମ୍ପର୍କୀୟ ମାଉସୀ ଝିଅଙ୍କୁ ପ୍ରେମ ବିବାହ କରିଥିଲେ। ରୋଜଗାର ପାଇଁ ମନୋରଞ୍ଜନଙ୍କ ବାପା ଏକ କାର୍ କିଣି ଦେଇଥିଲେ। ଗାଁରେ ରହିବା ପରେ କିଛିଦିନ ପରେ ଫୁଲେଶ୍ୱରୀ ବସ୍ତିରେ ଥିବା ଶ୍ୱଶୁର ଘର ନିକଟରେ ଆସି ଉଭୟେ ସ୍ୱାମୀସ୍ତ୍ରୀ ଭଡ଼ାରେ ରହିଥିଲେ। ହେଲେ ଶ୍ୱଶୁର ଘର ଲୋକ ପ୍ରବର୍ତ୍ତାଇବା ପରେ କାର୍‌ଟିକୁ ମନୋରଞ୍ଜନ ବିକ୍ରି କରି ଦେଇଥିଲେ। କାର ବାବଦରେ ମିଳିଥିବା ଟଙ୍କାକୁ ଶ୍ୱଶୁର ଘର ଲୋକେ ନେଇ ଯାଇଥିଲେ। ଏହାପରେ ମନୋରଞ୍ଜନଙ୍କ ବାପା ମାଗୁଣି ପୁଅ ପାଇଁ ଏକ ଅଟୋ କିଣିଥିଲେ। ଅଟୋଟିକୁ ପତ୍ନୀ ନାମରେ କରିବାକୁ ଶ୍ୱଶୁର ଘର ଲୋକ ଚାପ ପକାଇଥିଲେ ମଧ୍ୟ ମନୋରଞ୍ଜନ ରାଜି ହୋଇ ନ ଥିଲେ। ଫଳରେ ଶାଶୁ, ଶ୍ୱଶୁର, ସ୍ତ୍ରୀ, ଶାଳୀ ଓ ସଢ଼ୁ ମିଶି ନିର୍ଯାତନା ଦେଇଥିଲେ। ଗତ ୧ ତାରିଖ ଦିନ ମନୋରଞ୍ଜନ ଫୁଲେଶ୍ୱରୀ ବସ୍ତିରେ ଥିବା ଶ୍ୱଶୁର ଘରକୁ ଆସିଥିଲେ। ମନୋରଞ୍ଜନ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ରବିବାର ତାଙ୍କ ଶାଳୀ ଫୋନ କରି ମାଗୁଣିଙ୍କୁ ଜଣାଇଥିଲେ। ଗାଁରୁ ବାପା ଆସି ପହଞ୍ଚିବା ବେଳକୁ ଏମ୍‌ସ ଡାକ୍ତରଖାନାରେ କେହି ମଧ୍ୟ ନ ଥିଲେ। ଫଳରେ ମାଗୁଣିଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ଶ୍ୱଶୁର ଘର ଲୋକେ ପୁଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରି ଦେଇଛନ୍ତି ବୋଲି ମାଗୁଣି ଭରତପୁର ଥାନାରେ ଏତଲା ଦେଇଛନ୍ତି।

# ଜମି ମାଲିକଙ୍କ ଆତ୍ମାହୁତି ଉଦ୍ୟମ

## ବିଲ୍ଡର ଅଫିସରେ ହାଇଡ୍ରାମା

ଭୁବନେଶ୍ୱର,୫।୧(ସତ୍ୟଜିତ ରାଉତ)

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବିଜେବି ନଗରରେ ଥିବା ଏକ ବିଲ୍ଡର ଅଫିସରେ ରବିବାର ହାଇଡ୍ରାମା ଦେଖିବାକୁ ମିଳିଛି। ଜଣେ ଜମି ମାଲିକ ବାକି ଟଙ୍କା ପାଇବାକୁ ଜିଦ୍ ଧରି ଆତ୍ମାହୁତି ଉଦ୍ୟମ କରିଛନ୍ତି। ଆତ୍ମାହୁତି ଉଦ୍ୟମ କରିଥିବା ବ୍ୟକ୍ତି ଜଣକ ହେଲେ ସୁନ୍ଦରପଦାର ରତିକାନ୍ତ ପ୍ରଧାନ। ତେବେ ପୋଲିସ ପହଞ୍ଚି ତାଙ୍କୁ ବୁଝାଇ ଶୁଝାଇ ପରିସ୍ଥିତିକୁ ସୁଧାରିଛି। ମିଳିଥିବା ସୂଚନା ଅନୁଯାୟୀ, ୨୦୧୩ରେ ବିଲ୍ଡର ସଂସ୍ଥା ପକ୍ଷରୁ ସୁନ୍ଦରପଦାରେ ୬୦ ଲକ୍ଷ ଟଙ୍କାରେ ରତିକାନ୍ତଙ୍କ ଏକ ଜମି କିଣିବାକୁ ଡିଲ୍ ହୋଇଥିଲା। ଏହି ଜମିକୁ ୫୮ ଲକ୍ଷ ଟଙ୍କା ଦେଇ ବିଲ୍ଡର ସଂସ୍ଥା ପକ୍ଷରୁ କିଣାଯାଇଥିଲା। ତେବେ ପରେ ଏହି ଜମିରେ କିଛି ଅଂଶ ବିବାଦୀୟ ବାହାରିଥିଲା, ଯାହାକୁ ନେଇ ବିଲ୍ଡର ସଂସ୍ଥା ପକ୍ଷରୁ ଉକ୍ତ ଜମିକୁ ବିକ୍ରି କରାଯାଇଥିବା ଗ୍ରାହକମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଘଟଣାକୁ ନେଇ ବାକି ୨ ଲକ୍ଷ ଟଙ୍କା ଆଉ ରତିକାନ୍ତଙ୍କୁ ଦିଆଯାଇ ନ ଥିଲା। ତେଣୁ ଏହି ଟଙ୍କା ପାଇବାକୁ ରତିକାନ୍ତ ନିୟମିତ ବିଲ୍ଡର ସଂସ୍ଥାର ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ୨ ଲକ୍ଷ ଟଙ୍କା ସମେତ ସୁଧକୁ ମିଶାଇ ୯ ଲକ୍ଷ ଟଙ୍କା ଦେବାକୁ ରତିକାନ୍ତ ଦାବି କରି ଆସୁଛନ୍ତି। ସେ ସୋମବାର ମଧ୍ୟାହ୍ନରେ ବିଲ୍ଡର ଅଫିସକୁ ଆସି ହୋହଲ୍ଲା କରିବା ସହ ପେଟ୍ରୋଲ ଧରି ଆତ୍ମାହୁତି ଦେବାକୁ ଧମକ ଦେବା ସହ ଉଦ୍ୟମ କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ତାଙ୍କୁ କାବୁ କରିଥିଲା। ଏନେଇ ଥାନାରେ ବିଲ୍ଡର ସଂସ୍ଥା ପକ୍ଷରୁ ଅଭିଯୋଗ ହୋଇଛି।

# ବିମୋହିତ କଲା 'ସଙ୍ଗୀତାୟନ'



ମହାବିଦ୍ୟାଳୟ ଛାତ୍ରୀମାନେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଗାନ କରୁଛନ୍ତି।

ଭୁବନେଶ୍ୱର,୫।୧
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଙ୍ଗୀତାୟନ' ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରର ଗୀତିକାର ପୀତାମ୍ବର ମିଶ୍ର, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ଗୁରୁ ରଞ୍ଜିତା ସେନାପତି, ସଙ୍ଗୀତ ମହାବିଦ୍ୟାଳୟ ତବଲା ବିଭାଗର ପୂର୍ବତନ ଅଧ୍ୟାପକ ଗୁରୁ ବିନୋଦ ବିହାରୀ ରାଉତ, ସିତାର ବାଦକ ଗୁରୁ ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ, ଚିନ୍ତା ଚେତନା ଅନୁଷ୍ଠାନର ସମ୍ପାଦକ ସୁରେନ୍ଦ୍ର ଦାସ, ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁରୁ ବିଜୟ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଗାୟନ, ସିତାର ବାଦନ, ବୃନ୍ଦ ତବଲା ବାଦନ ସହ ଏକକ କଣ୍ଠଶିଳ୍ପୀ ସୁନୀଲ ସେଠୀ ଦରବାରୀ କାନାଡ଼ା ପରିବେଷଣ କରିଥିଲେ। ସେହିପରି ଗୁରୁ ଚନ୍ଦନ କୁମାର ଜେନାଙ୍କ ପରିଚାଳନା ଓ ଗୁରୁ ଧୃତିମୟ ବେହେରାଙ୍କ ସହ ନିର୍ଦ୍ଦେଶନାରେ ସୁଚିସ୍ମିତା ରାଉତ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଯୁଗଳ ବନ୍ଦୀ ପରିବେଷଣ କରିଥିଲେ, ଯାହା ଉପସ୍ଥିତ ଦର୍ଶଙ୍କୁ ବିମୋହିତ କରିଥିଲା। ଏବଂ କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।

# ଝାଡ଼ଖଣ୍ଡ ଶିକ୍ଷକ ପ୍ରଶିକ୍ଷକଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର,୫।୧(ସୁଚିସ୍ମିତା ସାହୁ)

ଝାଡ଼ଖଣ୍ଡର ୫୦ଜଣ ଶିକ୍ଷକ ପ୍ରଶିକ୍ଷକ ଓ ବିଷୟ ବିଶେଷଜ୍ଞଙ୍କୁ ନେଇ ପଞ୍ଚଦିବସୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଠାରେ ଆରମ୍ଭ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପ୍ରଶିକ୍ଷକମାନଙ୍କୁ ଜାତୀୟ ଶିକ୍ଷା ନୀତିର ସଫଳ ରୂପାୟନ ପାଇଁ ମାର୍ଗଦର୍ଶନ ଦେଇଥିଲେ। ବିସ୍ତାର ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ରମାକାନ୍ତ ମହାଳିକ ପ୍ରଶିକ୍ଷକଙ୍କୁ ପ୍ରଶିକ୍ଷଣର କାର୍ଯ୍ୟବିଧି ଉପରେ ଆଲୋକପାତ କରିଥିଲେ। ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ରାମଦାସ ଭି. କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ମଧ୍ୟମସ୍ତର-୧ର ଶିକ୍ଷକଙ୍କ ସାମର୍ଥ୍ୟ ଓ ମୂଲ୍ୟାୟନ ବିକାଶ ଉପରେ ପ୍ରଶିକ୍ଷଣ ଦିଆଯିବ। ଶିକ୍ଷାବିତ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ଓ ପ୍ରଫେସର ଶଙ୍କର ପ୍ରସାଦ ମହାନ୍ତି ତଥା ଶିକ୍ଷା ବିଭାଗର ଅଧ୍ୟାପକ ଓ ଗବେଷକମାନେ ଉପସ୍ଥିତ ଥିବାବେଳେ କାର୍ଯ୍ୟକ୍ରମ ସଂଯୋଜକ ଜିନା କେ. ଜି ଧନ୍ୟବାଦ ଅର୍ପଣ କରିଥିଲେ।




ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରଫେସର ମାନସୀ ଗୋସ୍ୱାମୀଙ୍କ ସହ ଅନ୍ୟ ଅତିଥି।

# ୧୫୯ ଅଭିଯୋଗ ଶୁଣିଲେ ଜିଲାପାଳ



ବାରଙ୍ଗ, ୫।୧(ଲିଙ୍ଗରାଜ ରାଉତ)

ବାରଙ୍ଗ ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଭିଯୋଗ ଶୁଣାଣିରେ ୧୫୯ଟି ଅଭିଯୋଗ ହୋଇଥିଲା। ଏଥିରେ ୧୫୮ଟି ବ୍ୟକ୍ତିଗତ ଓ ଗୋଟିଏ ସାମୂହିକ ଅଭିଯୋଗ ରହିଥିଲା। ୨୦ ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି। ପାନୀୟଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ଅତିରିକ୍ତ ଜିଲାପାଳ ଶିବ ଟପୋ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ନାୟକ, କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

# 'ସଡ଼କ ସୁରକ୍ଷା, ନିଶାମୁକ୍ତ ଭାରତ'ର ବାର୍ତ୍ତା

## ସାରା ଦେଶ ବୁଲି ସଚେତନ କରୁଛନ୍ତି ଦିବାକର

ଭୁବନେଶ୍ୱର,୫।୧
(ସୌମ୍ୟରଞ୍ଜନ ରାଉତ)

ନିଶା ପାଇଁ ଅସୁରକ୍ଷିତ ହୋଇପଡୁଛି ଜୀବନ। ପ୍ରତିଦିନ ରାସ୍ତା ଦୁର୍ଘଟଣାରେ ଚାଲିଯାଉଛି କାହିଁ କେତେ ଜୀବନ। 'ସଡ଼କ ସୁରକ୍ଷା ଓ ନିଶାମୁକ୍ତ ଭାରତ' ଲକ୍ଷ୍ୟ ନେଇ ସ୍କୁଟିରେ ରାଜ୍ୟରୁ ରାଜ୍ୟ ବୁଲି ଲୋକଙ୍କୁ ସଚେତନ କରୁଛନ୍ତି ବେଙ୍ଗାଲୁରୁର ଯୁବକ ଦିବାକର ରେଡ୍ଡୀ। ସେ ୨ବର୍ଷରେ ୨୮ ରାଜ୍ୟ ଓ ୮ କେନ୍ଦ୍ରଶାସିତ ଅଞ୍ଚଳରେ ୨ଲକ୍ଷ କି.ମି.ରୁ ଅଧିକ ରାସ୍ତାରେ ଯାତ୍ରା କରି ସଚେତନତା ବାର୍ତ୍ତା ବାଣ୍ଟିବାକୁ ଲକ୍ଷ୍ୟ ରଖିଛନ୍ତି। ସୋମବାର ଦିବାକର ଭୁବନେଶ୍ୱରରେ ପହଞ୍ଚିଥିବାବେଳେ ତାଙ୍କୁ ସହଯୋଗର ହାତ ବଢ଼ାଇଛି ନବ ନିର୍ମାଣ କୃଷକ ସଙ୍ଗଠନ। ଭୁବନେଶ୍ୱରସ୍ଥିତ ସଙ୍ଗଠନର ରାଜ୍ୟ କାର୍ଯ୍ୟାଳୟରୁ ସେ କଟକ ଅଭିମୁଖେ ଯାଇଥିବା ଦିବାକର ପରେ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଆଦି ବିଭିନ୍ନ ଜିଲା ଭ୍ରମଣ କରିବେ। ଏହାପରେ ପଶ୍ଚିମବଙ୍ଗ ଯାଇ ବିଭିନ୍ନ ଅଞ୍ଚଳ ବୁଲି ସଚେତନତାର ବାର୍ତ୍ତା ବାଣ୍ଟିବେ ବୋଲି ସେ କହିଛନ୍ତି।




ବେଙ୍ଗାଲୁରୁର ଯୁବକ ଦିବାକର ରେଡ୍ଡୀ।

# ଆଜିଠାରୁ ଉତ୍କଳ ମଣ୍ଡପରେ 'ଗୀତା ଜ୍ଞାନ ଯଜ୍ଞ'

## ଜ୍ଞାନ କର୍ମ ସନ୍ନ୍ୟାସ ଯୋଗ ଉପରେ ଆଶୀର୍ବଚନ ଦେବେ ପ୍ରଜ୍ଞାନାନନ୍ଦଜୀ

ଭୁବନେଶ୍ୱର,୫।୧
(ସୌମ୍ୟରଞ୍ଜନ ରାଉତ)

ଆସନ୍ତା ୬ରୁ ୮ ତାରିଖ ପର୍ଯ୍ୟନ୍ତ ଉତ୍କଳ ମଣ୍ଡପଠାରେ 'ଗୀତା ଜ୍ଞାନ ଯଜ୍ଞ' ଅନୁଷ୍ଠିତ ହେବ। ଏହି ଯଜ୍ଞରେ ଗୁରୁଜୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ ଶ୍ରୀମଦ୍ ଭଗବଦ ଗୀତାର ୪ର୍ଥ ଅଧ୍ୟାୟ ୨୮ତମ ଶ୍ଳୋକରେ ଥିବା ଜ୍ଞାନ କର୍ମ ସନ୍ନ୍ୟାସ ଯୋଗ ଉପରେ ଆଶୀର୍ବଚନ ପ୍ରଦାନ କରିବେ। ପ୍ରତ୍ୟେକ ସନ୍ଧ୍ୟାରେ ଭଜନ ସମାରୋହ ସହ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ୭ ତାରିଖ ସକାଳେ ଜୟଦେବ ବିହାର ଛକ ନିକଟ ସତ୍ୟାନନ୍ଦ ଯୋଗ ବିଦ୍ୟାଳୟରେ କ୍ରିୟା ଯୋଗ ଶିକ୍ଷା ଆୟୋଜିତ ହେବ ବୋଲି ରବିବାର ଲୋହିଆ ଏକାଡେମୀଠାରେ ପ୍ରଜ୍ଞାନ ମିଶନର ସନ୍ଥ ସ୍ୱାମୀ ଅନିର୍ବାଣାନନ୍ଦ ଗିରି ସୂଚନା ଦେଇଛନ୍ତି। ଅତିଥି ଭାବରେ ସ୍ୱାମୀ ନିର୍ମଳାନନ୍ଦ ଗିରି, ସ୍ୱାମୀ ବିଜ୍ଞାନାନନ୍ଦ ଗିରି, ବ୍ରହ୍ମଚାରୀ ତୃପ୍ତାନନ୍ଦ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟ ବିଭାଗ, ୱାଟ୍‌କୋ ପ୍ରତିନିଧିଙ୍କ ସ୍ଥିତି ଅନୁଧ୍ୟାନ

## ଖୋର୍ଦ୍ଧା ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍ ବ୍ୟାପିବା ଘଟଣା

ଖୋର୍ଦ୍ଧା,୫।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍ ବ୍ୟାପିବା ଘଟଣାରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ୍ରମେ ରାଜ୍ୟ ଜନସ୍ୱାସ୍ଥ୍ୟର ୩ ଜଣିଆ ଟିମ୍ ସହ ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ବିଭାଗର ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରଞ୍ଜନ ମିତ୍ରଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ ଏବଂ ୱାଟ୍‌କୋର ଏକ ଟିମ୍ ସୋମବାର ବିଦ୍ୟାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗର ଟିମ୍ ପାଣିଟାଙ୍କି, ଓଭରହେଡ୍ ୱାଟର ଟ୍ୟାଙ୍କ, ସମ୍ପ ଆଦି ୧୨ଟି ସ୍ଥାନରୁ ପାଣି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ଏଥିସହିତ ଜିଲା ସ୍ୱାସ୍ଥ୍ୟ ବିଭାଗର ଟିମ୍ ବିଦ୍ୟାଳୟର ଛାତ୍ରାବାସ, ରୋଷେଇ ଗୃହ, ପ୍ରଶାସନିକ କୋଠା ବୁଲି ଦେଖିବା ସହ ପିଲାଙ୍କ ରକ୍ତ ନମୁନା ସଂଗ୍ରହ କରିଥିଲେ। ସେପଟେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଗଣମାଧ୍ୟମରୁ ଏହି ଘଟଣା ଜଣାପଡ଼ିବା ପରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଏବଂ ଜିଲାପାଳଙ୍କ ସହ ଆଲୋଚନା କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସ୍ଥିତି ଅନୁଧ୍ୟାନ କରିଛନ୍ତି। ରିପୋର୍ଟ ଆସିବା ପରେ ଅନୁଧ୍ୟାନ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଅନ୍ୟପଟେ ପିଲାଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଅଭିଭାବକ ଘରକୁ ନେଇ ଯାଇଥିବା ଜଣାପଡ଼ିଛି।

ଏନେଇ ବିଦ୍ୟାଳୟ ଅଧ୍ୟକ୍ଷା ଡ. କବିତା କର କହିଛନ୍ତି, ଦୁଇ ମାସ ମଧ୍ୟରେ ଜଣେ ଶିକ୍ଷକଙ୍କ ସମେତ ୩୦ରୁ ୩୫ ଜଣ ଜଣ୍ଡିସରେ ଆକ୍ରାନ୍ତ ହୋଇଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ବିଦ୍ୟାଳୟରେ ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦିଆଯିବା ସହ ପିଲାଙ୍କୁ ଫୁଟା ଗରମ ପାଣି ବ୍ୟବହାର ପାଇଁ କୁହାଯାଇଛି।

# 'ପ୍ରାଣୀ ହତ୍ୟା ରୋକିବାକୁ କଠୋର ଆଇନ ହେଉ'

## ମାନେକା ଗାନ୍ଧୀଙ୍କୁ ଭେଟିଲେ ପ୍ରାଣୀପ୍ରେମୀ ବିଶ୍ୱଜିତ୍ ପଟ୍ଟନାୟକ

ଭୁବନେଶ୍ୱର,୫।୧(ସୁଚିସ୍ମିତା ସାହୁ)

ପୂର୍ବତନ କେନ୍ଦ୍ରମନ୍ତ୍ରୀ, ଏମ୍‌ପି, ପରିବେଶବିତ୍ ତଥା ପିପୁଲ୍ ଫର୍ ଆନିମଲ୍‌ର ରାଷ୍ଟ୍ରୀୟ ଅଧ୍ୟକ୍ଷ ମାନେକା ଗାନ୍ଧୀ ଓଡ଼ିଶା ଗସ୍ତରେ ଆସି ଫେରିଯାଇଛନ୍ତି। ତେବେ ଭୁବନେଶ୍ୱରରେ ରହଣି କାଳରେ ରବିବାର ଅଲ୍ ଓଡ଼ିଶା ଅନିମଲ୍ ଲଭର ଆସୋସିଏଶନ ଆବାହକ ବିଶ୍ୱଜିତ ପଟ୍ଟନାୟକ ତାଙ୍କୁ ସାକ୍ଷାତ କରି ଓଡ଼ିଶାର ବିଭିନ୍ନ ଜିଲାରେ ବଢୁଥିବା ଗୋହତ୍ୟା, ପ୍ରାଣୀ ହତ୍ୟା ଓ ଗୋ ଚାଲାଣ ବନ୍ଦ କରିବା ନେଇ ଆଲୋଚନା କରିଥିଲେ। ଏଥିସହ ବୁଲା କୁକୁର ଓ ଗୃହପାଳିତ ପ୍ରାଣୀ ଓ ପକ୍ଷୀଙ୍କୁ କିଭଳି ବଞ୍ଚିବାର ଅଧିକାର ଆଇନ ଅନ୍ତର୍ଭୁକ୍ତ କରିହେବ, ସେ ସମ୍ପର୍କରେ ମଧ୍ୟ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏନେଇ ଲୋକସଭାରେ ସ୍ୱତନ୍ତ୍ର ଅଧିବେଶନ ଆଣି ପ୍ରାଣୀ ହତ୍ୟାକାରୀଙ୍କ ଉପରେ କଠୋର ଆଇନ ଆଣିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହ ସମସ୍ତ ରାଜ୍ୟର ବିଧାନସଭାରେ ମଧ୍ୟ ସମାନ ଆଇନ ଆଣି କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଲେଖାଏ ଚାରାରୋପଣ କରିବା ପାଇଁ ମଧ୍ୟ



ମାନେକା ଗାନ୍ଧୀଙ୍କୁ ପ୍ରାଣୀପ୍ରେମୀ ବିଶ୍ୱଜିତ୍ ପଟ୍ଟନାୟକ ଭେଟି ଆଲୋଚନା କରୁଛନ୍ତି।

ଜାତୀୟସ୍ତରରେ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ କରିବାକୁ ସେ ଅନୁରୋଧ କରିଥିଲେ। ପିପୁଲ୍ ଫର୍ ଆନିମଲ୍ ଅନୁଷ୍ଠାନ ପକ୍ଷରୁ ପ୍ରତ୍ୟେକ ରାଜ୍ୟର ରାଜଧାନୀ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏକ କାର୍ଯ୍ୟାଳୟ ଖୋଲିବା ପାଇଁ ଜମି ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉତ୍ଥାପନ କରିବାକୁ ନିବେଦନ କରିଥିଲେ। ଏ ସମସ୍ତ ବିଷୟରେ ଉପରେ ମାନେକା ଗାନ୍ଧୀ ଅବଗତ ହୋଇଥିଲେ। ଆଗାମୀ ଦିନରେ କିଭଳି ଆମ ଦେଶରେ ପଶୁପକ୍ଷୀ ନିର୍ଯାତନା ଓ ହତ୍ୟା ରୋକାଯାଇ ପାରିବ ସେ ଦିଗରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ବିଧିବଦ୍ଧ କଠୋର ଆଇନଗତ ବ୍ୟବସ୍ଥା କରିବା ପାଇଁ ସେ ସହମତି ପ୍ରକାଶ କରିଥିଲେ ବୋଲି ବିଶ୍ୱଜିତ୍ କହିଛନ୍ତି।

# ଦୁଇ ବାଇକ ଧକ୍କା: ମା', ବାପା ମୃତ

ଟିଗିରିଆ,୫।୧(ଜାଫର ଖାଁ)

କଟକ ଜିଲା ଟିଗିରିଆ ଥାନା ଅନ୍ତର୍ଗତ ପାଞ୍ଚଗାଁ ପେଟ୍ରୋଲ ପମ୍ପ ସମ୍ମୁଖରେ ସୋମବାର ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ୨ ବାଇକ ମୁହାଁମୁହିଁ ଧକ୍କାରେ ମା'ବାପାଙ୍କ ମୃତ୍ୟୁ ଘଟିଥିବା ବେଳେ ସୌଭାଗ୍ୟବଶତଃ ଦେଢ଼ ବର୍ଷର ଶିଶୁପୁତ୍ର ବର୍ତ୍ତି ଯାଇଛନ୍ତି। ଅପରପକ୍ଷେ ଦୁର୍ଘଟଣା ଘଟାଇଥିବା ଯୁବକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ମୃତକ ଦ୍ୱୟ ହେଲେ ଟିଗିରିଆ ଥାନା ଅନ୍ତର୍ଗତ ଗଦାଧରପୁର ପଞ୍ଚାୟତ କୋଇଲିକନ୍ୟା ଗ୍ରାମର ପ୍ରତାପ ଚନ୍ଦ୍ର ମନ୍ତ୍ରୀ ଓ ତାଙ୍କ ସ୍ତ୍ରୀ ମିନା। ସେମାନେ ରବିବାର ରାତି ୯ଟାରେ ଅଂଶୁପାରୁ ଭୋଜି ସାରି ଶିଶୁପୁତ୍ରକୁ ଧରି ଫେରୁଥିଲେ। ପେଟ୍ରୋଲ ପକାଇ ସେମାନେ ମୁଖ୍ୟ ରାସ୍ତାକୁ ବାହାରୁଥିବା ସମୟରେ ବିପରୀତ ଦିଗରୁ ପାଞ୍ଚଗାଁ ପଞ୍ଚାୟତ ଅନ୍ତର୍ଗତ ସୁଦର୍ଶନପୁର ଗ୍ରାମର ଚନ୍ଦନ ପ୍ରଧାନ ବାଇକରେ ଆସି ସେମାନଙ୍କୁ ଧକ୍କା ଦେଇଥିଲେ।

## ଭୋଟର ତାଲିକାରେ ପରିବାର ଏକତ୍ରିକରଣ ସୁଯୋଗ

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକରେ ୨୦୦୩ ମସିହା ଭୋଟର ତାଲିକାକୁ ଆଧାର କରି ନୂଆ ତାଲିକା ପ୍ରସ୍ତୁତି ଜୋର୍‌ସୋରରେ ଚାଲିଛି। ଏଥିରେ ଗୋଟିଏ ପରିବାରର ସ୍ୱାମୀ, ସ୍ତ୍ରୀଙ୍କ ନାମ ଅଲଗା ଅଲଗା କ୍ରମିକ ନମ୍ବରରେ ଥିଲେ ତାକୁ ଏକତ୍ରକରଣ କରିବା ପାଇଁ ନିର୍ଦ୍ଦେଶ ରହିଛି। ମାତ୍ର ଏହି ବ୍ଲକରେ ବିଏଲଓ ଦାୟିତ୍ୱରେ ଥିବା ଷ୍ଟାଫମାନେ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ପୂର୍ବଭଳି ଗୋଟିଏ ପରିବାରର ସଦସ୍ୟଙ୍କ ନାମ ଭୋଟର ତାଲିକାରେ ଅଦ୍ୟାବଧି ଭିନ୍ନ ଭିନ୍ନ ସ୍ଥାନରେ ରହିଥିବା ଜଣାପଡିଛି। ଭୋଟର ତାଲିକା ପ୍ରସ୍ତୁତି ସରିବା ପୂର୍ବରୁ କଟକ ସଦର-୯୩ ନିର୍ବାଚନମଣ୍ଡଳୀର ଠିକ ତାଲିକା ପ୍ରସ୍ତୁତି ପାଇଁ ଦାବି ହେଉଛି। ଉପଖଣ୍ଡ ନିର୍ବାଚନ ଅଧିକାରୀ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓଙ୍କ ସହ ଯୋଗାଯୋଗ କରାଯାଇଥିଲା ସୁଦ୍ଧା ପ୍ରତିକ୍ରିୟା ମିଳି ପାରିନାହିଁ।



## ସଂକ୍ଷେପରେ

### ମିଶନ ମେରିଟ: ୪ ଉଚ୍ଚବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ

କଟକ ସଦର,୫।୧(ସୁଶାନ୍ତ କୁମାର ଜେନା)

କଟକ ଜିଲାରେ ୨୦୨୬ ମସିହା ମାଟ୍ରିକ୍ ପରୀକ୍ଷାରେ ଭଲ ଫଳାଫଳ ପାଇଁ ମିଶନ ମେରିଟ୍ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ନିରୁତ୍ସାହଜନକ ହୋଇଥିବା ତଦନ୍ତରୁ ଜଣାପଡ଼ିବା ପରେ ୪ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ କଟକ ଜିଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ବିବରଣୀରୁ ପ୍ରକାଶ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ (ଶିକ୍ଷା) ମନୋରଞ୍ଜନ ବାରିକ ନିକଟରେ ପରିଦର୍ଶନରେ ଆସି ସିଆର୍‌ଆର୍‌ଆଇ ଉଚ୍ଚ ବିଦ୍ୟାଳୟ, ପରମହଂସସ୍ଥିତ ହଂସନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ, ବିରିବାଟିସ୍ଥିତ ରତ୍ନାକର ବିଦ୍ୟାମନ୍ଦିର, ସିଦ୍ଧେଶ୍ୱରପୁରସ୍ଥିତ ଗୋପାଳ ସ୍ମୃତି ବିଦ୍ୟାପୀଠ ପାଠପଢ଼ା ସମ୍ପର୍କରେ ଯାଞ୍ଚ କରିଥିଲେ। ଏହିଦିନ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ଉପସ୍ଥାନ କମ ଥିଲା। ମିଶନ ମେରିଟ୍ ପାଇଁ ମନୋନୀତ ପିଲାମାନଙ୍କ ପାଠପଢ଼ା ଠିକ୍‌ଠାକ ନ ଥିବା ଜାଣିବାକୁ ପାଇଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ ବାରିକଙ୍କ ସୁପାରିସକ୍ରମେ ଜିଲା ଶିକ୍ଷାଧିକାରୀ ପତ୍ର ସଂଖ୍ୟା ୩୫/୨।୧।୨୦୨୬ରେ ଏହି କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହି ସମସ୍ତ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଓ ଶିକ୍ଷକ ରହିଥିଲେ ସୁଦ୍ଧା ପାଠପଢ଼ା ଠିକ ଭାବେ ହେଉ ନ ଥିବା ରିପୋର୍ଟରୁ ପ୍ରମାଣିତ ହୋଇଛି ବୋଲି ଅଭିଭାବକ ମହଲରେ ଚର୍ଚ୍ଚା ହେଉଛି।

# ଘରୋଇ ହସ୍ପିଟାଲରେ ରୋଗୀ ମୃତ୍ୟୁ ନେଇ ଉତ୍ତେଜନା

## ଚିକିତ୍ସା ଅବହେଳାରୁ ମୃତ୍ୟୁ ଅଭିଯୋଗ

କଟକ,୫।୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକର ଏକ ଘରୋଇ ହସ୍ପିଟାଲରେ ସୋମବାର ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ଘଟିଛି। ଚିକିତ୍ସା ଅବହେଳା ଓ ଚିକିତ୍ସା ଆଳରେ ହସ୍ପିଟାଲ କର୍ତ୍ତୃପକ୍ଷ ଟଙ୍କା ଲୁଟିଥିବା ମୃତକ ଇନ୍ଦ୍ରଦେବ କୁମାର ଶର୍ମା(୬୩)ଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏପରି କି ରୋଗୀଙ୍କ ମୃତ୍ୟୁ ପରେ ହସ୍ପିଟାଲରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ବୁଝାଶୁଝା କରିବାରୁ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ପରିବାର ଲୋକେ ମାଲଗୋଦାମ ଥାନାର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ବ୍ୟବଚ୍ଛେଦ କରିବାକୁ ଚାହୁଁ ନ ଥିବାରୁ ମୃତ ଶରୀରକୁ ନେଇ ସୋମବାର ଅପରାହ୍ନରେ ନିଜ ଘରକୁ ଫେରିଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ମୁତାବକ, ଜାମଶେଦପୁରସ୍ଥିତ ବାଗୋଲା ଅଞ୍ଚଳର ଇନ୍ଦ୍ରଦେବ ବ୍ରେନ ହାମ୍‌ରେଜ ହୋଇ ଗୁରୁତର ହୋଇଥିଲେ। ଗତ ୩୦ ତାରିଖରେ କଟକ ଯୋବ୍ରାରେ ଥିବା ଶ୍ରୀରାମ ହସ୍ପିଟାଲରେ ପରିବାର ଲୋକେ ତାଙ୍କୁ ଭର୍ତ୍ତି କରିଥିଲେ। ଆବଶ୍ୟକ ଚିକିତ୍ସା କରାଯାଉ ନ ଥିବା ଅନୁଭବ କରି ଗତ ୨ଦିନ ହେବ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲ ସ୍ଥାନାନ୍ତର କରିବାକୁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ପରିବାର ଲୋକ ଆଲୋଚନା କରିଥିଲେ। ହେଲେ ରବିବାର ସନ୍ଧ୍ୟାରୁ ହଠାତ୍ ରୋଗୀଙ୍କ ସହ ଭେଟିବାକୁ ପରିବାର ଲୋକଙ୍କୁ ମନା କରିବାରୁ ମନରେ ସନ୍ଦେହ ଉପୁଜିଥିଲା। ଏ ନେଇ ପଚରାଉଚରା କରିବାରୁ କିଛି ଘଣ୍ଟା ପରେ ଦୂରରୁ ରୋଗୀଙ୍କୁ ଦେଖିବାକୁ ମେଡିକାଲ କର୍ମଚାରୀ କହିଥିଲେ। ହେଲେ ରୋଗୀଙ୍କ ଶରୀରରେ ଲାଗିଥିବା ଯନ୍ତ୍ରାଂଶଗୁଡ଼ିକ ବନ୍ଦ ଥିବା ଦେଖି ପରିବାର ଲୋକ ପଚାରିବାରୁ ଚିକିତ୍ସା ଠିକ୍ ଚାଲିଥିବା କହିଥିଲେ। ସୋମବାର ସକାଳୁ ମଧ୍ୟ ରୋଗୀଙ୍କୁ ଭେଟିବାକୁ କର୍ମଚାରୀ ସିଧାସଳଖ ମନା କରିଥିଲେ ଏବଂ ମଧ୍ୟାହ୍ନରେ ଇନ୍ଦ୍ରଦେବଙ୍କ ମୃତ୍ୟୁ ଘଟିଥିବା ମେଡିକାଲ କର୍ତ୍ତୃପକ୍ଷ ଜଣାଇଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ମାଲଗୋଦାମ ପୋଲିସ ପହଞ୍ଚି ସ୍ଥିତି ଆୟତ୍ତ କରିଥିଲା। ପରିବାର ଲୋକେ ଚିକିତ୍ସା ଅବହେଳା ନେଇ ମାଲଗୋଦାମ ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ଏତଲା ଦେବା ପରେ ନିୟମ ମୁତାବକ ମୃତଦେହ ବ୍ୟବଚ୍ଛେଦ କରିବାକୁ ହେବ ବୋଲି ଜାଣିବାରୁ ପରିବାର ସଦସ୍ୟ ଏଥିପାଇଁ ରାଜି ହୋଇ ନ ଥିଲେ। ପରେ ପରିବାର ଲୋକେ ମରଶରୀର ନେଇ ନିଜ ଘର ଅଭିମୁଖେ ଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଉକ୍ତ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ଖାନ୍‌ନଗର ମଲାଚଣ୍ଡୀ ଛକଠାରେ ଆରଟିଓ ପକ୍ଷରୁ ସୋମବାର ବସ୍ ଡ୍ରାଇଭରଙ୍କ ଆଲ୍‌କୋହଲ ଟେଷ୍ଟ କରାଯାଉଛି। ଅଧିକାରୀମାନେ ଆମ ବସକୁ ଯାଞ୍ଚ୍ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

# ପଥଚାରୀ ସଂଘର ସାଇବର ଅପରାଧ ସଚେତନତା




ସାଇବର ଅପରାଧ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୫।୧(କାର୍ତ୍ତିକ ସାହୁ)

ସାଇବର ଅପରାଧ ଓ ଟେନାଣ୍ଟ ଭେରିଫିକେଶନ ସମ୍ପର୍କରେ ସାଧାରଣ ଜନତାଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ ସଚେତନତା ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ମର୍କତ ନଗର ଥାନା, ଫେଜ -୨ ଥାନା ଓ ଅଭିନବ ବିଡ଼ାନାସୀ ପଥଚାରୀ ସଂଘ ପକ୍ଷରୁ ସଂଘର ସଭାପତି ଦେବେନ୍ଦ୍ର ସୂତାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାକୁ ଏସିପି ଅନନ୍ୟା ଅଭ୍ୟସ୍ତି ଉଦ୍‌ଘାଟନ କରିଥିଲେ। ସାଇବର ଥାନା ଅଧିକାରୀ ରଶ୍ମିତା ଜେନା ସାଇବର ଠକାମୀର ବିଭିନ୍ନ କୌଶଳ ଓ ସେଥିରୁ ସତର୍କ ରହିପାରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମର୍କତ ନଗର ଥାନା ଅଧିକାରୀ ସତ୍ୟବ୍ରତ ଭୁଟିଆ, ଜଗନ୍ନାଥ ସାହୁ ଏବଂ ଫେଜ -୨ ଥାନା ଅଧିକାରୀ ଅନୁରାଧା ମାର୍ଥା ଉପସ୍ଥିତ ସାଧାରଣ ଜନତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଟେନାଣ୍ଟ ଭେରିଫିକେଶନର ଆବଶ୍ୟକତା ଓ ଏହାର ପ୍ରକ୍ରିୟା ସମ୍ପର୍କରେ ମଧ ଆଲୋକପାତ କରାଯାଇଥିଲା। ମନୋରଞ୍ଜନ ଦାସ, ଡାକ୍ତର ସଂଜିତ ପଟ୍ଟନାୟକ, ଡା. ବିଷ୍ଣୁ ଚରଣ ସାହୁ, ରବୀନ୍ଦ୍ର ନାଥ ସ୍ୱାଇଁ, ମହେନ୍ଦ୍ର ପଟ୍ଟନାୟକ, ଜ୍ଞାନ ରଞ୍ଜନ ଦାଶ, ଦୁର୍ଗା ପ୍ରାସାଦ ମିଶ୍ର, କୁଞ୍ଜ ବିହାରି ପଣ୍ଡା, ହିମାଂଶୁବାଳା ପଟ୍ଟନାୟକ, ଅକ୍ଷୟ କୁମାର ସାହୁ, ଦେବାନନ୍ଦ ଦଳବେହେରା, ଅନିଲ କୁମାର ରାୟ, ବିଜୟ କୁମାର ପୃଷ୍ଟି, ହୃଷୀକେଶ ପାଣି ପ୍ରମୁଖ ସଭାରେ ଯୋଗଦେଇଥିଲେ।

# ଇନ୍ସପେକ୍ଟର ବିଜୟ ବାରିକ ନିଲମ୍ବିତ

## ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ



ଭୁବନେଶ୍ୱର,୫।୧(ସତ୍ୟଜିତ ରାଉତ)- ଲାଞ୍ଚ ନେବା ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା କଟକ ସିଆର୍‌ଆର୍‌ଆଇ ଥାନା ଅଧିକାରୀ ବିଜୟ କୁମାର ବାରିକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଭିଜିଲାନ୍ସ ମାମଲାକୁ କେନ୍ଦ୍ର କରି ପୋଲିସ ଡିଜି ୱାଇବି ଖୁରାନିଆ ସୋମବାର ବିଜୟଙ୍କୁ ନିଲମ୍ବିତ କରିଛନ୍ତି। ଏହି ନିଲମ୍ବିତ ଅବଧି ମଧ୍ୟରେ ଅଭିଯୁକ୍ତ ବିଜୟ ଭୁବନେଶ୍ୱର-କଟକ ପୋଲିସ କମିଶନରଙ୍କ ଶୃଙ୍ଖଳଗତ ନିୟନ୍ତ୍ରଣରେ ରହିବେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

ସୂଚନାଯୋଗ୍ୟ, ସିଆର୍‌ଆର୍‌ଆଇ ଥାନା ଅଞ୍ଚଳରେ ମଦ ଦୋକାନ କରିଥିବା ଅଭିଯୋଗକାରୀଙ୍କୁ ବ୍ୟବସାୟ ସୁରୁଖୁରୁରେ ଚଳାଇବାକୁ ଥାନାଧିକାରୀ ବିଜୟ ବିଭିନ୍ନ ସମୟରେ ଟଙ୍କା ଦାବି କରି ଆସୁଥିଲେ। ଅନ୍ୟ କୌଣସି ଉପାୟ ନ ପାଇ ମଦ ବ୍ୟବସାୟୀ ଜଣକ ଭିଜିଲାନ୍ସ ନିକଟରେ ଶନିବାର ଅଭିଯୋଗ କରିଥିଲେ। ଯୋଜନା ମୁତାବକ ରବିବାର ସକାଳ ପ୍ରାୟ ୮ଟା ବେଳେ ରାଜମହଲ୍ ଛକ ରାସ୍ତାରେ ମଦ ବ୍ୟବସାୟୀଙ୍କଠାରୁ ବିଜୟ ୪୦ ହଜାର ଟଙ୍କା ନେବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିଲା।

# ଶିକ୍ଷାବିତ୍ ଅନୁପ ପାତ୍ରଙ୍କ ପରଲୋକ

କଟକ,୫।୧(କାର୍ତ୍ତିକ ସାହୁ)



ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଛାତ୍ର ମଙ୍ଗଳ ଅଧିକାରୀ (ଡିନ) ପ୍ରାଧ୍ୟାପକ ଅନୁପ କୁମାର ପାତ୍ରଙ୍କ ରବିବାର ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସୋମବାର ପୂର୍ବାହ୍ନରେ ଗୋରାକବରଠାରେ ଖ୍ରୀଷ୍ଟୀୟ ରୀତିନୀତି ଅନୁଯାୟୀ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ କ୍ରୀଡ଼ାବିତ୍ ବିଜନ ପାତ୍ର ଓ ସାମାଜିକ କର୍ମୀ ସ୍ନେହଲତା ପାତ୍ରଙ୍କ ଏକମାତ୍ର ପୁତ୍ର ଥିଲେ। ସ୍ୱର୍ଗତ ପାତ୍ର ଏକାଧାରରେ ଜଣେ ଶିକ୍ଷାବିତ୍, ପ୍ରଶାସକ, ସଙ୍ଗୀତଜ୍ଞ ଓ କ୍ରୀଡ଼ାବିତ୍ ଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ବ୍ୟତୀତ ସେ ପୁରୀର ଏସ୍.ସି.ଏସ୍. କଲେଜ, ଭୁବନେଶ୍ୱରର ବିଜେବି. କଲେଜ, ସମ୍ବଲପୁରର ଜି.ଏମ୍. କଲେଜ ଓ ବାରିପଦାର ଏମ୍.ପି.ସି. କଲେଜରେ ଅଧ୍ୟାପନା କରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଓଡ଼ିଶା ସରକାରୀ କଲେଜ ଅବସରପ୍ରାପ୍ତ ଶିକ୍ଷକ ସଂଘର ସଭାପତି ଡ. ମିହିର ଦାସ ଓ ଉପସଭାପତି ଡ. ନାରାୟଣ ମହାନ୍ତିଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ତାଙ୍କ ସୁତାହାଟସ୍ଥିତ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ତୃଣମୂଳସ୍ତରରେ ଦଳକୁ ମଜଭୁତ କରିବାକୁ ଆହ୍ୱାନ

ଚୌଦ୍ୱାର,୫।୧(ଆଶୁତୋଷ ଦାସ)

ଚୌଦ୍ୱାର ଭାଜପା ମଣ୍ଡଳର ସାଂଗଠନିକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ମମତା ବେହେରାଙ୍କ ସଭାପତିତ୍ୱରେ ସ୍ଥାନୀୟ କଳା ପ୍ରକାଶିନୀ କ୍ଲବ୍‌ରେ ଅନୁଷ୍ଠିତ ବୈଠକରେ ଦଳର କଟକ ଜିଲା ପ୍ରଭାରୀ ଜ୍ଞାନଦେବ ବେଉରା ଏବଂ ବରିଷ୍ଠ ନେତା ନୟନ କିଶୋର ମହାନ୍ତି ଯୋଗଦେଇଥିଲେ। ସଶକ୍ତ ମଣ୍ଡଳ ଗଠନ ପାଇଁ ସମସ୍ତ ବୁଥ୍ କମିଟିକୁ ତୁରନ୍ତ ଗଠନ କରି ପ୍ରତିମାସ ଏହାର ବୈଠକ କରାଇବା ସହିତ ତୃଣମୂଳସ୍ତରରେ ଦଳକୁ ମଜଭୁତ କରିବା ପାଇଁ ସମସ୍ତ ନେତୃମଣ୍ଡଳୀ ଓ କର୍ମୀବୃନ୍ଦ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ଉପସଭାପତି ଭାଗୀରଥି ଦଳାଇ, ରାଜ୍ୟ ପରିଷଦ ସଦସ୍ୟ ଚିରଞ୍ଜୀବୀ ଖଣ୍ଡାୟତରାୟ, ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ ହୋତା, କାଉନ୍‌ସିଲର ସୁଜାତା ସାହୁ, ସନ୍ତୋଷ ସାହୁ, ଦାମୋଦର ନାୟକ, ଅନିଲ ଦଳାଇ, ବିଷ୍ଣୁ ଚରଣ ପରିଡ଼ା, ଚିନ୍ମୟ ବେହେରା, ସରିତା ଶୁକ୍ଳ, ସନ୍ତୋଷ କୁମାର ବେହେରା, ପ୍ରଶାନ୍ତ ବିଶ୍ୱାଳ, ସୁମିତ୍ରା ମହାନତି, ସଚ୍ଚିକାନତ ନାୟକ, ପ୍ରଦୀପ ଦାସ, ସୁମିତ୍ରା ସାହୁ, ଅନୀତା ନାୟକ, ଲକ୍ଷ୍ମୀନାରାୟଣ ସାହୁ, ଗୌତମ ସାହୁ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ।

# ଜରାଶ୍ରମ ଅନ୍ତେବାସୀଙ୍କୁ ସହାୟତା ଦେଲେ ଛାତ୍ରୀଛାତ୍ର




ଛତିଆସ୍ଥିତ ସେବକ ଜରାଶ୍ରମ ଅନ୍ତେବାସୀଙ୍କୁ ସହାୟତା ପ୍ରଦାନ ଅବସରରେ ଡ୍ରିମ୍ସ ସ୍କୁଲ ଅଫ ମ୍ୟାନେଜମେଣ୍ଟ ସଦସ୍ୟ ଏବଂ ଅନ୍ୟମାନେ।

କଟକ,୫।୧(କାର୍ତ୍ତିକ ସାହୁ)

ଡ୍ରିମ୍‌ସ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଛତିଆସ୍ଥିତ ସେବକ ଜରାଶ୍ରମ ଅନ୍ତେବାସୀଙ୍କୁ ସହାୟତା ପ୍ରଦାନ କରାଯାଇଛି। ଡିନ୍ ଡ. ପ୍ରଣିତା ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକମାନେ ଜରାଶ୍ରମକୁ ଯାଇ ଅନ୍ତେବାସୀଙ୍କୁ କମ୍ବଳ ଓ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ପ୍ରଦାନ କରିଥିଲେ। ସମାଜରେ ଅବହେଳିତ ଏହି ବୟୋଜ୍ୟେଷ୍ଠମାନଙ୍କ ଓଠରେ ଟିକିଏ ହସ ଫୁଟାଇ ପାରିଲେ ଈଶ୍ୱରଙ୍କ ଆଶୀର୍ବାଦ ମିଳିଥାଏ ବୋଲି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଜରାଶ୍ରମ ପରିଚାଳକ ସୁରେଶ ଚନ୍ଦ୍ର ବିଶ୍ୱାଳ ସେଠାକାର ବ୍ୟବସ୍ଥା ସଂପର୍କରେ ସୂଚନା ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଏଭଳି ସାମାଜିକ ଦାୟିତ୍ୱବୋଧ ପାଇଁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଓ ନିର୍ଦ୍ଦେଶିକା ଚିନ୍ମୟୀ ରଥ ସାଧୁବାଦ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

ବାରଙ୍ଗ,୫।୧(ଲିଙ୍ଗରାଜ ରାଉତ)

ବାରଙ୍ଗ ତହସିଲ ପକ୍ଷରୁ ସୋମବାର ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ତ୍ରିଶୂଳିଆ-ବାଙ୍କୀ ମୁଖ୍ୟରାସ୍ତା କଡ଼ରେ ପାଟପୁର ଗ୍ରାମର ଶିବ ସାମଲ ଓ ବିଜୁ ସାମଲ ଭୂମିହୀନ ହୋଇଥିବାରୁ ବେଆଇନ ଭାବେ ଘରକରି ଦୀର୍ଘବର୍ଷ ହେବ ରହିଆସୁଥିଲେ। ସୋମବାର ଅପରାହ୍ନରେ ତହସିଲ ପକ୍ଷରୁ ଏହି ଦୁଇ ପରିବାରଙ୍କ ଘରକୁ ଜେସିବି ସାହାଯ୍ୟରେ ଉଚ୍ଛେଦ କରାଯାଇଛି। ତହସିଲଦାର ଡ. ତୁଷାର ଜ୍ୟୋତି ରଞ୍ଜନ, ରାମଦାସପୁର ରାଜସ୍ୱ ଅଧିକାରୀ ସନ୍ତୋଷ କୁମାର ସାହୁ ଏବଂ ବାରଙ୍ଗ ଥାନା ପୋଲିସ ଏକ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ଥିଲେ। ଏହି ଦୁଇ ପରିବାର ଭୂମିହୀନ ହୋଇଥିବାରୁ ଶୀତରେ ଏବେ କେଉଁଠି ରହିବେ ଏବଂ କୁଆଡ଼େ ଯିବେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଅଗ୍ନିକାଣ୍ଡରେ ଗୃହ, ଗୁହାଳ ଜଳିଗଲା

ସାଲେପୁର,୫।୧(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ରାମକୃଷ୍ଣପୁର ପଞ୍ଚାୟତ ଅନ୍ତର୍ଗତ ଉଡ଼ୋଳ ଗ୍ରାମରେ ସୋମବାର ଅଗ୍ନିକାଣ୍ଡ ଘଟି ଏକ ବଖରା ଗୃହ ଓ ଗୁହାଳ ଜଳି ଯାଇଥିବାବେଳେ ଗର୍ଭିଣୀ ଗାଈ ଗୁରୁତର ହୋଇଛି। ଏଥିରେ ଗ୍ରାମର ପୁନାନନ୍ଦ ପରମାଣିକ ପରିବାର ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। ଧାନ ବିକ୍ରି ପରେ ସଞ୍ଚୟ କରିଥିବା ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ନିଆଁରେ ଜଳିପୋଡ଼ି ପାଉଁଶ ହୋଇଯାଇଛି। ପଡ଼ୋଶୀ ଆସି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଖବରପାଇ ଅଗ୍ନିଶମ ବାହିନୀର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇପାରି ନାହିଁ। ଅପରପକ୍ଷେ ପରମାଣିକ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

# ପ୍ଲାଷ୍ଟିକ ବ୍ୟବହାର କୁପରିଣାମ ସଚେତନ କଲେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର




ସଚେତନତା କାର୍ଯ୍ୟକ୍ରମରେ ସାମିଲ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

କଟକ,୫।୧(କାର୍ତ୍ତିକ ସାହୁ)

ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ କଟକ ଜିଲାର ବିଭିନ୍ନ ସ୍ଥାନରେ ପ୍ଲାଷ୍ଟିକ ବ୍ୟବହାରର କୁପରିଣାମ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। ଏହି କ୍ରମରେ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ରବିବାର ବାଙ୍କୀସ୍ଥିତ ମା’ ଚର୍ଚ୍ଚିକାଙ୍କ ମନ୍ଦିର ପରିସର ଏବଂ ଅଂଶୁପା ହ୍ରଦ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଅଧିବାସୀମାନଙ୍କୁ ସଚେତନ କରିଥିଲେ। ‘ସିଙ୍ଗଲ ୟୁଜ ପ୍ଲାଷ୍ଟିକ’ ସମ୍ପର୍କରେ ଜନସାଧାରଣ ଏବଂ ସେଠାକାର ଦୋକାନୀମାନଙ୍କୁ ବୁଝାଇବା ସହ ପେପର୍ ପ୍ୟାକେଟ ବ୍ୟବହାର ନେଇ ସେମାନଙ୍କୁ ଉତ୍ସାହିତ କରିଥିଲେ। କେବଳ ସେତିକି ନୁହେଁ, ଚର୍ଚ୍ଚିକା ମନ୍ଦିର ପରିସରରେ ଥିବା ଦୋକାନୀମାନଙ୍କୁ ଶତାଧିକ ପେପର୍ ପ୍ୟାକେଟ ମଧ ବଣ୍ଟନ କରିଥିଲେ। ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍, ରୋଭର୍-ରେଞ୍ଜର ୟୁନିଟ୍ ଏବଂ ଏସ୍‌ଏସ୍‌ୟୁ ଇଣ୍ଟରନ୍ୟାଶନାଲ ମଡେଲ ୟୁନାଇଟେଡ ନେଶନ୍ସ ମିଳିତ ଭାବରେ ଏହା ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡ. ଅମ୍ବିକା ପ୍ରସାଦ ମିଶ୍ର, ଡ. ସନ୍ଦୀପ ରାଉତ, ଡ. ସୋନମ ଅଗ୍ରୱାଲ, ଡ. ମନୋଜ ଦାସଙ୍କ ତତ୍ତ୍ୱାବଧାନ ଏବଂ ବିଦ୍ୟାର୍ଥୀ ସଂଯୋଜକ ରିତେଶ ନାୟକ, ମହାପ୍ରସାଦ ପତି ଏବଂ ମନୋଜ ପରିଡ଼ାଙ୍କ ନେତୃତ୍ୱରେ ବିଦ୍ୟାର୍ଥୀମାନେ ଯୋଗଦେଇଥିଲେ। ଏସ୍‌ଏସ୍‌ୟୁ ଇଣ୍ଟରନ୍ୟାଶନାଲ ମଡେଲ ୟୁନାଇଟେଡ ନେଶନ୍ସ ପକ୍ଷରୁ ଅମୃତାଂଶୁ ପୁହାଣ, ଜୟତୋଶ୍ରୀ ରାୟ, ଶଶାଙ୍କ ତ୍ରିବେଦୀ ଏବଂ ଆଦିତ୍ୟ ଉଦୟ ନେତୃତ୍ୱ ନେଇଥିଲେ। ବିଶ୍ୱବିଦ୍ୟାଳୟର କୁଳାଧକ୍ଷା ପ୍ର. ରଜିତା କୁଳକର୍ଣ୍ଣୀ, କୁଳପତି ପ୍ରଫେସର ଡ. ତେଜପ୍ରତାପ, କୁଳସଚିବ ପ୍ରଫେସର ଡ. ଅନିଲ ଶର୍ମା ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ଭୂୟସୀ ପ୍ରଶଂସା କରିଛନ୍ତି।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଡିଜିଙ୍କୁ ସ୍ମାରକପତ୍ର

କଟକ,୫।୧(କାର୍ତ୍ତିକ ସାହୁ)



ବିଜେଡି ପକ୍ଷରୁ ଡିଜିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

## ରାଜନଗର ବିଡିଓଙ୍କୁ ଆକ୍ରମଣ ଘଟଣା

ରାଜନଗର ମହିଳା ବିଡିଓ ତିଲୋତ୍ତମା ପୃଷ୍ଟିଙ୍କ ଉପରେ ଆକ୍ରମଣ ଘଟଣାକୁ ବିଜେଡି ନିନ୍ଦା କରିଛି। ଏହି ଘଟଣାରେ ଅଭିଯୁକ୍ତ ଆକ୍ରମଣକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ପୋଲିସ ଡିଜିଙ୍କ ନିକଟରେ ବିଜେଡି ଦାବି କରିଛି। ବିଜେଡି ପକ୍ଷରୁ ରାଜ୍ୟ ପୋଲିସ ଡିଜିଙ୍କୁ ସୋମବାର ଏ ସଂକ୍ରାନ୍ତରେ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ସ୍ମାରକପତ୍ରର ତଥ୍ୟ ଅନୁଯାୟୀ, ରିପୋର୍ଟ ଏବଂ ସିସିଟିଭି ଫୁଟେଜ୍ ଅନୁଯାୟୀ, ରାଜନଗର ବିଧାନସଭା ପ୍ରାର୍ଥୀ ଲଳିତ କୁମାର ବେହେରାଙ୍କ ନେତୃତ୍ୱରେ ୩୦ରୁ ୪୦ ଜଣ ଭାଜପା କର୍ମୀ ଜୋର୍ କରି ବିଡିଓଙ୍କ ଅଫିସ୍‌ରେ ପ୍ରବେଶ କରିଥିଲେ। ସେମାନଙ୍କ ନିର୍ଦ୍ଦେଶ ଅନୁଯାୟୀ ସରକାରୀ କାର୍ଯ୍ୟ କରିବାକୁ ସେମାନେ ଚାପ ପ୍ରୟୋଗ କରିଥିଲେ। ମାତ୍ର ବିଡିଓ ଅସ୍ୱୀକାର କରିବାରୁ ବେହେରା ଟେବୁଲରୁ ଏକ କମ୍ପ୍ୟୁଟର୍ ଉଠାଇ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ ଏବଂ ଅନ୍ୟ ବ୍ୟକ୍ତିମାନେ ହସ୍ତକ୍ଷେପ କରି ଗଭୀର ଶାରୀରିକ ଆକ୍ରମଣକୁ ରୋକିଥିଲେ। ସେମାନେ ନିନ୍ଦାଜନକ ଭାଷା ବ୍ୟବହାର କରି ବିଡିଓଙ୍କୁ ଧମକ ଦେଇଥିଲେ। ଯାହା ଅଫିସ୍‌ରେ ଭୟର ବାତାବରଣ ସୃଷ୍ଟି କରି ବ୍ଲକ୍ ପ୍ରଶାସନର କାର୍ଯ୍ୟକୁ ପ୍ରଭାବିତ କରିଥିଲା। ଏହି ଘଟଣା ପୂର୍ବରୁ ୩୦।୦୬।୨୦୨୫ରେ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମ୍‌ସି) ଅଫିସ୍‌ରେ ଅତିରିକ୍ତ ଆୟୁକ୍ତ ତଥା ବରିଷ୍ଠ ଓଏଏସ୍ ଅଧିକାରୀ ରତ୍ନାକର ସାହୁଙ୍କୁ ସର୍ବସମ୍ମୁଖରେ ନିର୍ମମ ଭାବେ ପ୍ରହାର କରାଯାଇଥିବା ଘଟଣା ଘଟିଥିଲା। ଜଣେ ବରିଷ୍ଠ ବିଏମ୍‌ସି ଅଧିକାରୀଙ୍କ ଅଫିସ୍ ଭିତରେ ନିର୍ମମ ଆକ୍ରମଣ, ତା’ପରେ ଜଣେ ମହିଳା ବିଡିଓଙ୍କ ଅଫିସ୍ ଭିତରେ କମ୍ପ୍ୟୁଟର୍ ଦ୍ୱାରା ଆକ୍ରମଣ ଚେଷ୍ଟା କରାଯାଇଛି। ଉଭୟ କ୍ଷେତ୍ରରେ ଆକ୍ରମଣକାରୀମାନେ ଶାସକ ଦଳର ନେତାଙ୍କ ସହ ଜଡ଼ିତ ଥିବା ଧାରଣା ସୃଷ୍ଟି ହେଉଛି। ଏହି ଘଟଣାଗୁଡ଼ିକ ଭାରତୀୟ ନ୍ୟାୟସଂହିତା ଅଧୀନରେ ଗମ୍ଭୀର ଅପରାଧ। ଏସବୁ ଦୃଷ୍ଟିରୁ ରାଜନଗର ଘଟଣାରେ ଶୀଘ୍ର ଏଫ୍‌ଆଇଆର୍ ପଞ୍ଜୀକରଣ (କିମ୍ବା ନିଶ୍ଚିତକରଣ) ଏବଂ ସିସିଟିଭି ଫୁଟେଜ୍‌ରେ ଦୃଶ୍ୟମାନ ବ୍ୟକ୍ତିମାନଙ୍କ ସହ ଲଳିତ କୁମାର ବେହେରାଙ୍କୁ ଚିହ୍ନଟ କରି ଗିରଫ କରିବା ଏବଂ ଆପରାଧିକ ଧମକ, ଆକ୍ରମଣ ଚେଷ୍ଟା, ସାର୍ବଜନିକ ସେବକଙ୍କ କାର୍ଯ୍ୟରେ ବାଧା ଭଳି ଅପରାଧରେ ନ୍ୟାୟିକ ତଦନ୍ତ କରିବାକୁ ନିବେଦନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, କଟକ ଜିଲା ସଭାପତି ପ୍ରଫୁଲ୍ଲ କୁମାର ସିଂହ, ପ୍ରତାପ ଜେନା, ମଧୁସୂଦନ ସାହୁ, ଅମିତାଭ ବେହେରା, ତାପସ ମହାନ୍ତି, ମହମ୍ମଦ ସକିଲ, ସ୍ମୃତିରଞ୍ଜନ ନାୟକ ପ୍ରମୁଖ ସାମିଲ ଥିଲେ।

# ସ୍ୱାସ୍ଥ୍ୟ ବିଭାଗ, ୱାଟ୍‌କୋ ପ୍ରତିନିଧିଙ୍କ ସ୍ଥିତି ଅନୁଧ୍ୟାନ

ଖୋର୍ଦ୍ଧା,୫।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍ ବ୍ୟାପିବା ଘଟଣାରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ୍ରମେ ରାଜ୍ୟ ଜନସ୍ୱାସ୍ଥ୍ୟର ୩ ଜଣିଆ ଟିମ୍ ସହ ଖୋର୍ଦ୍ଧା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରଞ୍ଜନ ମିତ୍ରଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ ଏବଂ ୱାଟ୍‌କୋର ଏକ ଟିମ୍ ସୋମବାର ବିଦ୍ୟାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗର ଟିମ୍ ପାଣିଟାଙ୍କି, ଓଭରହେଡ୍ ୱାଟର ଟ୍ୟାଙ୍କ, ସମ୍ପ ଆଦି ୧୨ଟି ସ୍ଥାନରୁ ପାଣି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ଏଥିସହିତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଟିମ୍ ବିଦ୍ୟାଳୟର ଛାତ୍ରାବାସ, ରୋଷେଇ ଗୃହ, ପ୍ରଶାସନିକ କୋଠା ବୁଲି ଦେଖିବା ସହ ପିଲାଙ୍କ ରକ୍ତ ନମୁନା ସଂଗ୍ରହ କରିଥିଲେ। ସେପଟେ ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ସରକାର ଏହାକୁ ଗମ୍ଭୀରତାର ସହ ନେଇଛନ୍ତି। ଗଣମାଧ୍ୟମରୁ ଏହା ଜଣାପଡ଼ିବା ପରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଏବଂ ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସ୍ଥିତି ଅନୁଧ୍ୟାନ କରିଛନ୍ତି। ରିପୋର୍ଟ ଆସିବା ପରେ ଅନୁଧ୍ୟାନ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଅନ୍ୟପଟେ ପିଲାଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଅଭିଭାବକ ଘରକୁ ନେଇ ଯାଇଥିବା ଜଣାପଡ଼ିଛି। ତେବେ ପିଲାଙ୍କ ପରୀକ୍ଷା ଚାଲିଥିବାରୁ କେତେକଣ ଅଭିଭାବକ ପରୀକ୍ଷା ସରିବା ପରେ ସେମାନଙ୍କୁ ସାଥିରେ ନେଇଯାଉଥିବା ଦେଖିବାକୁ ମିଳିଛି। ଦୂଷିତ ପାଣି ଯୋଗୁ ଛାତ୍ରୀଛାତ୍ରମାନେ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଛନ୍ତି ବୋଲି ଅଭିଭାବକମାନେ ଅଭିଯୋଗ ଆଣିଛନ୍ତି। ଗତ ତିନି ମାସ ଧରି ବିଦ୍ୟାଳୟରେ ଜଣଙ୍କ ପରେ ଜଣେ ଛାତ୍ରାଛାତ୍ର ଜ୍ୱରରେ ପୀଡ଼ିତ ହୋଇ ପରବର୍ତ୍ତୀ ସମୟରେ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଅଭିଭାବକମାନେ ଦାୟୀ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଫ୍ରେରେଜ ଏବଂ ପାଇପ୍ ଲାଇନ ସଂଯୋଗ ତ୍ରୁଟିରୁ ମଧ୍ୟ ପାଣି ଦୂଷିତ ହୋଇଥିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବିଶେଷଜ୍ଞ ଟିମ୍ ସନ୍ଦେହ କରିଛି। ଏ ସମ୍ପର୍କରେ ବିଦ୍ୟାଳୟ ଅଧ୍ୟକ୍ଷ ଡ. କବିତା କର କହିଛନ୍ତି, ଜଣେ ଛାତ୍ର ପୂଜାଛୁଟିରେ ଘରକୁ ଯାଇ ଫେରିଥିଲା। ଗତ ଅକ୍ଟୋବର ୨୬ରେ ସେ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ଜାଣିବା ପରେ ତାଙ୍କୁ ତୁରନ୍ତ ଘରକୁ ପଠାଇ ଦିଆଯାଇଥିଲା। ତେବେ ପାଠପଢ଼ା ବ୍ୟାହତ ହେବା ଆଶଙ୍କାରେ ଘରୁ ଫେରିଆସିବା ପରେ ତାକୁ ପୃଥକ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ଦୁଇ ମାସ ମଧ୍ୟରେ ଜଣେ ଶିକ୍ଷକଙ୍କ ସମେତ ୩୦ରୁ ୩୫ ଜଣ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ବିଦ୍ୟାଳୟରେ ରହିଥିବା ପାଣିଟାଙ୍କି, ଓଭରହେଡ୍ ୱାଟର ଟ୍ୟାଙ୍କ, ସମ୍ପକୁ ନିୟମିତ ବ୍ୟବଧାନରେ ସଫା କରାଯିବା ସହ ପାଣି ନମୁନା ପରୀକ୍ଷା ମଧ୍ୟ କରାଯାଉଛି। ଏହି ଘଟଣା ଜଣାପଡ଼ିବା ପରେ ବିଦ୍ୟାଳୟରେ ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦିଆଯିବା ସହ ପିଲାଙ୍କୁ ଫୁଟା ଗରମ ପାଣି ବ୍ୟବହାର ପାଇଁ କୁହାଯାଉଛି। ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମିତ୍ର କହିଛନ୍ତି, ଜିଲ୍ଲାର ୩ଜଣିଆ ଟିମ୍ ବିଦ୍ୟାଳୟରେ ପହଞ୍ଚି ଛାତ୍ରାବାସ, ପ୍ରଶାସନିକ କୋଠା, ପିଲାଙ୍କ ଖାଇବା ଗୃହ, ରୋଷେଇ ଘର, ପାଣିଟ୍ୟାଙ୍କ ବୁଲି ଦେଖିବା ସହ ନମୁନା ସଂଗ୍ରହ କରାଯାଇଛି। ଜଣ୍ଡିସ୍ ଏକ ଜଳବାହିତ ରୋଗ। ଦୂଷିତ ପାନୀୟ ଜଳ ବ୍ୟବହାର ଯୋଗୁ ଏହା ବ୍ୟାପିଥାଏ। ବିଦ୍ୟାଳୟ ବାହାରେ ଦହିବରା, ଗୁପ୍‌ଚୁପ୍, ବରା, ଆଳୁଚପ୍ ବିକ୍ରି ହେଉଛି। ଅଭିଭାବକ ବୁଲି ଆସିବା ସମୟରେ ପିଲାମାନେ ଏହାକୁ ଖାଉଥିବା ବିଦ୍ୟାଳୟ ଅଧ୍ୟକ୍ଷ ଜଣାଇଛନ୍ତି। ସଂକ୍ରମିତ ଜଳ ବ୍ୟବହାର ଯୋଗୁ ମଧ୍ୟ ଏହା ବ୍ୟାପିବା ସମ୍ଭାବନାକୁ ଏଡ଼ାଇ ହେବ ନାହିଁ। ବିଦ୍ୟାଳୟର ଶରେରୁ ଦୁଇଶହ ମିଟର ଦୂରତାରେ ଏହାର ବିକ୍ରି ନିଷେଧ କରିବାକୁ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ୱାଟ୍‌କୋ ସାଧାରଣ ପରିଚାଳକ ରାଜେନ୍ଦ୍ର ନାଥ ନାୟକ କହିଛନ୍ତି, ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ବିଦ୍ୟାଳୟରେ ପହଞ୍ଚି ସମସ୍ତ ପାଣିଟାଙ୍କି ସ୍ଥିତି ଅନୁଧ୍ୟାନ ସହ ୧୨ଟି ସ୍ଥାନରୁ ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ବିଭାଗ ପକ୍ଷରୁ ବିଶୋଧିତ ପାଣି ପାଇପ୍ ଯୋଗେ ଦିଆଯାଉଛି। ପ୍ରତି ସମୟରେ ଗ୍ଲୋରିନ ବ୍ୟବହାର କରାଯାଉଛି। ନମୁନା ରିପୋର୍ଟ ଆସିବା ପରେ ଜଣାପଡ଼ିବ। ସେହିପରି ଜିଲ୍ଲାପାଳ ଅମୃତ ଋତୁରାଜ କହିଛନ୍ତି, ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସ୍ଥିତି ଯାଞ୍ଚ ପାଇଁ ସିଡିଏମ୍‌ଓ ଏବଂ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ସହ ଆଲୋଚନା କରାଯାଇଛି। ପରବର୍ତ୍ତୀ ସମୟରେ ପିଲାଙ୍କ ଯେଭଳି କୌଣସି ଅସୁବିଧା ନ ହେବ, ସେଥିପ୍ରତି ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯିବ।



ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।



ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**ଖୋର୍ଦ୍ଧା ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍ ବ୍ୟାପିବା ଘଟଣା**

- ୧୨ ସ୍ଥାନରୁ ପାଣି ନମୁନା, ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତ ସଂଗ୍ରହ
- ବିଦ୍ୟାଳୟରୁ ଘରକୁ ଫେରିଲେ ୨୦୦ ଛାତ୍ରୀଛାତ୍ର

# ମକର ମହୋତ୍ସବ ପାଇଁ ଶୁଭଖୁଣ୍ଟି ସ୍ଥାପନ



ପୂଜାର୍ଚ୍ଚନା ପରେ ଶୁଭଖୁଣ୍ଟି ପୋତାଯାଉଛି।

ବାଘମାରୀ, ୫।୧(ମିହିର ରଞ୍ଜନ ମହାପାତ୍ର)

ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଅଧୀନ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ପ୍ରଭୁ ହଟକେଶ୍ୱର ଦେବଙ୍କ ମକର ମହୋତ୍ସବ ଆସନ୍ତା ଜାନୁଆରୀ ୧୪ରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ମକର ମହୋତ୍ସବ ପାଇଁ ସୋମବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ହଟକେଶ୍ୱରଙ୍କ ପୀଠରୁ ଆଜ୍ଞାମାଳ ଏକ ପଟୁଆରରେ ବିଜେକ୍ଷେତ୍ରକୁ ଅଣାଯାଇଥିଲା। ଏହାପରେ ପୂଜାର୍ଚ୍ଚନା ପୂର୍ବକ ଶୁଭଖୁଣ୍ଟି ସ୍ଥାପନ ହୋଇଥିଲା। ବେଗୁନିଆ ବିଧାୟକ ପ୍ରଦୀପ ସାହୁ ହଟକେଶ୍ୱରଙ୍କ ଆଜ୍ଞାମାଳ ଧରି ବିଜେକ୍ଷେତ୍ରକୁ ଆସିଥିଲେ। ହରିବୋଲ, ପାରମ୍ପରିକ ବାଦ୍ୟ ପରିବେଷଣରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବାଘମାରୀ ସରପଞ୍ଚ ମାନସ ରଞ୍ଜନ ବିଶାଳ, ପ୍ରତାପ କୁମାର ମହାନ୍ତି, ଗିରୁ ମହାଖୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗ୍ରୁପ୍ ଲୋନ୍ କରାଇଦେବାକୁ କହି ଠକେଇ

ବାଲୁଗାଁ, ୫।୧(ସଂଗ୍ରାମ ପାଇକରାୟ)

ଗ୍ରୁପ୍ ଲୋନ୍ କରାଇଦେବାକୁ କହି ଜଣେ ମହିଳାଙ୍କଠାରୁ ୨୫ ହଜାର ଟଙ୍କା ଠକେଇ ହୋଇଥିବା ବାଲୁଗାଁ ଥାନାରେ ଅଭିଯୋଗ ହୋଇଛି। ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଗୋପାଳପୁର ଗ୍ରାମର ଜ୍ଞାନରଞ୍ଜନ ଦାସ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ସ୍ଥାନୀୟ ବନ୍ଧପୁଟ ଗ୍ରାମର ଶାରଦା ବେହେରାଙ୍କୁ ଗ୍ରୁପ୍ ଲୋନ କରାଇଦେବାକୁ ପ୍ରଲୋଭିତ କରି ଜ୍ଞାନରଞ୍ଜନ ତାଙ୍କଠାରୁ ଗତ ୨୫ ତାରିଖରେ ୨୪ ହଜାର ଟଙ୍କା ନେଇଥିଲେ। ଏହା ପରଠାରୁ ଜ୍ଞାନରଞ୍ଜନଙ୍କ ମୋବାଇଲ ଫୋନ ସୁଇଚ୍ ଅଫ୍ ହୋଇଯାଇଥିଲା। ଶାରଦା ଠକାମିର ଶିକାର ହୋଇଥିବା ଜାଣିବା ପରେ ଗତ ୧ ତାରିଖରେ ଏ ସମ୍ବନ୍ଧରେ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୧/୨୬) ରୁଜୁ ହୋଇଛି। ତେବେ ଅନୁରୂପଭାବେ ଠକେଇ ଅଭିଯୋଗରେ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ପୋଲିସ ଜ୍ଞାନରଞ୍ଜନଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧ଲକ୍ଷ ୩୭ ହଜାର ଟଙ୍କା, ୩୫ ଗ୍ରାମ୍ ସୁନା ଅଳଙ୍କାର ଏବଂ ଏକ ସ୍କୁଟି ଜବତ କରିଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତ ଜ୍ଞାନରଞ୍ଜନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ବାଲୁଗାଁ ଆଇଆଇସି ଜୟ ପ୍ରକାଶ ପରିଡ଼ା ସୂଚନା ଦେଇଛନ୍ତି।

# ୨ ଚୋରା ବାଇକ୍ ଜବତ, ୨ ଗିରଫ

ଖୋର୍ଦ୍ଧା,୫।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ପୋଲିସ ବାଇକ୍ ଚୋରି ଘଟଣାରେ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅଞ୍ଚଳର ଆକାଶ ଭୂୟାଁ(୨୫) ଏବଂ ସଂଗ୍ରାମ ବଳବନ୍ତରାୟ ଓରଫ ବାବଲ (୨୪)। ସେମାନଙ୍କଠାରୁ ଦୁଇଟି ଚୋରା ବାଇକ୍ ଜବତ କରାଯାଇଛି। ସୂଚନାଥାଉ କି, ଗତ ୨ ତାରିଖରେ ଭାପତରା ମଙ୍ଗଳାସାହିର ବ୍ରହ୍ମାନନ୍ଦ ପାତ୍ରଙ୍କ ବାଇକ୍‌କୁ ତାଙ୍କ ଦାଣ୍ଡଘରୁ ମଧ୍ୟରୁ କେହି ଚୋରି କରି ନେଇଥିବା ନେଇ ସେ ଥାନାରେ ଗତ ୪ ତାରିଖରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୭/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପ୍ରଥମେ ପୋଲିସ ଆକାଶଙ୍କୁ ଗିରଫ କରିଥିଲା। ତାଙ୍କୁ ପଚରାଉଚରା ବେଳେ ସେ ଚୋରି ସମ୍ପର୍କରେ ସ୍ୱୀକାର କରିଥିବାବେଳେ ବୟାନ ମୁତାବକ ବଙ୍ଗିଆ ଖେଳପଡ଼ିଆ ନିକଟରେ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉବେଳେ ସେଠାରେ ଲୁଚା ହୋଇଥିବା ଚୋରି ବାଇକ୍ ସହ ଅନ୍ୟ ଏକ ଚୋରାଗାଡ଼ିକୁ ଜବତ କରାଯାଇଛି। ଏଥିସହିତ ଆକାଶଙ୍କ ସହଯୋଗୀ ସଂଗ୍ରାମଙ୍କୁ ଗିରଫ କରାଯାଇଥିଲା। ତେବେ ଅଭିଯୁକ୍ତଦ୍ୱୟ ପେସାଦାର ଅପରାଧୀ ବୋଲି ପୋଲିସ ସୂଚନା ଦେଇଛି। ଆକାଶଙ୍କ ନାଁରେ ଖୋର୍ଦ୍ଧା ସଦର ଥାନାରେ ୫ ଏବଂ ଆର୍ଦ୍ଦଶ ଥାନାରେ ଗୋଟିଏ ମାମଲା ରହିଛି। ସେହିପରି ସଂଗ୍ରାମଙ୍କ ନାଁରେ ୫ ଏବଂ ଆର୍ଦ୍ଦଶ ଥାନାରେ ଗୋଟିଏ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

# ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିରରେ ୮୭ ଅଭିଯୋଗ



ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଅମୃତ ଋତୁରାଜ ଏବଂ ଅନ୍ୟ ଅଧିକାରୀମାନେ।

ଖୋର୍ଦ୍ଧା,୫।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଅମୃତ ଋତୁରାଜ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଉପଆରକ୍ଷୀ ଅଧୀକ୍ଷକ ଜ୍ୟୋତ୍ସ୍ନାରାଣୀ କାଉଁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ ୮୭ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ୭୭ ଏବଂ ଗ୍ରାମୀଣ ସମସ୍ୟାଜନିତ ୧୦ଟି ଅଭିଯୋଗ ରହିଥିଲା। ତନ୍ମଧ୍ୟ ୭ଟି ଅଭିଯୋଗର ସମାଧାନ ଜିଲ୍ଲାପାଳ କରିଥିବା ବେଳେ ଅନ୍ୟ ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ବେଗୁନିଆ ବ୍ଲକ କରଡ଼ାପାଲିଆର ପୂର୍ଣ୍ଣଚନ୍ଦ୍ର ମହାନ୍ତି ଏବଂ ଛତ୍ରପଡ଼ା ଗ୍ରାମର ସୁଜାତା ସାମନ୍ତରାୟଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦୁବାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**୧୩ ଦିନ ପରେ ଗ୍ରାମରେ ପହଞ୍ଚିଲା ମୃତଦେହ**

ବାଣପୁର,୫।୧(ଦିଲ୍ଲୀପ କୁମାର ସ୍ୱାଇଁ)

ଦୁବାଇରେ କାର୍ଯ୍ୟରତ ଜଣେ ଓଡ଼ିଆ ଶ୍ରମିକଙ୍କ ଗତ ୨୩ ତାରିଖରେ ମୃତ୍ୟୁ ଘଟିଥିଲା। ସେ ହେଲେ ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅଧୀନ ବାରକେଶପୁର ଗ୍ରାମର ରବି ବେହେରା (୪୮)। ତେବେ ୧୩ଦିନ ପରେ ସୋମବାର ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିଛି। ସୂଚନା ମୁତାବକ, ଦୁବାଇର ଇଏସ୍ ଗ୍ଲୋବାଲ କମ୍ପାନୀରେ ରବି ୨୦୨୧ରୁ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ତେବେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ସ୍ଥାନୀୟ ଇବ୍ରାହିମ ବିନ ହମାଦ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଗତ ୨୩ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିଙ୍କ ମୃତଦେହ ଭାରତ ପଠାଇବା ପାଇଁ ପରିବାର ପକ୍ଷରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିଲେ ମଧ୍ୟ କମ୍ପାନୀ ମୃତଦେହ ଗ୍ରାମକୁ ପଠାଇ ନ ଥିଲେ। ପୁରୀ ଭାରତୀୟ ଜୀବନ ବୀମା କାର୍ଯ୍ୟାଳୟରେ କାର୍ଯ୍ୟରତ ସ୍ଥାନୀୟ ଚମ୍ପାଦେଈପୁର ଗ୍ରାମର ବାବୁଲି ସାହୁ ଦୁବାଇସ୍ଥିତ ଦୂତାବାସର କନ୍‌ସୁଲାର ଅଧିକାରୀ ସନ୍ଦୀପ କୁମାର ଏବଂ କମ୍ପାନୀର ମାନବ ସମ୍ବଳ ଅଧିକାରୀ ଅମୀର ଜାହାଙ୍ଗିରଙ୍କ ସହ ଯୋଗାଯୋଗ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ମୃତକଙ୍କ ବନ୍ଧୁ ବନମାଳୀ ଜାଲିଙ୍କ ସହ ରବିଙ୍କ ମୃତଦେହ ରବିବାର ଦୁବାଇରୁ କୋଲକାତା ପଠାଇଥିଲେ। ପରିବାର ପକ୍ଷରୁ ଆମ୍ବୁଲାନ୍ସ ସହାୟତାରେ କୋଲକାତାରୁ ମୃତଦେହ ଆସି ସୋମବାର ଗ୍ରାମରେ ପହଞ୍ଚିଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତେବେ ରବିଙ୍କ ବକେୟା ଦରମା, ବୋନସ, ଭବିଷ୍ୟନିଧି ପାଣ୍ଠି ପାଇବା ପାଇଁ ତାଙ୍କ ସ୍ତ୍ରୀ ସବିତା ପ୍ରଶାସନିକ ଅଧିକାରୀଙ୍କ ସମେତ ଦୂତାବାସ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି।

# ଧାନଗଦା ନଷ୍ଟକଲେ ହାତୀପଲ

ବେଗୁନିଆ,୫।୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅଞ୍ଚଳରେ ଗତ ଏକ ସପ୍ତାହ ହେବ ହାତୀପଲଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଆସି ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳକଚି ନଷ୍ଟ କରୁଛନ୍ତି। ଗତ ରବିବାର ରାତିରେ ବଡ଼ରେଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର କେତେଜଣ ଚାଷୀଙ୍କ ବହୁ ଧାନଗଦାକୁ ହାନି କରିଥିଲେ। ଉକ୍ତ ଗ୍ରାମର ଭାଗଚାଷୀ ବିରଞ୍ଚି ନାୟକଙ୍କ ଜମିରେ ଗଦା ହୋଇଥିବା କଳେଇବିଡ଼ାକୁ ହାତୀପଲ ଖାଇବା ସହ ନଷ୍ଟ କରିଦେଇଥିବା ଜଣାପଡ଼ିଛି। ଆନୁମାନିକ ୪୦ବସ୍ତା ଧାନ ହେବ ବୋଲି କ୍ଷୟକ୍ଷତି ଆକଳନରୁ କୁହାଯାଉଛି। ଫଳରେ ବିରଞ୍ଚି ଏବେ ବର୍ଷକ ଆହାର ଚିନ୍ତାରେ ପଡ଼ିଯାଇଛନ୍ତି। ସରକାରଙ୍କ ପକ୍ଷରୁ ତାଙ୍କୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ନିବେଦନ କରାଯାଇଛି।

# ଗିନି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସେମିରେ ସାଇ ଏକାଦଶ

ଖୋର୍ଦ୍ଧା,୫।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ସବ୍ୟସାଚୀ-ବିନୋଦ ମେମୋରିଆଲ ଗିନି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସୋମବାର କଟକର ଜୁଭେନାଇଲ କ୍ଲବକୁ ୯ ରନରେ ପରାସ୍ତ କରି ଭୁବନେଶ୍ୱରର ସାଇ ଏକାଦଶ ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ସାଇ ଏକାଦଶ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୫୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆୟୁଷ ଖ୍ରୀଷ୍ଟୋଫର ସର୍ବାଧିକ ୬୬ ରନ କରିଥିଲେ। ଶୁଭମ୍ ସାହୁ ୨୩ ଓ ରୋହିତ ସାଗର ୧୮ ରନ କରିଥିଲେ। ଜୁଭେନାଇଲ କ୍ଲବର ପ୍ରିୟାଂଶୁ ମହାନ୍ତି ୩ ଏବଂ ପୀୟୂଷ ମନ୍ତ୍ରୀ ୨ ଉଇକେଟ ନେଇଥିଲେ। ଜବାବରେ ଜୁଭେନାଇଲ କ୍ଲବ ୧୨ ଓଭରରେ ୨ ଉଇକେଟ ହରାଇ ୯୮ରନ କରି ବିଜୟ ଦିଗରେ ଅଗ୍ରସର ହେଉଥିବା ବେଳେ ସାଇ ଏକାଦଶର ରୋହିତ ସାଗର, କାର୍ତ୍ତିକ ନାଇଡୁ ଓ ସତ୍ୟକାମ ଭରଦ୍ୱାଜଙ୍କ ଘାତକ ବୋଲିଂରେ ଗୋଟିଏ ପରେ ଗୋଟିଏ ଉଇକେଟ ପତନ ଘଟିଥିଲା। ଫଳରେ ଜୁଭେନାଇଲ କ୍ଲବ ପରାଜିତ ହୋଇଥିଲା। ଦଳର ଶାଶ୍ୱତ ମହାନ୍ତି ଅପରାଜିତ ୫୮ ରନ ଏବଂ ଆୟୁଷ୍ମାନ ୨୪ ରନ କରିଥିଲେ। ସାଇ ଏକାଦଶ ଟିମ୍‌ର ଆୟୁଷ ଏବଂ ସତ୍ୟକାମ ଦୁଇଟି ଲେଖାଏଁ ଉଇକେଟ ନେଇଥିଲେ। ଆୟୁଷ ଖ୍ରୀଷ୍ଟୋଫରଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ୨ହଜାର ଟଙ୍କା ଆସୋସିଏସନର ବରିଷ୍ଠ ସଭ୍ୟ ଖବରଦାତା ନିରୋଦ ପଟ୍ଟନାୟକ ପ୍ରଦାନ କରିଥିଲେ। ଅମ୍ପାୟର ହରିହର ଖାଡ଼ଙ୍ଗା ମଞ୍ଚ ପରିଚାଳନା କରିଥିଲେ। ମଙ୍ଗଳବାର କିଶୋର କ୍ଲବ ଭୁବନେଶ୍ୱର ଏବଂ କେ.ସି.ଏ ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ରବିବାର ଏହି ଟୁର୍ଣ୍ଣାମେଣ୍ଟକୁ ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଏବଂ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଜାଗୃତି କ୍ଲବ ଭୁବନେଶ୍ୱରକୁ ହରାଇ ସୋଲାର କ୍ଲବ କଟକ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଆସୋସିଏସନର ସମ୍ପାଦକ ଭବାନୀ ପଣ୍ଡା, ଶୌରିଶ ରଞ୍ଜନ ମହାନ୍ତି, ସୁରେଶ ଭୂଷଣ ପଟ୍ଟନାୟକ, ଦେବୀ ପ୍ରସାଦ ପଣ୍ଡା, ବିଜୟ ଗୋଛି, ସୁବ୍ରତ ଦାସ, ସୁପ୍ରାଂଶୁ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# କ୍ରିକେଟ୍: ମେଭରିକ୍ସ, ୟୁ.ବି. ରକ୍‌ଷ୍ଟାର ବିଜୟୀ

ଯାଁଳା,୫।୧(କୁନା ବାରିକ)

ରାଜଧାନୀ ଉପକଣ୍ଠ ପାତ୍ରପଡ଼ାସ୍ଥିତ ମହାରାଜା କ୍ରିକେଟ୍ ଆସୋସିଏସନ ପଡ଼ିଆରେ ଚାଲିଥିବା ପିପିଏଲ୍‌ର ୫ମ ବାର୍ଷିକ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସୋମବାର ରାଇଜିଂ ଷ୍ଟାର ଏବଂ ମେଭରିକ୍ସ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ମେଭରିକ୍ସ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୯ ଉଇକେଟ ବିନିମୟରେ ୧୨୦ ରନ ସଂଗ୍ରହ କରିଥିଲା। ଜବାବରେ ରାଇଜିଂ ଷ୍ଟାର ଟିମ୍ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୮୮ରନ ସଂଗ୍ରହ କରି ପରାଜିତ ହୋଇଥିଲା। ମେଭରିକ୍ସ ଟିମ୍ ବିଜୟୀ ହେବା ସହ ଶକ୍ତି ପଣ୍ଡା ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଜଗନ୍ନାଥ ୱାରିଅର ଏବଂ ୟୁ. ବି. ରକ୍‌ଷ୍ଟାର ମଧ୍ୟରେ ହୋଇଥିଲା। ଟସ୍ ଜିତି ଜଗନ୍ନାଥ ୱାରିଅର ଟିମ୍ ବୋଲିଂ ନିଷ୍ପତ୍ତି ନେଇଥିଲା। ୟୁ.ବି. ରକ୍‌ଷ୍ଟାର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୧୯୦ରନ ସଂଗ୍ରହ କରିଥିଲା। ଜବାବରେ ଜଗନ୍ନାଥ ୱାରିଅର ଟିମ୍ ୧୪.୧ ଓଭରରେ ସମସ୍ତ ଉଇକେଟ ବିନିମୟରେ ୭୭ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ୟୁ.ବି. ରକ୍‌ଷ୍ଟାର ଟିମ୍ ବିଜୟୀ ହୋଇଥିଲା। ବିନୋଦ କୁମାର ମଲ୍ଲିକ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସତ୍ୟଜିତ ମାଝି ଏବଂ ସଞ୍ଜୟ କୁମାର ରାଉତ ମ୍ୟାଚ୍ ପରିଚାଳନା କରିଥିଲେ।

# ବାଲୁଗାଁ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ

ବାଲୁଗାଁ,୫।୧(ସଂଗ୍ରାମ ପାଇକରାୟ)

ବାଲୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ ଦୁଇଦିନ ଧରି ପାଳିତ ହେଉଛି। ସୋମବାର ପ୍ରଥମ ଦିବସରେ ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସାଧନା ମଞ୍ଜରୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ବନସେବା ଅଧିକାରୀ ଆଶୁତୋଷ ସାମନ୍ତସିଂହାର, ସମ୍ମାନିତ ଅତିଥି ଚିଲିକା ବ୍ଲକ ସାଧନକେନ୍ଦ୍ର ସଂଯୋଜକ ନୀଳାଦ୍ରି ଭୂଷଣ ଦାଶ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶ୍ୱେଶ୍ୱର ପ୍ରଧାନ, କ୍ରୀଡ଼ାବିତ୍ ଅଶିଷ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ସୁସ୍ଥ ଏବଂ ନିରାମୟ ଜୀବନ କ୍ଷେତ୍ରରେ ଯୋଗ, ବ୍ୟାୟାମ ଏବଂ କ୍ରୀଡ଼ାର ବିଭିନ୍ନ ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଂସ୍କୃତ ଶିକ୍ଷକ ଆଲୋକ କୁମାର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ମଙ୍ଗଳବାର ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ, ସାଂସଦ, ଶିକ୍ଷାବିତ୍ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।



ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥି।

# ୩ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୨ ଗିରଫ

ଖୋର୍ଦ୍ଧା,୫।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଗୁରୁମ ଖେଳପଡ଼ିଆରୁ ପୋଲିସ ୨ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଗୁରୁମ ଜଗନ୍ନାଥପୁରର ଅଶୋକ କୁମାର ସାହୁ (୫୩) ଏବଂ ଖଇରି ଥାନା ଜାଗମରା ଉପରସାହିର ଶକ୍ତିପ୍ରସାଦ ଜେନା ଓରଫ କୁନୁ (୩୭)। ସେମାନଙ୍କ ନିକଟରୁ ୩ କେଜି ୮୦ଗ୍ରାମ ଗଞ୍ଜେଇ, ଗୋଟିଏ ବାଇକ, ୨ଟି ଫୋନ ଏବଂ ୨,୫୦୦ଟଙ୍କା ଜବତ କରାଯାଇଛି। ସୂଚନା ମୁତାବକ, ଗୁରୁମ କ୍ରିକେଟ କ୍ଲବ ଖେଳପଡ଼ିଆରେ ଗଞ୍ଜେଇ କାରବାର ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଥାନା ଅଧିକାରୀ ବାସୁଦେବ ଜୟସିଂହଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିବା ସହ ଗଞ୍ଜେଇ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୧୦/୨୬) ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ମା'ମଙ୍ଗଳା କ୍ଲବ କଟକ ବିଜୟୀ**

ଟାଙ୍ଗୀ,୫।୧(ରଘୁନାଥ ସାହୁ)

ଟାଙ୍ଗୀ ଚିଲିକା ଷ୍ଟାଡ଼ିୟମରେ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ସୋମବାର ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଡିଓ ରୁମାନ ଜାଫ୍ରି, ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ ଅଶୋକ କୁମାର ନନ୍ଦ, ସଭାପତି କିଶୋର କୁମାର ବେହେରା, ଉପଦେଷ୍ଟା ସୁରେନ୍ଦ୍ର ମହାପାତ୍ର, ବିଜୟ କୁମାର ରାଉତ, ରଘୁନାଥ ସାହୁ, ସମ୍ପାଦକ ନରେନ୍ଦ୍ର ମହାପାତ୍ର, ସହ ସମ୍ପାଦକ ଅମରେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ବାରାଣସୀ ଫୁଟ୍‌ବଲ କ୍ଲବକୁ ୪-୦ ଗୋଲରେ ହରାଇ ମା'ମଙ୍ଗଳା କ୍ଲବ କଟକ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଡାକ୍ତର କରୁଣାକର ଶ୍ରୀଚନ୍ଦନ ସ୍ମାରକୀ ଶ୍ରେଷ୍ଠ ଖେଳାଳି ଟ୍ରଫି ମା'ମଙ୍ଗଳା କ୍ଲବର ୨୦ ନମ୍ବର ଖେଳାଳି ଦୀନବନ୍ଧୁ ଦାସଙ୍କୁ ପ୍ରଦାନ କରାଯାଇଛି। ମାନସ କୁମାର ବିଶ୍ୱାଳ ମ୍ୟାଚ୍ ପରିଚାଳନା କରିଥିବା ବେଳେ ପ୍ରିୟବ୍ରତ ବାହିନୀପତି, ରମାକାନ୍ତ ବେହେରା ଓ ନନ୍ଦ କିଶୋର ଷଡ଼ଙ୍ଗୀ ସହାୟତା କରିଥିଲେ। କୋଷାଧ୍ୟକ୍ଷ ସୁନୀଲ କୁମାର ମହାନ୍ତି, ପ୍ରଣୟ ପାଇକରାୟ, ରମେଶ ବେହେରା, ମନୋଜ ମାଝୀ, ସମର ମାଝୀ, ପ୍ରଣବ ପ୍ରତୀକ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ମଙ୍ଗଳବାର ମା' କାଳୀକା କ୍ଲବ ବକ୍ସର ବିହାର ଏବଂ ବ୍ରହ୍ମାଂଶୁ ଫୁଟ୍‌ବଲ କ୍ଲବ ଖଡ଼ଗପୁର ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।





ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ଅବସରରେ ବିଧାୟକ ପ୍ରଶାନ୍ତ ଜଗଦେବ ଏବଂ ଅନ୍ୟ ଅତିଥି।

## ସଂକ୍ଷେପରେ

### ପ୍ରାକୃତିକ ପରିବେଶ, ଜଙ୍ଗଲ ସୁରକ୍ଷା ପାଇଁ ସଂକଳ୍ପ

ପୁରୀ,୫ା୧(ଅଜିତ୍ କୁମାର ମହାନ୍ତି)

ସମୟର ଆହ୍ୱାନ ସାମାଜିକ ସଂସ୍ଥା ପକ୍ଷରୁ ପ୍ରାକୃତିକ ପରିବେଶ ସହିତ ଜଙ୍ଗଲ ସୁରକ୍ଷା ପାଇଁ ଏକ ସଂକଳ୍ପ ଅଭିଯାନ ଉପଦେଷ୍ଟା ପ୍ରାଧ୍ୟାପକ ଅଭିମନ୍ୟୁ ଭୂୟାଁଙ୍କ ଉପସ୍ଥିତିରେ ସଂସ୍ଥା ପ୍ରତିଷ୍ଠାତା ବରିଷ୍ଠ ଅଧିବକ୍ତା ବିନୟ ନୃସିଂହ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମତ ପ୍ରକାଶ ପାଇଥିଲା ଯେ, ଜଙ୍ଗଲ, ପରିବେଶ ସୁରକ୍ଷା ମଣିଷ ସମାଜ ପାଇଁ ଅପରିହାର୍ଯ୍ୟ। ଏଥିପାଇଁ ସମସ୍ତେ ମିଳିମିଶି ସବୁସ୍ତରରେ ଉଦ୍ୟମ କରିବା ଆବଶ୍ୟକ। ଏଥିରେ ଟି. ପ୍ରକାଶ ରାଓ, ଶିକ୍ଷାବିତ୍ ଜ୍ୟୋତି ମିଶ୍ର, ମାନସୀ ରଥ, ଅଜୟ କୁମାର ଦାଶ ରାଜକିଶୋର ମହାନ୍ତି, ଚିତ୍ତରଞ୍ଜନ ମହାପାତ୍ର, ଖବରଦାତା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଭାଗବତ ପ୍ରସାଦ ପଟ୍ଟନାୟକ, ରତିକାନ୍ତ ପ୍ରତିହାରୀ, ଯଜ୍ଞେଶ୍ୱର ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ଅଧିବକ୍ତା ଦେବଦତ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଘିଅ ଜବତ

- ଉତ୍ତର ରଖିବାକୁ ୭ ଦିନିଆ ନୋଟିସ୍

ପୁରୀ,୫ା୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିସରକୁ ଅଧିକୃତ ଓମ୍‌ଫେଡ ଘିଅ ବଦଳରେ ବାହାରୁ ଅନ୍ୟ ଖୋଲା ଘିଅ ବାହାର ଲୋକଙ୍କ ଦ୍ୱାରା ନିଆଯାଇଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜବତ କରାଯାଇଛି। ଏହାକୁ ନେଇ ସୁଆର ମହାସୁଆର ନିଯୋଗକୁ ସୂଚିତ କରାଯାଇଛି। ଖୋଲା ଘିଅ ନେଉଥିବା ବ୍ୟକ୍ତି ହେଉଛନ୍ତି ବୀରହରେକୃଷ୍ଣପୁରର ରବୀନ୍ଦ୍ର ବାରିକ ଓ ଜମେଶ୍ୱର ସୁଆରଙ୍କୁ ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶକ୍ରମେ ଏହାର ସନ୍ତୋଷଜନକ ଉତ୍ତର ରଖିବାକୁ ୭ଦିନିଆ ନୋଟିସ୍ ଜାରି କରାଯାଇଛି। ଶ୍ରୀମନ୍ଦିରକୁ ଓମ୍‌ଫେଡ ଘିଅ ବ୍ୟତୀତ ଯେପରି ଅନ୍ୟ କୌଣସି ଘିଅ ପ୍ରବେଶ ନ କରେ ସେଥିପ୍ରତି ପଦକ୍ଷେପ ନେବାକୁ ପୂର୍ବରୁ ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଶ୍ରୀମନ୍ଦିର ବରିଷ୍ଠ ସୁପରଭାଇଜର୍ ଏବଂ ଶ୍ରୀମନ୍ଦିର କମାଣ୍ଡରଙ୍କୁ ଏଥିପ୍ରତି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ କୌଣସି ବ୍ୟତିକ୍ରମ ବରଦାସ୍ତ କରାଯିବ ନାହିଁ, ବାହାର ଖୋଲାଘିଅ ବା ଛାପା ଘିଅ ଶ୍ରୀମନ୍ଦିର ପରିସରକୁ ନେବାକୁ ଉଦ୍ୟମ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ୩୦ରୁ ଊର୍ଦ୍ଧ୍ୱ ଦୋକାନ ଗୃହ ଉଚ୍ଛେଦ

ବାଲିଅନ୍ତା, ୫ା୧(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ ଅଧୀନ ବଇଗୁଆ ରାମଲୀଳା ପଡ଼ିଆ ନିକଟ ଜଗତି ଛକଠାରେ ସୋମବାର ତହସିଲ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଜବରଦଖଲକାରୀମାନେ ସରକାରୀ ଜମିରେ ଏକାଧିକ ଆଜ୍‌ବେଷ୍ଟସ ଗୃହ ନିର୍ମାଣ ଏବଂ କ୍ୟାବିନ ପକାଇ ଦୀର୍ଘଦିନ ଧରି ବ୍ୟବସାୟ କରିଆସୁଥିଲେ। ପ୍ରଥମ ଦିନରେ ଜଗତି ଛକ ପୋଖରୀର ଉଭୟ ପାର୍ଶ୍ୱରେ ଗଢ଼ି ଉଠିଥିବା ବେଆଇନ ୩୦ରୁ ଊର୍ଦ୍ଧ୍ୱ ଦୋକାନ ଗୃହ ଉଚ୍ଛେଦ କରାଯାଇଛି। ରାସ୍ତାକୁ ମାଡ଼ି ଯାଇଥିବା କେତେକ ଦୋକାନ ଗୃହର ସମ୍ମୁଖଭାଗକୁ ମଧ୍ୟ ଭାଙ୍ଗି ଦିଆଯାଇଛି। ଉଚ୍ଛେଦ ବେଳେ କମିଶନରେଟ୍ ପୋଲିସ ସହ ତହସିଲ୍‌ର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### 'ପଲ୍ଲୀରେ ପ୍ରଶାସନ'ରେ ୫୮ ଅଭିଯୋଗ

ବାଲିପାଟଣା,୫ା୧୨(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅଧୀନ ଗାରେଡ଼ିପାଞ୍ଚଣ ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ' ତଥା ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ, ତହସିଲଦାର କଳ୍ପନା ଦାସଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ୍ ୫୮ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ପାନୀୟଜଳ, ରାସ୍ତା, ନିର୍ମାଣ କାର୍ଯ୍ୟର ଗୁଣବତ୍ତା, ଆବାସ ଯୋଜନା, ସଫେଇ ବ୍ୟବସ୍ଥା ନେଇ ଅଧିକାଂଶ ଅଭିଯୋଗ ଆସିଥିଲା। ବୁଲା ଗୋରୁ, ଷଣ୍ଢଙ୍କ ଉପଦ୍ରବରେ ଧାନ, ବିରି, ମୁଗ ଫସଲ ନଷ୍ଟ ହେଉଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଗୋଶାଳା ନିର୍ମାଣ ପାଇଁ ଚାଷୀମାନେ ଦାବି କରିଥିଲେ। ତେବେ ଅଭିଯୋଗଗୁଡ଼ିକର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ।

# ୫୩ ଦୋକାନ, ୩୨ ବାସଗୃହ ଉଚ୍ଛେଦ

ଗୋପ,୫ା୧(ଭାରତୀ ଭୂଷଣ ଉପାଧ୍ୟାୟ)

ଦୀର୍ଘଦିନ ଧରି ଗୋପ ତହସିଲ କାର୍ଯ୍ୟାଳୟ ପକ୍ଷରୁ ମାପଚୁପ ହେବା ପରେ ସୋମବାର ଗୋପ-ଚାରିଛକ ରାସ୍ତାରେ ଥିବା ୩୨ ବାସଗୃହ ସହିତ ୫୩ ଦୋକାନକୁ ଉଚ୍ଛେଦ କରାଯାଇଛି। ଏ ନେଇ ଗୋପ ତହସିଲ୍‌ଦାର ସୂର୍ଯ୍ୟ ଶଙ୍କର ଦାଶଙ୍କ ସହିତ ପୋଲିସ ପ୍ରଶାସନକୁ ସାଧାରଣରେ ପ୍ରଶଂସା କରାଯାଇଛି।

ପ୍ରକାଶ ଯେ, ଦୀର୍ଘଦିନ ଧରି ଗୋପ ବଜାରରେ ସରକାରୀ ଜମି ଜବରଦଖଲ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେବା ସହ ଟ୍ରାଫିକ ସମସ୍ୟା ଦେଖାଦେଉଥିଲା। ଏପରିକି ପୁରୀ-କୋଣାର୍କ ଯାଉଥିବା ଦେଶବିଦେଶର ପର୍ଯ୍ୟଟକଙ୍କ ସହିତ ଭିଆଇପି, ଭିଭିଆଇପିମାନେ ମଧ୍ୟ ଟ୍ରାଫିକ୍ ସମସ୍ୟାରେ ପଡୁଥିଲେ। ଗୋପ-ଚାରିଛକ ରାସ୍ତା, ଗୋପ-କୋଣାର୍କ ରାସ୍ତା, ଗୋପ-ବାଲିଘାଇ ରାସ୍ତା ଓ ଗୋପ-ନିମାପଡ଼ା ରାସ୍ତାରେ ସବୁ ସମୟରେ ଜବରଦଖଲ ଯୋଗୁ ରାସ୍ତା ସଂକୀର୍ଣ୍ଣ ହେବା ଫଳରେ ଏପରି ଟ୍ରାଫିକ ସମସ୍ୟା ଉପୁଜିଥାଏ। ଏହି ସବୁ ଅଭିଯୋଗ ବାରମ୍ବାର ହୋଇ ଆସୁଥିବା ବେଳେ ପ୍ରଶାସନିକ ସ୍ତରରେ ଏହି ଉଚ୍ଛେଦ କାର୍ଯ୍ୟ ହୋଇପାରୁ ନ ଥିବାବେଳେ ଜିଲା ପ୍ରଶାସନର ନିର୍ଦ୍ଦେଶ ରେ ଗୋପ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଗତ ଏପ୍ରିଲ ୨୨ ତାରିଖରୁ ଉଚ୍ଛେଦ ହେବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା। ନୂତନ ଭାବରେ ଗୋପ ତହସିଲ କାର୍ଯ୍ୟାଳୟରେ ଯୋଗ ଦେଇଥିବା ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ ଏହି ଉଚ୍ଛେଦ କାର୍ଯ୍ୟକୁ ଜୋର୍‌ଦାର କରିଥିଲେ। ଗତ ଡିସେମ୍ବରରୁ ତହସିଲ୍‌ଦାର ଦାଶଙ୍କ ନିର୍ଦ୍ଦେଶରେ ଗୋପ ରାଜସ୍ୱ ନିରୀକ୍ଷିକା ଜି. ରଶ୍ମିତା ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ଏହି ୪ ଗୋଟି ରାସ୍ତାରେ ମାପଚୁପ କରି ସରକାରୀ ଜମି ଜବରଦଖଲ କରିଥିବା ବାସଗୃହ ଓ ଦୋକାନ ମାନଙ୍କରେ ମାପ ଚିହ୍ନ ଦେଇଥିଲେ। ଏହି ମାପ ଚିହ୍ନ ପରେ ଗୋପ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜବରଦଖଲକାରୀ ଙ୍କୁ ଉଚ୍ଛେଦ ଲାଗି ନୋଟିସ ଜାରି କରାଯାଇଥିଲା।

ଏହି ଉଚ୍ଛେଦ କାର୍ଯ୍ୟ ସୋମବାର ଆରମ୍ଭ ହୋଇଥିବା ବେଳେ ଗୋପ ତହସିଲଦାର ସୂର୍ଯ୍ୟଶଙ୍କର ଦାଶଙ୍କ ନେତୃତ୍ୱରେ ଏକ ୧୫ ଜଣିଆ ଟିମ୍, ୬ ପ୍ଲାଟୁନ ଫୋର୍ସ, ଜିଲ୍ଲା ଅତିରିକ୍ତ ଏସ୍‌ପି ସଜିନ ପଟେଲ, ନିମାପଡ଼ା ଡିଏସପି ଜନାର୍ଦ୍ଦନ ପାଢ଼ୀ, ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରି, ବୃନ୍ଦରାୟ ମାଝୀ, ଦେବସ୍ମିତା ସିଂ, ବିଭୂପ୍ରସାଦ ଦାସ, ପ୍ରମୋଦ କୁମାର ସେଠୀଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ଆଇନ ଶୃଙ୍ଖଳା ପରିସ୍ଥିତି ଯୋଗୁଁ ଉପସ୍ଥିତ ଥିଲେ। ସୋମବାର ଉଚ୍ଛେଦ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ମଙ୍ଗଳବାର ପୁଣିଥରେ କରାଯିବ ବୋଲି ତହସିଲଦାର ଦାଶ କହିଛନ୍ତି।


ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଉଛି।



ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ଦ୍ୱିତୀୟ ଦିବସରେ ଶ୍ରୀକ୍ଷେତ୍ର ଅଧିପତି ଆଧାତ୍ମିକ ପ୍ରତିଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ୮୩ରୁ ୮ ମାମଲା ଫଇସଲା

ପୁରୀ,୫ା୧(ଅଜିତ୍ କୁମାର ମହାନ୍ତି)

**ଜିଲାସ୍ତରୀୟ ଯୁଗ୍ମ ଜନଶୁଣାଣି**

ପୁରୀ ଜିଲାସ୍ତରୀୟ ଯୁଗ୍ମ ଜନଶୁଣାଣି ସୋମବାର ସଦ୍‌ଭାବନା ସଭାଗୃହ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮୩ଟି ଅଭିଯୋଗ ମିଳିଥିଲା। ସେଥିରୁ ୬୪ଟି ବ୍ୟକ୍ତିଗତ, ୯ଟି ସାମୂହିକ ସମ୍ବନ୍ଧୀୟ, ୯ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଓ ଗୋଟିଏ ରେଡ୍‌କ୍ରସରୁ ସହାୟତା ସମ୍ପର୍କରେ ରହିଥିଲା। ତତ୍‌କ୍ଷଣାତ୍ ୮ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ପ୍ରେରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ସୌମ୍ୟରଞ୍ଜନ ମଲ୍ଲିକ, ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ଜେନା, ପ୍ରିୟଦର୍ଶିନୀ ମଲ୍ଲିକ, ଅନୁସ୍ରବ ଗନ୍ତାୟତ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସହକାରୀ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଶିବିରରେ ଅତିରିକ୍ତ ଜିଲାପାଳ ନୀଳମାଧବ ଭୋଇଙ୍କ ସମେତ ଅନ୍ୟ ଅଧିକାରୀମାନେ।

### ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ପ୍ରସ୍ତୁତି

ବାଣପୁର,୫ା୧(ଦିଲୀପ କୁମାର ସ୍ୱାଇଁ)

ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ କରିବା ପାଇଁ ଆସନ୍ତା ୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଣପୁର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ ଐତିହାସିକ ପଲଟଣ ପଡ଼ିଆରେ ଏକ ସଭା ହେବ। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ସୋମବାର ସୁନାଖଳା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଏସ୍‌ପି ଅନାଦି ସେଠୀ, ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତା, ବିଡିଓ ବିକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଭୀମପୁର ରାସ୍ତାରେ ନିର୍ମିତ ହେଲିପ୍ୟାଡ୍‌ରେ ଅବତରଣ ପରେ ପଲଟଣ ପଡ଼ିଆରେ ହେବାକୁ ଥିବା କାର୍ଯ୍ୟକ୍ରମ ପରେ ବାଣପୁରର ଆରାଧ୍ୟା ମା' ଭଗବତୀଙ୍କ ଦର୍ଶନ କରିବା ସହ ଅଞ୍ଚଳରେ ଜାରି ରହିଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବେ ବୋଲି ମନ୍ତ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି। ଚିଲିକା ନିର୍ବାଚନମଣ୍ଡଳୀକୁ ମୁଖ୍ୟମନ୍ତ୍ରୀଙ୍କ ଏହା ପ୍ରଥମ ଗସ୍ତ ଥିବାରୁ ଏହାକୁ କିପରି ସଫଳ କରାଯିବ ସେନେଇ କାର୍ଯ୍ୟକର୍ତ୍ତାଙ୍କୁ ମନ୍ତ୍ରୀ ହରିଚନ୍ଦନ ପରାମର୍ଶ ଦେଇଛନ୍ତି।

# ରାସ୍ତାକଡ଼ରେ ବଢୁଛି ବେଆଇନ ପାର୍କିଂ

କାକଟପୁର/ଅସ୍ତରଙ୍ଗ,୫ା୧
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

**ବଢୁଛି ଦୁର୍ଘଟଣା, ଯାତାୟାତ ସମସ୍ୟା**

କାକଟପୁର-ଅସ୍ତରଙ୍ଗ ମୁଖ୍ୟ ରାସ୍ତାପାର୍ଶ୍ୱରେ ବେଆଇନ ପାର୍କିଂକୁ ନେଇ ଦିନକୁ ଦିନ ଦୁର୍ଘଟଣା ହାର ବୃଦ୍ଧି ପାଇବା ସହ ଯାତାୟାତରେ ସମସ୍ୟା ଉପୁଜୁଛି। ବିଶେଷ କରି ପର୍ଯ୍ୟଟନ ଋତୁ ଚାଲିଥିବାବେଳେ ଅସ୍ତରଙ୍ଗ ପୀର ଜାହାନିଆକୁ ବିଭିନ୍ନ ବସ୍ ସମେତ ଗାଡ଼ି ମାଧ୍ୟମରେ ପର୍ଯ୍ୟଟକ ଗମନାଗମନ କରୁଛନ୍ତି। କିନ୍ତୁ ଅସ୍ତରଙ୍ଗରୁ କାକଟପୁର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଦୈନିକ ହାଇୱା, ଟ୍ରକ୍, ବସ ରାସ୍ତାର ଉଭୟ ପାର୍ଶ୍ୱରେ ରହଣି ବ୍ୟବସ୍ଥା ନାହିଁ। ଫଳରେ ଡ୍ରାଇଭର ନିତ୍ୟକର୍ମ ପାଇଁ ଘଣ୍ଟା ଘଣ୍ଟା ଧରି ରାସ୍ତାକଡ଼ରେ ଗାଡ଼ି ପାର୍କିଂ କରି ରଖୁଛନ୍ତି। ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ଗୁରୁତ୍ୱ ଦିଆଯାଉ ନ ଥିବା ହେତୁ ଯାତ୍ରୀମାନେ ନାନା ସମସ୍ୟା ଭୋଗୁଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଗାଡ଼ିଗୁଡ଼ିକର ନିରାପଦ ରହଣି ପାଇଁ ପାର୍କିଂ ବ୍ୟବସ୍ଥା ସାଙ୍ଗକୁ ଡ୍ରାଇଭରଙ୍କ ଆଶ୍ରୟ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ରାଜପଥ କଡ଼ରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଖୋଲାଯିବାର ବ୍ୟବସ୍ଥା ଥିବାବେଳେ ଏଥିପ୍ରତି କୌଣସି ଗୁରୁତ୍ୱ ଦିଆଯାଉ ନାହିଁ କି ତିଆରି କରାଯାଉ ନାହିଁ। ଅସ୍ତରଙ୍ଗ-କାକଟପୁର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏକ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଖୋଲିବା ପାଇଁ ବିଭିନ୍ନ ସମୟରେ ଦାବି ଉଠୁଥିବା ବେଳେ ଏ ଦିଗରେ ତୁରନ୍ତ ରାଜ୍ୟ ସରକାର ଦୃଷ୍ଟିଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଘାଟିତ



ତାଲିମ ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

ନିମାପଡ଼ା,୫ା୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗ ସହାୟତାରେ ଆତ୍ମରକ୍ଷା କୌଶଳ ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଛି। ସମାରୋହରେ ଅତିଥି ଭାବେ ଅଧକ୍ଷା ଶିକ୍ଷାବିତ୍ ଅମିତା ମହାନାୟକ, କଲେଜର ସହ ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରବୀର କୁମାର ବେହେରା, ସଂଯୋଜିକା ନନ୍ଦିନୀ ପଟ୍ଟନାୟକ, କଲେଜର ସଂଯୋଜିକା ସୁଚିତ୍ରା ସାହୁ, ଶକ୍ତିଶ୍ରୀର ସଂଯୋଜିକା ଡ. ପ୍ରିୟଦର୍ଶିନୀ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ପ୍ରଶିକ୍ଷକ ତଥା ତାଲିମ୍‌ଦାତା ଭାବେ ଲିଜା ପ୍ରଧାନ, ମନସ୍ୱିନୀ ପରିଡ଼ା, ପୂଜା ସ୍ୱାଇଁ, ସୁଜା ସ୍ୱାଇଁ ପ୍ରମୁଖ ଯୋଗଦେଇ ଶିବିରାର୍ଥୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ୮ଟି ଗ୍ରୁପରେ ଶିବିରାର୍ଥୀ ଛାତ୍ରୀଙ୍କୁ ତାଲିମ୍ ପ୍ରଦାନ କରାଯିବ ବୋଲି କୁହାଯାଇଛି। ଏହି ଆତ୍ମରକ୍ଷା କୌଶଳ ତାଲିମ ଶିବିରରେ ଅଧ୍ୟାପିକା ତପସ୍ୱିନୀ, ବାସଲତା ମାଝୀ, ମମତା ସାହୁ ଲକ୍ଷ୍ମୀପ୍ରିୟା ମିଶ୍ର, ଅର୍ଚ୍ଚନା ନାୟକ, ସଂଗୀତା ସାମନ୍ତରାୟ, ପ୍ରିୟଦର୍ଶିନୀ ମୁନି, ସୌମ୍ୟାଶ୍ରୀ ସିଂ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ଓ ଶିବିରର ସଂଯୋଜନା ଓ ପରିଚାଳନା କରିଥିଲେ।

# ୧୯୭୮ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ



ପିପିଲି,୫ା୧(ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ୧୯୭୮ ମାଟ୍ରିକ୍ ବ୍ୟାଚ ବନ୍ଧୁମିଳନ ଭୁବନେଶ୍ୱର ଉପକଣ୍ଠ ଚଉଷଠି ଯୋଗିନୀଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୮ ବର୍ଷ ପରେ ପୁରାତନ ସହପାଠୀ, ସହପାଠିନୀ ଏକତ୍ର ହୋଇଥିବାରୁ ଏକ ଅପୂର୍ବ ଆନନ୍ଦ ସମସ୍ତଙ୍କ ମଧ୍ୟରେ ଖେଳିଯାଇଥିଲା। ସ୍କୁଲ ସମୟର ସ୍ମୃତି ଓ ଅନୁଭୂତି ପରସ୍ପର ମଧ୍ୟରେ ରୋମନ୍ଥନ କରି ଉଲ୍ଲସିତ ହୋଇଉଠିଥିଲେ। ସମସ୍ତେ ବୟୋଜ୍ୟେଷ୍ଠ ହୋଇଥିଲେ ମଧ୍ୟ ଛାତ୍ର ଜୀବନର ଅନୁଭୂତି ଏବଂ ତତ୍କାଳୀନ ଶିକ୍ଷକଙ୍କ ଆଚରଣ ଓ ବ୍ୟବହାର ସମ୍ପର୍କରେ ବର୍ଣ୍ଣନା କରି ଭାବବିହ୍ୱଳ ହୋଇଥିଲେ। ଦିବଂଗତ ୭ ଜଣ ପୂର୍ବତନ ଛାତ୍ରୀଛାତ୍ର ଏବଂ ନିକଟରେ ପରଲୋକଗତ ପ୍ରଧାନଶିକ୍ଷକ କୃତ୍ତିବାସ ପାଣିଗ୍ରାହୀଙ୍କ ଅବର୍ତ୍ତମାନରେ ସ୍ମୃତିଚାରଣ କରିଥିଲେ। ସହପାଠିନୀଙ୍କ ମଧ୍ୟରେ ଖୁଲଣା ସୁନ୍ଦରୀ ଦେଈ, ପୁଷ୍ପଲତା, ନଳିନୀ, ମାଧବୀ, ସୁକାନ୍ତି ଏବଂ ସହପାଠୀ ସୁରେଶ, ସୋମନାଥ, ତ୍ରିନାଥ, ଶୁକଦେବ, ବେଣୁଧର, ମାନସ, ଲକ୍ଷ୍ମୀଧର, ବାଉରୀବନ୍ଧୁ, ଚିତ୍ତ ଏବଂ ସୁବାସ ପ୍ରମୁଖ ଏକତ୍ରିତ ହୋଇଥିଲେ।

# ସ୍ୱାସ୍ଥ୍ୟ ବିଭାଗ, ୱାଟ୍‌କୋ ପ୍ରତିନିଧିଙ୍କ ସ୍ଥିତି ଅନୁଧ୍ୟାନ

**ଖୋର୍ଦ୍ଧା ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍ ବ୍ୟାପିବା ଘଟଣା**

ଖୋର୍ଦ୍ଧା,୫ା୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍ ବ୍ୟାପିବା ଘଟଣାରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ୍ରମେ ରାଜ୍ୟ ଜନସ୍ୱାସ୍ଥ୍ୟର ୩ ଜଣିଆ ଟିମ୍ ସହ ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ବିଭାଗର ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରଞ୍ଜନ ମିତ୍ରଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ ଏବଂ ୱାଟ୍‌କୋର ଏକ ଟିମ୍ ସୋମବାର ବିଦ୍ୟାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗର ଟିମ୍ ପାଣିଟାଙ୍କି, ଓଭରହେଡ୍ ୱାଟର ଟ୍ୟାଙ୍କ, ସମ୍ପ୍ ଆଦି ୧୨ଟି ସ୍ଥାନରୁ ପାଣି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ଏଥିସହିତ ଜିଲା ସ୍ୱାସ୍ଥ୍ୟ ବିଭାଗର ଟିମ୍ ବିଦ୍ୟାଳୟର ଛାତ୍ରାବାସ, ରୋଷେଇ ଗୃହ, ପ୍ରଶାସନିକ କୋଠା ବୁଲି ଦେଖିବା ସହ ପିଲାଙ୍କ ରକ୍ତ ନମୁନା ସଂଗ୍ରହ କରିଥିଲେ। ସେପଟେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଗଣମାଧ୍ୟମରୁ ଏହି ଘଟଣା ଜଣାପଡ଼ିବା ପରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଏବଂ ଜିଲାପାଳଙ୍କ ସହ ଆଲୋଚନା କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସ୍ଥିତି ଅନୁଧ୍ୟାନ କରିଛନ୍ତି। ରିପୋର୍ଟ ଆସିବା ପରେ ଅନୁଧ୍ୟାନ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଅନ୍ୟପଟେ ପିଲାଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଅଭିଭାବକ ଘରକୁ ନେଇ ଯାଇଥିବା ଜଣାପଡିଛି।

ଏନେଇ ବିଦ୍ୟାଳୟ ଅଧକ୍ଷା ଡ. କବିତା କର କହିଛନ୍ତି, ଦୁଇ ମାସ ମଧ୍ୟରେ ଜଣେ ଶିକ୍ଷକଙ୍କ ସମେତ ୩୦ରୁ ୩୫ ଜଣ ଜଣ୍ଡିସରେ ଆକ୍ରାନ୍ତ ହୋଇଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ବିଦ୍ୟାଳୟରେ ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦିଆଯିବା ସହ ପିଲାଙ୍କୁ ଫୁଟା ଗରମ ପାଣି ବ୍ୟବହାର ପାଇଁ କୁହାଯାଇଛି।

# ଓକିଲ ସଂଘର ସରକାରୀ କାର୍ଯ୍ୟାଳୟ ଘେରାଉ

- କୋର୍ଟ କମ୍ପ୍ଲେକ୍ସ ସ୍ଥାନାନ୍ତରକୁ ବିରୋଧ ଘଟଣା
- ୩୧୦ ଦିନରେ ସତ୍ୟାଗ୍ରହ

ପୁରୀ,୫ା୧(ଅଜିତ୍ କୁମାର ମହାନ୍ତି)

ବାଲୁଖଣ୍ଡ ଅଭୟାରଣ୍ୟ ମଧୁର ଜଳ ଅଞ୍ଚଳରେ ପୁରୀ କୋର୍ଟ କମ୍ପ୍ଲେସ ସ୍ଥାନାନ୍ତରକୁ ବିରୋଧ କରି ଓକିଲ ସଂଘ ପକ୍ଷରୁ ସୋମବାର ସରକାରୀ କାର୍ଯ୍ୟାଳୟ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅପରପକ୍ଷରେ ଓକିଲ ସଂଘର ସତ୍ୟାଗ୍ରହ ୩୧୦ ଦିନରେ ପହଞ୍ଚିଛି।

ସଂଘ ପକ୍ଷରୁ ଦର୍ଶାଯାଇଛି, ପୁରୀ ଅଦାଲତ କୋଠା ୧୬୨ ବର୍ଷ ତଳର ଐତିହ୍ୟ ପାଳଟିଛି। ଏଠାରେ ମଧୁବାବୁ, ଗୋପବନ୍ଧୁ, ସୁଭାଷ ବୋଷଙ୍କ ବାପା, ବିଜୁ ପଟ୍ଟନାୟକଙ୍କ ବାପାଙ୍କ ଭଳି ଯୋଗଜନ୍ମା ଓକିଲାତି କରୁଥିଲେ। ପୁରୀ ସହରର ଏକ ପ୍ରମୁଖସ୍ଥଳରେ ଥାଇ ଗୋଟିଏ ସ୍ଥାନରେ କଚେରି ଓ ଅଦାଲତର କାର୍ଯ୍ୟ ଲୋକେ ସହଜରେ ପାଉଛନ୍ତି। କଲେକ୍ଟର ଅଫିସ୍‌ଠାରୁ ଅଦାଲତକୁ ଅଲଗା କରିବା ଓ କୋର୍ଟକୁ ଅନ୍ୟଯାଗାକୁ ନେବା ପ୍ରସ୍ତାବକୁ ଓକିଲ ସଂଘ ବିରୋଧ କରିଛି। ପୁରୀର ସ୍ଥାନୀୟ ଅଧିବାସୀ, ପର୍ଯ୍ୟଟକ, ଯାତ୍ରୀଙ୍କ ପାଇଁ ଏକ ମାତ୍ର ଜଳଉତ୍ସ। ତାକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ସେଥିପାଇଁ ସୁପ୍ରିମକୋର୍ଟ, ଉଚ୍ଚ ନ୍ୟାୟାଳୟଙ୍କ ଭିନ୍ନ ଭିନ୍ନ ନଜିର ରହିଛି। ବର୍ତ୍ତମାନ କୋର୍ଟ ଚାଲିଥିବା କୋଠା କେଉଁ କାମରେ ଲାଗିବ ତାହା ସ୍ପଷ୍ଟ ହେବା ଦରକାର। ସ୍ଥାନାନ୍ତର ଅଞ୍ଚଳ କଟକଣା ଥିବାରୁ ଓ ବର୍ତ୍ତମାନ କୋର୍ଟ ପ୍ରମୁଖ ସ୍ଥାନରେ ଥିବାରୁ ଲୋକଙ୍କ ହିତ ଦୃଷ୍ଟି ରୁ ବର୍ତ୍ତମାନ ସ୍ଥାନ ରେ କୋର୍ଟ କମ୍ପ୍ଲେକ୍ସ ତିଆରି କରାଯାଉ ବୋଲି ସଂଘ ସରକାର ଓ ବିଚାର ବିଭାଗକୁ ନିବେଦନ କରିଛନ୍ତି। ୯ମାସ ବିତିଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇ ନ ଥିବାରୁ ସଂଘ ଉଦ୍‌ବେଗ ପ୍ରକାଶ କରିଛି।

ସଂଘ ନିଷ୍ପତ୍ତିକ୍ରମେ ସୋମବାର ଶତାଧିକ ଓକିଲ ପୁରୀର ତହସିଲ୍, ଡିଆର୍‌ଡିଏ, ସବ୍‌କଲେକ୍ଟର ଓ ସବ୍ ରେଜିଷ୍ଟ୍ରାର ଅଫିସ ଘେରାଉ କରି ବନ୍ଦ କରିଥିଲେ। ଏଥିରେ ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ଉପସଭାପତି ବିଭୁଦତ୍ତ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଅନିଲ ସାହୁ, ସମୀର ଘୋଷ, ଭାଗବତ ପ୍ରସାଦ ପଟ୍ଟନାୟକ, କର୍ଣ୍ଣବୀର ମହାପାତ୍ର, ତାପସ ବଳିଆରସିଂ, ମନୋରଞ୍ଜନ ସାହୁ, ଜ୍ୟୋତି ପ୍ରକାଶ ପାଇକରାୟ, ସୋମନାଥ ଦାସ ଓ ଆଦିତ୍ୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଯଦି ସରକାର ଦାବି ମାନି ନ ନିଅନ୍ତି ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ଓକିଲ ସଂଘ ପକ୍ଷରୁ କୁହାଯାଇଛି।



ଓକିଲମାନେ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

## ଦିଲ୍ଲୀରେ ଆଜି



ସୋମବାର ଦିଲ୍ଲୀ ବିଧାନସଭା ଶୀତ ଅଧିବେଶନର ପ୍ରଥମ ଦିନରେ ବାୟୁ ପ୍ରଦୂଷଣ ବିରୋଧରେ ଆମ୍ ଆଦ୍‌ମୀ ପାର୍ଟି ବିଧାୟକମାନେ ମାସ୍କ ପିନ୍ଧି ବିଧାନସଭା ବାହାରେ ବିକ୍ଷୋଭ କରୁଛନ୍ତି। (ଫଟୋ- ଚମନ ଗୌତମ)

# ଆମେରିକା ଉପରାଷ୍ଟ୍ରପତିଙ୍କ ଘର ଉପରେ ଆକ୍ରମଣ

ୱାଶିଂଟନ,୫।୧



ଜେଡି ଭାନ୍ସ

ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସିନ୍‌ସିନାଟିସ୍ଥିତ ଘର ଉପରେ ରାତିରେ ଆକ୍ରମଣ ହୋଇଛି। ଘରର ଅନେକ ଝରକା ଭାଙ୍ଗିଯାଇଛି। ଆକ୍ରମଣ ଖବର ପାଇ ଆମେରିକା ସିକ୍ରେଟ ସର୍ଭିସ୍ ଏଜେଣ୍ଟମାନେ ସୋମବାର ଭୋର ସମୟରେ ଭାନ୍ସଙ୍କ ଇଷ୍ଟ ୱାଲନଟ୍ ହିଲ୍ସ ବାସଭବନରେ ପହଞ୍ଚିଥିଲେ। ସେମାନେ ଜଣେ ସନ୍ଦିଗ୍ଧଙ୍କୁ ଧରିଥିବାବେଳେ ତାଙ୍କ ବିରୋଧରେ ଆକ୍ରମଣ ମାମଲା ରୁଜୁ ହୋଇଥିବା ସ୍ପଷ୍ଟ ହୋଇନାହିଁ। ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଥିବା ସ୍ଥାନୀୟ ପୋଲିସ କହିଛି। ଆକ୍ରମଣ ସମୟରେ ଭାନ୍ସଙ୍କ ପରିବାର ଘରେ ନ ଥିଲେ। ଆକ୍ରମଣକାରୀ ଘରେ ପଶିଥିବା ବିଶ୍ୱାସ ହେଉନାହିଁ ବୋଲି ଅଧିକାରୀମାନେ କହିଛନ୍ତି। ସ୍ଥାନୀୟ ରିପୋର୍ଟ ଅନୁଯାୟୀ ଗତ ଶୁକ୍ରବାର ଭାନ୍ସ ଫ୍ଲୋରିଡାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ସାରା ଦିନ ରହିଥିଲେ। ଭେନେଜୁଏଲା ଉପରେ ଆକ୍ରମଣକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଦେଖିବା ପରେ ସିନ୍‌ସିନାଟି ଫେରିଥିଲେ। ଫ୍ଲୋରିଡା ଆକ୍ରମଣ ଯୋଜନା ଓ ପ୍ରକ୍ରିୟା ସହ ଭାନ୍ସ ଗଭୀର ଭାବେ ଜଡ଼ିତ ଥିଲେ ବୋଲି ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଭାନ୍ସଙ୍କ ଘର ଉପରେ ଆକ୍ରମଣ ପରେ ସେଠାରେ ପୋଲିସ ଓ ସିକ୍ରେଟ୍ ସର୍ଭିସ କର୍ମଚାରୀମାନେ ଜଗିରହିଛନ୍ତି।

ସୂଚନାଯୋଗ୍ୟ, ରିପବ୍ଲିକାନ୍ ଭାନ୍ସ ଓହିଓରୁ ଆମେରିକା ସିନେଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବା ସହ ଉପରାଷ୍ଟ୍ରପତି ଅଛନ୍ତି। ଆକ୍ରମଣ ଘଟଣାରେ ତାଙ୍କ କାର୍ଯ୍ୟାଳୟ ସିକ୍ରେଟ୍ ସର୍ଭିସ୍‌କୁ ସିଧା ପ୍ରଶ୍ନ କରିଛି। ଆକ୍ରମଣରେ ସିକ୍ରେଟ ସର୍ଭିସର ଏକ ଗାଡ଼ି ମଧ୍ୟ ଭାଙ୍ଗିଯାଇଛି।

## କୃଷକଙ୍କୁ ଜିଅନ୍ତା ଜାଳିଦେବାକୁ ଉଦ୍ୟମ

ଅହମଦାବାଦ,୫।୧

ଗୁଜରାଟ ଆନନ୍ଦ ଜିଲାର ଜଣେ ଚାଷୀ ସରପଞ୍ଚଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିବାରୁ ତାଙ୍କୁ ଜିଅନ୍ତା ଜାଳିଦେବାକୁ ଉଦ୍ୟମ ହୋଇଛି। ଭରତଭାଇ ପଦିୟାର ନାମକ ଉକ୍ତ ଚାଷୀ ଏବେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ସରପଞ୍ଚ ଓ ତାଙ୍କ ପରିବାରର ୪ ସଦସ୍ୟଙ୍କ ନାମରେ ମାମଲା ରୁଜୁ ହୋଇଛି। ଗାଁର ମହିଳା ସରପଞ୍ଚ କୋକିଳାବେନ୍ ଓ ତାଙ୍କ ପରିବାର ଦୁର୍ନୀତିରେ ସମ୍ପୃକ୍ତ ଥିବା ନେଇ ଭରତଭାଇ ଗତ ଅକ୍ଟୋବରରେ ଜିଲା ଏବଂ ତାଲୁକ ଉନ୍ନୟନ ଅଫିସର, ଉନ୍ନୟନ କମିଶନର ଏବଂ ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ କୌଣସି ଜବାବ ନ ମିଳିବାରୁ ସେ ଗଣମାଧ୍ୟମରେ ଜଣାଇଥିଲେ। ଏହା ପରେ ତାଙ୍କୁ ଜୀବନରୁ ମାରିଦେବାକୁ ସରପଞ୍ଚଙ୍କ ସ୍ୱାମୀ ଓ ଅନ୍ୟମାନେ ଧମକ ଦେଇଥିଲେ। ଘଟଣା ଦିନ କୋକିଳାବେନ୍, ତାଙ୍କ ସ୍ୱାମୀ ଦିନେଶଭାଇ, ପୁଅ ନିଲେଶଭାଇ, ରାଜେଶଭାଇ ଓ ପୁତୁରା ଏକ କାର୍‌ରେ ଆସି ଭରତଭାଇଙ୍କୁ ହାତୁଡ଼ିରେ ଆକ୍ରମଣ କରିଥିଲେ। ପରେ ସେମାନେ ଗାଁ ମଝିକୁ ତାଙ୍କୁ ଟାଣିନେଇ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ ବୋଲି ଭରତଭାଇ ଅଭିଯୋଗ କରିଛନ୍ତି।

# ଖାଲିଦ, ଇମାମଙ୍କୁ ମିଳିଲାନି ଜାମିନ

## ଦିଲ୍ଲୀ ଦଙ୍ଗା ମାମଲା

ନୂଆଦିଲ୍ଲୀ,୫।୧(ପି.ଟି.)

୨୦୨୦ ଦିଲ୍ଲୀ ଦଙ୍ଗା ଷଡ଼ଯନ୍ତ୍ର ମାମଲାରେ ଆକ୍ଟିଭିଷ୍ଟ ଉମର ଖାଲିଦ ଏବଂ ଶର୍ଜିଲ ଇମାମଙ୍କୁ ଜାମିନ ଦେବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ଏହି ମାମଲାର ଅନ୍ୟ ୫ ଅଭିଯୁକ୍ତ ଗୁଲ୍‌ଫିଶା ଫତିମା, ମୀରାନ ହାଇଦର, ଶିଫା ଉର୍ ରେହମାନ, ମହମ୍ମଦ ସଲିମ ଏବଂ ଶଦାବ ଅହମଦଙ୍କୁ ଜାମିନ ମିଳିଛି। ଖାଲିଦ ଏବଂ ଇମାମଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ରର ପ୍ରମାଣ ରହିଥିବାରୁ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ର ଧାରା ୪୩ଡି(୫) ଅନୁଯାୟୀ ସେମାନଙ୍କୁ ଜାମିନ ପ୍ରଦାନରେ ବୈଧାନିକ ପ୍ରତିବନ୍ଧକ ରହିଥିବା ଜଷ୍ଟିସ୍ ଅରବିନ୍ଦ କୁମାର ଏବଂ ଏନ୍.ଭି. କଞ୍ଜରିଆଙ୍କ ଖଣ୍ଡପୀଠ କହିଛନ୍ତି। ସାକ୍ଷୀମାନଙ୍କ ବୟାନ ଯାଞ୍ଚ ପରେ କିମ୍ବା ଆଜିଠାରୁ ବର୍ଷେ ପରେ ଖଲିଦ ଏବଂ ଇମାମ ଜାମିନ ପାଇଁ ସାନି ଆବେଦନ କରିପାରିବେ ବୋଲି ଅଦାଲତ କହିଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କ ତୁଳନାରେ ଖାଲିଦ ଓ ଇମାମଙ୍କ ବିରୋଧରେ ଅଭିଯୋଗର ଆଧାର ଗୁଣାତ୍ମକ ଭାବେ ଭିନ୍ନ ବୋଲି ଖଣ୍ଡପୀଠ କହିଛନ୍ତି। ଦଙ୍ଗା ପଛରେ ସେମାନଙ୍କର ମୁଖ୍ୟ ଏବଂ ରଚନାତ୍ମକ ଭୂମିକା ରହିଥିଲା। ଏଥିପାଇଁ ଯୋଜନା ପ୍ରସ୍ତୁତ କରିବା, ଲୋକଙ୍କୁ ଏକାଠି କରିବା ସହ ନିର୍ଦ୍ଦିଷ୍ଟ ସ୍ଥାନ ବାହାରେ ଦଙ୍ଗା ଘଟାଇବା ପାଇଁ ନିର୍ଦ୍ଦେଶ ଦେବାରେ ସେମାନେ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଖଣ୍ଡପୀଠ କହିଛନ୍ତି। ଅଦାଲତଙ୍କ କହିବା ଅନୁଯାୟୀ, ବିଚାର ପ୍ରକ୍ରିୟାରେ ବିଳମ୍ବ ବୈଧାନିକ ସୁରକ୍ଷା ପାଇବା ପାଇଁ ସୁଯୋଗ ନୁହେଁ।



ଉମର ଖାଲିଦ



ଶର୍ଜିଲ ଇମାମ

୨୦୨୦ ଫେବୃଆରୀ ୨୩ରେ ଉତ୍ତର-ପୂର୍ବ ଦିଲ୍ଲୀରେ ଦଙ୍ଗା ଘଟିବାରୁ ୫୩ ଜଣଙ୍କ ଜୀବନ ଯିବା ସହ ୭୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ନାଗରିକତ୍ୱ ସଂଶୋଧନ ଆଇନ ବିରୋଧୀ ବିକ୍ଷୋଭ ପାଇଁ ଭାଷଣ ଦେବା ଅଭିଯୋଗରେ ଇମାମଙ୍କୁ ୨୦୨୦ ଜାନୁଆରୀ ୨୮ରେ ଗିରଫ କରାଯାଇଥିବାବେଳେ ବୃହତ୍ତର ଷଡ଼ଯନ୍ତ୍ର ମାମଲାରେ ସେହିବର୍ଷ ଅଗଷ୍ଟରେ ତାଙ୍କୁ ପୁନର୍ବାର ଗିରଫ କରାଯାଇଥିଲା। ଖାଲିଦ ଓ ଅନ୍ୟ ଅଭିଯୁକ୍ତମାନେ ସେପ୍ଟେମ୍ବରରେ ଗିରଫ ହୋଇଥିଲେ। ସେମାନଙ୍କ ସମେତ ୧୫ ଜଣଙ୍କ ବିରୋଧରେ ୟୁଏପିଏ ଏବଂ ଆଇପିସିର ଆନୁଷଙ୍ଗିକ ଧାରାରେ ଚାର୍ଜଶିଟ୍ ଦାଖଲ ହୋଇଥିଲା। ଖାଲିଦ ଏବଂ ଇମାମଙ୍କ ବିରୋଧରେ ଅଭିଯୋଗର ପ୍ରମାଣ ସ୍ୱରୂପ ଦାଖଲ ତଥ୍ୟ ପ୍ରମାଣରେ ଅଦାଲତ ସନ୍ତୋଷବ୍ୟକ୍ତ କରିଛନ୍ତି। ବିଚାର ପ୍ରକ୍ରିୟାର ବର୍ତ୍ତମାନ ସ୍ଥିତିରେ ସେମାନଙ୍କୁ ଜାମିନରେ ଛଡ଼ାଯିବା ଯଥାର୍ଥ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ଅଦାଲତଙ୍କ ରାୟ ପରେ ଖାଲିଦ କହିଛନ୍ତି, ଜେଲ ଏବେ ତାଙ୍କ ଜୀବନ ହୋଇଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଜାମିନ ମିଳିଥିବାରୁ ସେ ଆଶ୍ୱସ୍ତ ଏବଂ ଖୁସି ବୋଲି ସୋମବାର ତାଙ୍କ ପାର୍ଟନର ବନଜ୍ୟୋତ୍ସ୍ନା ଲାହିରିଙ୍କୁ କହିଛନ୍ତି।

## ପ୍ରଶ୍ନ ଉଠାଇଲେ ବିରୋଧୀ

ନୂଆଦିଲ୍ଲୀ,୫।୧(ପି.ଟି.)

୨୦୨୦ ଦିଲ୍ଲୀ ଦଙ୍ଗା ଷଡ଼ଯନ୍ତ୍ର ମାମଲାରେ ଆକ୍ଟିଭିଷ୍ଟ ଉମର ଖାଲିଦ ଏବଂ ଶର୍ଜିଲ ଇମାମଙ୍କୁ ସୁପ୍ରିମକୋର୍ଟ ଜାମିନ ଦେବାକୁ ମନା କରିଦେବା ଉପରେ ବିରୋଧୀ ନେତାମାନେ ପ୍ରଶ୍ନ ଉଠାଇଛନ୍ତି। ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ ଡେରା ସଚା ସୌଦା ମୁଖ୍ୟ ଗୁରମିତ୍ ରାମ ରହିମଙ୍କୁ ଇତିମଧ୍ୟରେ ୧୫ ଥର ପାରୋଲରେ ଛଡ଼ାଯାଇଥିବାରୁ ଏହାକୁ ବିରୋଧୀ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଜାମିନ ହେଉଛି ନିୟମ ଏବଂ ଜେଲ ବ୍ୟତିକ୍ରମ ସିଦ୍ଧାନ୍ତ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରେ ଲାଗୁ ହେଉ ନ ଥିବାରୁ ଏଥିରୁ ସ୍ପଷ୍ଟ ହେଉଛି ବୋଲି ସିପିଆଇ(ଏମ୍) ଏମ୍‌ପି ଜନ୍ ବ୍ରିଟାସ Xରେ ଲେଖିଛନ୍ତି। କଠୋର ୟୁଏପିଏରେ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଜେଲରେ ଥିବା ଖାଲିଦଙ୍କ ବିଚାର ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ବିଚାର ପୂର୍ବରୁ ଜେଲଦଣ୍ଡ ନୁହେଁ ବୋଲି ବ୍ରିଟାସ କହିଛନ୍ତି। ଇତିମଧ୍ୟରେ ୨୦୧୭ରେ ଦୋଷୀସାବ୍ୟସ୍ତ ହୋଇ ଜେଲରେ ଥିବା ଗୁରମିତ ରାମ ରହିମଙ୍କୁ ପଞ୍ଚଦଶ ଥର ପାଇଁ ୪୦ ଦିନ ପାରୋଲରେ ଛଡ଼ାଯାଇଛି। ତାଙ୍କ ଦାବି ଅନୁଯାୟୀ ଜେଲରୁ ଛୁଟି ମିଳିଯାଉଛି।

ଜାମିନ ନ ମିଳିବା ଏକ ଗୁରୁତର ପ୍ରଶ୍ନ ଛିଡ଼ା କରାଇଛି ବୋଲି ଆର୍‌ଜେଡି ଏମ୍‌ପି ମନୋଜ ଝା କହିଛନ୍ତି। ବିନା ବିଚାରରେ ଦୀର୍ଘଦିନ ଜେଲରେ ରହିବା ଅଯଥାର୍ଥ ଓ ଅସଙ୍ଗତ ହୋଇଥିବାରୁ ଜାମିନ ପ୍ରଦାନ କରିବା ସାମ୍ବିଧାନିକ ଅଦାଲତଙ୍କ କର୍ତ୍ତବ୍ୟ। ସାମ୍ବିଧାନିକ ସୁରକ୍ଷା ପାଇବା ପାଇଁ ଆଉ କେତେଦିନ ଜେଲରେ ରହିବାକୁ ପଡ଼ିବ ବୋଲି ଝା ପ୍ରଶ୍ନ ଉଠାଇଛନ୍ତି।

## ଓଏନ୍‌ଜିସି ଗ୍ୟାସ୍ ପାଇପ୍‌ଲାଇନ ଲିକ୍‌ରୁ ନିଆଁ

ମୋରି(ଆନ୍ଧ୍ରପ୍ରଦେଶ,୫।୧(ପି.ଟି.)

ଆନ୍ଧ୍ରପ୍ରଦେଶର ଡ. ବି.ଆର୍, ଆମ୍ବେଦକର କୋନାସୀମା ଜିଲାରେ ଅଏଲ୍ ଆଣ୍ଡ ନ୍ୟାଚୁରାଲ ଗ୍ୟାସ୍ କର୍ପୋରେଶନ (ଓଏନ୍‌ଜିସି)ର ଉତ୍ପାଦନ ଠିକା ସଂସ୍ଥା ଦୀପ୍ ଇଣ୍ଡଷ୍ଟ୍ରିଜ୍ ଲିଃ ଦ୍ୱାରା ପରିଚାଳିତ ଏକ ଗ୍ୟାସ୍ ପାଇପ୍‌ଲାଇନ ସୋମବାର ଲିକ୍ ହୋଇ ନିଆଁ ଲାଗିଯାଇଛି। ତେବେ ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇ ନ ଥିବା ଉକ୍ତ ନବରତ୍ନ ରାଷ୍ଟ୍ରାୟତ୍ତ କମ୍ପାନୀର ପ୍ରାରମ୍ଭିକ ସୂଚନାରୁ ଜଣାପଡ଼ିଛି। ନିଆଁ ଲାଗିଥିବା ଖବର ପାଇ ରାଜମୁନ୍ଦ୍ରିସ୍ଥିତ ଓଏନ୍‌ଜିସର ବରିଷ୍ଠ ଅଧିକାରୀମାନେ ମୋରି ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ମୋରି-୫ ତୈଳକୂପଠାରେ ଗ୍ୟାସ୍ ପାଇପ୍ ଲାଇନ୍ ଲିକ୍ ହେବାରୁ ଅଗ୍ନିକାଣ୍ଡ ଘଟିଥିବା ଜଣେ ଅଧିକାରୀ କହିଛନ୍ତି। ଏହା ଜନବସତିଠାରୁ ୬୦୦ ମିଟର ଦୂରରେ ହୋଇଥିବାବେଳେ ପ୍ରଭାବିତ ଅଞ୍ଚଳକୁ ଘେରାବନ୍ଦୀ କରାଯାଇ ଶୀତଳୀକରଣ କରାଯାଉଛି। ଓଏନ୍‌ଜିସି ଏହାର ସଙ୍କଟ ପରିଚାଳନା ଟିମ୍‌କୁ ଘଟଣାସ୍ଥଳକୁ ପଠାଇଛି।

## ବିଜୟଵର୍ଗୀୟଙ୍କ 'ଘଣ୍ଟା' ମନ୍ତବ୍ୟ: ଆପତ୍ତି ଉଠାଇଥିବା ଏସ୍‌ଡିଏମ୍ ନିଲମ୍ବିତ

ଭୋପାଳ,୫।୧

ମଧ୍ୟପ୍ରଦେଶର ବରିଷ୍ଠ କ୍ୟାବିନେଟ ମନ୍ତ୍ରୀ କୈଳାସ ବିଜୟବର୍ଗୀୟ ଜଣେ ବରିଷ୍ଠ ଖବରଦାତାଙ୍କ ପ୍ରତି 'ଘଣ୍ଟା' ମନ୍ତବ୍ୟ ଦେଇଥିଲେ। ଏକ ସରକାରୀ ନିର୍ଦ୍ଦେଶନାମାରେ ଏହାକୁ ଅଭଦ୍ର, ଅମାନବୀୟ ଏବଂ ସତ୍ତାବାଦୀ ବୋଲି ଦର୍ଶାଇଥିବା ଦେୱାସ୍ ଜିଲାର ଜଣେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍(ଏସ୍‌ଡିଏମ୍)ଙ୍କୁ ନିଲମ୍ବନ କରାଯାଇଛି। ଏସ୍‌ଡିଏମ୍ ଆନନ୍ଦ ମାଲବ୍ୟ ଗତ ୩ ତାରିଖରେ ଏକ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଥିଲେ। ୪ ତାରିଖରେ ଭାଜପା ଏମ୍‌ପି ଏବଂ ବିଧାୟକମାନଙ୍କ ଘର ବାହାରେ ବିରୋଧୀ କଂଗ୍ରେସ ପକ୍ଷରୁ ରାଜ୍ୟବ୍ୟାପୀ ବିକ୍ଷୋଭ କରାଯିବାକୁ ଥିବାରୁ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ରାଜସ୍ୱ ବିଭାଗ ଅଧିକାରୀମାନଙ୍କୁ ମୁତୟନ କରିବା ନିମନ୍ତେ ଏହି ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଉକ୍ତ ନିର୍ଦ୍ଦେଶନାମାର ପ୍ରଥମ ୮ ଧାଡ଼ି ଏସ୍‌ଡିଏମ୍‌ଙ୍କୁ ଅଡୁଆରେ ପକାଇଛି। ସେଥିରେ ଲେଖାଥିଲା ଭାଜପା ଶାସିତ ଇନ୍ଦୋର ମ୍ୟୁନିସିପାଲ କର୍ପୋରେଶନରେ ଯୋଗାଣ ହେଉଥିବା ଦୂଷିତ ପାଣି ପିଇ ୧୪ ଜଣଙ୍କ ମୃତ୍ୟୁ ଘଟିବା ସହ ୨,୮୦୦ ଲୋକ ଚିକିତ୍ସିତ ହେଉଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଖବରଦାତାଙ୍କ ପ୍ରଶ୍ନର ଜବାବରେ ମନ୍ତ୍ରୀ ବିଜୟବର୍ଗୀୟ ଘଣ୍ଟ ଶବ୍ଦ ବ୍ୟବହାର କରିବା ଅଭଦ୍ରାମୀ ଏବଂ ସତ୍ତାବାଦର ସଙ୍କେତ ବୋଲି ଏସ୍‌ଡିଏମ୍‌ଙ୍କ ନିର୍ଦ୍ଦେଶନାମା ପ୍ରଥମ ପାରାଗ୍ରାଫ୍‌ରେ ଲେଖାଥିଲା। ଏହା ଦେଖିବା ପରେ ଦେୱାସ ଜିଲାପାଳ ରିତୁ ରାଜ୍ ଉଜୟିନୀ ଡିଭିଜନାଲ କମିଶନର ଆଶିଷ ସିଂଙ୍କୁ ଅବଗତ କରାଇଥିଲେ। ଏସ୍‌ଡିଏମ୍‌ଙ୍କୁ ନିଲମ୍ବନ କରିବା ପାଇଁ ଡିଭିଜନାଲ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

## ଏସ୍‌ଆଇଆର୍ ବିରୋଧରେ ସୁପ୍ରିମକୋର୍ଟ ଯିବେ ମମତା

ନୂଆଦିଲ୍ଲୀ,୫।୧



ମମତା ବାନାର୍ଜୀ

ବିଧାନସଭା ନିର୍ବାଚନ ହେବାକୁ ଥିବା ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ଅମାନବୀୟ ଆଚରଣ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିବା ସହ ଏହା ବିରୋଧରେ ସେ ସୁପ୍ରିମକୋର୍ଟରେ ଅପିଲ୍ କରିବେ ବୋଲି କହିଛନ୍ତି। ଦକ୍ଷିଣ ୨୪ ପ୍ରଗଣାର ସାଗର ଦ୍ୱୀପରେ ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେଇ ମମତା କହିଛନ୍ତି, ଏସ୍‌ଆଇଆର୍ ସହ ଜଡ଼ିତ ଭୟ, ନିର୍ଯାତନା ଏବଂ ପ୍ରଶାସନିକ ମନମାନି ଯୋଗୁ ଅନେକ ଲୋକ ହସ୍ପିଟାଲରେ ଭର୍ତ୍ତି ହେବା ସହ ମୃତ୍ୟୁମୁଖରେ ପଡୁଛନ୍ତି। ଏସ୍‌ଆଇଆର୍ ଯୋଗୁ ଏତେ ଲୋକଙ୍କ ପ୍ରତି ଅମାନବୀୟ ଆଚରଣ ଏବଂ ମୃତ୍ୟୁ ବିରୋଧରେ ମଙ୍ଗଳବାର ଅଦାଲତଙ୍କ ଦ୍ୱାରସ୍ଥ ହେବୁ। ସେଠାରୁ ଅନୁମତି ମିଳିଲେ ସୁପ୍ରିମକୋର୍ଟ ଯିବୁ ଏବଂ ଅମାନବୀୟ କାର୍ଯ୍ୟ ବିରୋଧରେ ଅପିଲ୍ କରିବୁ ବୋଲି ତୃଣମୂଳ କଂଗ୍ରେସ ସୁପ୍ରିମୋ କହିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି, କୌଣସି ବୈଧ କାରଣ ନ ଥାଇ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାରୁ ଲୋକଙ୍କ ନାଁ କାଟିଦିଆଯାଉଛି। ଦୀର୍ଘସ୍ଥାୟୀ ରୋଗରେ ପୀଡ଼ିତ ଏବଂ ବରିଷ୍ଠ ନାଗରିକମାନଙ୍କୁ ବୈଧ ଭୋଟରର ପ୍ରମାଣ ଦେବା ପାଇଁ ଲମ୍ବା ଧାଡ଼ିରେ ଛିଡ଼ା ହେବାକୁ ବାଧ୍ୟ କରାଯାଉଛି। ଭାଜପା ନେତାମାନଙ୍କ ବୃଦ୍ଧ ମା'ବାପାଙ୍କୁ ଏଭଳି ଛିଡ଼ା କରାଇଲେ, ସେମାନେ କିପରି ଅନୁଭବ କରିବେ ବୋଲି ମମତା ପ୍ରଶ୍ନ କରିଛନ୍ତି। ଏସ୍‌ଆଇଆର୍ ଆରମ୍ଭ ହେବା ଦିନରୁ ଭୟ ଓ ଅନ୍ୟାନ୍ୟ କାରଣରୁ ଅନେକ ଲୋକଙ୍କ ମୃତ୍ୟୁ ଘଟିଲାଣି ବୋଲି ସେ କହିଛନ୍ତି।

## ଫୁରସତ୍

# ଯମଜ ସନ୍ତାନଙ୍କ ଗାଁ

ବିଶ୍ୱର ଅନ୍ୟାନ୍ୟ ଦେଶ ପରି ଭାରତରେ ମଧ୍ୟ ଅନେକ ରହସ୍ୟମୟ ସ୍ଥାନ ଅଛି। ଏଥିମଧ୍ୟରୁ କେରଳର ଏକ ଛୋଟ ଗାଁ କୋଡିନିହି ଅନ୍ୟତମ। ଏହା ବିଶ୍ୱର ଏକମାତ୍ର ଗାଁ ବୋଲି ବିଶ୍ୱାସ କରାଯାଏ, ଯେଉଁଠାରେ କେବଳ ଯମଜ ବା ଯାଆଁଳା ସନ୍ତାନ ଜନ୍ମ ହୁଅନ୍ତି। ଏହି ଗାଁରେ ପ୍ରାୟ ୨୦୦ ଯମଜ ସନ୍ତାନ ଅଛନ୍ତି। ଏହା ପଛର ରହସ୍ୟ ଆଜି ପର୍ଯ୍ୟନ୍ତ କୌଣସି ଡାକ୍ତର କିମ୍ବା ବୈଜ୍ଞାନିକ ଖୋଜି ପାଇନାହାନ୍ତି।

କେରଳର ମାଲାପୁରମ ଜିଲାର ୨୦୦୦ ଲୋକ ବସବାସ କରୁଥିବା ଏକ ଛୋଟ ଗାଁ କୋଡିନିହି, ଯେଉଁଠି ଯମଜ ସନ୍ତାନ ଜନ୍ମହାର ଅସାଧାରଣ ଭାବରେ ଅଧିକ। ଏହି ଗାଁର ପ୍ରାୟ ପ୍ରତ୍ୟେକ ଘରେ ଅତି କମ୍‌ରେ ଏକ ଯାଆଁଳା ସନ୍ତାନ ଜନ୍ମ ହୁଅନ୍ତି। ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରେ। ଭାରତରେ ହାରାହାରି ଜନ୍ମହାର ପ୍ରତି ୧୦୦୦ରେ ୮ରୁ ୯ ଯାଆଁଳା ସନ୍ତାନ ଜନ୍ମ ହୁଅନ୍ତି, କିନ୍ତୁ କୋଡିନିହିରେ ଏହା ହାରାହାରି ୪୨ରୁ ୪୫ ହୋଇଥାଏ।



ଅନେକ ବୈଜ୍ଞାନିକ ଏହି ଗାଁ ବିଷୟରେ ଢେର ଅଧ୍ୟୟନକରି ମଧ୍ୟ ଏପର୍ଯ୍ୟନ୍ତ ପ୍ରକୃତ କାରଣ ନିର୍ଣ୍ଣୟ କରିପାରିନାହାନ୍ତି। କିଛି ତତ୍ତ୍ୱ ସୂଚାଇଦିଏ ଯେ ଖାଦ୍ୟ, ପାଣି କିମ୍ବା ଜେନେଟିକ୍ସ ଭଳି କାରଣଗୁଡ଼ିକ ଯୋଗୁ ଅଧିକ ଯମଜ ସନ୍ତାନ ଜନ୍ମ ନିଅନ୍ତି। ତଥାପି ଏପର୍ଯ୍ୟନ୍ତ ଏହାର କୌଣସି ଠୋସ୍ ପ୍ରମାଣ ବୈଜ୍ଞାନିକଙ୍କୁ ମିଳିନାହିଁ। ଅପରପକ୍ଷେ ଏହା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଗର୍ବ ଏବଂ ସ୍ୱୀକୃତିର ପ୍ରତୀକ। ଏହି ଅନନ୍ୟ ଗାଁ ବିଷୟରେ ବିଶ୍ୱବ୍ୟାପୀ ଡକ୍ୟୁମେଣ୍ଟାରି, ବୈଜ୍ଞାନିକ ପ୍ରବନ୍ଧ ଏବଂ ଗଣମାଧ୍ୟମ ରିପୋର୍ଟ ପ୍ରକାଶ ପାଇଛି। ଏହା ବୈଜ୍ଞାନିକମାନଙ୍କୁ ଆକର୍ଷିତକରେ ଏବଂ ଆଶ୍ଚର୍ଯ୍ୟ ବି କରେ।

## ଜନ୍ମଦିନରେ ଦୀପିକାଙ୍କ ଉପହାର

ମୁମ୍ବାଇ



ଦୀପିକା ପାଦୁକୋନ୍

ନିଜ ଜନ୍ମଦିନରେ ପ୍ରଶଂସକଙ୍କୁ ଏକ ବଡ଼ ଉପହାର ଦେଇଛନ୍ତି ବଲିଉଡ୍‌ର ଆଗଧାଡ଼ିର ନାୟିକା ଦୀପିକା ପାଦୁକୋନ୍। ସେ ତାଙ୍କ ଜନ୍ମଦିନରେ ଏକ ବଡ଼ ପ୍ରୟାସ ଆରମ୍ଭ କରିଛନ୍ତି, ଯାହା ପରବର୍ତ୍ତୀ ପିଢ଼ିର ସୃଜନଶୀଳ ପ୍ରତିଭା ପାଇଁ ନୂତନ ଦିଶା ଦେବ। ୪୦ତମ ଜନ୍ମଦିନ ପାଳନ ଅବସରରେ ଦୀପିକା 'ଦି ଅନ୍‌ସେଟ୍ ପ୍ରୋଗ୍ରାମ' ନାମକ ଏକ ନୂତନ ପ୍ଲାଟ୍‌ଫର୍ମ ଆରମ୍ଭ କରିଛନ୍ତି। ଏହି ପ୍ଲାଟ୍‌ଫର୍ମ ଉଦୀୟମାନ କଳାକାରମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସମର୍ଥନ ହେବ ବୋଲି ଆଶା କରାଯାଉଛି।

ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ସାରା ଦେଶରୁ ଉଦୀୟମାନ ସୃଜନଶୀଳ କଳାକାରଙ୍କ ପ୍ରତିଭାକୁ ବିକଶିତ କରିବା। ଏହା ମାଧ୍ୟମରେ ଦୀପିକା ଭାରତୀୟ ଚଳଚ୍ଚିତ୍ର, ଟେଲିଭିଜନ ଏବଂ ବିଜ୍ଞାପନ ଶିଳ୍ପରେ କ୍ୟାରିୟର କରିବାକୁ ଚାହୁଁଥିବା ଯୁବତୀଯୁବକଙ୍କୁ ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟ ରଖିଛନ୍ତି। ଏହି କାର୍ଯ୍ୟକ୍ରମ ପ୍ରତିଶ୍ରୁତିବଦ୍ଧ ପ୍ରତିଭାଙ୍କ ଲାଗି ତାଲିମ ସୁଯୋଗ ପ୍ରଦାନ କରିବ। ଦୀପିକା କହିଛନ୍ତି, ଦେଶ ଏବଂ ବିଶ୍ୱର ସର୍ବଶ୍ରେଷ୍ଠ ସୃଜନଶୀଳ ପ୍ରତିଭାକୁ ଚିହ୍ନଟ ସହ ସେମାନଙ୍କୁ ଏକ ପ୍ଲାଟ୍‌ଫର୍ମ ପ୍ରଦାନ ଲାଗି ଗଭୀର ଭାବରେ ଆଗ୍ରହୀ ଅଛି। ମୁଁ 'ଦି ଅନ୍‌ସେଟ୍ ପ୍ରୋଗ୍ରାମ'ର ଶୁଭାରମ୍ଭ ଘୋଷଣାକରି ବହୁ ଉତ୍ସାହିତ ଏବଂ ଆପଣମାନଙ୍କୁ ଆଗାମୀ ପିଢ଼ିର ସୃଜନଶୀଳ ପ୍ରତିଭାଙ୍କ ସହ ପରିଚିତ କରାଇବା ପାଇଁ ଅପେକ୍ଷାରେ ରହିଛି।

# ଆମେରିକା କୋର୍ଟରେ ହାଜର ହେଲେ ମାଦୁରୋ



ନ୍ୟୁୟର୍କ,୫।୧

ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ସୋମବାର ଆମେରିକାର ଏକ ଅଦାଲତରେ ହାଜର କରାଯାଇଛି। ସେ ନିଜକୁ ଦେଶର ରାଷ୍ଟ୍ରପତି ଘୋଷଣା କରିବା ସହ ତାଙ୍କ ଗିରଫଦାରିକୁ ବିରୋଧ କରିଛନ୍ତି। ଆମେରିକା ପ୍ରଶାସନ ମାଦୁରୋଙ୍କ ବିରୋଧରେ ନିଶାଦ୍ରବ୍ୟ ଚୋରାଚାଲାଣ ଅଭିଯୋଗ ଆଣି ତାଙ୍କୁ କ୍ଷମତାରୁ ହଟାଇବା ଯଥାର୍ଥ ବୋଲି ଅଦାଲତରେ ଯୁକ୍ତି ବାଢ଼ିଥିବାବେଳେ ମାଦୁରୋ ନିଜକୁ ନିର୍ଦ୍ଦୋଷ ବୋଲି କହିଛନ୍ତି। କୋର୍ଟରୁମ୍‌ରେ ସେ ସ୍ପେନିସ୍ ଭାଷାରେ କହୁଥିବାବେଳେ ସେଠାରେ ଉପସ୍ଥିତ ଜଣେ ରିପୋର୍ଟର ଏହାକୁ ଅନୁବାଦ କରିଥିଲେ। ଶୁକ୍ରବାର ରାତିରେ ଆମେରିକା ସେନା ଭେନେଜୁଏଲା ରାଜଧାନୀ କାରାକାସ୍‌ରେ ଆକ୍ରମଣ କରି ରାଷ୍ଟ୍ରପତି ମାଦୁରୋ ଓ ତାଙ୍କ ସ୍ତ୍ରୀ ସିଲିଆ ଫ୍ଲୋରେସଙ୍କୁ ଗିରଫ କରି ନ୍ୟୁୟର୍କ ନେଇଯାଇଥିଲେ। ଆମେରିକା ଯିବା ପରେ ମାଦୁରୋଙ୍କୁ ପ୍ରଥମ ଥର ପାଇଁ ସେଠାର କୋର୍ଟରେ ହାଜର କରାଯାଇଛି। ସେ ନୀଳ ରଙ୍ଗର ଜେଲ ପୋଷାକ ପିନ୍ଧିଥିବା ଦେଖାଯାଇଥିଲା। ତାଙ୍କ ସହ ସ୍ତ୍ରୀ ଫ୍ଲୋରେସ୍ ରହିଥିଲେ।

# ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ହତ୍ୟା

ଢାକା,୫।୧

ବାଂଲାଦେଶର ଯଶୋର ଜିଲା ଅନ୍ତର୍ଗତ କୋପାଲିଆ ବଜାର ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ଜଣେ ହିନ୍ଦୁଙ୍କୁ ଗୁଳିକରି ହତ୍ୟା କରାଯାଇଛି। ରାଣା ପ୍ରତାପ (୪୫) ନାମକ ଏହି ବ୍ୟକ୍ତି ଏକ ବରଫ କଳ ଚଳାଇବା ସହ ସ୍ଥାନୀୟ ଖବରକାଗଜର କାର୍ଯ୍ୟକାରୀ ସମ୍ପାଦକ ଥିଲେ। କେତେଜଣ ଅଜଣା ଆତତାୟୀ ମୋଟର ସାଇକେଲରେ ଆସି ତାଙ୍କୁ ଆଇସ୍ ଫ୍ୟାକ୍ଟ୍ରିରୁ ବାହାରକୁ ଡାକିଥିଲେ। ସେମାନେ ରାଣାଙ୍କୁ ପାଖ ଗଳିକୁ ନେଇଯାଇ ଅତି ନିକଟରୁ ତାଙ୍କ ମୁଣ୍ଡକୁ ଗୁଳି ଚଳାଇ ଖସି ପଳାଇଥିଲେ। ଗୁଳି କରିବା ପୂର୍ବରୁ ରାଣାଙ୍କ ସହ ସେମାନଙ୍କର ବଚସା ହୋଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ବାଂଲାଦେଶରେ ଗତ କିଛି ସପ୍ତାହ ହେଲା ସଂଖ୍ୟାଲଘୁଙ୍କ ବିରୋଧରେ ହିଂସାକାଣ୍ଡ ଲାଗିରହିଛି। ଇତିମଧ୍ୟରେ କାଳିଗଞ୍ଜଠାରେ ଜଣେ ୪୦ ବର୍ଷୀୟା ହିନ୍ଦୁ ବିଧବାଙ୍କୁ

## ମହିଳାଙ୍କୁ ଗଣବଳାତ୍କାର



ରାଣା ପ୍ରତାପ

୨ ଜଣ ଅଭିଯୁକ୍ତ ଗଣବଳାତ୍କାର କରିବା ସହ ତାଙ୍କୁ ଗଛରେ ବାନ୍ଧି ଚୁଟି କାଟିଦେଇଛନ୍ତି। ଅଭିଯୁକ୍ତ ଶାହିନ ଏବଂ ତାଙ୍କ ସହଯୋଗୀ ହାସନ ବୋଲି ମହିଳା ଜଣକ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ସେମାନଙ୍କଠାରୁ ମହିଳା ଜଣକ ଏକ ଜମି ଓ ଘର କିଣିଥିଲେ। ସେବେଠାରୁ ସେମାନେ ମହିଳାଙ୍କୁ ହଇରାଣ କରିଆସୁଥିଲେ। ଶନିବାର ସନ୍ଧ୍ୟାରେ ଅଭିଯୁକ୍ତ ତାଙ୍କ ଘରକୁ ଆସି ବଳାତ୍କାର କରିବା ସହ ୫୦,୦୦୦ ଟଙ୍କା ଦାବି କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଇରାନ ନ ଯିବା ପାଇଁ ଆଡଭାଇଜରି ଜାରିକଲା ଭାରତ

ନୂଆଦିଲ୍ଲୀ,୫।୧

ଇରାନରେ ଅତ୍ୟଧିକ ମୁଦ୍ରାସ୍ଫୀତି ଏବଂ ମୁଦ୍ରାର ଅବମୂଲ୍ୟାୟନକୁ ନେଇ ହିଂସାତ୍ମକ ବିକ୍ଷୋଭ ଲାଗିରହିଥିବାବେଳେ ଅତି ଜରୁରୀ ନ ଥିଲେ ସେଠାକୁ ନ ଯିବା ପାଇଁ କେନ୍ଦ୍ର ସରକାର ନାଗରିକମାନଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ଇରାନରେ ଥିବା ଭାରତୀୟମାନେ ଉପଯୁକ୍ତ ସତର୍କତା ଅବଲମ୍ବନ କରିବା ସହ ବିକ୍ଷୋଭ ହେଉଥିବା ଅଞ୍ଚଳକୁ ନ ଯିବା ପାଇଁ ଆଡଭାଇଜରି ଜାରି ହୋଇଛି। ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ଜରୁରୀ ନ ଥିଲେ ଇସଲାମିକ ରିପବ୍ଲିକ୍ ଅଫ୍ ଇରାନକୁ ନ ଯିବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପରାମର୍ଶ ଦେଇଛି।

# ଦିଲ୍ଲୀରେ ମା', ଭଉଣୀ, ଭାଇଙ୍କୁ ହତ୍ୟା କଲେ ଯୁବକ

ନୂଆଦିଲ୍ଲୀ,୫।୧

ଦିଲ୍ଲୀରେ ଜଣେ ୨୫ ବର୍ଷୀୟ ଯୁବକ ତାଙ୍କ ମା', ଭଉଣୀ ଓ ନାବାଳକ ଭାଇଙ୍କୁ ହତ୍ୟା କରିବା ପରେ ଥାନାକୁ ଯାଇ ଆତ୍ମସମର୍ପଣ କରିଛନ୍ତି। ଦିଲ୍ଲୀର ଲକ୍ଷ୍ମୀନଗର ଅଞ୍ଚଳରେ ସୋମବାର ଏହି ଟ୍ରିପଲ୍ ମର୍ଡର ଘଟିଛି। ଆର୍ଥିକ ସମସ୍ୟାକୁ ନେଇ ସେ ପରିବାର ସଦସ୍ୟଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ଯଶବୀର ସିଂ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ମୃତକମାନେ ହେଲେ ମା' କବିତା, ଭଉଣୀ ମେଘନା ଏବଂ ଭାଇ ମୁକୁଲ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘର ଭିତରେ ମହିଳା ଓ ୨ ପିଲାଙ୍କ ମୃତଦେହ ପଡ଼ିରହିଥିବା ଦେଖିବା ପରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ମଣିପୁରରେ ଡବଲ ବିସ୍ଫୋରଣ: ୨ ଆହତ

ଇମ୍ଫାଲ,୫।୧

ମଣିପୁରର ବିଷ୍ଣୁପୁର ଜିଲାରେ ସୋମବାର ସକାଳେ କ୍ରମାଗତ ୨ଟି ବିସ୍ଫୋରଣ ଘଟି ୨ ଜଣ ଆହତ ହୋଇଛନ୍ତି। ଭୋର ୫ଟା ୪୫ ମିନିଟ୍ ସମୟରେ ଏକ ପରିତ୍ୟକ୍ତ ଘରେ ଆଇଇଡି ବିସ୍ଫୋରଣ ଘଟିଥିବା ପୋଲିସ କହିଛି। ୨୦୨୩ ମେ'ରେ ରାଜ୍ୟରେ ଜାତିଗତ ହିଂସା ଆରମ୍ଭ ହେବା ଦିନରୁ ଉକ୍ତ ଘର ପରିତ୍ୟକ୍ତ ରହିଥିଲା। ଏହାର ୨୦୦ ମିଟର ଦୂରରେ ସକାଳ ୮ଟା ୫୪ ମିନିଟ୍‌ରେ ଦ୍ୱିତୀୟ ବିସ୍ଫୋରଣ ଘଟିଛି। ଆହତ ୨ ଜଣଙ୍କୁ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନେ ବିପଦମୁକ୍ତ ଥିବା ଜଣାପଡ଼ିଛି। ବିସ୍ଫୋରଣ ଯୁକ୍ତ ଅନୁଧ୍ୟାନ କରିବା ସହ ଘଟଣାର ତଦନ୍ତ ଚଳାଇଛି।

---

## INTEGRATED TRIBAL DEVELOPMENT AGENCY, GUNUPUR

No. 26/VII-99/2026(Tender) Date: 03.01.2026

**CORRIGENDUM**

BID ID No. ITDAGNP - 04/2025-26 dtd. 23.12.2025

**No.CAD-2927** : The Bid ID No. ITDA GNP- 04/2025-26 dtd. 23-12-2025 published vide No. 3302 dtd. 23-12-2025 at sl. No. 8 of other detail shown as availability of Tender online for Bidding from 28-12-2025 at 10.00 AM to 11-01-2026 up to 5.00 P.M., last date & time of seeking tender clarification 11.01.2026 up to 5.00 PM and Date & time of Opening of tender 12-01- 2026 at 11.00 Hrs is hereby cancelled due to technical problem.

Sd./- Project Administrator, I.T.D.A, Gunupur

OIPR-26072/11/0014/2526

---

## GOVT. OF ODISHA
No.A-1216
## DEPARTMENT OF WATER RESOURCES
### Office of the Additional Chief Engineer Vansadhara Nagabali Basin, Paralakhemundi

(email Id: se_sicpkd@yahoo.com)

**e-Procurement Notice No.ACE, VNB-02/2025-26**

| | | |
|---|---|---|
| 1. | Type of Works | Flood Protection Works |
| 2. | Total Number of Packages | 2 (Two) Nos. |
| 3. | Estimated Cost | Rs.201.71 Lakhs to 328.30 Lakhs |
| 4. | Bid Identification No. | ACE, VNB (RID)- 01/2025-26 and ACE, VNB (RID)- 02/2025-26 |
| 5. | Period of Completion | Mentioned in Col.No. 7 of NIT |
| 6. | Availability & submission of bids online | From 11.00 AM of 07.01.2026 to 5.00 PM of 21.01.2026 |
| 7. | Date of Opening of Technical Bids | 22.01.2026 at 11.00 AM in the O/o the Additional Chief Engineer, Vansadhara Nagabali Basin, Paralakhemundi |
| 8. | Procurement Officer | Additional Chief Engineer, Vansadhara Nagabali Basin, Paralakhemundi |
| 9. | Further details can be seen from Govt. Website www.tendersorissa.gov. in and any addendum/ corrigendum/ cancellation will be published in the said website. | |

Sd./- Additional Chief Engineer Vansadhara Nagabali Basin Paralakhemundi

OIPR-32417/11/0015/2526

---

## Bhubaneswar Smart City Limited

5th Floor, BMC-ICOMC Tower, Bhoi Nagar, Unit-9, Bhubaneswar-751022, E-mail Id : bbsr.bscl@gmail.com, CIN : U74990OR2016PLC020016
Telephone : 0674-2548428, Fax : 0674-2540811

No.30/BSCL/2026 Dt.03.01.2026

**TENDER CALL NOTICE**

**No.C-1991** : Bhubaneswar Smart City Limited (BSCL) inviting the following tender under National competitive through e-procurement.

| Sl. No. | Name of the work | Bid Identification No. | Availability of Tender Document From | To |
|---|---|---|---|---|
| 1 | Selection of agency for Design, Supply, Execution of Landscape Development & Streetscape Design along Janpath Road including Maintenance, Bhubaneswar | BSCL/29/2026 Dated 03.01.2026 | 05.01.2026 17.00 Hrs. | 20.01.2026 17.00 Hrs. |

Further details can be seen from website www.tendersodisha.gov.in. Any Corrigendum or Addendum, if any will not be published in newspaper and can only be seen in the above-mentioned website.

Sd./- General Manager (Engg.) Bhubaneswar Smart City Limited

OIPR-13070/11/0018/2526

---

## GOVERNMENT OF ODISHA
No.O-1903
## OFFICE OF THE EXECUTIVE ENGINEER RURAL WORKS DIVISION-II, KENDRAPARA

eerw_kendraparat@yahoo.co.in

**'E' PROCUREMENT NOTICE NO. RWD-II/KPD-16/25-26 DTD 29.12.2025**

1 Name of work : Road work in the District of Kendrapara for the year 2025-26
2 Total No. of Work : 1 No. Road
3 Estimated Cost : Rs.47.90 lakhs (Approx.)
4 Period of Completion : As specified in the Annexure
5 Class of contractors : B Class
6 Cost of Tender Paper : Cost of Tender paper is to be remitted ONLINE as specified in column - 3 of the Annexure
7 Detail projects : As specified in the Annexure

Other details as follows :
a) Procurement Officer : Superintending Engineer, Rural Works Division-II, Kendrapara
b) Availability of tender online & submission of bid : 09.01.2026 at 11:00 A.M. to 19.01.2026 up to 5:00 P.M.
c) Last date & time of seeking of tender clarification : 17.01.2026 up to 5:00 P.M.
d) Technical Bid Opening : 20.01.2026 at 11.00 A.M.
e) Date of lottery : 28.01.2026 at 11:30 A.M.

Further details can be seen from the Govt. website www.tendersorissa.gov.in

Sd./- Superintending Engineer Rural Works Division-II Kendrapara

OIPR-25098/11/0033/2526

---

## OFFICE OF THE GENERAL MANAGER WATCO DIVISION, ROURKELA, ODISHA

Ph.No.0661-2664791 (O), e-mail:gmwatcorkl@gmail.com No.C-1953
No.5639/ Date 29.12.2025

NATIONAL COMPETITIVE BIDDING THROUGH e-Procurement Identification No.GM_WATCORKL-20/2025-26 dt.29.12.2025

1. No. of the Work : Up-gradation of existing 250 KVA transformer to 350 KVA at clear water pump house Ranibandh Rajgangpur
2. Type of Bid : Single Bid System
3. Estimated Cost : Rs.10.49 lakh
4. Period of Completion : 2 (Two Months)
5. Date & time of availability of bid document in the portal : From 11.00 A.M. of 06.01.2026 to 5.00 P.M. of 15.01.2026
6. Last date/Time of receipt of Bids in the Portal : 5.00 P.M. of 15.01.2026
7. Date & Time of opening of Bids: 16.01.2026 at 12.30 P.M.
8. Name & Address of the Officer Inviting Bid : General Manage, WATCO Division, Rourkela

The bidders have to participate in ONLINE bidding only. For details can be seen from the Government website www.tendersorissa.gov.in or http://tenders.ori.nic.in.

Sd./- (ER. Alekh Dalai) GENERAL MANAGER, WATCO DIVISION, ROURKELA

OIPR-13211/11/0014/2526

---

## OFFICE OF THE PRINCIPAL GOVT. WOMEN'S COLLEGE, PURI

**QUOTATION CALL NOTICE No.13/Date 3.01.26**

No.N-242: Sealed quotations are invited from reputed and reliable Firms/Suppliers for procurement of Text and Reference Books worth Rs.11,25,000/- for the College Library for UG & PG students as per CBCS and NEP-2020 syllabus. The firms must posses valid GST Registration, Up-to-date IT Clearance and other statutory documents. Last date of submission of quotation is 20.01.2026 through Speed/Registration post only. And the date of opening is 21.01.2026. The door delivery cost will be borne by the suppliers. The undersigned reserves the right to accept or reject any or all quotations without assigning any reason. For details and list of books please visit the college website www.gwcpuri.org.in.

Sd./- Principal Govt.Women's College, Puri

OIPR-27217/11/0001/2526

---

## OFFICE OF THE PANCHAYAT SAMITI : KALYANSINGHPUR

DIST - RAYAGADA, PIN CODE - 765016, ODISHA
E-mail : ID : ori-kalyansinghpur@nic.in

Letter No.3623/2025 Date : 31.12.2025

**CORRIGENDUM**

**No.i-455** : Consequent upon tender notification No.3605, dtd.29.12.2025 ralating to tender call notice of BDO, Kalyansinghpur towards construction of "Gram Panchayat Level Federation (GPLF) Building" work (Civil) in Kalyansinghpur Block.

The following modification has been made in the following manner.

| Description | Previously made | Presently modified |
|---|---|---|
| Class of Contractor | D & C | C & B |
| Date & Time of available in website and receipt online | 11:00 Hrs of 02.01.2026 to 17:00 Hrs of 16.01.2026 | 11:00 Hrs of 04.01.2026 to 17:00 Hrs of 16.01.2026 |

Sd./- Manisha Das. OAS-I (SB) Block Development Officer KALYANSINGHPUR

OIPR-19432/11/0006/2526

---

## ODISHA STATE SEEDS CORPORATION LIMITED

(A GOVERNMENT UNDERTAKING) SANTARAPUR, BHUBANESWAR-751002
Tel-MD 0674-2340573, E-mail-mdossclltd456@gmail.com

**Tender Call Notice**

**For Construction of Dehumidified Refrigerated Seeds Store**

No.CAD-2935:

Interested tenderers can visit e-tendering website of Govt. of Odisha www.tenderodisha.gov.in to participate in the work of Dehumidified Refrigerated Seeds Store.

1. At Ekamra Chhak, Sarsara, Bargarh — NIT No.-OSSC/Engg-138/2025
2. At Shergarh, Balasore — NIT No.-OSSC/Engg-139/2025

The last date for uploading of tender to tender portal is dt.27.01.2026.

Sd./- Managing Director, OSSC Ltd. BSR

OIPR-01045/11/0130/2526

---

## GOVERNMENT OF ODISHA
No.O-1940
## OFFICE OF THE SUPERINTENDING ENGINEER RURAL WORKS DIVISION, PHULBANI

Phone : 06842-253708, E-mail : rw_phulbani@yahoo.co.in

**No. 37 RWDP, Dated the 03.01.2026**

**Government of Odisha e-Procurement Notice**

**Bid Identification No. Online Tender/15/SERWD PHULBANI/2025-26**

1. Name of the work : Road Work (01 No.)
2. Estimated cost : Rs.63.03 Lakhs
3. Period of completion : Two Calendar Months
4. Date & Time of availability of Bid documents in the Portal : From 07.01.2026 10.00 A.M. to 20.01.2026 upto 05.00 P.M.
5. Last Date / Time for receipt of Bids in the Portal : 20.01.2026 upto 5.00 P.M.
6. Name and address of the Officer Inviting Bid : Superintending Engineer, Rural Works Division, Phulbani

Further details can be seen from the e-procurement portal website **www.tendersodisha.gov.in**

Sd./- Superintending Engineer Rural Works Division Phulbani

OIPR-25077/11/0038/2526

---

## OFFICE OF THE DISTRICT PROJECT MANAGEMENT UNIT PM POSHAN (MDM) MAYURBHANJ

District Education Office, Murgabadi, Baripada, Mayurbhanj-757002
E-mail id- mdmmayurbhanj22@gmail.com
No.502 /MDM Date. 31.12.2025

**TENDER CALL NOTICE: 2026-27**

No.n-225: Sealed Tenders from the registered Transporter / Transporting Agent are invited for Transportation of Food Stuff from RRC-cum-DSC,PEG / OSWC / FCI Depots / Food Storage Depot, FCI / OSCSC Ltd. Depots to School points in PM-Poshan and MM Poshan Programme in the District of Mayurbhanj for one year 2026-27 .The tender papers / bid documents containing detailed specification with terms and conditions can be seen at the notice board of District Education Office, Mayurbhanj, DPO, SSA, Mayurbhanj, RTO Baripada, Collectorate, Mayurbhanj during the office hours. It can also be available at district Website https://mayurbhanj.odisha.gov.in only from 31.12.2025 to 26.02.2026 upto 4.00 AM/PM & the same shall be opened on 27.02.2026 at 11.00 AM/ PM at Office Chamber of the Collector & District Magistrate, Mayurbhanj.

Sd./- Collector & District Magistrate Mayurbhanj

OIPR-27201/11/0002/2526

---

## BHUBANESWAR DEVELOPMENT AUTHORITY

AKASH SHOVA BUILDING, SACHIVALAYA MARG, BHUBANESWAR-751001
Visit us at: http://www.bda.gov.in/

**1st Corrigendum**

**Notice No.709/EE-II/BDA** **Date.26.12.2025**

No.CAD-2929: With reference to the Notice No.682/E.E-II/BDA dt.09.12.2025 for the work "Selection of an Agency or Individual for Operation and Management of Parking Lot at Master Canteen" the following changes is made.

| Sl. No. | Particulars | Changes Made | | |
|---|---|---|---|---|
| 1. | Date | Bid has been extended upto 5.00 PM of 08.01.2026 instead of 5.00 P.M. of 26.12.2025 & Opened at 5.30 P.M. of 08.01.2026 instead of 11.30 A.M. of 29.12.2025 | | |
| 2. | Parking Area | Revised parking area may be read as 8060.00 Sqm. | | |
| 3. | Parking Base Rate | Revised | | |
| | Period | Cycle (Rs.) | Scooter/Motor Cycle (Rs.) | Car (Rs.) |
| | For upto 2 Hrs. | 2 | 5 | 15 |
| | For 2-6 Hrs. | 4 | 8 | 30 |
| | For 6-12 Hrs. | 6 | 10 | 40 |
| | For 12-24 Hrs. | 10 | 20 | 60 |
| | Beyond 24 Hrs/daily basis | 20 | 40 | 120 |
| | Monthly Charges | 150 | 250 | 1000 |
| 4. | Offset Price | Revised to INR 40,00,000.00 (Excluding GST 18% & TCS @ 2%) | | |

All other terms & conditions remain unchanged.

Sd./- Executive Engineer Division No.II, BDA

OIPR-13033/11/0448/2526

---

## Government of Odisha "e" Procurement of Notice
### Bid Identification No.02 of 2025-26

No.H-49: (Ref-TCN No.224/dated 02.01.2026)

| Sl. No. | Item | Details |
|---|---|---|
| 1 | The Sub-Collector-Titilagarh-cum-Chairman, RMC, Kantabanji invites percentage rate bids in Double Cover System in ONLINE MODE only for work as detailed below: | |
| 2 | Nature of the Work | Construction of building type works |
| 3 | No. of Work | 1 No. |
| 4 | Bid Cost | 10000.00 online transfer |
| 5 | Value of Tender | Rs.618.81 lakhs |
| 6 | Class of Contractor | "A" Class & Special Class |
| 7 | Availability of BID documents in the website | Dt.06.01.2026 to 22.01.2026 |
| 8 | Last date/time of Receipt of bids in the portal | Dt.22.01.2026 upto 5.00 P.M. |
| 9 | Date of Opening of Bid | Dt.27.01.2026 at 11.30 A.M. |
| 10 | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/Corrigendum/ Cancellation of the Tender etc can also be seen in the website: https://tendersorissa.gov.in. | |

Sd./- Sub-Collector, Titilagarh-Cum-Chairman, R.M.C. Kantabanji

OIPR-01509/11/0006/2526

---

## SAMBALPUR DEVELOPMENT AUTHORITY

SMC & SDA OFFICE BUILDING, DURGAPALI, SAMBALPUR-768006,
Email-Secretarysdasbp@gmail.com

**No.02/SDA., XVI-15/2025**

**Sambalpur dated the 02nd January, 2026**

**Quotation/Tender Call Notice-I**

**No.CAD-2920** : Sealed quotations/tenders are invited from interested reputed Travel Agencies/Tour operators/Individual for providing **1 (One) No. of Ertiga vehicle** having sitting capacity not more than 7 including driver, which shall conform to the Terms and conditions **(Annexure-A)** for official use in Sambalpur Development Authority (SDA) department/Office on monthly rent basis:

1. The Service provider shall have a valid GST registration to participated in the tendering.
2. The service provider, participating in the bidding process should be under the jurisdiction of Municipal Corporations, shall be registered on Gem Portal.
3. The vehicle must be in the road worthy condition, shall not be more than 2 years old as per the date of initial registration on the date of publication of this Advertisement and must have valid Registration certificate, Insurance Certificate, Fitness Certificate, pollution certificate, Valid Contract permit, proof of up-to-date Tax payment etc. mandatory for playing of Vehicle.
4. The Driver of the vehicle must have a valid driving licence for driving light transport passenger vehicle and should be sufficiently experienced in driving transport/ passenger vehicle.
5. The driver should be well behaved, gentle and obedient in nature.
6. A sum of **Rs. 22,500/-** shall be deposited by the intending bidder in shape of Account payee bank draft drawn in favour of the **Secretary, SDA** and submitted along with the tender as EMD. After completion of tender process, EMD shall be refunded to unsuccessful bidders.
7. The monthly rate of hire charge excluding GST be quoted separately, excluding fuel.
8. The Vehicle must achieve a fuel efficiency of **10 KM** per litre.
9. The details of the make and year of manufacture of the vehicle, registration no. mileage (KM covered per litre) and name of the driver, driving license No. and period of validity should be specifically provided in the general bid information to be furnished with the Quotation/Tender **(Annexure-B)**.
10. The quotation completed in all respect should reach the undersigned on or before **dt.15.01.2026** by **5.00 P.M.** through registered post only and shall be opened on the next day at **12.30 P.M.** in presence of the bidders or their authorized representatives.
11. The date of registration of vehicle shall be given priority i.e. vehicle having latest registration number on the date of advertisement shall be preferred.
12. The authority reserves the right to cancel any or all of the quotations without assigning any reason thereof.
13. The office, if required may negotiate on point no. 7as mentioned above, in the interest of this office, however it should be clear that, point no. 11 as mentioned above stands non-negotiable.
14. The application form of quotation/tender containing General Bid Information & Terms and conditions for Hiring of Vehicles etc. will be available and can be downloaded from website www.sdasambalpur.com from date **05.01.2026** to date **15.01.2026**.

By order of the Vice-Chairman

Sd./- Secretary

OIPR-13240/11/0020/2526

---

## ନିୟନ୍ତ୍ରିତ ବଜାର କମିଟି, କେନ୍ଦୁପାଟଣା

ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ

ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ, ଓଡ଼ିଶା

### ଚାଷୀ ଭାଇଭଉଣୀମାନଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା କଟକ ଜିଲ୍ଲାର କଟକ ସଦର ଉପଖଣ୍ଡ ଅନ୍ତର୍ଗତ କଟକ ସଦର, ମାହାଙ୍ଗା, ସାଲେପୁର, କଣ୍ଟାପଡ଼ା, ନିଶ୍ଚିନ୍ତକୋଇଲି, ନିଆଳି, ବାରଙ୍ଗ, ଟାଙ୍ଗୀ–ଚୌଦ୍ୱାରର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ଖରିଫ୍ ଋତୁ ୨୦୨୫–୨୬ ବର୍ଷ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ପଞ୍ଜୀକୃତ ଚାଷୀ ଭାଇ ଓ ଭଉଣୀମାନଙ୍କ ପାଇଁ ସରକାର ଏଫ୍.ଏ.କ୍ୟୁ ମାନର ସାଧାରଣ ଧାନ ଓ ଗ୍ରେଡ୍ 'ଏ' ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ଯଥାକ୍ରମେ ଟ.୨୩୬୯/– ଓ ଟ.୨୩୮୯/– ଦରରେ ବିକ୍ରୟ କରିବା ପାଇଁ ମୂଲ୍ୟ ନିର୍ଦ୍ଧାରିତ କରିଛନ୍ତି । କଟକ ଜିଲ୍ଲା ପ୍ରଶାସନଙ୍କ ନିଷ୍ପତ୍ତିକ୍ରମେ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃ ଜରିଆରେ ତା.୭.୧.୨୦୨୬ ରିଖ (ବୁଧବାର) ଠାରୁ ସିଧାସଳଖ ପଞ୍ଜୀକୃତ ହୋଇଥିବା ଚାଷୀ ଭାଇ ଭଉଣୀମାନଙ୍କଠାରୁ ଧାନ କ୍ରୟ କରାଯିବାର ବ୍ୟବସ୍ଥା କରାଯାଇଛି । ସରକାର ଚାଷୀମାନଙ୍କ ସୁବିଧା ନିମନ୍ତେ ଦେୟମୁକ୍ତ ନମ୍ବର ୧୯୬୭ ଜାରି କରିଛନ୍ତି, ଯାହାଦ୍ୱାରା ଚାଷୀ ଭାଇ ଓ ଭଉଣୀମାନେ ଧାନ ବିକ୍ରି ସମ୍ବନ୍ଧୀୟ ଆବଶ୍ୟକୀୟ ତଥ୍ୟ ଉକ୍ତ ନମ୍ବରରୁ ପାଇପାରିବେ ।

### ଧାନର ଗୁଣାତ୍ମକ ମାନ

| କ୍ର.ନଂ. | ଧାନରେ ମିଶ୍ରିତ ବା ବାହ୍ୟ ପଦାର୍ଥ | ସର୍ବାଧିକ ପରିସୀମା (ଶତକଡା) |
|---|---|---|
| ୧. | କ) ବାଲି, ଗୋଡି, ମାଟି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ<br>ଖ) କାଠି, କୁଟା, ଧୁସ, ଅଗାଡି ବା ପୋଲ ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧%<br>୧% |
| ୨. | ଖରାପ, ବେରଙ୍ଗୀ, ପାଣିଫୁଲା, ପୋକା (*ଖରାପ, ପାଣିଫୁଲା ଏବଂ ପୋକା ୪% ମଧ୍ୟରେ ସୀମିତ କରିବା ଦରକାର) | ୫% |
| ୩. | ଅପରିପକ୍ୱ, ସବୁଜ, କଞ୍ଚା, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% |
| ୪. | ଗ୍ରେଡ୍ 'ଏ' ସରୁ ଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ 'ଏ' ଧାନ ନିମନ୍ତେ) | ୬% |
| ୫. | ଆର୍ଦ୍ରତା ବା ଜଳୀୟଅଂଶର ପରିମାଣ | ୧୭% |

ପାଇଥିବା SMS ସୂଚନା ମୁତାବକ ନିର୍ଦ୍ଧାରଣ ମଣ୍ଡିକୁ ଧାନ ଆଣିବାକୁ ଅନୁରୋଧ । ଚାଷୀଙ୍କୁ ଏଫ୍.ଏ.କ୍ୟୁ ଧାନର ସ୍ଥିରୀକୃତ ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ଟ.୩୧୦୦/– । ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଏଥର ମଣ୍ଡିରେ ଏଫ୍.ଏ.କ୍ୟୁ ଧାନ କ୍ରୟରେ କୌଣସି କଟ୍‌ନି ଛଟ୍‌ନିର ବ୍ୟବସ୍ଥା ନାହିଁ । DLPCର ନିଷ୍ପତ୍ତି ଅନୁସାରେ ଚାଷୀ ଭାଇ ଭଉଣୀମାନେ ନିଜ ନିଜର ବିକ୍ରିଯୋଗ୍ୟ ଧାନକୁ କେବଳ ଝୋଟ ଅଖାରେ ପୂରାଇ ମଣ୍ଡିକୁ ବିକ୍ରୟ ପାଇଁ ଆଣିବେ ।

**"ଚାଷୀର ସଚେତନତା ଆମର କାମ୍ୟ"**

ଉପଜିଲ୍ଲାପାଳ, କଟକ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, କେନ୍ଦୁପାଟଣା

ସୌଜନ୍ୟ:ନିୟନ୍ତ୍ରିତ ବଜାର କମିଟି, କେନ୍ଦୁପାଟଣା

ଜିଲ୍ଲା ପ୍ରଶାସନ, କଟକ

---

## Government Of Odisha
No.O-1848
## Office of the Executive Engineer Rural Works Division-II, Nabarangpur, Umerkote

e-mail - eerwukt@gmail.com & eerwukt@ymail.com

Letter No. : 5128 Date : 22.12.2025

**GePNIC e-Procurement Notice**

1. Name of the work : Road Works, 2. Total No. of works : 04 (Four) Nos., 3. Approx. Estimated Cost : Varies from 27.90 Lakhs to 73.95 Lakhs, 4. Class of Contractor : "B" & "C" Class of Contractor, 5. Period of completion : As per TCN

| Procurement officer | Bid Identification No. | Availability of tender online for bidding: From | Availability of tender online for bidding: To | Last Date & Time of Seeking Tender Clarification | Date & Time of Opening of Tender: Technical Bid | Date & Time of Opening of Tender: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division-II, Nabarangpur, Umerkote | Online Tender/17/RWD-UKT/2025-26 | 09.01.2026 at 11.00 A.M. | 19.01.2026 up to 5.00 P.M. | 17.01.2026 at 01.00 P.M. | 20.01.2026 at 11.00 A.M. | To be intimated separately to the qualified bidders |

Further details can be seen from the Government website www.tendersodisha.gov.in.

Sd./- Executive Engineer Rural Works Division-II, Nabarangpur, Umerkote

OIPR-25103/11/0035/2526

---

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)

Lifeline of Odisha

No.CAD-2932

Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

**NOTICE INVITING E-TENDER**

Bids are invited under single stage two part bidding system for

| E-Tender No. | Tender Description: | Estimated Cost |
|---|---|---|
| CPC-50/2025-26 | Engineering, Supply, Installation and Testing & Commissioning works for "Construction of 132kV SC line through Underground Cable with two number of spare cable from 132/33kV GSS Mancheswar to proposed RTSS Mancheswar along with 01 number of 132kV AIS bay extension at GSS Mancheswar" on Turnkey Contract Basis. **Last Date & Time of Submission of Bid: 02.02.2026 upto 12:00 PM.** | Rs. 31,38,58,473/- |
| CPC-55/2025-26 | Design, Engineering, Supply, Erection, Installation, Testing & Commissioning of 4 X 100 MVA, 220/33kV GSS at Padepadar along with 220kV DC Line from 220/33 kV GSS at Padepadar to exist. 400/220 kV GSS at Mukhiguda (Approx line length: 13Kms) & 2 Nos. of 220kV Bays extensions at exist. 400/220 kV GSS at Mukhiguda on Turnkey Contract Basis in e-tendering mode only. **Last Date & Time of Submission of Bid: 09.02.2026 upto 12:30 PM.** | Rs. 126,96,74,605/- |

Complete set of bidding documents are available at **www.tenderwizard.com/OPTCL** and **www.optcl.co.in**.

OIPR-04011/11/0255/2526 /optcl.odisha /optcl_odisha HIPR-64/2025-26

ଧରିତ୍ରୀ 52 Years
ଭୁବନେଶ୍ୱର, ମଙ୍ଗଳବାର, ୬ ଜାନୁଆରୀ, ୨୦୨୬

## ଯାତ୍ରା ଖଳନାୟକ ଜ୍ଞାନରଞ୍ଜନ ସାହୁଙ୍କ ପରଲୋକ



ଭୁବନ,(ବିପିନ ବିହାରୀ ସେଠୀ): ଯାତ୍ରା ଖଳନାୟକ ଜ୍ଞାନରଞ୍ଜନ ସାହୁ (୪୫)ଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ୬ ନମ୍ବର ୱାର୍ଡ ନିବାସୀ ଜ୍ଞାନରଞ୍ଜନ ବର୍ଷେ ହେବ ଲିଭର ସିରୋସିସ୍ ରୋଗରେ ଆକ୍ରାନ୍ତ ଥିଲେ। ସେ ଅନେକ ଯାତ୍ରା ପାର୍ଟିରେ ଅଭିନୟ କରିଥିଲେ। ଚଳିତବର୍ଷ କଳିଙ୍ଗ ଗଣନାଟ୍ୟ ପାଇଁ ଚୁକ୍ତିବଦ୍ଧ ହୋଇଥିଲେ ହେଁ ଆଖଡ଼ା ସମୟରେ ଅସୁସ୍ଥ ହୋଇପଡ଼ିବାରୁ କାମ କରିପାରି ନ ଥିଲେ। ସେବେଠାରୁ ସେ ଚିକିତ୍ସାଧୀନ ଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାତିରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।





ପୌଷ ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ପାରମ୍ପରିକ ରୀତିରେ ମହାପ୍ରଭୁଙ୍କ ପୁଷ୍ୟାଭିଷେକ ନୀତି ସମ୍ପନ୍ନ ଅବସରରେ ସୋମବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସିଂହାସନ ଆରୋହଣ ଓ ଅଭିଷେକ ନୀତି ଅନୁଷ୍ଠିତ ହୋଇଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ସାଗର ମହାନ୍ତି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ନିଯୁକ୍ତ

ଭୁବନେଶ୍ୱର,୫।୧ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଭାବେ ସାଗର ମହାନ୍ତିଙ୍କୁ ସୋମବାର ନିଯୁକ୍ତ କରାଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ସୋମବାର ଜାରି ବିଜ୍ଞପ୍ତି ଅନୁଯାୟୀ, ସାଗର ମହାନ୍ତି ବିଭାଗରେ ସର୍ବୋଚ୍ଚଯନ୍ତ୍ରୀ(ସଂଗ୍ରହ) ଭାବେ ଦାୟିତ୍ୱ ତୁଲାଉଥିବାବେଳେ ଆଜି ବିଭାଗର ସର୍ବୋଚ୍ଚଯନ୍ତ୍ରୀ ପଦରେ ନିଯୁକ୍ତ କରାଯାଇଛି ବୋଲି ବିଭାଗୀୟ ଅତିରିକ୍ତ ଶାସନ ସଚିବ ନରହରି ସେଠୀ ବିଜ୍ଞପ୍ତିରେ ଦର୍ଶାଇଛନ୍ତି।

# ଦୁଇ ଘଣ୍ଟିଆ ଓପିଡି ସେବା ବନ୍ଦ କଲା ଓମ୍‌ସା

ଭୁବନେଶ୍ୱର, ୫।୧(ବନ୍ଦନା ସେଠୀ)

### ଦାବି ପୂରଣ ଜିଦ୍‌ରେ ଅଟଳ ଡାକ୍ତର

ଜିଦ୍‌ରେ ଅଟଳ ରହିଲା ଡାକ୍ତର ସଂଘ। ସରକାର ଦାବି ଶୁଣୁ ନ ଥିବାରୁ ଆନ୍ଦୋଳନ ଚଳାଇଛନ୍ତି ଡାକ୍ତର। ସୋମବାରଠାରୁ ଡାକ୍ତରମାନେ ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲରେ ୨ଘଣ୍ଟା ଲେଖାଏ ଓପିଡି ସେବା ବନ୍ଦ କରି ଆନ୍ଦୋଳନକୁ ତ୍ୱରାନ୍ୱିତ କରିଛନ୍ତି। ଫଳରେ ରୋଗୀମାନେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଅପେକ୍ଷା କରି ହଇରାଣ ହୋଇଥିଲେ। ସରକାର ଦାବି ପୂରଣ ନ କରିବା ଯାଏ ଏଭଳି ପରିସ୍ଥିତି ଲାଗି ରହିବ ବୋଲି ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏଶନ(ଓମ୍‌ସା) ସଭାପତି ଡା. କିଶୋର ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓମ୍‌ସା ଅଧୀନରେ ସାରା ରାଜ୍ୟରେ ୬ହଜାର ଡାକ୍ତର ରହିଛନ୍ତି। ଏମାନେ ଦୈନିକ ସକାଳ ୯ଟାରୁ ୧୧ଟା ୨ଘଣ୍ଟା ରୋଗୀ ସେବା ବନ୍ଦ କରିବେ। ଅନ୍ୟପକ୍ଷରେ ୨ଘଣ୍ଟା ଓପିଡି ବନ୍ଦ ହେବା ଯୋଗୁ ପରିସ୍ଥିତି ବିଗିଡ଼ିବା ସହିତ ରୋଗୀ ସେବା ବ୍ୟାହତ ହେବ ବୋଲି ଆଶଙ୍କା କରାଯାଉଛି।

କେନ୍ଦ୍ରୀୟ ପାର୍ଟନରେ ଡିଏସିପି କ୍ୟାଡର ପୁନର୍ଗଠନ, ପଦୋନ୍ନତି, ଦରମା ବୃଦ୍ଧି, କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ଆଦି ୧୦ଦଫା ଦାବି ପୂରଣ ନେଇ ଓମ୍‌ସା ପକ୍ଷରୁ ସ୍ୱାସ୍ଥ୍ୟ ସଚିବ ଏବଂ ମନ୍ତ୍ରୀଙ୍କ ସହିତ ଆଲୋଚନା କରାଯାଇଥିଲା। ଏହା ବିଫଳ ହେବା ପରେ ପ୍ରତିବାଦ ସ୍ୱରୂପ ଡାକ୍ତରମାନେ ନଭେମ୍ବର ୨୦ରୁ କଳା ପୋଷାକ ପରିଧାନ କରି ଆନ୍ଦୋଳନ କରିଥିଲେ। ଏଥିରେ କିଛି ସୁଫଳ ନ ମିଳିବାରୁ ଡିସେମ୍ବର ୨୬ରୁ ପୂର୍ବାହ୍ନ ୧୦ଟାରୁ ୧୧ଟା ଘଣ୍ଟିକିଆ ଓପିଡି ବନ୍ଦ କରାଯାଇଥିଲା ଏବଂ ସୋମବାରଠାରୁ ଦୁଇଘଣ୍ଟିଆ ଓପିଡି ବନ୍ଦ ଆରମ୍ଭ ହୋଇଛି। ଏନେଇ ସଭାପତି ଡା. ମିଶ୍ର କହିଛନ୍ତି, ପୂର୍ବରୁ ସରକାରଙ୍କୁ ସମସ୍ତ ବିଷୟରେ ଅବଗତ କରିଛୁ। ଓପିଡି ବନ୍ଦ ସମ୍ପର୍କରେ ଜନସାଧାରଣ ମଧ୍ୟ ଜାଣିଛନ୍ତି। ରୋଗୀଙ୍କୁ ହଇରାଣ କରିବା ଆମର ଉଦ୍ଦେଶ୍ୟ ନୁହେଁ। ଯେକୌଣସି ଅଘଟଣ ପାଇଁ ସରକାର ହିଁ ଦାୟୀ ରହିବେ। ତେଣୁ ଏ ଦିଗରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

## ସରକାରଙ୍କ ପ୍ରରୋଚନାରେ ଚାଲିଛି ଖଣି ଲୁଟ: ବିଜେଡି

ଭୁବନେଶ୍ୱର, ୫।୧(ସୁନିତ୍ ମିଶ୍ର)

ଢେଙ୍କାନାଳ ଜିଲା ଗୋପାଳପୁର ଗାଁରେ ଏକ ପଥର ଖଣିରେ ବିସ୍ଫୋରଣ ଘଟି ୨ ଜଣଙ୍କ ଜୀବନ ଯିବା ନେଇ ଭାଜପା ସରକାରକୁ ବିଜେଡି ସମାଲୋଚନା କରିଛି। ଶଙ୍ଖ ଭବନଠାରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଶନିବାର ସନ୍ଧ୍ୟାରେ ଶ୍ରମିକମାନେ ମୋଟଙ୍ଗା ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମ ନିକଟରେ ଥିବା ପଥର ଖଣିରୁ ପଥର ଖନନ ଏବଂ ଅନୁସନ୍ଧାନରେ ନିୟୋଜିତ ଥିଲାବେଳେ ବିସ୍ଫୋରଣ ଯୋଗୁ ୨ ଜଣ ମୃତ ଓ ଅନେକ ଆହତ ହୋଇଥିଲେ। ପଥର ଖଣିରେ ବ୍ଲାଷ୍ଟିଂ ଅନୁମତି ୩୦ ସେପ୍ଟେମ୍ବର ୨୦୨୫ରେ ଶେଷ ହୋଇଥିଲାବେଳେ ଏହାର ଲିଜ୍ ଅବଧି ୩୧ ଡିସେମ୍ବର ୨୦୨୫ରେ ଶେଷ ହୋଇଥିଲା। ଅତୀତରେ ବିଧାନସଭାର ଉପବାଚସ୍ପତି ଓଡ଼ିଶାରେ ଖଣିଜ ଲୁଟ୍ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ। ବାଲେଶ୍ୱରର ସାଂସଦ ସୁବର୍ଣ୍ଣରେଖା ନଦୀରେ ବେଆଇନ ବାଲି ଖଣି ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ। ତମାମ ପ୍ରଚେଷ୍ଟା ସତ୍ତ୍ୱେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ, ଯାହା ଦର୍ଶାଉଛି ସରକାରୀ ପ୍ରରୋଚନାରେ ଓଡ଼ିଶା ସାରା ଖଣି ଲୁଟ୍ ଚାଲିଛି ବୋଲି ଲେନିନ୍ କହିଛନ୍ତି।

# ଦାବି ପୂରଣ ନ ହେବା ଯାଏ ଅସହଯୋଗ: ମିଲର୍ସ ସଂଘ

ଭୁବନେଶ୍ୱର,୫।୧ (ରବିନାରାୟଣ ଜେନା)

### ଧାନ ସଂଗ୍ରହରେ ଅଚଳାବସ୍ଥା

ରାଜ୍ୟ ସରକାରଙ୍କ ପକ୍ଷରୁ ଖରିଫ ଋତୁ ଲାଗି ଆରମ୍ଭ ହୋଇଥିବା ଧାନ ସଂଗ୍ରହ ପ୍ରକ୍ରିୟା ଏବେ ବାଧାପ୍ରାପ୍ତ ହୋଇଛି। ଚଳିତବର୍ଷ ଧାନ ଉଠାଣକୁ ନେଇ ସରକାର ଏବଂ ମିଲର୍ସ ସଂଘ ମଧ୍ୟରେ ବହୁବାର ବୈଠକ ପରେ ଡିସେମ୍ବର ପ୍ରଥମ ସପ୍ତାହରେ ଧାନ ବରଗଡ଼ ସମେତ ୧୨ ଜିଲାରୁ ଉଠିଥିଲା। ହେଲେ ମାସେ ନ ପୂରୁଣୁ ଏବେ ସେଥିରେ କେଁ ପଶିଛି। ସରକାର ଏବଂ ମିଲର୍ସ ସଂଘ ମଧ୍ୟରେ ଯେଉଁ ବୁଝାମଣା ହୋଇଥିଲା, ତାକୁ ସରକାର ଏବେ ଗ୍ରହଣ କରିବାକୁ ନାରାଜ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘ ପକ୍ଷରୁ ୪ଦଫା ଦାବି ଯେପର୍ଯ୍ୟନ୍ତ ପୂରଣ ହୋଇନାହିଁ ସେପର୍ଯ୍ୟନ୍ତ କୌଣସି ଜିଲାରେ ଧାନ ଉଠାଣ ପ୍ରକ୍ରିୟାରେ ମିଲର୍ସମାନେ ସାମିଲ ହେବେ ନାହିଁ ବୋଲି ସଂଘ ପକ୍ଷରୁ ସଭାପତି ମହେଶ କୁମାର ବଂଶଲ କହିଛନ୍ତି।

ବଂଶଲ କହିଛନ୍ତି, ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କାର୍ଯ୍ୟରେ ମିଲର୍ସ ସଂଘର ବଡ଼ ଭୂମିକା ରହିଛି। ସରକାର ପୂର୍ବରୁ ସଂଘର କେତେକ ଦାବି ପୂରଣ କରିବାକୁ ସମ୍ମତି ପ୍ରକାଶ କରିଥିଲେ ହେଁ ଏବେ ତାହା ପୂରଣ ଦିଗରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ବଂଶଲଙ୍କ କହିବା କଥା ହେଲା, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବିଭାଗୀୟ ପ୍ରମୁଖ ସଚିବ ଏବଂ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକଙ୍କ ସହିତ ଏନେଇ ଡିସେମ୍ବରରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସରକାର ମିଲର୍ସଙ୍କ ଦାବି ଯଥା, କଷ୍ଟମ୍ ମିଲିଂ ଚାର୍ଜ ବଢ଼ାଇବା ସହିତ ଚାଉଳ ପରିବହନ ବାବଦ ଖର୍ଚ୍ଚ ବୃଦ୍ଧି କରିବା, ଧାନ ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ଖର୍ଚ୍ଚର ବୃଦ୍ଧି କରିବା ଭଳି ୪ଟି ଦାବି ପୂରଣ କରିବା ଦିଗରେ ସରକାର ବିଚାର କରୁଛନ୍ତି ଏବଂ ୧୫ଦିନ ମଧ୍ୟରେ ପୂରଣ କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏବେ ଉକ୍ତ ଦାବି ପୂରଣ କରିବା ବେଳକୁ ସରକାର ଖେଳୁଛନ୍ତି। ସୋମବାର ଏସଂକ୍ରାନ୍ତରେ ଯୋଗାଣ ନିଗମ ନିର୍ଦ୍ଦେଶକ ଖୋଲାଖୋଲି ମନା କରୁଛନ୍ତି। ଆମକୁ ଆଉ ସମୟ ଦିଅ ବୋଲି କହି ସମୟ ଗଡ଼ାଇବାକୁ ଚାହୁଁଛନ୍ତି। ପୂର୍ବରୁ କଷ୍ଟମ୍ ମିଲିଂ ଚାର୍ଜ ବାବଦକୁ ୭ଟଙ୍କା ୨୦ପଇସା ମିଳୁଥିଲା ବେଳେ ଏବେ ତାକୁ ୨.୪୦ଟଙ୍କାକୁ କମାଇବାକୁ ମିଲର୍ସଙ୍କୁ କୁହାଯାଉଛି। ଏହାସହିତ ପରିବହନ ଖର୍ଚ୍ଚ ମଧ୍ୟ ହ୍ରାସ କରିବାକୁ କୁହାଯାଉଛି। କେନ୍ଦ୍ର ସରକାରଙ୍କ ଖାଦ୍ୟ ଯୋଗାଣ ମନ୍ତ୍ରଣାଳୟର ମାର୍ଗଦର୍ଶିକାକୁ ଅନୁସରଣ କରିବାକୁ ତାଗିଦ କରାଯାଉଛି। ଏହାକୁ ନେଇ ମିଲର୍ସ ସଂଘ ସରକାରଙ୍କ ସହିତ ପୂର୍ବରୁ ଯେଉଁ ସର୍ତ୍ତମୂଳକ ଭାବେ ଧାନ ସଂଗ୍ରହ କରୁଥିଲା ଏବେ ସେହି ପ୍ରକ୍ରିୟାରୁ ଓହରିବାକୁ ବାଧ୍ୟ ହେଉଛୁ। ଯେପର୍ଯ୍ୟନ୍ତ ସରକାର ଏଦିଗରେ ଠୋସ୍ ନିଷ୍ପତ୍ତି ନେଇ ନାହାନ୍ତି, ସେପର୍ଯ୍ୟନ୍ତ ମିଲର୍ସମାନେ ଧାନ ସଂଗ୍ରହ କାର୍ଯ୍ୟରେ ସାମିଲ ହେବେ ନାହିଁ ବୋଲି ବଂଶଲ କହିଛନ୍ତି। ଏସଂକ୍ରାନ୍ତରେ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଯୋଗାଯୋଗ କରିବାରେ ସେ କୌଣସି ଉତ୍ତର ରଖି ନ ଥିଲେ।

## '୪.୬୪ ଲକ୍ଷଙ୍କୁ ମିଳିଛି ଜଙ୍ଗଲ ଜମି ଅଧିକାର'

ଭୁବନେଶ୍ୱର,୫।୧ (ରବିନାରାୟଣ ଜେନା)

ରାଜ୍ୟରେ ଅକ୍ଟୋବର ୨୦୨୫ ସୁଦ୍ଧା ୭.୩୨ ଲକ୍ଷ ଲୋକ ଜଙ୍ଗଲ ଜମି ଅଧିକାର ପାଇଁ ସରକାରଙ୍କୁ ଆବେଦନ କରିଥିବାବେଳେ ସେଥିମଧ୍ୟରୁ ୪.୬୪ ଲକ୍ଷଙ୍କୁ ଜଙ୍ଗଲ ଜମି ଅଧିକାର ପ୍ରଦାନ କରାଯାଇଛି ବୋଲି ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ କୁହାଯାଇଛି।

ଲୋକସେବା ଭବନରେ ସୋମବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହ ଜାତୀୟ ଅନୁସୂଚିତ ଜନଜାତି କମିଶନ(ଏନ୍‌ସିଏସ୍‌ଟି) ସଦସ୍ୟା ଡ. ଆଶା ଲାକ୍ରାଙ୍କ ମଧ୍ୟରେ ଅନୁଷ୍ଠିତ ସମୀକ୍ଷା ବୈଠକ ଅବସରରେ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ, ବିଭାଗ ଅଧୀନରେ ୧୭୬୫ ସ୍କୁଲ କାର୍ଯ୍ୟ କରୁଛି। ବୈଠକରେ ନାଗରିକ ଅଧିକାର ସୁରକ୍ଷା ଆଇନ, ୧୯୫୫ ଏବଂ ଏସ୍‌ସି/ଏସ୍‌ଟି (ଅତ୍ୟାଚାର ନିବାରଣ) ଆଇନ, ୧୯୮୯ କାର୍ଯ୍ୟକାରିତା ଏବଂ 'ପେସା' ଆଇନ ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଏହି ଅବସରରେ 'ପେସା' ଆଇନ୍‌କୁ କାର୍ଯ୍ୟକାରୀ କରିବାରେ ଜନଜାତି ଗୋଷ୍ଠୀଙ୍କୁ ସାମିଲ୍ କରିବା ଲାଗି କମିଶନ ସଦସ୍ୟା ଲାକ୍ରା ଗୁରୁତ୍ୱାରୋପ କରିଥିଲେ। ଏଥିସହ ପିଏମ୍-ଜନମନ, ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ, ପିଭିଟିଜି ଜୀବିକା ମିଶନ, ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଛି।

ବୈଠକରେ ରାଜ୍ୟ ସରକାର କାର୍ଯ୍ୟକାରୀ କରୁଥିବା କେନ୍ଦ୍ରୀୟ ଯୋଜନାର ସମୀକ୍ଷା କରିଛନ୍ତି କମିଶନ ସଦସ୍ୟା। ଏଥିରେ ଜନଜାତି ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଆବାସିକ ଶିକ୍ଷା ଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବାଳିକା ହଷ୍ଟେଲରେ ମହିଳା ମାଟ୍ରନ, ପାଚେରି ନିର୍ମାଣ, ଶୌଚାଳୟ ନିର୍ମାଣକୁ ଗୁରୁତ୍ୱ ଦିଆଯାଇଛି। ଆଶ୍ରମ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ସେବାଶ୍ରମ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି।

## ନୀଳଗିରି ବିଧାୟକଙ୍କ ନାଁରେ ଜମି ହାତେଇବା ଅଭିଯୋଗ

ବାଲେଶ୍ୱର, ୫।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ନୀଳଗିରି ଉପଖଣ୍ଡ ଅଧୀନ ସଜନାଗଡ଼ ମୌଜାରେ ଚଞ୍ଚକତା କରି ଜମି ହାତେଇଥିବା ନେଇ ବିଧାୟକ ସନ୍ତୋଷ ଖଟୁଆଙ୍କ ବିରୋଧରେ ଭିଜିଲାନ୍ସ ଏସ୍‌ପିଙ୍କଠାରେ ସୋମବାର ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ସଜନାଗଡ଼ ଅଞ୍ଚଳର ଗଜେନ୍ଦ୍ର ସାହୁଙ୍କ ଜେଜେବାପା ଦୀନବନ୍ଧୁ ସାହୁ ୧୯୪୧ ଓ ୧୯୪୨ ମସିହାରେ ଦୁଇଟି ଦଲିଲ ମୂଳେ ୨ ଏକରରୁ ଅଧିକ ଜମି କ୍ରୟ କରିଥିଲେ। ତହିଁରେ କିଛି ଜମି ଘରବାରି ଓ ଘର ରହିଛି। ସେହି ସମ୍ପତ୍ତିକୁ ପୁରୁଷାନୁକ୍ରମେ ଦଖଲ କରିଆସୁଥିବା ବେଳେ ଅନ୍ୟ ଜଣକ ନାମରେ ରେକର୍ଡ ହେବା ସହ ରହୁଥିବା ବ୍ୟକ୍ତିଙ୍କ ନାମ ଜବରଦଖଲ ଭାବେ ଉଲ୍ଲେଖ ହୋଇଥିଲା। ରାଜ୍ୟ ରାଜପଥ ପାର୍ଶ୍ୱରେ ଏହି ମୂଲ୍ୟବାନ ସମ୍ପତ୍ତି ମଧ୍ୟରୁ ବିଧାୟକ ଖଟୁଆ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ୩ଟି ଦଲିଲ ହୋଇଛି। ପଟ୍ଟା ଓ ପାଉତି ମଧ୍ୟ ଖଟୁଆ ହାସଲ କରିଛନ୍ତି। ଜମି ସଂକ୍ରାନ୍ତ ମକଦ୍ଦମା ଚାଲିଥିବା ବେଳେ ଜମିକୁ ଖଟୁଆ କ୍ରୟ କରିବା ଓ ପରେ ସମସ୍ତ ସମ୍ପତ୍ତି ହାତେଇବା ପାଇଁ ଉଦ୍ୟମ କରିବା ନେଇ ଅଭିଯୋଗ ଉଠିଛି।

ଉକ୍ତ ଜମିରେ ଗଜେନ୍ଦ୍ର ସାହୁ ଓ ତାଙ୍କ ପରିବାର ବସବାସ କରି ଆସୁଥିବାବେଳେ କ୍ରେତା ସନ୍ତୋଷ ଖଟୁଆ ପୋଲିସ ଲଗାଇ ଧମକ ଦେଉଛନ୍ତି ବୋଲି ଅଭିଯୋଗକାରୀ ଗଜେନ୍ଦ୍ର ସାହୁ କହିଛନ୍ତି। ଭିଜିଲାନ୍ସରେ ସଙ୍ଗିନ ଅଭିଯୋଗ ବାବଦରେ ବିଧାୟକ ଖଟୁଆଙ୍କୁ ପଚାରିବାରୁ ଅଭିଯୋଗର ସତ୍ୟତା ନାହିଁ ଓ ଭିତ୍ତିହୀନ। ବାଲେଶ୍ୱରରେ ଥିବା ତାଙ୍କର କିଛି ଜମି ବିକ୍ରୟ ପରେ ସେ ଜମି ମାଲିକଙ୍କଠାରୁ କ୍ରୟ କରିଛନ୍ତି। ଅଭିଯୋଗ କରୁଥିବା ବ୍ୟକ୍ତିଙ୍କ ନାମରେ ଜମି ନାହିଁ। ଜବରଦଖଲରେ ଥାଇ ସେମାନେ ଜମି ବିକିଛନ୍ତି। ଦଲିଲ କିମ୍ବା ପଟ୍ଟା ଅଭିଯୋଗକାରୀଙ୍କ ପାଖରେ ନାହିଁ। ତା' ସହ କୋର୍ଟରେ ଯଦି ମାମଲା ଚାଲିଛି ଯାହା ଆଦେଶ ଆସିବ ତାହାକୁ ସେ ଗ୍ରହଣ କରିନେବେ। ଜମି ହଡ଼ପ ନେଇ ଭିଜିଲାନ୍ସରେ ଅଭିଯୋଗ ପ୍ରକୃତ ଫୋରମ ନୁହଁ। ନିର୍ବାଚନ ସମୟରେ ତାଙ୍କର ସମ୍ପତ୍ତି ନେଇ ସେ ସତ୍ୟପାଠ ଦେଇଛନ୍ତି। ପ୍ରତିବର୍ଷ ଆୟକର ରିଟର୍ନ ଦେଉଛନ୍ତି ସେ କୌଣସି ଜମି ହଡ଼ପ କରିନାହାନ୍ତି ବୋଲି ବିଧାୟକ କହିଛନ୍ତି। ଅଭିଯୋଗ ବାବଦରେ ଭିଜିଲାନ୍ସ ଏସପି ଅରୁଣ କୁମାର ନାୟକ କିଛି କହି ନ ଥିବା ବେଳେ ଅଭିଯୋଗକାରୀଙ୍କ ଆଇନଜୀବୀ ପର୍ଶୁରାମ ପ୍ରଧାନଙ୍କ କହିବା ଅନୁସାରେ ଜମି ସଂକ୍ରାନ୍ତ ମାମଲା ବିଚାରାଧୀନ ଥିବା ବେଳେ ଜଣେ ଶିକ୍ଷିତ ତଥା ବିଧାୟକ ସନ୍ତୋଷ ଖଟୁଆ କ୍ରୟ କରିବା ଆଦୌ ଉଚିତ ନୁହେଁ। ପଟ୍ଟାରେ ଜବରଦଖଲ ଥିବାବେଳେ ଜମି ବିକ୍ରୟ ଓ ନାମଜାରି ହୋଇ ରେକର୍ଡ ପ୍ରସ୍ତୁତ କରାଯିବା ପଛରେ ସରକାରୀ କଳର କିଛି ଅସାଧୁ କର୍ମଚାରୀଙ୍କ ଭୂମିକାକୁ ନେଇ କ୍ଷୋଭ ପ୍ରକାଶ କରି ତଦନ୍ତ ହେଲେ ସତ୍ୟାସତ୍ୟ ପଦାକୁ ଆସିବ ସେ କହିଥିଲେ।

## ଭାଜପା ନେତା, କର୍ମୀଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି: ବିଜେଡି

ଭୁବନେଶ୍ୱର, ୫।୧(ସୁନିତ୍ ମିଶ୍ର)

ରାଜ୍ୟରେ ଭାଜପା ନେତା ଓ କର୍ମୀମାନେ ଆଇନ ଶୃଙ୍ଖଳାକୁ ହାତକୁ ନେବା ଏବଂ ଗୁଣ୍ଡାରାଜ ଚଳାଇବା ଭଳି ଘଟଣାମାନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ରାପଡ଼ା ଜିଲାରେ ରାଜନଗର ବ୍ଲକର ମହିଳା ବିଡିଓଙ୍କ ଉପରେ ଭାଜପା ନେତା କର୍ମୀଙ୍କ ଅମାନବୀୟ ଆକ୍ରମଣ ଏହାର ସଦ୍ୟତମ ଉଦାହରଣ ବୋଲି ବିଜେଡି ଅଭିଯୋଗ କରିଛି। ଦଳର ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ଭାଜପା କ୍ଷମତାସୀନ ହେବା ପରେ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ମହିଳାଙ୍କ ବିରୋଧରେ ଅପରାଧ ସଂଖ୍ୟା ୪୦,୯୪୭କୁ ବୃଦ୍ଧି ପାଇଛି। ଦେଶର ଅପରାଧ ତାଲିକାରେ ଓଡ଼ିଶା ୮ମ ସ୍ଥାନରେ ରହି ଏକ ଅଲୋଡ଼ା କୀର୍ତ୍ତି କରିଛି। ଭାଜପା ନେତା ଓ କର୍ମୀମାନେ ଆଇନଶୃଙ୍ଖଳାକୁ ହାତକୁ ନେଉଛନ୍ତି, ଯାହା ଫଳରେ ଶାସନ ବ୍ୟବସ୍ଥା ଏକ ପ୍ରହସନରେ ପରିଣତ ହୋଇଛି, ସରକାର କିନ୍ତୁ ନିଘୋଡ଼ ନିଦରେ ଶୋଇଛନ୍ତି। ଭାଜପା ସମର୍ଥିତ ଗୁଣ୍ଡାମାନଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଛି ବୋଲି ସେ କହିଛନ୍ତି। ଏହି ଅବସରରେ ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁ ଉପସ୍ଥିତ ଥିଲେ।

# ଅପପୁଷ୍ଟିକୁ ରୋକିବାକୁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ

### ନୀତିଆୟୋଗ ସିଇଓ-ରାଜ୍ୟ ସରକାରଙ୍କ ବୈଠକ



ନୀତି ଆୟୋଗ ସିଇଓ ବି.ଭି.ଆର. ସୁବ୍ରମନ୍ୟମ୍‌ଙ୍କ ସହ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ବରିଷ୍ଠ ପଦାଧିକାରୀଙ୍କ ବୈଠକ।

ଭୁବନେଶ୍ୱର,୫।୧(ରବିନାରାୟଣ ଜେନା)

ଓଡ଼ିଶାର ଜନଜାତି ସମୁଦାୟ କିଭଳି ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ସଶକ୍ତ ହେବେ ଏବଂ ଶିଶୁ ଓ ମହିଳାମାନଙ୍କଠାରୁ ଅପପୁଷ୍ଟି ଦୂର ହେବ ସେନେଇ ସୋମବାର ଲୋକସେବା ଭବନରେ ନୀତି ଆୟୋଗ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ) ବି.ଭି.ଆର. ସୁବ୍ରମନ୍ୟମ୍‌ଙ୍କ ସହିତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ବରିଷ୍ଠ ପଦାଧିକାରୀଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ୬ଟି ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ସେଥିମଧ୍ୟରେ ଜନଜାତି ସମୁଦାୟଙ୍କ ଆର୍ଥିକ ଓ ସାମାଜିକ ବିକାଶ ଲାଗି ଶାଳମଞ୍ଜି ଭଳି ବନଜାତ ଦ୍ରବ୍ୟର ମୂଲ୍ୟଯୁକ୍ତ ପ୍ରକ୍ରିୟାକରଣ ଉପରେ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଲିଭିଂଲ୍ୟାବ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ଗବେଷଣା ଓ ନବସୃଜନକୁ ଉତ୍ସାହିତ କରାଯାଇ ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ମଧ୍ୟରେ ଅପପୁଷ୍ଟିର ନିରାକରଣ ଓ ପୋଷଣ ପାଇଁ ବ୍ୟବହାରିକ ଅନ୍ତର୍ଦୃଷ୍ଟି ଦ୍ୱାରା ବିଭିନ୍ନ ପ୍ରୟୋଗାତ୍ମକ ପଦକ୍ଷେପ ଉପରେ ଏକ ବିଶେଷ ନିଷ୍ପତ୍ତି ନିଆଯାଇଛି। ଏହାସହିତ ଯୁବଶକ୍ତିଙ୍କୁ ଆଧୁନିକ ଶିଳ୍ପ ଓ ସେବାଭିତ୍ତିକ କ୍ଷେତ୍ରରେ ଭବିଷ୍ୟତ ଆବଶ୍ୟକତା ପୂରଣ ପାଇଁ ବିଦ୍ୟାଳୟଠାରୁ ଆରମ୍ଭ କରି ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ଦକ୍ଷତାଭିତ୍ତିକ ପ୍ରଶିକ୍ଷଣକୁ ଗୁରୁତ୍ୱ ଦେବା ଲାଗି ନିଷ୍ପତ୍ତି ହୋଇଛି। ବୈଠକରେ ରାଜ୍ୟ ତଥା ଦେଶର ଦୀର୍ଘମିଆଦୀ ଉନ୍ନୟନ ଦୃଷ୍ଟିକୋଣ, ଓଡ଼ିଶା ଭିଜନରେ ରହିଥିବା ଲକ୍ଷ୍ୟ ପୂରଣ ପାଇଁ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଆଲୋଚନା ହୋଇଥିଲା। ଓଡ଼ିଶା ଭିଜନ ଅନ୍ତର୍ଗତ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ-କଟକ ଆର୍ଥିକ ଅଞ୍ଚଳ (ବିସିପିପିଇଆର)ର ବିକାଶ ସମ୍ପର୍କରେ ଆଲୋଚନା କରାଯାଇ, ଏହି ଅଞ୍ଚଳକୁ ଏକ ସଂଯୁକ୍ତ ଆର୍ଥିକ ଓ ସହରୀକରଣ ବିକାଶ କେନ୍ଦ୍ର ଭାବେ ବିକଶିତ କରିବା ପାଇଁ ଏଥିସମ୍ପର୍କିତ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ସେହିପରି ଶକ୍ତି କ୍ଷେତ୍ରରେ ନୂତନ ଓ ନବୀକରଣ ଯୋଗ୍ୟ ଶକ୍ତି ଉତ୍ସ ମାଧ୍ୟମରେ ସ୍ୱଚ୍ଛ ଓ ସ୍ଥାୟୀ ଉର୍ଜା ବ୍ୟବହାର ପାଇଁ କାର୍ଯ୍ୟ ବ୍ୟବସ୍ଥା ତ୍ୱରାନ୍ୱିତ କରିବା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। କମ୍ ଖର୍ଚ୍ଚରେ, ଦୀର୍ଘ ସ୍ଥାୟୀ ଓ ସ୍ୱଚ୍ଛ ଉର୍ଜା ବ୍ୟବସ୍ଥାକୁ ଗ୍ରହଣ କରିବା ପାଇଁ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ନୂତନ ପ୍ରଯୁକ୍ତି, ଗବେଷଣା ଓ ନବ ସୃଜନକୁ ସଂଯୋଜିତ କରି ଦେଶର ନିରନ୍ତର ପ୍ରଗତିକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ସୁଶାସନ ପାଇଁ ପ୍ରଯୁକ୍ତି ବିଦ୍ୟା, ଗବେଷଣା ଓ ନବ ସୃଜନକୁ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

## ପଥର ଖଣିରେ ବିସ୍ଫୋରଣ ପରେ ଜିଲାବ୍ୟାପୀ ଚଢ଼ାଉ

ଢେଙ୍କାନାଳ,୫।୧(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୋପାଳପୁର ଠାରେ ଗତ ଶନିବାର ଏକ ପଥର ଖଣିରେ ବେଆଇନ ବିସ୍ଫୋରଣରେ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟଣା ପରେ ଢେଙ୍କାନାଳ ଜିଲା ପ୍ରଶାସନ ଚେତି ଉଠିଛି। ସୋମବାର ଜିଲାର ହିନ୍ଦୋଳ, ଓଡ଼ାପଡ଼ା, ଗଁଦିଆ ଓ ଭୁବନ ତହସିଲ ଅଞ୍ଚଳରେ ବଡ଼ଧରଣର ଚଢ଼ାଉ କରାଯାଇ ୧୫ କ୍ରସର ଓ ୨୬ ପଥର ଖଣିକୁ ସିଲ୍ କରାଯାଇଛି। ଏଥିସହିତ ଲଘୁ ଖଣିଜ ପଦାର୍ଥର ବେଆଇନ ପରିବହନ, ବିସ୍ଫୋରକ ସଂରକ୍ଷଣ ଯାଞ୍ଚ ଏବଂ ଯାନବାହନଗୁଡିକର ଯାଞ୍ଚ ସହ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ହିନ୍ଦୋଳ ବ୍ଲକର କାରନ୍ଦା, ବାବନ୍ଧ, ବେଡାପଡା, ଓଡ଼ାପଡ଼ା ବ୍ଲକ ଅଞ୍ଚଳ, ଗଁଦିଆ ବ୍ଲକର ନିହଲପ୍ରସାଦ ଆଦି ଅଞ୍ଚଳରେ ନିୟମ ଉଲ୍ଲଂଘନ କରୁଥିବା ସଂସ୍ଥାଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶରେ ଖଣି ଉପନିର୍ଦ୍ଦେଶକ, କନିଷ୍ଠ ଖଣି ଅଧିକାରୀ, ହିନ୍ଦୋଳ, ଓଡ଼ାପଡ଼ା ଓ ଗଁଦିଆ ତହସିଲଦାର, ଢେଙ୍କାନାଳ, କାମାକ୍ଷାନଗର ଓ ହିନ୍ଦୋଳ ଉପଜିଲାପାଳ ଏବଂ ପୋଲିସ ଅଧିକାରୀଙ୍କୁ ନେଇ ଗଠିତ ଏକ ମିଳିତ ଟିମ୍ ଦ୍ୱାରା ଏହି ଚଢ଼ାଉ ଓ ଯାଞ୍ଚ ଜାରି ରହିଛି। ସେହିପରି କେତୋଟି ଭାରିଯାନକୁ ମଧ୍ୟ ଜବତ କରାଯାଇଛି।

## ଆଗକୁ ଆସିପାରନ୍ତି...

ପୃଷ୍ଠା-୩ର ଅବଶିଷ୍ଟାଂଶ

ଭାବେ ନିଯୁକ୍ତି ଦେଇଛନ୍ତି। ଏହି ଦାୟିତ୍ୱ ତାଙ୍କ ପୂର୍ବରୁ ଗତ ୧ ତାରିଖ ପର୍ଯ୍ୟନ୍ତ ଅତିରିକ୍ତ ଭାବେ ୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ଦେଓରଞ୍ଜନ କୁମାର ସିଂଙ୍କ ନିକଟରେ ଥିଲା। ସେହିପରି ଦେଓରଞ୍ଜନ ଉନ୍ନୟନ କମିଶନର ହେବା ସହିତ ଅତିରିକ୍ତ ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅଛନ୍ତି। ଉନ୍ନୟନ କମିଶନର ଭାବେ ସେ ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେଲେ। ତାଙ୍କ ହାତରେ ଆଉ କୌଣସି ଦାୟିତ୍ୱ ନାହିଁ। ସତ୍ୟବ୍ରତଙ୍କ ହାତରୁ ଗୃହ ବିଭାଗ ଯିବା ପରେ ତାହା ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ହେମନ୍ତ ଶର୍ମାଙ୍କୁ ମିଳିଛି। ଅତିରିକ୍ତ ଭାବେ ହେମନ୍ତ ବର୍ତ୍ତମାନ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦାୟିତ୍ୱ ପାଇଛନ୍ତି। ସେ ମୂଳତଃ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅଛନ୍ତି। ଏହା ସହିତ ତାଙ୍କ ହାତରେ ଅତିରିକ୍ତ ଭାବେ ସୂଚନା ଓ ଲୋକ ସମ୍ପର୍କ, ଇପିକଲ ଅଧ୍ୟକ୍ଷ ଦାୟିତ୍ୱ ରହିଛି। ତେଣୁ ଏତେସବୁ ବିଭାଗର ଦାୟିତ୍ୱ ଠିକ୍ ଭାବେ ତୁଲାଇବା ଜଣେ ଦକ୍ଷ ଅଫିସରଙ୍କ ପାଇଁ ବଡ଼କଥା ନୁହେଁ। ହେଲେ ଗୃହ ବିଭାଗ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ହାତରେ ଥିବା କାରଣରୁ ତାଙ୍କୁ ଏହି ବିଭାଗର ସ୍ଥାୟୀ ଅତିରିକ୍ତ ମୁଖ୍ୟ ଶାସନ ସଚିବ କରିଦିଆଯାଇପାରେ ବୋଲି ଶୁଣିବାକୁ ମିଳୁଛି। ସେହିପରି ୧୯୯୯ ବ୍ୟାଚ୍ ଆଇଏଏସ୍ ଅଫିସର ଶୋଭା ଶର୍ମାଙ୍କୁ ଅତିରିକ୍ତ ଜଳ ସମ୍ପଦ ବିଭାଗର ପ୍ରମୁଖ ସଚିବ ଭାବେ ଦାୟିତ୍ୱ ମିଳିଛି। ପୂର୍ବରୁ ସେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱରେ ରହିଛନ୍ତି। ତେଣୁ ଜଳ ସମ୍ପଦ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱ ଅତିରିକ୍ତ ଭାବେ ନ ରହି ଏହି ପଦରେ ଶୋଭାଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇପାରେ ବୋଲି ବାବୁ ମହଲରେ ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ କେତେଜଣ ନୂଆ ଆଇଏଏସ୍ ଅଫିସରଙ୍କୁ ସୁଯୋଗ ମିଳିବ ବୋଲି ଅନୁମାନ କରାଯାଉଛି।

# ନାଲ୍‌କୋ ପାଇଁ ପାଣି ପମ୍ପ ନିର୍ମାଣକୁ ବିରୋଧ

ପଟ୍ଟାଙ୍ଗି, ୫।୧(ଶରତ କୁମାର ଧଳ)

### ଗ୍ରାମସଭା ନ କରାଇଦେବାକୁ ରାସ୍ତାରୋକୋ



ଗ୍ରାମବାସୀ ଓ ଲୋକପ୍ରତିନିଧି ରାସ୍ତା ଅବରୋଧ କରି ପ୍ରତିବାଦ କରୁଛନ୍ତି।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଗ୍ରାମସଭା ହେବାକୁ ସ୍ଥିର ହୋଇଥିଲା। କିନ୍ତୁ ଏହା ପୂର୍ବରୁ ପଞ୍ଚାୟତର ବୋଡ଼ାପାଡୁ, ମେଡମଗନ୍ଦି ଓ ନୂଆଗାଁ ଗ୍ରାମବାସୀଙ୍କ ସହ ବ୍ଲକର ୪ ସରପଞ୍ଚ ଓ ଜିଲା ପରିଷଦ ସଭ୍ୟା ରାସ୍ତା ଅବରୋଧ କରି ଗ୍ରାମସଭା କରାଇ ଦେଇ ନ ଥିଲେ। ବୋଡ଼ାପାଡୁ ଗ୍ରାମ ନିକଟରେ ଥିବା ଏହି ଗ୍ରାମବାସୀଙ୍କ ୧୭ ପରିବାରର ୨ ଏକର ଜମି ନିକଟରେ ନାଲ୍‌କୋ ପାଇଁ ପାଣି ପମ୍ପ ନିର୍ମାଣ ନେଇ ଗ୍ରାମସଭା ମାଧ୍ୟମରେ ଲୋକଙ୍କ ମତ ପାରିତ କରିବା ଉଦ୍ଦେଶ୍ୟରେ ସୋମବାର ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରାମସଭା ଆୟୋଜିତ ହୋଇଥିଲା। ସଭାରେ ଯୋଗଦେବା ପାଇଁ କୋରାପୁଟ ଉପଜିଲାପାଳ ପ୍ରେମଲାଲ ହିଆଲ, ବିଡିଓ ରାମକ୍ରିଷ୍ଣା ନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ଓ ଅତିରିକ୍ତ ତହସିଲଦାର ସ୍ୱାଗତିକା ରାଉତ ପ୍ରମୁଖ ଅଧିକାରୀ ନୂଆଗାଁ ପଞ୍ଚାୟତ ଅଭିମୁଖେ ଯାଉଥିବା ବେଳେ ଏହି ୩ ଗ୍ରାମର ଗ୍ରାମବାସୀଙ୍କ ସହ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ନୂଆଗାଁ ସରପଞ୍ଚ ସୁବାସ ଖରା, ପଟ୍ଟାଙ୍ଗି ସରପଞ୍ଚ ଆଲମେ ପୁଲ, ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଡା ଓ କୋଟିଆ ସରପଞ୍ଚ ଲିଉ ଗେମେଲ ପ୍ରମୁଖ ବୋଡାପାଡୁ ଘାଟରେ ଗଛ ପକାଇ ରାସ୍ତା ଅବରୋଧ କରି ବିକ୍ଷୋଭ କରିଥିଲେ। ନାଲ୍‌କୋ ଓ ପ୍ରଶାସନ ଗୋ ବ୍ୟାକ୍ ସ୍ଲୋଗାନ ଦେଇ ବିରୋଧ କରିଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ନାଲକୋ ପାଇଁ ସେମାନଙ୍କ ଜମି ନିକଟରେ ପାଣି ପମ୍ପ ନିର୍ମାଣ ହେଲେ ଚାଷ ଜମିକୁ ପାଣି ଠିକ୍‌ରେ ମିଳିବ ନାହିଁ। ଲୋକଙ୍କ ଏହି ବିରୋଧ ଯୋଗୁ ଜିଲା ଓ ବ୍ଲକ୍ ପ୍ରଶାସନକୁ ନାକେଦମ ହେବାକୁ ପଡିଥିଲା। ପରେ ପ୍ରଶାସନ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରି ବୁଝାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଗ୍ରାମବାସୀ ଏହାକୁ ଖାତିର ନ କରି ରାଜ୍ୟ ସରକାରଙ୍କ ଏହା ମାରଣନୀତି କହି ପ୍ରଶାସନିକ ଅଧିକାରୀମାନଙ୍କୁ ସମାଲୋଚନା କରିଥିଲେ। ବିକ୍ଷୋଭକାରୀଙ୍କ ରାସ୍ତା ଅବରୋଧ ଯୋଗୁ ପଞ୍ଚାୟତରେ ଥିବା ବିଦ୍ୟାଳୟଗୁଡ଼ିକର ଶିକ୍ଷୟିତ୍ରୀ, ଶିକ୍ଷକମାନେ ମଧ୍ୟ ଏଥିରେ ବାଦ୍ ପଡି ନ ଥିଲେ। ଗ୍ରାମସଭାକୁ ଦୃଷ୍ଟିରେ ରଖି ଜିଲା ପୋଲିସ ବିଭାଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସମ୍ବିତ୍ ମହାନ୍ତିଙ୍କ ନେତୃତ୍ୱରେ ୭ ପ୍ଲାଟୁନ ପୋଲିସ ଫୋର୍ସ ସହ ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନା, ସୁଙ୍କି, ପଟ୍ଟାଙ୍ଗି, ସେମିଳିଗୁଡ଼ା ଓ ସୁନାବେଡ଼ା ପ୍ରମୁଖ ଥାନାଧିକାରୀଙ୍କ ସହ ଅନ୍ୟ କର୍ମଚାରୀଙ୍କୁ ନେଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

# ସିବିଆଇ ଚାର୍ଜଶିଟ୍‌ରେ ସନ୍ଦେହ ଘେରରେ ଓପିଆର୍‌ବି

ଭୁବନେଶ୍ୱର,୫।୧(ତ୍ରିନାଥ ମହାନ୍ତ)

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**

- ୨୦୨୫ ମାର୍ଚ୍ଚରୁ ଅଭିଯୁକ୍ତଙ୍କ ସହ ଡିଲ୍ ହୋଇସାରିଥିଲା
- ଗୋଟିଏ ସେଟ୍ ପ୍ରଶ୍ନପତ୍ର ଛାପି ନେଇ ଯାଇଥିଲେ ସିଲିକନ ଏମ୍‌ଡି ସୁରେଶ
- ଓପିଆର୍‌ବି ଏସ୍‌ପି ବଳଭଦ୍ର ଦୀପ୍ ଓ ଏସ୍‌ଓ ଗୌତମ ବେହେରାଙ୍କୁ ଜେରା

ବାଡ଼ ଖାଉଥିଲା ଫସଲ। ପୋଲିସ ଏସ୍‌ଆଇ ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ (ଓପିଆର୍‌ବି)ରୁ ହିଁ ଜାଲିଆତିର ପୂରା ପ୍ଲାନ୍ ହୋଇଥିଲା। ୨୦୨୫ ମାର୍ଚ୍ଚରୁ ହିଁ ଏସ୍‌ଆଇ ପରୀକ୍ଷା ସ୍କାମ୍ ପାଇଁ ଷଡ଼ଯନ୍ତ୍ର କରିଥିଲେ ଦାୟିତ୍ୱରେ ଥିବା ବଡ଼ ଅଧିକାରୀ। ତଦନ୍ତକାରୀ ସଂସ୍ଥା ସିବିଆଇ ପକ୍ଷରୁ କୋର୍ଟରେ ଦାଖଲ ହୋଇଥିବା ପ୍ରାଥମିକ ଚାର୍ଜଶିଟ୍‌ରେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ଏହି ନିଯୁକ୍ତି ମହାଦୁର୍ନୀତିରେ ଓପିଆର୍‌ବିର ଭୂମିକାକୁ ନେଇ ସିବିଆଇ ସନ୍ଦେହ କରିବା ସହ କେତେକ ପ୍ରାମାଣିକ ତଥ୍ୟ ମଧ୍ୟ ଉପସ୍ଥାପନ କରିଛି। ଚାର୍ଜଶିଟ୍ ଅନୁସାରେ ପରୀକ୍ଷା ପାଇଁ ସମସ୍ତ ପ୍ରଶ୍ନପତ୍ର ତିଆରି କରିବା ଓ ଛପେଇବା ଦାୟିତ୍ୱ ଥିଲା ଓପିଆର୍‌ବିର। ସମସ୍ତ ଲଜିଷ୍ଟିକ ସପୋର୍ଟ ସହ ଲୋକବଳ, ସିସିଟିଭି ଲଗାଇବା, ଯାନବାହନ ଯୋଗାଇବା ଆଦି କାମ ଥିଲା ଥାର୍ଡ ପାର୍ଟି ଏଜେନ୍ସି ସିଲିକନ ଟେକ୍ ଲାବ ପ୍ରାଇଭେଟ ଲିମିଟେଡ୍‌ର। କିନ୍ତୁ କୋଲକାତାର ସରସ୍ୱତୀ ପ୍ରିଣ୍ଟିଂ ପ୍ରେସ୍‌ରେ ଛପାଯାଇଥିବା ପ୍ରଶ୍ନପତ୍ର ମଧ୍ୟ ସିଲିକନ ଟେକ୍ ଏମ୍‌ଡି ସୁରେଶ ନାୟକଙ୍କ ଅନୁସାରେ ହୋଇଥିଲା। ସେଠାରେ ଗୋଟିଏ ସେଟ୍ ପ୍ରଶ୍ନପତ୍ର ଛପାଇବା ପାଇଁ ଓପିଆର୍‌ବି ସ୍ଥିର କରିଥିବା ବେଳେ ସୁରେଶ ଆଉଏକ ସେଟ୍ ପ୍ରଶ୍ନ ପତ୍ର ଛାପିବା ଲାଗି ପରାମର୍ଶ ଦେଇଥିଲେ। ତାଙ୍କ ଅନୁସାରେ, ଓପିଆର୍‌ବି କର୍ତ୍ତୃପକ୍ଷ ଆଉ ଏକ ସେଟ୍ ପ୍ରଶ୍ନପତ୍ରକୁ ବିକଳ୍ପ ଭାବେ ରଖି ଛାପିବାକୁ ରାଜି ହୋଇଥିଲେ। ହେଲେ ଏହାରି ଭିତରେ ସୁରେଶ କାରସାଦି କରି ବିକଳ୍ପ ସେଟ୍‌ର ପ୍ରଶ୍ନପତ୍ରକୁ ମୂଳ ସେଟ୍‌ର ପ୍ରଶ୍ନପତ୍ର ପ୍ୟାକେଟରେ ବଦଳାଇ ଛାପି ଦେଇଥିଲେ। ଏହାପରେ ଛପାଯାଇଥିବା ପ୍ରଶ୍ନପତ୍ର ଆଣି କଟକ ଷଷ୍ଠ ବାଟାଲିୟନ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଥିଲା। ହେଲେ ତାହାକୁ ଠିକ୍ ଭାବେ ଓପିଆର୍‌ବିର ଅଧିକାରୀମାନେ ଚେକିଂ କରି ନ ଥିଲେ କାହିଁକି ବୋଲି ସିବିଆଇ ପ୍ରଶ୍ନ ଉଠାଇଛି। ଏଥିସହ ଏଭଳି ପ୍ରଶ୍ନକୁ ଧରି ଓପିଆର୍‌ବି ଏସ୍‌ପି ବଳଭଦ୍ର ଦୀପ ଓ ସେକ୍ସନ ଅଫିସର ଗୌତମ ପ୍ରସାଦ ବେହେରାଙ୍କୁ ଜେରା କରିଛି ସିବିଆଇ ଟିମ୍। କିନ୍ତୁ ଜେରାରୁ ଠିକ ଉତ୍ତର ଦେଇନାହାନ୍ତି ଦୁଇ ଅଧିକାରୀ। ସେହିପରି ସିବିଆଇ ଜାଣିବାକୁ ପାଇଛି ଯେ, ଗତବର୍ଷ ମାର୍ଚ୍ଚରେ ହେବାକୁ ଥିବା ପରୀକ୍ଷା ପୂର୍ବରୁ ସମସ୍ତ ପ୍ରକାରର ଡିଲ ସରିଥିଲା। ତେବେ ଓପିଆର୍‌ବି ଜାଣି ଜାଣି ଅଜଣା ଥିଲା ନା କିଛି ସୁରାକ ପାଇ ନ ଥିଲା, ସେନେଇ ଚାଲିଛି ଖୋଳତାଡ଼।

ଏଥିସହ ଚାର୍ଜଶିଟ୍‌ରେ ପଞ୍ଚସଫ୍ଟ କମ୍ପାନୀ ମାଲିକ ଶଙ୍କର ପୃଷ୍ଟିଙ୍କୁ ପୂରା କେଳେଙ୍କାରୀର ମାଷ୍ଟରମାଇଣ୍ଡ ଦର୍ଶାଇଛି ସିବିଆଇ। ଆଇଟିଆଇ ଲିମିଟେଡ୍ ନିକଟରୁ ଥାର୍ଡପାର୍ଟି ଭାବେ ସିଲିକନ ଟେକ୍ ଟେଣ୍ଡର ପାଇଥିବା ବେଳେ ସମସ୍ତଙ୍କ ଅଗୋଚରରେ ପଞ୍ଚସଫ୍ଟ କମ୍ପାନୀକୁ ଦେଇଥିଲା କାମ। ଏହାରି ଭିତରେ ପୋଲିସ ଏସ୍‌ଆଇ ପରୀକ୍ଷା ଘୋଟାଲା ପାଇଁ ଅରବିନ୍ଦ ଦାସ, ମୁନା ମହାନ୍ତି, ଧର୍ମେନ୍ଦ୍ର ଓ ତ୍ରିନାଥ ଜେନାଙ୍କ ଜରିଆରେ ଆଶାୟୀ ପରୀକ୍ଷାର୍ଥୀଙ୍କୁ ପ୍ରଭାବିତ କରିଥିଲେ ଶଙ୍କର ପୃଷ୍ଟି। ଏପରିକି ପରୀକ୍ଷାର ବହୁ ପୂର୍ବରୁ ପ୍ରଶ୍ନପତ୍ର ପାଇସାରିଥିବା ବେଳେ ତାହାକୁ ଦେଖାଇ ୨୫ ଲକ୍ଷ ଟଙ୍କାରେ ପୋଲିସ ଏସ୍‌ଆଇ ପଦ ପାଇଁ ଚାକିରି ଆଶାୟୀଙ୍କ ସହ ଡିଲ କରିଥିଲେ। ଗୋଟିଏ ପଟେ ୧୧୪ ପରୀକ୍ଷାର୍ଥୀ ଆନ୍ଧ୍ର ଯାଉଥିବାବେଳେ ବହୁ ପରୀକ୍ଷାର୍ଥୀ ପଶ୍ଚିମବଙ୍ଗର ଦୀଘା ଓ ମନ୍ଦାରମଣି ଯିବା ପାଇଁ ସମସ୍ତ ବ୍ୟବସ୍ଥା ହୋଇସାରିଥିଲା। ଟଙ୍କା ଦେଇଥିବା ପରୀକ୍ଷାର୍ଥୀଙ୍କ ସମସ୍ତ ଅରିଜିନାଲ ସାର୍ଟିଫିକେଟ ସବୁ ଦଲାଲଙ୍କ ଜରିଆରେ ଶଙ୍କର କଲେକ୍ସନ କରିସାରିଥିଲେ।

ଅନ୍ୟପକ୍ଷରେ ଜବତ ୧୩୩ଟି ମୋବାଇଲ ମଧ୍ୟରୁ ରବିବାର ରାଜ୍ୟ ବାହାରର ଏକ ଘରୋଇ ସଂସ୍ଥା ସିବିଆଇକୁ ଜବତ ୩୨ଟି ମୋବାଇଲର ପରୀକ୍ଷା ରିପୋର୍ଟ ଦେଇଥିଲା। ଏହି ତଥ୍ୟ ଆଧାରରେ ସିବିଆଇ ତା'ର ତଦନ୍ତକୁ ଆଗକୁ ନେଇଛି। ଏଥିରେ ୨୨ଜଣ ପରୀକ୍ଷାର୍ଥୀଙ୍କ ମୋବାଇଲ୍ ଫୋନ୍ ଥିବା ବେଳେ ୧୦ଟି ମୋବାଇଲ ଦଲାଲ, ଶଙ୍କର ପୃଷ୍ଟି ଓ ମୁନା ମହାନ୍ତିଙ୍କର ରହିଛି। ଶଙ୍କର ଓ ମୁନା ୧୦ ଜଣ ଆଇପିଏସ୍‌ଙ୍କ ସହ ଲିଙ୍କ୍‌ରେ ରହି ଏହି ଜାଲିଆତିକୁ ଦୀର୍ଘଦିନ ହେବ ପରିଚାଳନା କରୁଥିଲେ। ଏବେ ଚାର୍ଜଶିଟ୍ ରିପୋର୍ଟ ସମ୍ପୃକ୍ତ ଆଇପିଏସ୍ ଅଫିସରଙ୍କ ପାଇଁ ଅଡୁଆ ସୃଷ୍ଟି କରିବ ବୋଲି ଚର୍ଚ୍ଚା ହେଉଛି।

# ଲାଞ୍ଚ ନେଇ ଧରାପଡ଼ିଲେ ୨ ଯନ୍ତ୍ରୀ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ଉଦଳା (ସନ୍ତୋଷ କୁମାର ବାଛିନୀ),୫।୧




ଗିରଫ ଜୁନିୟର ଇଞ୍ଜିନିୟର ସୁବ୍ରତ ମହାନ୍ତି ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ହରେକୃଷ୍ଣ ସିଂ।

ମୟୂରଭଞ୍ଜ ଜିଲା ଉଦଳାସ୍ଥିତ ଓଡ଼ିଶା ଲିଫ୍ଟ ଇରିଗେଶନ କର୍ପୋରେଶନ (ଓଏଲ୍‌ଆଇସି) ଉପ-ବିଭାଗରେ କାର୍ଯ୍ୟରତ ଦୁଇ ଯନ୍ତ୍ରୀ ସୋମବାର ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ହରେକୃଷ୍ଣ ସିଂ ଏବଂ ଜୁନିୟର ଇଞ୍ଜିନିୟର (ଜେଇ) ସୁବ୍ରତ ମହାନ୍ତି। ଏ ସଂକ୍ରାନ୍ତରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧/୨୦୨୬) ରୁଜୁ ହୋଇଛି। ଗିରଫ ପରେ ଭିଜିଲାନ୍ସ ପକ୍ଷରୁ ଏଇଇ ସିଂଙ୍କ ବାସଭବନ ସମେତ ୨ଟି ସ୍ଥାନ ଓ ଜେଇଙ୍କର ଦୁଇଟି ସ୍ଥାନରେ ଚଢ଼ାଉ ଜାରି ରହିଛି।

ସୂଚନାଯୋଗ୍ୟ, ଠିକାଦାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ୨୫ ଲକ୍ଷ ଟଙ୍କା ପ୍ରକଳ୍ପର ବକେୟା ବିଲ୍ (ପ୍ରାୟ ୫ ଲକ୍ଷ) ଏବଂ ସିକ୍ୟୁରିଟି ଡିପୋଜିଟ ବିଲ୍ ପାସ କରିବା ପାଇଁ ଦୁଇ ଯନ୍ତ୍ରୀ ୪.୫% ହାରରେ ମୋଟ ୧.୧୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏହି ଟଙ୍କା ମଧ୍ୟରେ ଏଇଇଙ୍କ ୧.୫% ହିସାବରେ ୩୨ ହଜାର ଏବଂ ଜେଇଙ୍କ ୩% ହିସାବରେ ୨୮ହଜାର ରହିଥିଲା। ମୋଟ ୬୦ ହଜାର ଟଙ୍କା ନ ଦେଲେ ବିଲ୍ ପାସ୍ ହେବ ନାହିଁ ବୋଲି ଠିକାଦାରଙ୍କୁ ରୋକ୍‌ଠୋକ୍ କହିଥିଲେ। ଏନେଇ ଠିକାଦାର ଜଣକ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ସୋମବାର ଯନ୍ତ୍ରୀଦ୍ୱୟ ଲାଞ୍ଚ ଟଙ୍କା ନେବା ସମୟରେ ଭିଜିଲାନ୍ସ ଟିମ୍ ସେମାନଙ୍କୁ ମାଡ଼ି ବସିଥିଲା। ଉଭୟଙ୍କଠାରୁ କେମିକାଲ ବୋଳା ଲାଞ୍ଚ ଟଙ୍କା ଜବତ ହୋଇଛି।

# ଦୀପକଙ୍କୁ ରିମାଣ୍ଡରେ ନେଲା ଖୁଣ୍ଟୁଣୀ ପୋଲିସ

**ପ୍ରଥମ ସ୍ତ୍ରୀଙ୍କୁ ହତ୍ୟା ମାମଲା**

ଭୁବନେଶ୍ୱର/ଆଠଗଡ଼, ୫।୧ (ସତ୍ୟଜିତ ରାଉତ/ ସତ୍ୟ ପ୍ରସାଦ ରଥ)

ମହିଳା ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରା ସାହୁଙ୍କ ହତ୍ୟା ଘଟଣାରେ ଝାରପଡ଼ା ଜେଲରେ ଥିବା କନ୍‌ଷ୍ଟେବଲ୍ ସ୍ୱାମୀ ଦୀପକ ରାଉତ ତାଙ୍କ ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ପ୍ରିୟଦର୍ଶିନୀ ହତ୍ୟା ମାମଲାରେ ଅଧିକ ଛନ୍ଦି ହୋଇଛନ୍ତି। ଅପର୍ଣ୍ଣାଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇ ନ ଥିଲା, ଦୀପକ ହିଁ ତାଙ୍କୁ ହତ୍ୟା କରିଥିଲେ ବୋଲି ତଦନ୍ତରେ ପୋଲିସ ଜାଣିବାକୁ ପାଇଛି। ଖୁଣ୍ଟୁଣୀ ଥାନା ପୋଲିସ ସୋମବାର ଝାରପଡ଼ା ଜେଲରୁ ଦୀପକଙ୍କୁ ଦିନିକିଆ ରିମାଣ୍ଡରେ ନେଇ ମାରାଥନ ଜେରା କରୁଛି। ଏପରିକି ରିମାଣ୍ଡ ଅବଧି ମଧ୍ୟରେ ଦୀପକଙ୍କ ଲାଏ ଡିଟେକ୍ସନ୍ ଟେଷ୍ଟ କରିବାକୁ ପୋଲିସ ଯୋଜନା କରିଛି। ଦୀପକଙ୍କୁ ଗୁଡ଼ାଇ ତୁଡ଼ାଇ ପୋଲିସ ପ୍ରଶ୍ନ କରିବା ସହ ଏହି ମାମଲାରେ ଅଧିକ ପ୍ରମାଣ ଯୋଗାଡ଼ କରିବାରେ ଲାଗିଛି। ଏହାପୂର୍ବରୁ ଅକ୍ଟୋବର ୨୨ରେ ଦୀପକଙ୍କୁ ଖୁଣ୍ଟୁଣୀ ପୋଲିସ ଝାରପଡ଼ା ଜେଲ ଭିତରେ ଜେରା କରି ଅନେକ ତଥ୍ୟ ମଧ୍ୟ ହାସଲ କରିଥିଲା। ଅପରପକ୍ଷରେ ଅପର୍ଣ୍ଣାଙ୍କ ପୋଷ୍ଟମୋର୍ଟମ ରିପୋର୍ଟରୁ ପୁନଃ ଯାଞ୍ଚରେ ବି ହତ୍ୟା ବୋଲି ସ୍ପଷ୍ଟ ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଅପର୍ଣ୍ଣାଙ୍କ ହତ୍ୟା ମାମଲାରେ ଦୀପକଙ୍କ ବିରୋଧରେ ବଳିଷ୍ଠ ଚାର୍ଜଶିଟ୍ ପ୍ରସ୍ତୁତ କରିବାରେ ପୋଲିସ ପ୍ରୟାସ କରୁଛି।

ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ଅଧୀନ କନ୍ଦରସିଂହା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଭାବେ କାର୍ଯ୍ୟ କରୁଥିବା ଅପର୍ଣ୍ଣାଙ୍କୁ ୨୦୧୮ ଏପ୍ରିଲ ୨୫ରେ ଦୀପକ ବିବାହ କରିଥିଲେ। ମୃତ୍ୟୁ ସମୟରେ ବି ସେ ୬ ମାସର ଗର୍ଭବତୀ ଥିଲେ। ୨୦୨୨ ମାର୍ଚ୍ଚ ୧୭ରେ ରାତି ପ୍ରାୟ ୮ଟା ବେଳେ ଖୁଣ୍ଟୁଣୀ ନିକଟରେ ଅପର୍ଣ୍ଣାଙ୍କ ଦୁର୍ଘଟଣା ଘଟିଛି ବୋଲି ଦୀପକ ପରିବାର ଲୋକଙ୍କୁ ଜଣାଇଥିଲେ। ସେତେବେଳେ ପୋଲିସ ଠାରୁ ପରିବାର ଲୋକ ଦୀପକଙ୍କ କଥାକୁ ସତ ମାନିଯାଇଥିଲେ। ପରେ କମିଶନରେଟ୍ ପୋଲିସରେ କାର୍ଯ୍ୟ କରୁଥିବା ଶୁଭମିତ୍ରାଙ୍କୁ ପ୍ରେମ କରି କୋର୍ଟରେ ବିବାହ କରିବା ପରେ ତାଙ୍କୁ ହତ୍ୟା କରିଥିଲେ।

## ନିଶା ପାଇଁ ବାପା ଟଙ୍କା ନ ଦେବାରୁ ବିୟର ବୋତଲରେ ପିଟିଲେ ପୁଅ

ଭୁବନେଶ୍ୱର,୫।୧ (ତ୍ରିନାଥ ମହାନ୍ତ)

ନିଶା ପିଇବାକୁ ବାପା ଟଙ୍କା ନ ଦେବାରୁ ପୁଅ ଘରେ ଆତଙ୍କ ରଚାଇଛନ୍ତି। ପିଉଥିବା ବିୟର ବୋତଲରେ ବାପାଙ୍କ ମୁଣ୍ଡକୁ ପିଟି ଲହୁଲୁହାଣ କରିଛନ୍ତି। ଏଭଳି ଘଟଣା ସୋମବାର ସନ୍ଧ୍ୟାରେ କ୍ୟାପିଟାଲ ଥାନା କେଦାର ପଲ୍ଲୀ ବସ୍ତିରେ ଘଟିଛି। ଗୁରୁତର ଅବସ୍ଥାରେ ପଡ଼ିଥିବା ବାପା ଲକ୍ଷ୍ମୀଧର ପଣ୍ଡାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବରପାଇ ପୋଲିସ ପହଞ୍ଚି ଆକ୍ରମଣ କରିଥିବା ପୁଅ ରଶ୍ମୀରଞ୍ଜନ ପଣ୍ଡାଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୁଅ ବିରୋଧରେ ମା' ଅଭିଯୋଗ କରିଥିବା ଜଣାପଡ଼ିଛି।

# ଧରାପଡ଼ିଲେ ଆଉ ୨, ଗିରଫ ସଂଖ୍ୟା ୫କୁ ବୃଦ୍ଧି

**୨ ଯୁବକଙ୍କୁ ହାତୁଡ଼ିରେ ହତ୍ୟା ଘଟଣା**

ମଙ୍ଗୁଳି-ଜଗତପୁର,୫।୧(ମାନସ ସାମଲ)




ଗିରଫ ୨ ଅଭିଯୁକ୍ତ।

କଟକ ଜିଲା ଟାଙ୍ଗୀ ଥାନା ୧୬ ନମ୍ବର ଜାତୀୟ ରାଜପଥ ନିର୍ଗୁଣ୍ଡି ନିକଟରେ ଥିବା ନାରାୟଣୀ ପୋକ୍‌ଲିନ ଗ୍ୟାରେଜରେ ୨ ଯୁବକଙ୍କୁ ହାତୁଡ଼ିରେ ପିଟି ହତ୍ୟା ଘଟଣାରେ ଆଉ ୨ ଜଣଙ୍କୁ ଟାଙ୍ଗୀ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ କଟକ ଜିଲା କାନପୁର ଥାନା ଅଧୀନ କନକପୁର ଗ୍ରାମର ସୂର୍ଯ୍ୟମଣି ମୁଦୁଲି ଓରଫ ନାଲୁ (୨୮), ଯାଜପୁର ଜିଲା ସୁକିନ୍ଦା ଥାନା ଅଧୀନ ବନ୍ଧଗାଁ ଗ୍ରାମର ସ୍ୱପ୍ନେଶ୍ୱର ମହନ୍ତ (୧୯)। ପୂର୍ବରୁ ଗ୍ୟାରେଜ ମାଲିକଙ୍କ ସମେତ ୩ଜଣ ଧରାପଡ଼ିଥିବା ବେଳେ ଗିରଫ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ଏବେ ବି ଆଉ ୩ଜଣ ଫେରାର ଥିବା ଜଣାପଡ଼ିଛି। ମୃତକ ମହମ୍ମଦ ସହେବଙ୍କ ମାମୁ ଅବଦୁଲ ମୁସଲିମ୍ ଖାନ୍‌ଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୪୬୬/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଘଟଣାର ୫ ଅଭିଯୁକ୍ତ ଗିରଫ ଥାଇ ମଧ୍ୟ ହତ୍ୟାକାଣ୍ଡ ବିଷୟରେ ପୋଲିସ କୌଣସି ସ୍ପଷ୍ଟ ସୂଚନା ନ ଦେବା ପୋଲିସର ଭୂମିକା ସନ୍ଦେହଘେରକୁ ଟାଣୁଛି। ସୂଚନା ମୁତାବକ, ଚୌଦ୍ୱାର ଥାନା ଅଧୀନ ରୂପଯାତ୍ରା ପଡିଆର ପ୍ରଶାନ୍ତ କୁମାର ଜେନା ଓ ଟାଙ୍ଗୀ ଥାନା ଅଧୀନ ବିଲତେରୁଆଁ ଗ୍ରାମର ମହମ୍ମଦ ସହେବ ମଙ୍ଗୁଳି ନିକଟରେ ଏକ ମେଡିସିନ ଗୋଦାମରେ ବର୍ଷେ ହେବ ରାତିରେ କାମ କରୁଥିଲେ। ସବୁଦିନ ପରି ୩୦ ତାରିଖ ସନ୍ଧ୍ୟାରେ ଘରୁ କାମକୁ ଯାଇ ଆଉ ଫେରି ନ ଥିଲେ। କିନ୍ତୁ ପରଦିନ ସକାଳୁ ପ୍ରଶାନ୍ତଙ୍କ ମୃତଦେହ ଗ୍ୟାରେଜ ବାହାରୁ ମିଳିଥିବା ବେଳେ ମହମ୍ମଦଙ୍କ ମୃତଦେହ ଗ୍ୟାରେଜ ଭିତରୁ ମିଳିଥିଲା। ଖବର ପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ହତ୍ୟାକାଣ୍ଡରେ ବ୍ୟବହୃତ ସାମଗ୍ରୀ ଜବତ କରିଥିଲା। ଏ ନେଇ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

**Business**

# ୮୦% କ୍ୟାପେକ୍ସ ବ୍ୟୟ କରିଛି ଭାରତୀୟ ରେଳ

**୩ ତ୍ରୟ ମାସରେ ଖର୍ଚ୍ଚ ହୋଇଛି ୨,୦୩,୧୩୮ କୋଟି**

ଭୁବନେଶ୍ୱର,୫।୧(ଅନୁରାଧା ମହାରଣା)



ଭାରତୀୟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ଘୋଷଣା ହୋଇଥିବା ଗ୍ରସ୍ ବଜେଟାରି ସପୋର୍ଟ (ଜିବିଏସ୍) ଅନୁଦାନର ଏକ ବଡ଼ ଅଂଶ ଡିସେମ୍ବର ୨୦୨୫ ଶେଷ ସୁଦ୍ଧା ଅର୍ଥାତ୍ ପ୍ରଥମ ୩ ତ୍ରୟମାସରେ ବ୍ୟୟ କରିସାରିଛି। ଏହି ସମୟ ମଧ୍ୟରେ ମୋଟ ୮୦.୫୪% ଅର୍ଥାତ୍ ୨,୦୩,୧୩୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି, ଯାହା ମୋଟ ଜିବିଏସ ୨,୫୨,୨୦୦ କୋଟି ଟଙ୍କାର ଏକ ଉଲ୍ଲେଖନୀୟ ଅଂଶ। ଗତ ବର୍ଷ ଏହି ସମୟରେ (ଡିସେମ୍ବର ୨୦୨୪) ତୁଳନାରେ ଏହା ୬.୫୪% ଅଧିକ ବ୍ୟୟକୁ ଦର୍ଶାଇଛି। ଏହି ବ୍ୟୟ ମୁଖ୍ୟତଃ ସୁରକ୍ଷା ବ୍ୟବସ୍ଥା, କ୍ଷମତା ବୃଦ୍ଧି, ଭିତ୍ତିଭୂମି ଆଧୁନିକୀକରଣ ଏବଂ ଯାତ୍ରୀ ସୁବିଧା ଉପରେ କେନ୍ଦ୍ରୀଭୂତ ରହିଛି। ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ନିର୍ଦ୍ଧାରିତ ଅର୍ଥର ୮୪%, କ୍ଷମତା ବୃଦ୍ଧି ପାଇଁ ୧,୦୯,୨୩୮ କୋଟି ଟଙ୍କାରୁ ୭୬,୦୪୮ କୋଟି ଟଙ୍କା (୬୯%) ଏବଂ ଯାତ୍ରୀ ସୁବିଧା ପାଇଁ ୮୦% ଅର୍ଥାତ୍ ୯,୫୭୫ କୋଟି ଟଙ୍କା ବ୍ୟୟ ହୋଇଛି। ଭାରତୀୟ ରେଳପଥ ଅଧୀନରେ ବର୍ତ୍ତମାନ ୧୬୪ଟି ବନ୍ଦେ ଭାରତ ଟ୍ରେନ୍ ସେବା, ୩୦ଟି ଅମୃତ ଭାରତ ଟ୍ରେନ୍, କବଚ ଅଟୋମେଟିକ ଟ୍ରେନ୍ ପ୍ରୋଟେକ୍ସନ ସିଷ୍ଟମ, ବ୍ରଡ୍ ଗେଜ୍ ନେଟ୍‌ୱର୍କର ୯୯%ରୁ ଅଧିକ ବିଦ୍ୟୁତୀକରଣ ଏବଂ ନୂତନ ଲାଇନ, ଗେଜ୍ ପରିବର୍ତ୍ତନ, ଟ୍ରାକ୍ ଡବଲିଂ, ଟ୍ରାଫିକ ସୁବିଧା ତଥା ମେଟ୍ରୋପଲିଟାନ ପରିବହନ ପ୍ରକଳ୍ପରେ ବିଭିନ୍ନ କାର୍ଯ୍ୟ ହୋଇଛି।

# ଧାମନଗରରେ ଖୋଲିଲା ବ୍ୟାଙ୍କ ଅଫ୍ ଇଣ୍ଡିଆର ଶାଖା

ଧାମନଗର,୫।୧(ଦେବେନ୍ଦ୍ର ଆଦିଆ/ସନ୍ତୋଷ କୁମାର ମହାପାତ୍ର)



ଭଦ୍ରକ ଜିଲା ଧାମନଗର ବଜାରଠାରେ ସୋମବାର ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ନୂତନ ଶାଖା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାରିପଦା ଜୋନ୍‌ର ଆଞ୍ଚଳିକ ପ୍ରବନ୍ଧକ କମ୍‌ଲେଶ ରଞ୍ଜନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶାଖା ପ୍ରବନ୍ଧକ ସରୋପ ଦାସ ମହାପାତ୍ର, ଆଞ୍ଚଳିକ କାର୍ଯ୍ୟାଳୟର କର୍ମଚାରୀ କିଶୋର ପଣ୍ଡା, ଚନ୍ଦ୍ରଶେଖର ଆଚାର୍ଯ୍ୟ, ସାତ୍ୟକୀ କବିରାଜ, ଶାଖା କୋଷାଧ୍ୟକ୍ଷ ସୁଧାଂଶୁ ଶେଖର ପଣ୍ଡୁଆ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଙ୍କ ଅଫ୍ ଇଣ୍ଡିଆ ସଦା ଗ୍ରାହକ-ମିତ୍ର ସେବା ପ୍ରଦାନକୁ ପ୍ରାଥମିକତା ଦେଇଆସୁଛି। ନୂତନ ଶାଖା ମାଧ୍ୟମରେ ସାଧାରଣ ଲୋକଙ୍କୁ ସଞ୍ଚୟ ଖାତା, ଚାଲୁ ଖାତା, ଗୃହ, ଶିକ୍ଷା, କୃଷି ଋଣ, ମହିଳା ସ୍ୱାବଲମ୍ବନ ଯୋଜନା ସହ ସହଜ ସୁଧ ହାରରେ ବିଭିନ୍ନ ଋଣ ସୁବିଧା ଯୋଗାଇ ଦିଆଯିବ। ଏହି ଶାଖା ମାଧ୍ୟମରେ ଡିଜିଟାଲ ବ୍ୟାଙ୍କିଙ୍ଗ, ଏଟିଏମ୍, ଅନ୍‌ଲାଇନ ଟ୍ରାଞ୍ଜାକ୍ସନ, ମୋବାଇଲ ବ୍ୟାଙ୍କିଙ୍ଗ ଭଳି ଆଧୁନିକ ସୁବିଧା ଗ୍ରାହକଙ୍କୁ ମିଳିବ ବୋଲି ଶାଖା ପ୍ରବନ୍ଧକ ଦାସ ମହାପାତ୍ର କହିଛନ୍ତି।

# ଏନ୍‌ବିଏଫ୍‌ସିରେ ସୁସ୍ଥ ଋଣ ମାନଦଣ୍ଡ ଏବଂ ଆସେଟ ନିରୀକ୍ଷଣ

ଭୁବନେଶ୍ୱର,୫।୧

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ଗଭର୍ନର ସଞ୍ଜୟ ମାଲହୋତ୍ରା ସୋମବାର କିଛି ନିର୍ବାଚିତ ନନ୍-ବ୍ୟାଙ୍କିଂ ଫାଇନାନ୍ସିଆଲ କମ୍ପାନୀ (ଏନ୍‌ବିଏଫ୍‌ସି)ର ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ବୈଠକରେ ସୁସ୍ଥ ଅଣ୍ଡରରାଇଟିଂ ମାନଦଣ୍ଡ ବଜାୟ ରଖିବା ଏବଂ ଆସେଟ ଗୁଣବତ୍ତାର ନିକଟତର ନିରୀକ୍ଷଣର ଆବଶ୍ୟକତା ଉପରେ ଜୋର୍ ଦେଇଛନ୍ତି। ରିଜର୍ଭ ବ୍ୟାଙ୍କର ନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ସହ ଚାଲୁଥିବା ସଂଯୋଗର ଅଂଶ ସ୍ୱରୂପ, ଗଭର୍ନର କିଛି ନିର୍ବାଚିତ ଏନବିଏଫସିର ମ୍ୟାନେଜିଂ ଡାଇରେକ୍ଟର ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଏମଡି ଏବଂ ସିଇଓ)ମାନଙ୍କ ସହ ଏକ ବୈଠକ କରିଥିଲେ, ଯେଉଁଥିରେ ସରକାରୀ ଏନବିଏଫସି, ହାଉସିଂ ଫାଇନାନ୍ସ କମ୍ପାନୀ (ଏଚ୍‌ଏଫସି) ଏବଂ ମାଇକ୍ରୋଫାଇନାନ୍ସ ସଂସ୍ଥାଗୁଡ଼ିକ ମଧ୍ୟ ଥିଲା। ବକ୍ତବ୍ୟରେ ଗଭର୍ନର ଏନବିଏଫସି ଏବଂ ଏଚ୍‌ଏଫସିଗୁଡ଼ିକର କ୍ରେଡିଟ ପ୍ରବାହ ସୁଗମ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ସୁସ୍ଥ ଅଣ୍ଡରରାଇଟିଂ ମାନଦଣ୍ଡ ଏବଂ ଆସେଟ ଗୁଣବତ୍ତାର ନିକଟତର ନିରୀକ୍ଷଣର ଆବଶ୍ୟକତା ଉପରେ ଜୋର୍ ଦେଇଥିବା ଆରବିଆଇ ଏକ ବିଜ୍ଞପ୍ତିରେ କହିଛି। ମାଲହୋତ୍ରା ଆହୁରି ଗ୍ରାହକ କେନ୍ଦ୍ରିକତା, ନୈତିକ ଆଚରଣ ଏବଂ ଦାୟିତ୍ୱପୂର୍ଣ୍ଣ ଋଣ ପ୍ରଦାନର ଗୁରୁତ୍ୱ ଉପରେ ଜୋର୍ ଦେଇଥିଲେ। ତୁରନ୍ତ ଅଭିଯୋଗ ନିରାକରଣ, ଯାହା କ୍ଷେତ୍ରରେ ଆସ୍ଥା ବଜାୟ ରଖିବା ଏବଂ ଏହାର ନିୟମିତ ଏବଂ ସ୍ଥାୟୀ ବିକାଶକୁ ସମର୍ଥନ କରିବା ପାଇଁ ଆବଶ୍ୟକ। ରିଜର୍ଭ ବ୍ୟାଙ୍କ ପୂର୍ବରୁ ଏନବିଏଫସିଗୁଡ଼ିକ ସହ ଏହିପରି ଏକ ବୈଠକ ୨୦୨୫ ଫେବୃଆରୀ ୧୩ରେ କରିଥିଲା। ଭାଗନେଉଥିବା ସଂସ୍ଥାଗୁଡ଼ିକ ଏନବିଏଫସି କ୍ଷେତ୍ରର ପ୍ରାୟ ୫୩ ପ୍ରତିଶତ ଆସେଟର ପ୍ରତିନିଧିତ୍ୱ କରୁଛନ୍ତି। ଉଦ୍ୟୋଗ ଭାଗନେଉଥିବାରେ ସ୍ୱ-ନିୟନ୍ତ୍ରକ ସଂଗଠନଗୁଡ଼ିକର ପ୍ରତିନିଧି, ସା-ଧନ, ମାଇକ୍ରୋ ଫାଇନାନ୍ସ ଇନଷ୍ଟିଚ୍ୟୁଶନ ନେଟୱର୍କ ଏବଂ ଫାଇନାନ୍ସ ଇଣ୍ଡଷ୍ଟ୍ରି ଡେଭଲପମେଣ୍ଟ କାଉନସିଲ ଅନ୍ତର୍ଭୁକ୍ତ ଥିଲା। ଆଲୋଚନା ସମୟରେ, ଭାଗନେଉଥିବାମାନେ ଏନବିଏଫସି କ୍ଷେତ୍ର ସହ ଜଡ଼ିତ ନୀତି ପ୍ରସଙ୍ଗ ଏବଂ କାର୍ଯ୍ୟକାରୀ ବିଷୟଗୁଡ଼ିକରେ ପ୍ରତିକ୍ରିୟା ଦେଇଥିଲେ ବୋଲି ଆରବିଆଇ କହିଛି। ଏହି ବୈଠକରେ ଡେପୁଟି ଗଭର୍ନର ଟି ରବି ଶଙ୍କର, ସ୍ୱାମୀନାଥନ ଜେ, ପୁନମ ଗୁପ୍ତା ଏବଂ ଶିରୀଶ ଚନ୍ଦ୍ର ମୁର୍ମୁ, ନ୍ୟାଶନାଲ ହାଉସିଂ ବ୍ୟାଙ୍କର ଏମଡି ଏବଂ ସିଇଓଙ୍କ ସହିତ ରିଜର୍ଭ ବ୍ୟାଙ୍କର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# କଟକରେ 'ହୀରାଙ୍ଗ' ଷ୍ଟୋର ଉଦ୍‌ଘାଟିତ



କଟକ ନୟାସଡ଼କ ଠାରେ ହୀରା ଅଳଙ୍କାର ଷ୍ଟୋର 'ହୀରାଙ୍ଗ' ସୋମବାର ଉଦଘାଟିତ ହୋଇଯାଇଛି। (ଫଟୋ- ରାଜକିଶୋର ମହାନ୍ତି)

ଭୁବନେଶ୍ୱର,୫।୧

କଟକ ନୟାସଡ଼କଠାରେ ହୀରା ଅଳଙ୍କାର ଷ୍ଟୋର 'ହୀରାଙ୍ଗ' ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଷ୍ଟୋର ସିଇଓ ତଥା ଏମ୍‌ଡି ପ୍ରଭୁ ଆଶୀର୍ବାଦ ନାୟକଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଭାବେ ଅଭିନେତ୍ରୀ ଶିବାନୀ ସଙ୍ଗୀତା ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରଭୁ ଆଶୀର୍ବାଦ କହିଛନ୍ତି, ହୀରା ଏବଂ ଅଙ୍ଗକୁ ନେଇ ଷ୍ଟୋର ନାମକରଣ କରାଯାଇଛି। ଏହାର ଅର୍ଥ 'ଏକ ହୀରା, ଯାହା ତୁମର ଏକ ଅଂଶ ହୋଇଯାଏ'। ସେ କହିଛନ୍ତି, ହୀରାଙ୍ଗ ପ୍ରେରଣାର ଉତ୍ସ, ରାଜକୀୟତା, କଳା, ଆକାଂକ୍ଷା, ମହାନତା ଏବଂ ସୁନା। ଏଗୁଡ଼ିକ କେବଳ ଆଦର୍ଶ ନୁହେଁ ସେମାନେ ଆମ ବ୍ରାଣ୍ଡର ଆତ୍ମା। ପ୍ରେରଣାରୁ କାର୍ଯ୍ୟାନ୍ୱୟନ ପର୍ଯ୍ୟନ୍ତ, ହୀରାର ଚମକରୁ ପ୍ରତ୍ୟେକ ମୋଡ଼୍‌ରେ କାବ୍ୟ ପର୍ଯ୍ୟନ୍ତ ଆମେ ପ୍ରକୃତ ଉଦ୍ଦେଶ୍ୟ, ସଠିକତା ଏବଂ ଗର୍ବ ସହିତ ଡିଜାଇନ କରୁ। ୧୪ କ୍ୟାରେଟ ଏବଂ ୧୮ କ୍ୟାରେଟ ସୁନା ଏବଂ ଲାବରେଟୋରିରେ ବିକଶିତ ହୀରା ଅଳଙ୍କାରରେ ସୁଦକ୍ଷ ଓ ବିଶେଷଜ୍ଞତା ହାସଲ କରିଛୁ ଏବଂ ହଳଦିଆ, ଗୋଲାପି ଏବଂ ଧଳା ରଙ୍ଗରେ ଅନନ୍ୟ ଡିଜାଇନ ସୃଷ୍ଟି କରୁଛୁ। ଲାବ୍‌ରେ ଉତ୍ପାଦିତ ହୀରାକୁ ଯତ୍ନ, ଦାୟିତ୍ୱ, ନିଖୁଣ କାରିଗରି ସହିତ ତିଆରି କରାଯାଇଛି। ହୀରାଙ୍ଗ ଏହାର ଅଫିସିଆଲ ଇ-କମର୍ସ ପ୍ଲାଟଫର୍ମ, www.hiraang.com ମାଧ୍ୟମରେ ଡିଜିଟାଲ ଦୁନିଆରେ ଏହାର ଉପସ୍ଥିତିକୁ ବିସ୍ତାର କରିଛି, ଯାହା ଗ୍ରାହକମାନଙ୍କୁ ଯେକୌଣସି ସ୍ଥାନରୁ ଏହାର ଅଳଙ୍କାର ସଂଗ୍ରହକୁ ଦେଖିବା ଏବଂ କ୍ରୟ କରିବା ପାଇଁ ଏକ ସରଳ ଓ ସହଜ ଉପାୟ ପ୍ରଦାନ କରୁଛି। ହୀରାଙ୍ଗ ମୋବାଇଲ ଆପ୍ଲିକେଶନ ପ୍ଲେ ଷ୍ଟୋର ଏବଂ ଆପ୍ ଷ୍ଟୋର ଉଭୟରେ ଉପଲବ୍ଧ ହୋଇ ବ୍ରାଣ୍ଡକୁ ଏହାର ଗ୍ରାହକଙ୍କ ଆହୁରି ନିକଟତର କରିଛି। ୱେବସାଇଟ ଏବଂ ଆପ ମାଧ୍ୟମରେ ହୀରାଙ୍ଗ ନିଶ୍ଚିତ କରେ ଯେ ଏହାର କାରିଗରି, ମୂଲ୍ୟବୋଧ ଏବଂ ସେବା ସର୍ବଦା ଉପଲବ୍ଧ ରହିବ । ପ୍ରତ୍ୟେକ ସ୍ଥାନରେ ଏକ ସ୍ଥିର, ଚିନ୍ତାଶୀଳ ଏବଂ ନିର୍ଭରଯୋଗ୍ୟ ଅଭିଜ୍ଞତା ପ୍ରଦାନ କରିବ ।

# ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ାକେନ୍ଦ୍ର ହୋଇଛି ଟିଏସ୍‌ଏଏଫ୍‌ର ସ୍ପୋର୍ଟସ କ୍ଲାଇମ୍ବିଂ ସେଣ୍ଟର

ଭୁବନେଶ୍ୱର,୫।୧(ଅନୁରାଧା ମହାରଣା)

ଟାଟା ଷ୍ଟିଲ ଆଡଭେଞ୍ଚର ଫାଉଣ୍ଡେଶନ (ଟିଏସ୍‌ଏଏଫ୍) ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ସ୍ଥାପିତ ଓଡ଼ିଶା ଟାଟା ଷ୍ଟିଲ ଆଡଭେଞ୍ଚର ଫାଉଣ୍ଡେଶନର ସ୍ପୋର୍ଟସ କ୍ଲାଇମ୍ବିଂ ହାଇ ପରଫରମାନ୍ସ ସେଣ୍ଟର (ଏଚ୍‌ପିସି) ରାଜ୍ୟର କ୍ରୀଡ଼ା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ ପରିଚୟ ସୃଷ୍ଟି କରିଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ପରିସରରେ ରହିଥିବା ଏହି କେନ୍ଦ୍ରଟି ଯୁବ କ୍ରୀଡ଼ା ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଆଧୁନିକ ପ୍ରଶିକ୍ଷଣ ସହ ଉନ୍ନତ କ୍ରୀଡ଼ା ଭିତ୍ତିଭୂମି ଯୋଗାଇ ଦେଉଛି। ସ୍ଥାପନ ହେବାର ଗୋଟିଏ ବର୍ଷ ମଧ୍ୟରେ ଏହି ଏଚପିସିରେ ୧୨୫ କ୍ରୀଡ଼ା (୭୭ ବାଳକ ଓ ୪୮ବାଳିକା) ସାମିଲ ହୋଇ ଟ୍ରେନିଂ ନେଉଛନ୍ତି । ୪୦ ଜଣ ଅନ୍ତେବାସୀ ଏକ ୩ ସଦସ୍ୟ ବିଶିଷ୍ଟ ପ୍ରଶିକ୍ଷକ ଟିମ୍‌ଠାରୁ ତାଲିମ ହାସଲ କରୁଛନ୍ତି। ଏଚପିସିର କ୍ରୀଡ଼ା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ଉଚ୍ଚକୋଟୀର ପ୍ରଦର୍ଶନ କରୁଛନ୍ତି। ବିଶେଷ କରି ସାହିଲ କୁମାର ଦାସ ୨୦୨୪ ଇଷ୍ଟ ଜୋନ କ୍ଲାଇମ୍ବିଂ ଚାମ୍ପିଅନଶିପରେ ବ୍ରୋଞ୍ଜ, ବେଙ୍ଗାଲୁରୁରେ ଅନୁଷ୍ଠିତ ୨୮ତମ ଜାତୀୟ କ୍ରୀଡ଼ା କ୍ଲାଇମ୍ବିଂ ଚାମ୍ପିଅନଶିପ-୨୦୨୫ରେ ରୌପ୍ୟ ପଦକ ଏବଂ କର୍ନାଟକରେ ଆୟୋଜିତ ନୀଳଗିରି କପ ୨୦୨୫ରେ ରୌପ୍ୟ ପଦକ ଜିତିଛନ୍ତି। ସାହିଲ ପ୍ରଥମ ଓଡ଼ିଆ ଭାବେ ପୁଣେରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ଫେଡେରେଶନ ଅଫ ସ୍ପୋର୍ଟ୍ସ କ୍ଲାଇମ୍ବିଂ (ଆଇଏଫ୍‌ସି) ଏସିଆନ କପ ଚାମ୍ପିଅନଶିପ ୨୦୨୫ରେ ଓଡ଼ିଶା ପାଇଁ ପ୍ରତିନିଧିତ୍ୱ କରି ଚତୁର୍ଥ ସ୍ଥାନ ଅଧିକାର କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଟାଟା ଷ୍ଟିଲର କ୍ରୀଡ଼ା ମୁଖ୍ୟ ମୁକୁଲ ବିନାୟକ ଚୌଧୁରୀ କହିଛନ୍ତି ଯେ ଟିଏସଏଏଫ ସ୍ପୋର୍ଟସ କ୍ଲାଇମ୍ବିଂ ହାଇପରଫର୍ମାନ୍ସ ସେଣ୍ଟର ହେଉଛି ଗୁରୁତ୍ୱପୂର୍ଣ୍ଣ ସହଯୋଗିତା ଓ ଢାଞ୍ଚାଗତ କ୍ରୀଡ଼ା ବିକାଶର ଏକ ଉଦାହରଣ। ମାତ୍ର ଏକ ବର୍ଷରେ ଏହା ପ୍ରତିଭାବାନ ଆରୋହଣକାରୀ ଟିମ ବିକାଶ କରିଛି ଏବଂ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସେମାନଙ୍କ ସଫଳତା ଆମ ତାଲିମ ମଡେଲର ପ୍ରଭାବକୁ ଦର୍ଶାଉଛି। ଓଡ଼ିଶା ସ୍ପୋର୍ଟସ କ୍ଲାଇମ୍ବିଂକୁ ଆଗକୁ ନେବା ଏବଂ ଏକ ଜାତୀୟମାନଦଣ୍ଡ ସ୍ଥାପନ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରୁଟ୍‌ଙ୍କ ଶତକ, ଇଂଲଣ୍ଡ ୩୮୪

### ପଞ୍ଚମ ଆଶେସ ଟେଷ୍ଟ

ସିଡ୍‌ନୀ,୫।୧(ଏପି)

ଅଷ୍ଟ୍ରେଲିଆ ବିପକ୍ଷରେ ଚାଲିଥିବା ପଞ୍ଚମ ତଥା ଅନ୍ତିମ ଆଶେସ ଟେଷ୍ଟରେ ଇଂଲଣ୍ଡ ତା'ର ପ୍ରଥମ ଇନିଂସରେ ଜୋ ରୁଟ୍‌ଙ୍କ ଶତକ ବଳରେ ୩୮୪ ରନରେ ଅଲଆଉଟ୍ ହୋଇଛି। ଜବାବରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ପ୍ରଥମ ଇନିଂସରେ ୨ ଉଇକେଟ ହରାଇ ୧୬୬ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଟ୍ରାଭିସ ହେଡ୍ ୯୧ ଓ ମାଇକେଲ ନେସର ୧ ରନରେ ଅପରାଜିତ ରହିଛନ୍ତି। ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୨୧୮ ରନରେ ପଛରେ ଥିବାବେଳେ ହାତରେ ୮ ଉଇକେଟ ସୁରକ୍ଷିତ ରଖିଛି। ଏହି ମ୍ୟାଚ୍‌ରେ ରୁଟ୍ ତାଙ୍କ କ୍ୟାରିୟରର ୪୧ତମ ଟେଷ୍ଟ ଶତକ ସହ ସର୍ବାଧିକ ଟେଷ୍ଟ ଶତକ ହାସଲକାରୀ ବ୍ୟାଟରଙ୍କ ତାଲିକାରେ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଙ୍କ ସହ ସମକକ୍ଷ ହୋଇଛନ୍ତି। ସେ ଏବେ କେବଳ ସଚିନ ତେନ୍ଦୁଲକର (୫୧) ଓ ଜ୍ୟାକ୍ସ କାଲିସ (୪୫)ଙ୍କ ପଛରେ ରହିଛନ୍ତି।


ଶତକ ହାସଲପରେ ଜୋ ରୁଟ୍।

ଇଂଲଣ୍ଡ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୧୧/୩ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନ ଅପରାଜିତ ଥିବା ବ୍ୟାଟର ରୁଟ୍ ଧୈର୍ଯ୍ୟର ସହ ବ୍ୟାଟିଂ କରୁଥିବା ବେଳେ ହ୍ୟାରୀ ବ୍ରୁକ ୮୪ ରନ କରି ଦିନର ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ରୁଟ୍ ଓ ଜେମି ସ୍ମିଥ ଦଳୀୟ ସ୍କୋରରେ ସପ୍ତମ ଉଇକେଟରେ ୯୪ ରନ ଯୋଡ଼ିଥିଲେ। ଏହା ମଧ୍ୟରେ ରୁଟ୍ ଶତକ ପୂରଣ କରିଥିଲେ, ଯାହାକି ଚଳିତ ସିରିଜ୍‌ରେ ତାଙ୍କର ଦ୍ୱିତୀୟ ଶତକ। ସ୍ମିଥ ୪୬ ରନ କରି ଆଉଟ୍ ହୋଇଥିଲେ। ଅଷ୍ଟମ କ୍ରମରେ ଆସିଥିବା ୱିଲ ଜ୍ୟାକ୍ସ(୨୭ ରନ, ୨ ଚୌକା ଓ ୧ ଛକା)ଙ୍କ ସହ ମିଶି ରୁଟ ଦଳୀୟ ସ୍କୋରକୁ ୩୭୫ ରନରେ ପହଞ୍ଚାଇଥିଲେ। ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ୩୮୪ ରନରେ ଅଲଆଉଟ୍ ହୋଇଯାଇଥିଲା। ରୁଟ୍ ୧୬୦ ରନ କରି ନବମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ତାଙ୍କ ଇନିଂସରେ ୧୫ ଚୌକା ସାମିଲ ଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ନେସର ୪ ଉଇକେଟ ହରାଇଥିବା ବେଳେ ଷ୍ଟାର୍କ ଓ ସ୍କଟ ବୋଲାଣ୍ଡ ଗୋଟିଏ ଲେଖାଏ ଉଇକେଟ ଅଧିକାର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୮୪/ଅଲଆଉଟ୍ (ଜୋ ରୁଟ୍-୧୬୦, ହ୍ୟାରୀ ବ୍ରୁକ-୮୪, ଜେମି ସ୍ମିଥ-୪୬, ମାଇକେଲ ନେସର-୪/୬୦, ସ୍କଟ ବୋଲାଣ୍ଡ-୨/୮୫, ମିଚେଲ ଷ୍ଟାର୍କ-୨/୯୩)। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୬୬/୨(ଟ୍ରାଭିସ ହେଡ୍-୯୧*, ମାର୍ନସ ଲାବୁସେନ-୪୮, ବେନ ଷ୍ଟୋକ୍ସ-୨/୩୦)।

# ଅଚ୍ୟୁତ ଭାରତୀୟ ଭଲିବଲ୍ ସଂଘ ମୁଖ୍ୟ ପୃଷ୍ଠପୋଷକ

ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ)



ବାରାଣସୀରେ ଚାଲିଥିବା ୭୨ତମ ଜାତୀୟ ସିନିୟର ଭଲିବଲ୍ ଚାମ୍ପିୟନଶିପ୍ ଅବସରରେ ସୋମବାର ଭାରତୀୟ ଭଲିବଲ୍ ସଂଘ (ଭିଏଫ୍‌ଆଇ)ର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ସବୁ ରାଜ୍ୟରେ ଥିବା ଭଲିବଲ୍ ସଂଘର ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏଥିରେ ସର୍ବସମ୍ମତି କ୍ରମେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଭିଏଫ୍‌ଆଇର ମୁଖ୍ୟ ପୃଷ୍ଠପୋଷକ ମନୋନୀତ କରାଯାଇଛି। କାର୍ଯ୍ୟବ୍ୟସ୍ତତା ଯୋଗୁ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଭଲିବଲ୍ ସଂଘର ସଭାପତି ଅଚ୍ୟୁତ ସାମନ୍ତ ଓ ସମ୍ପାଦକ ଗଗନେନ୍ଦୁ ଦାଶ ଯୋଗଦେଇ ପାରି ନ ଥିଲେ। ତେବେ ଭିଏଫ୍‌ଆଇର ସଭାପତି ଓ ସମ୍ପାଦକ ଟେଲିଫୋନ ଯୋଗେ ଅଚ୍ୟୁତଙ୍କ ସହ ଆଲୋଚନା କରିବାପରେ ଆସନ୍ତା ୪ ବର୍ଷ ପାଇଁ ତାଙ୍କୁ ମୁଖ୍ୟ ପୋଷ୍ଟପୋଷକ କରାଯାଇଛି। କ୍ରୀଡ଼ା କ୍ଷେତ୍ରକୁ ବ୍ୟାପକ ଅବଦାନ ବିଶେଷ କରି ଭଲିବଲ୍ କ୍ଷେତ୍ରରେ ଯୋଗଦାନ ପାଇଁ ତାଙ୍କୁ ମୁଖ୍ୟ ପୃଷ୍ଠପୋଷକ ଭାବେ ମନୋନୀତ କରାଯାଇଛି। ଆସନ୍ତା ଜାତୀୟ ଯୁବ ଭଲିବଲ୍ ଚାମ୍ପିୟନଶିପ୍ କିଟ୍‌ରେ ଆୟୋଜନ କରାଯିବା ନେଇ ଏହି ବୈଠକରେ ଅନୁମୋଦିତ ହୋଇଛି। ଅଚ୍ୟୁତ ପୂର୍ବରୁ ୨୦୨୦ରୁ ୨୦୨୪ ପର୍ଯ୍ୟନ୍ତ ଭାରତୀୟ ଭଲିବଲ୍ ସଂଘର ସଭାପତି ଭାବେ କାର୍ଯ୍ୟ କରିଥିଲେ। ଦୀର୍ଘଦିନ ଧରି ଭଲିବଲର ବିକାଶ ଦିଗରେ କାର୍ଯ୍ୟ କରିଆସୁଥିବାରୁ ଭିଏଫ୍‌ଆଇ ପକ୍ଷରୁ ତାଙ୍କ କାର୍ଯ୍ୟକୁ ଉଚିତ ସମ୍ମାନ ଜଣାଇ ମୁଖ୍ୟ ପୃଷ୍ଠପୋଷକ ମନୋନୀତ କରାଯାଇଛି ବୋଲି ଅଚ୍ୟୁତ କହିଛନ୍ତି।


ବ୍ୟାଙ୍କକ୍‌ରେ ହେବାକୁଥିବା ୬ଷ୍ଠ ଥାଇଲାଣ୍ଡ ମାଷ୍ଟର୍ସ ଗେମ୍‌ରେ ଅଂଶଗ୍ରହଣ ପାଇଁ ମନୋନୀତ ଇଣ୍ଡିଆନ ଗେଟ୍‌ବଲ ୟୁନିୟନ ଦଳ।

## ମନୋଜ କୋଠାରୀଙ୍କ ପରଲୋକ

କୋଲକାତା,୫।୧(ପି.ଟି.)

ପୂର୍ବତନ ୱାର୍ଲ୍ଡ ବିଲିଆର୍ଡ୍ସ ଚାମ୍ପିୟନ ମନୋଜ କୋଠାରୀଙ୍କର ସୋମବାର ପରଲୋକ ଘଟିଛି। ତେବେ ହୃଦ୍‌ଘାତ ଯୋଗୁ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ସଦସ୍ୟଙ୍କ ପକ୍ଷରୁ କୁହାଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ହୋଇଥିଲା। କୋଲକାତାରେ ରହୁଥିବା କୋଠାରୀଙ୍କର ୧୦ ଦିନ ତଳେ ତାମିଲନାଡୁର ଥିରୁନେଲଭେଲିସ୍ଥିତ ଏକ ହସ୍ପିଟାଲରେ ଲିଭର ଟ୍ରାନ୍ସପ୍ଲାଣ୍ଟ ହୋଇଥିଲା। ଅସ୍ତ୍ରୋପଚାର ସଫଳ ଥିଲା ଏବଂ ସେ ଅସ୍ତ୍ରୋପଚାରର ତୃତୀୟ ଦିନ ସଭିଙ୍କ ସହ କଥା ହୋଇଥିଲେ। କିନ୍ତୁ କିଛିଦିନ ତଳେ ସେ ଫୁସଫୁସ ସଂକ୍ରମଣର ସମ୍ମୁଖୀନ ହୋଇଥିଲେ। ସୋମବାର ସକାଳ ୭ଟା ୩୦ରେ ସେ ବଡ଼ଧରଣର ହୃଦ୍‌ଘାତର ସମ୍ମୁଖୀନ ହୋଇଥିଲେ ବୋଲି ତାଙ୍କ ପରିବାର ସଦସ୍ୟ କହିଛନ୍ତି। ମନୋଜ ୧୯୯୦ରେ ୱାର୍ଲ୍ଡ ବିଲିଆର୍ଡ୍ସ ଟାଇଟଲ ଜିତିଥିଲେ। ତାଙ୍କ ପୁଅ ସୌରଭ ମଧ୍ୟ ଜଣେ ୱାର୍ଲ୍ଡ ବିଲିଆର୍ଡ୍ସ ଚାମ୍ପିୟନ। ସେ ଗତବର୍ଷ ହିଁ ଏହି ଟାଇଟଲ ଜିତିଥିଲେ।

# ହକି ଇଣ୍ଡିଆ ଲିଗ୍: ସୁରମାର ପ୍ରଥମ ବିଜୟ

ମୁମ୍ବାଇ,୫।୧(ପି.ଟି.)

ଚଳିତ ମହିଳା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ପେନି ସ୍କୁଇବ ଓ ଓଲିଭିଆ ଶାନନଙ୍କ ଗୋଲ ବଳରେ ଜେଏସ୍‌ଡବ୍ଲ୍ୟୁ ସୁରମା କ୍ଲବ ୨-୧ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଛି। ଚଳିତ ସିଜନରେ ଏହା ସୁରମା କ୍ଲବର ପ୍ରଥମ ବିଜୟ। ସ୍କୁଇବ ଓ ଶାନନ ଯଥାକ୍ରମେ ପ୍ରଥମ ଓ ୩୯ତମ ମିନିଟ୍‌ରେ ଗୋଲ କରିଥିବା ବେଳେ ରୟାଲ୍ସ ପାଇଁ ଆଗୋଷ୍ଟିନା ଆଲୋନ୍‌ସୋ ୩୫ତମ ମିନିଟ୍‌ରେ ଏକମାତ୍ର ଗୋଲ ପରିଶୋଧ କରିଥିଲେ।

ମ୍ୟାଚ୍ ଆରମ୍ଭରୁ ସୁରମା କ୍ଲବକୁ ଲଗାତର ଦୁଇଟି ପେନାଲ୍ଟି କର୍ନର (ପିସି) ମିଳିଥିଲା। ଡ୍ରାଗ୍ ଫ୍ଲିକର ସ୍କୁଇବ ଦ୍ୱିତୀୟ ପିସିକୁ ଗୋଲରେ କନଭର୍ଟ କରି ଦଳକୁ ଅଗ୍ରଣୀ ଆଣିଦେଇଥିଲେ। ପ୍ରଥମ କ୍ୱାର୍ଟରରେ ରୟାଲ୍ସ ପକ୍ଷରୁ ମାତ୍ର ଦୁଇ ଥର ସର୍କଲ ପେନେଟ୍ରେଶନ ହୋଇଥିଲା। କିନ୍ତୁ ଦ୍ୱିତୀୟ କ୍ୱାର୍ଟରରେ ସେମାନେ ୧୧ ଥର ସର୍କଲରେ ପ୍ରବେଶ କରିବା ସହ ୩ଟି ପିସି ମଧ୍ୟ ଜିତିଥିଲେ। ହେଲେ ସମସ୍ତ ପିସି ବେକାର ସାବ୍ୟସ୍ତ ହୋଇଥିଲା। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ସୁରମା ୧-୦ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରର ୩୯ତମ ମିନିଟ୍‌ରେ ହାନା କଟରଙ୍କଠାରୁ ପାଇଥିବା ପାସକୁ ଆଗୋଷ୍ଟିନା ଆଲୋନ୍‌ସୋ ଗୋଲରେ ପରିଣତ କରି ସ୍କୋର ଲାଇନକୁ ବରାବର କରିଥିଲେ। କିନ୍ତୁ ଏହାର ୪ ମିନିଟ୍ ପରେ ସୁରମା ଦଳକୁ ଏକ ପେନାଲ୍ଟି ଷ୍ଟ୍ରୋକ ମିଳିଥିଲା, ଯାହାକୁ ଶାନନ ଗୋଲରେ କନଭର୍ଟ କରି ଦଳକୁ ୨-୧ ବ୍ୟବଧାନରେ ଆଗୁଆ କରାଇଥିଲେ।


ବିଜୟରେ ଉଲ୍ଲସିତ ସୁର୍‌ମା ଦଳର ଖେଳାଳି।

# କ୍ୱାର୍ଟର ଫାଇନାଲରେ କେଟି ଗ୍ଲୋବାଲ

ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ)

ହାଇଟେକ୍ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲକୁ ୨ ଉଇକେଟରେ ହରାଇ କେଟି ଗ୍ଲୋବାଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କିଟ୍ ହିମାଂଶୁ କର (୫୯)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ୨୩.୪ ଓଭରରେ ୧୨୪ ରନରେ ଅଲ୍‌ଆଉଟ ହୋଇଥିଲା। ବିପକ୍ଷ ଦଳ ପକ୍ଷରୁ ପଦମ ଲୋଚନ ୪ଟି, ମହେଶ ବରାଳ ୨ଟି ଏବଂ ପ୍ରତୀକ ସଦରମକା ନତିକ ସଦରମକା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୨୫ ରନ ବିଜୟ ଲକ୍ଷ୍ୟ କି କେଟି ଗ୍ଲୋବାଲ ୨୩.୪ ଓଭରରେ ୮ ଉଇକେଟ ହରାଇ ହାସଲ କରି ନେଇଥିଲା। ରୋହିତ ଶର୍ମା ୨୨, ଏସକେ ଅର୍ଶାଦ ଆଲମ ୨୦ ଓ ଗତିକ ଘଡ଼ାଇ ୧୯ ରନ କରିଥିଲେ। କିଟ୍ ବୋଲରଙ୍କ ମଧ୍ୟରେ ଶ୍ରୀୟାନ ରଥ ୩ଟି, ଅନୁରାଗ ବାରିକ ୨ଟି ଏବଂ ଓଁକାର ତ୍ରିପାଠୀ ଗୋଟିଏ ଉଇକେଟ ନେଇଥିଲେ। ୪ଟି ଉଇକେଟ ନେବା ସହ ୧୦ ରନରେ ଅପରାଜିତ ଥିବା ବିଜୟୀ ଦଳର ପଦମ ଲୋଚନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।


ପଦମ ଲୋଚନ ପୁରସ୍କାର ଗ୍ରହଣ କରୁଛନ୍ତି।

# ସହଜ ବିଜୟରୁ ଓଡ଼ିଶାର ଅଭିଯାନ

### ଜାତୀୟ ସିନିୟର ଭଲିବଲ

ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ)

ବାରଣସୀରେ ଚାଲିଥିବା ୭୨ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ପୁରୁଷ ଦଳ ସହଜ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୩-୦ (୨୫-୨୧, ୨୫-୧୯, ୨୫-୧୬)ରେ ବିହାର ଦଳକୁ ପରାସ୍ତ କରିଛି। ଓଡ଼ିଶାର ଖେଳାଳିମାନେ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି ଦୃଢ଼ ଆକ୍ରମଣ ସହ ଶୃଙ୍ଖଳିତ ଡିଫେନ୍ସ ପ୍ରଦର୍ଶନ କରି ସହଜ ବିଜୟ ହାସଲ କରିଛନ୍ତି। ପ୍ରଭାବୀ ପ୍ରଦର୍ଶନ ସହ ଅଭିଯାନ ଆରମ୍ଭ କରିଥିବାରୁ ଖେଳାଳିଙ୍କୁ ଓଡ଼ିଶା ଭଲିବଲ ଆସୋସିଏଶନ ସଭାପତି ଅଚ୍ୟୁତ ସାମନ୍ତ ଓ ସମ୍ପାଦକ ଗଗନେନ୍ଦୁ ଦାଶ ଅଭିନନ୍ଦନ ଜଣାଇଛନ୍ତି। ଏହି ମୋମେଣ୍ଟମ ବଜାୟ ରଖି ଓଡ଼ିଶା ଦଳ ଆଗାମୀ ମ୍ୟାଚ ଗୁଡ଼ିକରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିବା ଆଶା ରହିଛି।


ଓଡ଼ିଶା ସିନିୟର ପୁରୁଷ ଭଲିବଲ୍ ଦଳ।

# ଜାତୀୟ ନାଇନ୍ ଏ ସାଇଡ୍ ଫୁଟବଲ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ)

ଚଳିତ ମାସ ୭ରୁ ୯ ପର୍ଯ୍ୟନ୍ତ ମଧ୍ୟ ପ୍ରଦେଶର ଦେଓସଠାରେ ୧୪ଶ ଜାତୀୟ ନାଇନ୍ ଏ ସାଇଡ୍ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାଲାଗି ସୋମବାର ଓଡ଼ିଶା ଦଳ ଘୋଷିତ ହୋଇଛି। ରାଜ୍ୟ ଦଳ ମଧ୍ୟପ୍ରଦେଶ ଯାତ୍ରା କରିବା ପୂର୍ବରୁ ଓଡ଼ିଶା ନାଇନ୍ ଏ ସାଇଡ୍ ଫୁଟବଲ ଆସୋସିଏଶନ ସମ୍ପାଦକ ମହମ୍ମଦ ଆଜମ ଉପସ୍ଥିତ ରହି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ: ଯଶବନ୍ତ ଓରାମ (ଅଧିନାୟକ), ଆକାଶ ନାଏକ, ବିଶ୍ୱନାଥ ନାଏକ, ଏଲ୍ ନୁଙ୍ଗଶିବା ଖୁମାନ, ସୂର୍ଯ୍ୟଜିତ ସିଂ ବାଦରା, ଆଦ୍ୟାଂଶ ପାତ୍ର, ଅଂଶୁମାନ ବାରିକ, ସାହିଲ ଡୋଙ୍ଗରି, ସଞ୍ଜୟ ପ୍ରଧାନ, ବିଶାଳ କିସ୍କୁ, ଶ୍ୟାମପ୍ରସାଦ ମାଝି। କୋଚ୍: ମହମ୍ମଦ ଅମନ, ମ୍ୟାନେଜର: ତନୁଜ କୁମାର ଜେନା।


ମଧ୍ୟପ୍ରଦେଶ ଯାତ୍ରା ପୂର୍ବରୁ ଓଡ଼ିଶା ନାଇନ୍ ଏ ସାଇଡ୍ ଫୁଟବଲ ଦଳ।


# Classified Everyday
0674-2580101, 9692975378




3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777




Professional body massage & steam-bath. Please contact TRUPTI SPA CENTER, PH.-9861550765. D-3012

All types of physiotherapy and massage. Contact: 9556924059/ 7656969134. D-3013

Wellness relax body massage & jointpain treatment by traind therapist. 7008773793. D-3034

Newly open health benefits, joint pain relax good environment atmosphere. 7653969971. D-3035

**LOST**

It is hereby informed to the general public that the original land documents relating to the property described below have been lost/ misplaced. Details of Property- Type of document- Sale Deed, Name of owner- PRATIMA BEHERA, Plot No.- 1430/ 2755, Khata No.- 1451/ 260, Mouza/Village- JAGADHATRIPUR, Tahasil- JEYPORE, District- KORAPUT, Area- JAGADHATRIPUR. The documents were lost on or about 30.12.2025 (date). Despite best efforts, the same could not be traced. A General Diary/ FIR has been lodged at JEYPORE TOWN Police Station, vide G.D./ FIR No. 018 dated 04.01.2026. If anyone finds the said documents or has any, Name- RANJAN KUMAR BEHERA, Address: AKASHVANI, NEW COLONY, JEYPORE, Mobile No.- 9438268568. D-3033

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dated- 13.06.2025, I Rubida Bibi, At/P.O.- Uchhupur, P.S.- Nimapada, Dist.- Puri, PIN- 752105, declare that I, have changed my name from Rubida Begum to Rubida Bibi. Henceforth, I shall be known as Rubida Bibi for all purposes.
Rubida Bibi
D-3037

By virtue of an affidavit sworn before Executive Magistrate, Bhubaneswar, dated- 17.12.2025, I, Pinki Amant, Address: At- Shyampur, P.O.- Jillinda, P.S.- Jodum, 754032, Dist.- Cuttack declare that I have changed my name from Pinkirani Amant to Pinki Amant. Henceforth, I shall be known as Pinki Amant for all purposes.
Pinki Amant
D-3032

By virtue of an affidavit sworn before the Notary Public, Bhubaneswar, dated 13th January 2025, I, Pabitra Pradhan, Address: Sriram Nagar, Salia Sahi, P.O.- Regional Research Laboratory, P.S.- Nayapalli, Bhubaneswar, Dist.- Khordha, PIN- 751013, Odisha declare that I have changed my daughter's name from Isani Pradhan to Priasha Pradhan. Henceforth, she shall be known as Priasha Pradhan for all purposes.
Pabitra Pradhan
D-3031

Executive Magistrate, ଗାଇସିଲେଟଙ୍କ ନିକଟରେ ତା ୦୫।୦୧।୨୦୨୬ ଏକ ସତ୍ୟପାଠ ଜରିଆରେ ମୁଁ ନରେନ୍ଦ୍ର ବରିହା, ପି- ଭୋଜରାଜ ବରିହା, ନିବାସୀ- କନ୍ଧମୁଣ୍ଡା, ପୋ- କଠଉମାଲ, ଥାନା- ଗାଇସିଲେଟ, ଜି- ବରଗଡ଼ ଘୋଷଣା କରୁଛି ଯେ ମୋର ନାମ ନରେନ୍ଦ୍ର ଏଣ୍ଡଜା ରୁ ନରେନ୍ଦ୍ର ବରିହାକୁ ପରିବର୍ତ୍ତନ କରିଛି। ଆଜିଠାରୁ ମୁଁ ନରେନ୍ଦ୍ର ବରିହା ନାମରେ ପରିଚିତ ହେବି।
ନରେନ୍ଦ୍ର ବରିହା
D-3030

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ ସତ୍ୟଭାମା ମହାପାତ୍ର
ସତ୍ୟଭାମା ଭବନ, ଧାମନଗର
ଆବିର୍ଭାବ: ୨୧।୦୭।୧୯୪୦
ତିରୋଧାନ: ୨୬।୧୨।୨୦୨୫

ଚାହୁଁ ଚାହୁଁ ଏଗାର ଦିନ ବିତିଗଲା, ହେଲେ ଆମେ ତୁମକୁ ଭୁଲିପାରୁନାହୁଁ। ତୁମ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମ ପାଇଁ ସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-
ପୁଅ କିଶୋର ଚନ୍ଦ୍ର ମହାପାତ୍ର, କୈଳାସ ମହାପାତ୍ର ବୋହୂ, ନାତିନାତୁଣୀ, ଝିଅ, ଜ୍ୱାଇଁ ଓ ମହାପାତ୍ର ପରିବାରବର୍ଗ।
D-3029

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ ପି. ଦେବରାଜ ପାତ୍ର
ମହାତ୍ମାଗାନ୍ଧୀ ରୋଡ, ଆସିକା
ତିରୋଧାନ : ୨୬.୧୨.୨୦୨୫

ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।

- ଶୋକସନ୍ତପ୍ତ -
ମଝିଆ ପୁଅ- ପି. ଶ୍ରୀନିବାସ ପାତ୍ର
ବୋହୂ- ସ୍ମିତାରାଣୀ
ନାତୁଣୀ - ଶ୍ରେୟାରାଣୀ, ଶ୍ରୀନିତାରାଣୀ
D-3036



# ଗ୍ରୀନ୍ ଗିଫ୍ଟ ଟ୍ରେଣ୍ଡ




ନୂଆ ବର୍ଷର ଶୁଭାରମ୍ଭ କରିବା ପାଇଁ ଅନେକେ ପରସ୍ପରକୁ ଅଭିନନ୍ଦନ ଜଣାଇବା ସହ ଉପହାର ପ୍ରଦାନ କରିଥାନ୍ତି । ଆଉ ଯଦି ଉପହାରଟି ଏପରି ହୁଏ ଯାହା ମନରେ ଏକ ସକାରାତ୍ମକ ଉର୍ଜା ଭରିଦେବା ସହ ପରିବେଶ ସୁରକ୍ଷାରେ ବି ସାହାଯ୍ୟ କରିପାରେ ତେବେ ଉପହାରର ଖୁସି ଦ୍ୱିଗୁଣିତ ହୋଇଯାଏ। ଏହି ଚିନ୍ତାଧାରାକୁ ଆଖିଆଗରେ ରଖି ଦିନକୁ ଦିନ ବଢ଼ିବାରେ ଲାଗିଛି ଗ୍ରୀନ୍ ଗିଫ୍ଟ ଟ୍ରେଣ୍ଡ...

ଗ୍ରୀନ୍ ଗିଫ୍ଟ ବା ସବୁଜ ଉପହାର ହେଉଛି ଏମିତି ଉପହାର ଯାହା ପ୍ରକୃତି ଓ ପରିବେଶ ଉପଯୋଗୀହେବା ସହ ମଣିଷର ସୁସ୍ଥ, ଦୀର୍ଘସ୍ଥାୟୀ ଜୀବନଶୈଳୀରେ ବି କାମରେ ଆସିଥାଏ ; ଯେଉଁଥିରେ ବିଭିନ୍ନ ପ୍ରକାର ଚାରା, ଗଛ, ଇକୋଫ୍ରେଣ୍ଡଲି ଧୂପକାଠି ଓ ଅନ୍ୟାନ୍ୟ ସାମଗ୍ରୀ ସହ ସିନ୍ଥେଟିକ୍ ପରିବର୍ତ୍ତେ କଟନ୍ ଓ ଅନ୍ୟ ହସ୍ତତନ୍ତ ପୋଷାକ ସାମିଲ ରହିଛି। ଏହା ଉଭୟ ସ୍ୱାସ୍ଥ୍ୟ ଓ ପରିବେଶ ପାଇଁ ଉପକାରୀ ହୋଇଥିବାରୁ କେବଳ ପର୍ସନାଲ ଗିଫ୍ଟ ଭାବେ ନୁହେଁ ବିଭିନ୍ନ ସଂସ୍ଥା ବିଶେଷକରି କର୍ପୋରେଟ୍ ସେକ୍ଟରରେ ଏହି ଗିଫ୍ଟର ପ୍ରଚଳନ ବଢ଼ିବାରେ ଲାଗିଛି। ପ୍ରମୁଖ ଗ୍ରୀନ୍ ଗିଫ୍ଟଗୁଡିକ ହେଉଛି...

**ପ୍ଲାଣ୍ଟ ଗିଫ୍ଟ:** ଘର ଭିତରେ ସଜାଇ ରଖିବା ଲାଗି ବର୍ତ୍ତମାନ ବିଭିନ୍ନ ପ୍ରକାର ଇନ୍‌ଡୋର ପ୍ଲାଣ୍ଟ ଏବଂ ବୋନ୍‌ସାଇ ପ୍ଲାଣ୍ଟର ଡିମାଣ୍ଡ ସବୁଠୁ ଅଧିକ । ଏହା ଘର ଭିତରେ ମଧ୍ୟ ପ୍ରକୃତି ସହ ଯୋଡ଼ିରଖିବା ସହ ମାନସିକ ଶାନ୍ତି ଦେଇଥାଏ। ସେହିପରି ଗୋଲାପ, ମଲ୍ଲୀ, ରଜନୀଗନ୍ଧା, ପାରିଜାତ ଭଳି ବିଭିନ୍ନ ସୁଗନ୍ଧିତ ଫୁଲଗଛ ମଧ୍ୟ ଉପହାର ଦେଇପାରିବେ। ଆଲୋଭେରା, ସ୍ନେକ୍‌ପ୍ଲାଣ୍ଟ, ମନି ପ୍ଲାଣ୍ଟ, ଏରିକା ପାମ୍, ଲକି ବାମ୍ବୁ, ରବର ପ୍ଲାଣ୍ଟ, ପିସ୍ ଲିଲି, ସ୍ୱାଡର ପ୍ଲାଣ୍ଟ ଭଳି ଏୟାର ପ୍ୟୁରିଫାୟର ପ୍ଲାଣ୍ଟ ମଧ୍ୟ ଗିଫ୍ଟ ପାଇଁ ବର୍ତ୍ତମାନ ବହୁ ଡିମାଣ୍ଡରେ ଅଛି। ତୁଳସୀ, ପୁଦିନା ଭଳି ହର୍ବାଲ ତଥା ମେଡିସିନାଲ ପ୍ଲାଣ୍ଟ ବି ଏକ ବେଷ୍ଟ ଗିଫ୍ଟ ଅପ୍ସନ। ଏହା ବ୍ୟତୀତ ପରିବେଶ ସୁରକ୍ଷାକୁ ଆଖିଆଗରେ ରଖି ବିଭିନ୍ନ ଫଳ ଗଛ ଏବଂ ବଡ଼ ବଡ଼ ଗଛର ଚାରା ଗିଫ୍ଟଦେବା ମଧ୍ୟ ଏବେ ଟ୍ରେଣ୍ଡରେ ଅଛି।

**ଇକୋ ଫ୍ରେଣ୍ଡଲି ପ୍ରଡକ୍ଟ:** ଏଥିରେ ଗୋବର, ଫୁଲ, ଜଡିବୁଟି ଆଦିରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ପ୍ରାକୃତିକ ଧୂପକାଠି, ପ୍ରାକୃତିକ ରଙ୍ଗରେ ପ୍ରସ୍ତୁତ ଫଟୋ ଫ୍ରେମ୍, ବାଲିରେ ତିଆରି ସ୍ୟାଣ୍ଡ ଆର୍ଟ, ଉଡେନ୍ ଗିଫ୍ଟ ଆଇଟମ୍, ପଲିଥିନ୍ କିମ୍ବା ପ୍ଲାଷ୍ଟିକ୍ ପରିବର୍ତ୍ତେ କଟନ୍, ଝୋଟ ଆଦିରେ ପ୍ରସ୍ତୁତ ବ୍ୟାଗ୍ ଏବଂ ଗୃହସଜ୍ଜା ସାମଗ୍ରୀ ଆଦି ଉପହାର ସ୍ୱରୂପ ଦିଆଯିବାର ଟ୍ରେଣ୍ଡ ଚାଲିଛି। ସେହିପରି ବର୍ତ୍ତମାନ ଆର୍ଟିଫିସିଆଲ୍ ଜୁଏଲେରି ପରିବର୍ତ୍ତେ ବାଉଁଶ, ବିଭିନ୍ନ ମଞ୍ଜି, ମାଟି ଆଦିରେ ପ୍ରସ୍ତୁତ ଜୁଏଲେରିକୁ ସମସ୍ତେ ଅଧିକ ପସନ୍ଦ କରୁଛନ୍ତି।

**ସଷ୍ଟେନେବଲ୍ ଆଇଟମ୍:** ପୋଷାକ ହେଉ ଅବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବାରମ୍ବାର କିଣିବା ଏବଂ ଟିକେ ପୁରୁଣା ହେଲେ ପୁଣି ଫିଙ୍ଗି ନୂଆ କିଣିବାକୁ ଅନେକେ ଭଲ ପାଆନ୍ତି। ଯାହାଦ୍ୱାରା ଅଧିକ ଆବର୍ଜନା ମଧ୍ୟ ସୃଷ୍ଟି ହୋଇଥାଏ। ଏମିତିରେ ପରିବେଶ ସୁରକ୍ଷାକୁ ଆଖି ଆଗରେ ରଖି ଅନେକେ ବର୍ତ୍ତମାନ ସଷ୍ଟେନେବଲ୍ ବା ଦୀର୍ଘସ୍ଥାୟୀ ତଥା ପରିବେଶ ଅନୁକୂଳ ସାମଗ୍ରୀ ବ୍ୟବହାର କରୁଛନ୍ତି ଏବଂ ଏସବୁ ଉପହାର ସ୍ୱରୂପ ଦେବାରେ ଏଭଳି ସାମଗ୍ରୀର ଚାହିଦା ବି ବଢୁଥିବା ଦେଖିବାକୁ ମିଳୁଛି। ଏଥିରେ କଟନ, ଖଦି, ପାଟ ଆଦି ଶାଢ଼ି, ପୋଷାକର ଡିମାଣ୍ଡ ସବୁଠୁ ଅଧିକ ରହୁଛି।

**ଅର୍ଗାନିକ ଫୁଡ୍:** ବର୍ତ୍ତମାନ ବିଭିନ୍ନ ଜୈବିକ ଖାଦ୍ୟ ପଦାର୍ଥ ଉପହାରରେ ଦିଆଯାଉଥିବା ମଧ୍ୟ ଦେଖିବାକୁ ମିଳୁଛି। ବିଶେଷକରି ମିଲେଟ୍, ଓଟ୍ସ ଆଦିରେ ପ୍ରସ୍ତୁତ କୁକିଜ୍, ବିସ୍କୁଟ୍, ମିଠା, କେକ୍ ଆଦି ଅନେକ ଗିଫ୍ଟ ଭାବେ ମଧ୍ୟ ଦେଉଛନ୍ତି।

– ପୌର୍ଣ୍ଣମାସୀ

## ଏମାନେ କ'ଣ କରନ୍ତି

ଗ୍ରୀନ୍ ଗିଫ୍ଟ ଟ୍ରେଣ୍ଡ ସ୍ୱାଗତଯୋଗ୍ୟ
**ଡା. ରଶ୍ମିରେଖା ସାହୁ** (ରେସିଡେଣ୍ଟ ମେଡିକାଲ ଅଫିସର, ତମାଣ୍ଡୋ, ଭୁବନେଶ୍ୱର)–



ପରିବେଶ ପ୍ରଦୂଷଣ ଓ ପାଣିପାଗ ପରିବର୍ତ୍ତନକୁ ଆଖିଆଗରେ ରଖି ସମସ୍ତଙ୍କୁ ନିଜ ଲାଇଫଷ୍ଟାଇଲ୍ ପରିବର୍ତ୍ତନ କରିବା ନିହାତି ଆବଶ୍ୟକ। ଏମିତିରେ ଆମକୁ ନିଜ ଉପହାର ଦେବା ଶୈଳୀରେ ମଧ୍ୟ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ତେଣୁ ବର୍ତ୍ତମାନ ଚାଲିଥିବା ଗ୍ରୀନ୍ ଗିଫ୍ଟ ଟ୍ରେଣ୍ଡକୁ ହୃଦୟର ସହ ସ୍ୱାଗତ ଜଣାଉଛି। କିଛି ବର୍ଷ ହେବ କାହାର ଜନ୍ମଦିନ, ବିବାହ କିମ୍ବା ଅନ୍ୟ ପାର୍ଟି, ଫଙ୍କସନକୁ ଗଲେ କାହାରି ଶରୀର ଅବା ପରିବେଶକୁ କ୍ଷତି ପହଞ୍ଚାଉଥିବା ସାମଗ୍ରୀ ପରିବର୍ତ୍ତେ ଇକୋଫ୍ରେଣ୍ଡଲି ଗିଫ୍ଟ ଦେଉଛି। ଏଥିରେ ବିଭିନ୍ନ ପ୍ଲାଣ୍ଟ, ମାଟି, ବାଉଁଶ, କାଠ, ଝୋଟ, ଶିଙ୍ଗ ଭଳି ପ୍ରାକୃତିକ ଉପାଦାନରେ ପ୍ରସ୍ତୁତ ସାମଗ୍ରୀ ସହ ଡ୍ରାଏ ଫ୍ରୁଟ୍ସ ଆଦି ସାମିଲ ଅଛି। କେବଳ ଏତିକି ନୁହେଁ, ଦୀର୍ଘ ୧୫ ବର୍ଷ ହେବ ଆମେ ୟୁଏସ୍‌ଆଇ ନାମକ ଫାଉଣ୍ଡେସନ ଗଠନକରି ଲୋକଙ୍କୁ ଗଛ ଲଗାଇବା, ଜନ୍ମଦିନ ଓ ବିବାହ ଆଦି ଉତ୍ସବରେ ଗଛ ଉପହାର ଦେବା ଓ ଲଗାଇବା ସହ ପରିବେଶ ସୁରକ୍ଷା ଦିଗରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟ କରିଆସୁଛୁ।

ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ପାଇଁ ଏହା ଜରୁରୀ
**ଅନସୂୟା ସାହୁ** (ପୋଖରୀପୁଟ, ଭୁବନେଶ୍ୱର)– ପରିବେଶ ସୁରକ୍ଷା



ବର୍ତ୍ତମାନ ସମୟରେ ସମସ୍ତଙ୍କ ପାଇଁ ଏକ ବଡ ଚ୍ୟାଲେଞ୍ଜ ପାଲଟିଛି। ଯେଉଁପାଇଁ ଅଧିକରୁ ଅଧିକ ବୃକ୍ଷରୋପଣ ସହିତ ଇକୋଫ୍ରେଣ୍ଡଲି ଓ ସଷ୍ଟେନେବଲ୍ ପ୍ରଡକ୍ଟ ବ୍ୟବହାର କରୁଛି ଏବଂ ଅନ୍ୟମାନଙ୍କୁ ମଧ୍ୟ ଏଥିପାଇଁ ସଚେତନ କରାଉଛି। କେବଳ ଏତିକି ନୁହେଁ କୌଣସି ବିଶେଷ ଅବସରରେ କାହାକୁ ଉପହାର ଦେବା ଲାଗି ମଧ୍ୟ ପ୍ଲାଣ୍ଟ ଏବଂ ଇକୋଫ୍ରେଣ୍ଡଲି ସାମଗ୍ରୀ ବ୍ୟବହାର କରୁଛି। ଏଥିପାଇଁ ପେପର, ସୋଲ, ଗଜ୍ କପଡା, ଚକ୍, ମାଟି, କାଠ, ବିଭିନ୍ନ ମଞ୍ଜି, ପ୍ରାକୃତିକ ରଙ୍ଗ ଆଦି ବ୍ୟବହାର କରି ପେନ୍‌ଷ୍ଟାଣ୍ଡ, ୱାଲ୍ ହ୍ୟାଙ୍ଗିଙ୍ଗ, ହୋମ୍‌ଡେକର ସାମଗ୍ରୀ, ସୋପିସ୍, ଫ୍ଲାୱାର୍ ଏବଂ ଫ୍ଲାୱାରଭେସ୍, ବୋନ୍‌ସାଇ ପ୍ଲାଣ୍ଟ ଆଦି ପ୍ରସ୍ତୁତ କରୁଛି। ଏ କ୍ଷେତ୍ରରେ ରୋଜଗାର ପାଇଁ ଆଗ୍ରହୀ ଯୁବତୀଙ୍କୁ ତାଲିମ ମଧ୍ୟ ଦେଉଛି। ଏଭଳି ଗ୍ରୀନ୍ ଗିଫ୍ଟର ଡିମାଣ୍ଡ ମାର୍କେଟରେ ଦିନକୁ ଦିନ ବଢୁଥିବାରୁ ଖୁସି ଲାଗୁଛି।






# ପୁରୁଣା ବାନ୍ଧିନୀ ଶାଢ଼ିରୁ ମଡର୍ନ ଆଉଟ୍‌ଫିଟ୍

ବେଳେବେଳେ କିଛି ପାରମ୍ପରିକ ଶାଢ଼ି ଫ୍ୟାଶନ ଦୁନିଆରେ ପୁରୁଣା ବା ଆଉଟ୍‌ଡେଟେଡ୍ ହୋଇଯାଏ। କିନ୍ତୁ ଏହାକୁ ନୂଆ ଢଙ୍ଗରେ ବ୍ୟବହାରକରି ଲାଟେଷ୍ଟ ଫ୍ୟାଶନ ଟ୍ରେଣ୍ଡରେ ସାମିଲ କରିପାରିବେ...



➤ଯଦି ଆପଣଙ୍କ ପାଖରେ ପୁରୁଣା ବାନ୍ଧିନୀ ଶାଢ଼ି ଅଛି ଏହାକୁ ଭିନ୍ନ ଢଙ୍ଗରେ ପିନ୍ଧି ନୂଆ ଲୁକ୍ ଦେଇପାରିବେ। ଏହି ଶାଢ଼ିରେ ତିଆରି ଅନାରକଲୀ ସୁଟ୍ ଏଲିଗାଣ୍ଟ ଓ ରୟାଲ ଲୁକ୍ ଦେଇପାରିବେ। ଏହାକୁ ସିଲ୍କ ଓ କଟନ ଲାଇନିଂ ଦେଇ ତିଆରି କରନ୍ତୁ। ବିଭିନ୍ନ ଉତ୍ସବ ସମୟ କିମ୍ବା ପାରିବାରିକ ସମାରୋହରେ ଏହାକୁ ପିନ୍ଧିପାରିବେ।

➤ବାନ୍ଧିନୀ ଶାଢ଼ିରେ ଜ୍ୟାକେଟ୍ ତିଆରିକରି କୁର୍ତ୍ତା ସହ ପିନ୍ଧିପାରିବେ। ଏହା ଏକ ଇଣ୍ଡୋ ୱେଷ୍ଟର୍ନ ଲୁକ୍ ଦେଇପାରିବ। ପୂଜା ସମୟରେ ଓ ଘରୋଇ ଉତ୍ସବରେ ଏହାକୁ ପିନ୍ଧିପାରିବେ।

➤ପୁରୁଣା ବାନ୍ଧିନୀ ଶାଢ଼ିରେ ଆପଣ ଚାହିଁଲେ ଲେହେଙ୍ଗା ଚୋଲି ଡିଜାଇନ କରିପାରିବେ। ଏହା ବହୁତ ସୁନ୍ଦର ଦେଖାଯିବ। ଶାଢ଼ିର ବର୍ଡରକୁ ଲେହେଙ୍ଗାର ଘେର, ବ୍ଲାଉଜର ବର୍ଡ଼ର କିମ୍ବା ଚୋଲି ଡିଜାଇନରେ ଦେଲେ ଏହି ଆଉଟ୍‌ଫିଟ୍ ଅଧିକ ସୁନ୍ଦର ଦେଖାଯିବ।

➤ଯଦି କାଜୁଆଲ ଓ ମଡର୍ନ ଲୁକ୍ ଚାହୁଁଥାନ୍ତି ତେବେ ବାନ୍ଧିନୀ ଶାଢ଼ିରେ ସର୍ଟ କୁର୍ତ୍ତା ତିଆରି କରନ୍ତୁ। ଏହାକୁ ଜିନ୍ସ, ପ୍ଲାଜୋ କିମ୍ବା ସ୍କର୍ଟ ସହ ପିନ୍ଧିପାରିବେ। ଏହା ମଧ୍ୟ ଆଜିର ଫ୍ୟାଶନ ଟ୍ରେଣ୍ଡରେ ବହୁ ସୁନ୍ଦର ଦେଖାଯିବ।

➤ଷ୍ଟାଇଲିଶ୍ ମେକ୍‌ଓଭର ପାଇଁ ବାନ୍ଧିନୀ ଶାଢ଼ିରେ ଦୁପଟ୍ଟା କିମ୍ବା ଶ୍ରଗ ତିଆରି କରନ୍ତୁ। ଯେକୌଣସି ସିମ୍ପଲ ଆଉଟ୍‌ଫିଟ୍‌କୁ ଏହା ଏକ ଆକର୍ଷଣୀୟ ଲୁକ୍ ଦେଇପାରିବ।

# ଶୀତରେ ରହିବନି ଦରଜ ସମସ୍ୟା

ପ୍ରବଳ ଥଣ୍ଡାରେ ଅନେକଙ୍କର ଅଣ୍ଟା, କାନ୍ଧ ଓ ବେକ ଆଦି ସ୍ଥାନରେ ଦରଜ ଅନୁଭବ ହୋଇଥାଏ, ଯାହାକୁ ଦୂରକରିବା ଲାଗି ଅନେକେ ପେନ୍ କିଲର ବ୍ୟବହାର କରିଥାନ୍ତି। ହେଲେ ଏହି ସମସ୍ୟାକୁ ବିଭିନ୍ନ ଘରୋଇ ଉପଚାର ଦ୍ୱାରା ଦୂରକରିପାରିବେ। ଜାଣି ରଖନ୍ତୁ କେତୋଟି ଉପାୟ...

**ତେଲ ମାଲିସ:** ଶୀତଦିନେ ଦରଜ ହେଉଥିବା ସ୍ଥାନରେ ଉଷୁମତେଲ ମାଲିସ କରନ୍ତୁ। ସୋରିଷ ତେଲରେ ରସୁଣ, ଜୁଆଣି ଆଦି ପକାଇ ମାଲିସ କଲେ ଆରାମ ଲାଗିବ। ଥଣ୍ଡା ଦିନେ ଶରୀର ପାଇଁ ଏହି ପାରମ୍ପରିକ ଉପାୟ ଅତ୍ୟନ୍ତ ପ୍ରଭାବଶାଳୀ। ମାଲିସ କରିବା ପରେ ରକ୍ତ ସଞ୍ଚାଳନ ବୃଦ୍ଧି ପାଇଥାଏ ଓ ତୁରନ୍ତ ଆରାମ ଅନୁଭବ ହୋଇଥାଏ।

**ଶୀତ ପୋଷାକ:** ଥଣ୍ଡାଦିନେ ବାହାରକୁ ଗଲେ ଠିକ୍ ଭାବରେ ଶରୀରକୁ ଘୋଡ଼େଇ ରଖନ୍ତୁ। ମୁଣ୍ଡ, କାନ, ବେକ ଓ କାନ୍ଧ ଆଦି ବିଭିନ୍ନ ସ୍ଥାନକୁ ମଫଲର କିମ୍ବା ସ୍କାର୍ଫରେ ଢାଙ୍କି ବାହାରକୁ ଯାଆନ୍ତୁ। ସେହିଭଳି ଯଦି ବାଇକ୍‌ରେ ବାହାରକୁ ଯାଉଥାନ୍ତି ତା'ହେଲେ ଥଣ୍ଡା ପବନରୁ ରକ୍ଷା କରିବା ପାଇଁ ଶରୀରକୁ ସ୍ୱେଟର କିମ୍ବା ଶାଲ୍ ବ୍ୟବହାରକରି ଭଲଭାବେ ଘୋଡ଼ାଇ ହୋଇ ଯାଆନ୍ତୁ।

**ହାଲୁକା ବ୍ୟାୟାମ:** ଅଳ୍ପ କିଛି ସମୟ ପାଇଁ ହେଲେ ବି ନିୟମିତ ବ୍ୟାୟାମ କରନ୍ତୁ। ବେକ, ଅଣ୍ଟା ଓ କାନ୍ଧ ପାଇଁ ଷ୍ଟ୍ରେଚ୍ କିମ୍ବା ଅଳ୍ପ କିଛି ଏକ୍ସରସାଇଜ୍ କରନ୍ତୁ। ବେକକୁ କ୍ଲକ୍ ୱାଇଜ୍ ଓ ଆଣ୍ଟି କ୍ଲକ୍ ୱାଇଜ୍ ଧୀରେ ଧୀରେ ବୁଲାନ୍ତୁ। ଭୁଜଙ୍ଗାସନ ଓ ମର୍କଟାସନ ଭଳି ଯୋଗ କଲେ ଅଣ୍ଟା ଦରଜରୁ ମୁକ୍ତି ମିଳିପାରିବ। ତେଣୁ ନିୟମିତ କିଛି ସମୟ ପାଇଁ ଏହିସବୁ ଯୋଗ ଓ ବ୍ୟାୟାମ ଆଦି କରନ୍ତୁ।

**ଖାଦ୍ୟପେୟ:** ସ୍ୱାସ୍ଥ୍ୟକୁ ଭଲ ରଖିବା ପାଇଁ ହେଲ୍‌ଦି ଖାଦ୍ୟ ନିହାତି ଜରୁରୀ। ଥଣ୍ଡାଦିନେ ହଳଦୀ, ଅଦା ଓ ମେଥି ଭଳି ଆଣ୍ଟି ଇନ୍‌ଫ୍ଲାମେଟୋରୀ ଖାଦ୍ୟ ପଦାର୍ଥ ସାମିଲ କରନ୍ତୁ। ଶୀତଦିନେ ଥଣ୍ଡା ଯୋଗୁ ପାଣି ପିଇବାକୁ ଇଚ୍ଛା ହୁଏନାହିଁ। ଫଳରେ ଡିହାଇଡ୍ରେଶନ ହେବା ଆଶଙ୍କା ରହିଥାଏ। ତେଣୁ ଏ ଦୃଷ୍ଟିରୁ ସଚେତନ ହୋଇ ପାଣି ପିଅନ୍ତୁ। ଅଧିକ ଥଣ୍ଡା ଲାଗୁଥିଲେ ଅଳ୍ପ ଉଷୁମ କରି ପାଣି ପିଅନ୍ତୁ।

ଏସବୁ ଘରୋଇ ଉପାୟ ଆପଣାଇବା ସତ୍ତ୍ୱେ ଦରଜ କମ୍ ହେଉ ନ ଥିଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



ସୌନ୍ଦର୍ଯ୍ୟ

# ଘରୋଇ ଲିପ୍‌ବାମ୍

ଶୀତଦିନେ ଓଠ ଶୁଖିବା ଓ ଫାଟିବା ଅନେକଙ୍କ ପାଇଁ ଏକ ବଡ଼ ସମସ୍ୟା। ତେଣୁ ଓଠ ନ ଫାଟିବା ଲାଗି ଏହାକୁ ମଏଶ୍ଚରାଇଜ୍ ଓ ସଫ୍ଟ ରଖିବା ପାଇଁ ଲିପ୍‌ବାମ୍ ଲଗାଇବା ନିହାତି ଜରୁରୀ। ତେଣୁ ଆପଣ ଚାହିଁଲେ ଘରେ ମଧ୍ୟ ଲିପ୍‌ବାମ୍ ପ୍ରସ୍ତୁତ କରିପାରିବେ। ଜାଣି ରଖନ୍ତୁ ଟିପ୍ସ...

➔ରୋଜ୍ ଲିପ୍‌ବାମ୍ ମଧ୍ୟ ଓଠକୁ ନାଚୁରାଲି ପିଙ୍କ୍ ଓ ସଫ୍ଟ ରଖିବାରେ ସାହାଯ୍ୟ କରିଥାଏ। ଏହାକୁ ପ୍ରସ୍ତୁତ କରିବା ଲାଗି ଗୋଲାପ ପାଖୁଡ଼ାକୁ ଶୁଖାଇ ଗୁଣ୍ଡ କରିଦିଅନ୍ତୁ। ଏକ ପାତ୍ରରେ ଅଧାକପ୍ ପାଣି କିମ୍ବା କଞ୍ଚାକ୍ଷୀର ଗରମକରି ସେଥିରେ ୨ଚାମଚ ରୋଜ୍ ପାଉଡର ପକାଇ ଧୀରେ ଧୀରେ ଗୋଳାନ୍ତୁ। ଫୁଟିଗଲେ ଚୁଲା ବନ୍ଦକରି ଏହାକୁ ଛାଣିଦିଅନ୍ତୁ। ସେଥିରେ ଅଧା ଚାମଚ ନଡ଼ିଆ ତେଲ, ଅଧା ଚାମଚ ମହୁ ଏବଂ ୨ଟି ଭିଟାମିନ୍ ଇ କ୍ୟାପସୁଲ୍ ଫଟାଇ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏକ କଡ଼େଇରେ ପାଣି ଗରମ କରନ୍ତୁ, ଏହା ଉପରେ ଏକ ଗିନା ରଖି ଅଧା ଚାମଚ ମହମ ବା ବିଖ୍ୟାକ୍ସ ଗରମ କରନ୍ତୁ। ତାହା ମେଲ୍ଟ ହୋଇଗଲେ ପୂର୍ବ ପ୍ରସ୍ତୁତ ମିଶ୍ରଣକୁ ପକାଇ ଧୀରେ ଧୀରେ ଗୋଳାଇ ଚୁଲା ବନ୍ଦ କରିଦିଅନ୍ତୁ। ଏହାକୁ ଥଣ୍ଡାକରି ଏକ ଛୋଟ କଣ୍ଟେନରରେ ରଖି ପ୍ରତିଦିନ ଲଗାନ୍ତୁ, ଦେଖିବେ ଓଠ ଆଉ ଫାଟିବ ନାହିଁ ଏବଂ ପୂର୍ବ ଅପେକ୍ଷା ଅଧିକ ପିଙ୍କ୍ ମଧ୍ୟ ଲାଗିବ।



➔ରୋଜ୍‌ମେରୀ ଲିପ୍‌ବାମ୍ ଓଠ ପାଇଁ ବହୁତ ଭଲ। ଏଥିପାଇଁ ୧ଚାମଚ ବିଖ୍ୟାକ୍ସ, ୩ ଚାମଚ ନଡ଼ିଆତେଲ ଏବଂ ୨ ଚାମଚ ସିଆ ବଟର ପକାଇ ଅଳ୍ପ ଗରମ କରନ୍ତୁ ଏବଂ ତରଳିବା ପରେ ଭଲ ଭାବେ ମିଶାଇ ଦିଅନ୍ତୁ। ସେଥିରେ ୪-୫ ଟୋପା ଭିଟାମିନ୍ ଇ, ୨ ଟୋପା ରୋଜ୍‌ମେରୀ ଏସେନ୍ସିଆଲ ଅଏଲ୍ ଏବଂ ୩ ଟୋପା ପିପରମିଣ୍ଟ ଏସେନ୍ସିଆଲ୍ ଅଏଲ୍ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ କିଛି ସମୟ ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ପ୍ରତିଦିନ ଏହି ବାମ୍‌କୁ ଓଠରେ ଲଗାଇଲେ ଓଠ ନରମ ଏବଂ ଗୋଲାପି ରହିବ।

➔କୋକୋଆ ଲିପ୍‌ବାମ୍‌କୁ ବର୍ତ୍ତମାନ ଅନେକେ ପସନ୍ଦ କରୁଥିବାରୁ ମାର୍କେଟ୍‌ରେ ଏହା ଖୁବ୍ ଅଧିକ ଦାମ୍‌ରେ ବିକ୍ରି ହେଉଛି। ହେଲେ ଆପଣ ଚାହିଁଲେ ଏହାକୁ ଘରେ ମଧ୍ୟ ପ୍ରସ୍ତୁତ କରିପାରିବେ। ଏଥିପାଇଁ ପ୍ରଥମେ ଏକ କଡ଼େଇରେ ପାଣି ରଖି ଗରମ କରନ୍ତୁ। ଏହା ଫୁଟିବା ଆରମ୍ଭ ହେଲେ ଏହା ଉପରେ ଏକ ଗିନା ରଖନ୍ତୁ ଯେପରି ତାହା ଭାସିବ। ସେଥିରେ ୧ ବଡ଼ ଚାମଚ ବିଖ୍ୟାକ୍ସ ପ୍ୟାଲେଟ୍ ରଖି ଚାମଚରେ ଧୀରେ ଧୀରେ ଗୋଳାନ୍ତୁ। ଏହା ଭଲ ଭାବେ ତରଳିଗଲେ ସେଥିରେ ୧ଚାମଚ ନଡ଼ିଆତେଲ ଏବଂ ୧ ଚାମଚ ବାଦାମ ତେଲ ପକାଇ ଭଲ ଭାବେ ମିଶାନ୍ତୁ। ସେଥିରେ ୧ ଚାମଚ ମହୁ ମିଶାଇ ପୁଣି ଗୋଳାନ୍ତୁ ଏବଂ ୪-୫ ଡ୍ରପ୍ ଭିଟାମିନ୍ ଇ ଅଏଲ୍ ଏବଂ ନିଜ ପସନ୍ଦର କୌଣସି ଏସେନ୍ସିଆଲ୍ ଅଏଲ୍ ପକାଇ ଭଲ ଭାବେ ମିଶାନ୍ତୁ। ଚୁଲା ବନ୍ଦକରି ଗିନା କାଢ଼ି ଆଣନ୍ତୁ। ଭଲ ଭାବେ ଥଣ୍ଡାହେବା ପରେ ଲିପ୍‌ବାମ୍‌କୁ ଏକ କଣ୍ଟେନରରେ ରଖିଦିଅନ୍ତୁ।



# ହୋମ୍‌ମେଡ୍ ବିସ୍କୁଟ୍

ଖାଦ୍ୟରୁଚି



**ଆବଶ୍ୟକ ସାମଗ୍ରୀ:** ଚିନି ୧୦୦ଗ୍ରାମ୍, ସୁଜି ୫୦୦ଗ୍ରାମ୍, ଅଟା ୨୦୦ଗ୍ରାମ୍, ୨ ଚାମଚ ଘିଅ, ଛାଣିବା ଲାଗି ତେଲ, ଗୁଜୁରାତି ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ**
ପ୍ରଥମେ ଚିନି ନିଅନ୍ତୁ, ସେଥିରେ ଅଳ୍ପ ସୁଜି ପକାଇ ଏହାକୁ ଏବେ ଗ୍ରାଇଣ୍ଡ କରିଦିଅନ୍ତୁ। ଏହା ଗ୍ରାଇଣ୍ଡ ହୋଇଗଲା ପରେ ତାକୁ ଏକ ପାତ୍ରରେ କାଢ଼ି ଦିଅନ୍ତୁ। କଡ଼ା ହୋଇଥିବା ମିଶ୍ରଣରେ ଅଟା ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ବର୍ତ୍ତମାନ ଏଥିରେ ଗୁଜୁରାତି ଗୁଣ୍ଡ, ଘିଅ, ଅଳ୍ପ ଲୁଣ ଏବଂ ଗରମ ପାଣି ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏହି ମିଶ୍ରଣକୁ ଭଲଭାବେ ଚକଟି କିଛି ସମୟ ରଖି ଦିଅନ୍ତୁ। ଏହି ଚକଟାରୁ ଅଳ୍ପ ଅଳ୍ପ ହାତରେ ନେଇ ଗୋଲ ସେପ୍ ଦିଅନ୍ତୁ। କଣ୍ଟା ଚାମଚ ଏବଂ ଛୁରୀ କାଳିର ସାହାଯ୍ୟ ନେଇ ଡିଜାଇନ୍ କରିପାରିବେ। ବର୍ତ୍ତମାନ କଡ଼େଇ ଗ୍ୟାସ୍‌ରୁ ଚୁଲାରେ ବସାଇ ସେଥିରେ ତେଲ ପକାନ୍ତୁ। ଏବେ ଏଥିରେ ଗୋଟିଏ ଗୋଟିଏ ପକାଇ ଏହାକୁ ଛାଣନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଘର ତିଆରି ବିସ୍କୁଟ୍।

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୬/୨୦୨୬ Bhubaneswar, Tuesday, January 6/ 2026



କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଜାତୀୟ ଜୁନିୟର ଫେନ୍‌ସିଂ ଚାମ୍ପିୟନଶିପ୍‌ରେ ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ ଲଢ଼େଇ। (ଫଟୋ: ରାଜକିଶୋର ମହାନ୍ତି)

# ବୃହତ୍ ବିଜୟ ସହ ଓଡ଼ିଶାର ଅଭିଯାନ

**ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ)**

ଡିଉର ଘୋଘଲା ବିଚ୍‌ରେ ସୋମବାର ଆରମ୍ଭ ହୋଇଥିବା ୨ୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ମହିଳା ସକ୍କର ଦଳ ବୃହତ୍ ବିଜୟ ସହ

## ଖେଲୋ ଇଣ୍ଡିଆ ବିଚ୍ ସକ୍କର

ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ମହାରାଷ୍ଟ୍ରକୁ ୧୧-୩ ଗୋଲରେ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ସତ୍ୟବତୀ ଖାଡ଼ିଆ ଏକାକୀ ୫ ଗୋଲ ଦେଇଥିବାବେଳେ ଶ୍ରୀଜନ ତମାଙ୍ଗ ୨ଟି ଏବଂ ମନିଶା ନାଏକ, ଅଙ୍କିତା ନାଏକ, ଶିବାନୀ ମୁଣ୍ଡାରୀ ଓ ସୁମିତ୍ରା ହେମ୍ବ୍ରମ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି, ସମ୍ପାଦକ ଓ ଅନ୍ୟ କର୍ମକର୍ତ୍ତାମାନେ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।



ପ୍ରଥମ ମ୍ୟାଚ ବିଜୟ ପରେ ଉଲ୍ଲସିତ ଓଡ଼ିଶା ମହିଳା ବିଚ୍ ସକ୍କର ଦଳ।

# ଜାତୀୟ ଫେନ୍‌ସିଂ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ସୋମବାର ୩୩ତମ ଜାତୀୟ ଜୁନିୟର ଫେନ୍‌ସିଂ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଫେନ୍‌ସିଂ ଆସୋସିଏଶନ ଅଫ୍ ଇଣ୍ଡିଆର ସମ୍ପାଦକ ରାଜୀବ ମେହେଟା ସମ୍ମାନୀୟ ଅତିଥିଭାବେ ଉପସ୍ଥିତ ଥିଲେ। ରାଜ୍ୟ ଆସୋସିଏଶନ ପରାମର୍ଶଦାତା ନାରାୟଣ ପ୍ରସାଦ ମହାନ୍ତି, ଉପସଭାପତି ରମେଶ ଚନ୍ଦ୍ର ମଲିକ, ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଯୁଗ୍ମ ସମ୍ପାଦକ ସୁମିତ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।




ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥିବୃନ୍ଦ।

# ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ଆରମ୍ଭ

**ଡିଉ, ୫।୧ (ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ସ୍ୱତନ୍ତ୍ର ବର୍ତ୍ତା ସହ ସୋମବାର ଖେଲୋ ଇଣ୍ଡିଆ ବିଚ୍ ଗେମ୍ସର ରଙ୍ଗାରଙ୍ଗ ଉଦ୍‌ଘାଟନ ହୋଇଛି। ଏଥିରେ ସମଗ୍ର ଦେଶରୁ ୧,୧୦୦ରୁ ଊର୍ଦ୍ଧ୍ୱ ଆଥଲେଟ ୮ଟି ପୃଥକ୍ ପୃଥକ୍ କ୍ରୀଡ଼ା ପ୍ରତିଯୋଗିତା ଯଥା ଭାଗ ନେବେ। ସେଗୁଡ଼ିକ ହେଲା ଭଲିବଲ୍, ଫୁଟ୍‌ବଲ, ସିପକ ଟାକ୍ର, କବାଡ଼ି ପେନ୍‌କାକ୍ ସିଲାଟ, ଓପନ ୱାଟର ସୁଇମିଂ, ମାଲଖମ୍ବ ଏବଂ ଟଗ୍ ଅଫ୍ ୱାର୍। ଜାନୁଆରୀ ୧୦ରେ ଗେମ୍ସର ଉଦ୍‌ଯାପନୀ ହେବ। ମୋଟ ୩୨ ସ୍ୱର୍ଣ୍ଣ ସହ ପ୍ରଥମ ୬ଟି ଗେମ୍‌ରେ ପଦକ ବ୍ୟବସ୍ଥା ରହିଛି। ଖେଲୋ ଇଣ୍ଡିଆ ଗେମ୍ସ ମାସ୍କଟ 'ପର୍ଲ'ର ଉପସ୍ଥିତିରେ ଡିଉ ବର୍ତ୍ତମାନ ଉତ୍ସବ ମୁଖର ହୋଇ ଉଠିଛି। ପର୍ଲ ହେଉଛି ଏକ ଖୁସି ଓ ଉତ୍ସାହୀ ଡଲ୍‌ଫିନ ମାଛର

## ଭାଗନେଲେ ୧,୧୦୦ରୁ ଊର୍ଦ୍ଧ୍ୱ ଆଥଲେଟ

ପ୍ରତୀକ। ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ୨୦୨୬ ସହିତ ସମ୍ପୃକ୍ତ ଆଥଲେଟ, ସପୋର୍ଟ ଷ୍ଟାଫ୍, ଭଲ୍ୟୁଣ୍ଟିଅର ସମେତ ସମସ୍ତ ଅଂଶୀଦାରଙ୍କୁ ସ୍ୱାଗତ କରିଥିଲା। ଜାତୀୟ କ୍ରୀଡ଼ା ମହାସଂଘ ଓ ଭାରତ କ୍ରୀଡ଼ା ପ୍ରାଧୀକରଣ (ସାଇ) ପ୍ରତ୍ୟେକ ତତ୍ତ୍ୱାବଧାନରେ କେନ୍ଦ୍ର ଶାସିତ ଦାଦ୍ରା ନଗର ହାବେଳୀ ଓ ଡିଉ ଦ୍ୱାରା ଆୟୋଜିତ ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଅଂଶଗ୍ରହଣକାରୀ କ୍ରୀଡ଼ାବିତ୍‌ମାନଙ୍କୁ ଶୁଭକାମନା ଜଣାଇବା ସହ ଇଭେଣ୍ଟର ଆୟୋଜନ ପାଇଁ କେନ୍ଦ୍ର ଶାସିତ ଅଞ୍ଚଳକୁ ଅଭିନନ୍ଦନ ଜଣାଇଛନ୍ତି। ଭାରତୀୟ କ୍ରୀଡ଼ାରେ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ଏକ ସ୍ୱତନ୍ତ୍ର ସ୍ଥାନ ବହନ କରେ। ବିଚ୍ ଓ ଉପକୂଳ କ୍ରୀଡ଼ାରେ ଶାରୀରିକ ସହନଶୀଳତା, ମାନସିକ ଶକ୍ତି ଏବଂ ନିରନ୍ତର ପରିବର୍ତ୍ତନ ପରିସ୍ଥିତିରେ ପ୍ରଦର୍ଶନ କରିବାର କ୍ଷମତାର ଆବଶ୍ୟକତା ପଡ଼ିଥାଏ। ଆଥଲେଟମାନଙ୍କ ଏକ ପରେଡ ପରେ କେନ୍ଦ୍ର ଶାସିତ ଜମ୍ମୁ ଓ କଶ୍ମୀରର ଲ୍ୟୁଟନାଣ୍ଟ ଗଭର୍ନର ମନୋଜ ସିହ୍ନା ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ୨୦୨୬ର ଶୁଭାରମ୍ଭ ଘୋଷଣା କରିଥିଲେ। ଏହି ଅବସରରେ ୪ଜଣ ଆଥଲେଟ୍ ଡନପ୍ ରିମେଡିଅସ୍ (ବିଚ୍ ଫୁଟ୍‌ବଲ), ପାୟଲ ପାର୍ମର (ବିଚ୍ ଭଲିବଲ୍), ଆଶିଷ ପଟେଲ ଓ ଜଲ୍‌ପା ସୋଲାଙ୍କି (ଉଭୟ ଟଗ୍ ଅଫ୍ ୱାର୍)ଙ୍କୁ ନେଇ ଏକ ଆନୁଷ୍ଠାନିକ ମଶାଲ ରିଲେ ଅନୁଷ୍ଠିତ ହୋଇଥିଲା। ସକାଳେ ବିଚ୍ ଫୁଟ୍‌ବଲ ଓ ବିଚ୍ କବାଡ଼ି ସହ ପ୍ରତିଯୋଗିତା ଆରମ୍ଭ ହୋଇଥିଲା।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ